# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୨୨/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Monday, November 22/2021 | ★★

୧୭ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଭାରତ ୩-୦ରେ ସିରିଜ ବିଜୟୀ**

ଅଧିନାୟକ ରୋହିତ ଶର୍ମା ଦୃଢ଼ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତକୁ ୩-୦ରେ ସିରିଜ୍ ବିଜୟୀ କରାଇବାର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି।

୦୮

୦୭

**ଚତୁର୍ଥ ବିବାହ କରିବେ ଜେନିଫର**

ହଲିଉଡ ଅଭିନେତ୍ରୀ ତଥା ଗାୟିକା ଜେନିଫର ଲୋପେଜ ୪ର୍ଥ ବିବାହ କରିବାକୁ ଯାଉଛନ୍ତି। ହଲିଉଡ ଅଭିନେତା ବେନ ଆଫ୍ଲେକ୍‌ଙ୍କ ହାତ ଧରିବେ ବୋଲି ଗୁଜବ ହେଉଛି।



# ସ୍ଥିତି ହରାଉଛି 'ହାବସ୍‌ପୁରୀ' ହସ୍ତତନ୍ତ

**ଜିଆଇ ମାନ୍ୟତା ପରେ ବି ଅବହେଳା**

**ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)**

ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସହିତ ସମୃଦ୍ଧ ହସ୍ତତନ୍ତ ବିଶ୍ୱ ବଜାରରେ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସମ୍ବଲପୁରୀ, ମାଣିଆବନ୍ଧ ହସ୍ତତନ୍ତ ସ୍ୱତନ୍ତ୍ର ବ୍ରାଣ୍ଡରେ ପରିଣତ ହୋଇଥିବାବେଳେ ୨୦୧୨ରେ ଜିଆଇ ମାନ୍ୟତା ପାଇଥିବା କଳାହାଣ୍ଡିର ପ୍ରସିଦ୍ଧ ହସ୍ତତନ୍ତ 'ହାବସ୍‌ପୁରୀ' ମଧ୍ୟ ଆଉଏକ ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ଦେଖାଇଛି। ଏହାର ସ୍ୱତନ୍ତ୍ର ଡିଜାଇନ୍ ବେଶ୍ ଆକର୍ଷଣୀୟ ରହିଥିବାବେଳେ ମାନ ମଧ୍ୟ ସବୁଠୁ ଭିନ୍ନ ରହିଛି। ବୁଣାକାରଙ୍କ ହାତର ନିଖୁଣତା ଏଥିରେ ବାରି ହୋଇପଡୁଛି। ମାଛ, ଫୁଲ, କୁମ୍ଭ, କଇଁଛ ଆଦି ଚିତ୍ରକୁ ଅତି ସୂକ୍ଷ୍ମ ଭାବେ ଶାଢ଼ିରେ ବୁଣା ଯାଇଥାଏ। ଏଥିରେ ଉଭୟ କଟନ ଓ ପାଟ ଶାଢ଼ି ପ୍ରସ୍ତୁତ ହୋଇଥାଏ। କଟନ୍ ଶାଢ଼ିର ଦାମ୍ ୪ହଜାରରୁ ଆରମ୍ଭ ହେଉଥିବାବେଳେ ପାଟଗୁଡ଼ିକ ୮ରୁ ୧୦ ହଜାରରୁ ଆରମ୍ଭ ହେଉଛି। ବର୍ତ୍ତମାନ ବିଶ୍ୱ ଦରବାରରେ ଓଡ଼ିଶା ବାନ୍ଧକଳାର ଚାହିଦା ଅଧିକ ରହୁଛି। ତେଣୁ ଏହି କାରିଗରଙ୍କୁ ପ୍ରଶିକ୍ଷଣ ଓ ଉପଯୁକ୍ତ ବଜାର ମିଳିପାରିଲେ ହାବସ୍‌ପୁରୀ ଶାଢ଼ି ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବ। ହେଲେ ପ୍ରଚାର, ପ୍ରସାର, ବଜାର ତଥା ପ୍ରୋତ୍ସାହନ ନ ଥିବାରୁ ଧୀରେ ଧୀରେ 'ହାବସ୍‌ପୁରୀ' ନିଜର ସ୍ଥିତି ହରାଇବାକୁ ବସିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ହାବସପୁରୀ ଶାଢ଼ି ଓ କପଡ଼ା ଉତ୍ପାଦନର ଉତ୍ପାଦନ ମୂଲ୍ୟ ☞ପୃଷ୍ଠା-୪



**ଆଜିର ସମ୍ପାଦକୀୟ** | **ଅବିଶ୍ୱସନୀୟ ଅମଲାତନ୍ତ୍ରୀ**

# ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଜିଦ୍‌ରେ ଚାଷୀ

**ନୂଆଦିଲ୍ଲୀ, ୨୧।୧୧**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ସହ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ ପାଇଁ ସରକାର ଗ୍ୟାରେଣ୍ଟି ଦିଅନ୍ତୁ ବୋଲି ରବିବାର କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଦାବି କରାଯାଇଛି। ଚାଷୀମାନେ ନିଜ ଦାବିରେ ଅଡ଼ିବସିଥିବାବେଳେ କୃଷି ଆଇନ ପ୍ରତ୍ୟାହାର ସମ୍ପର୍କିତ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇପାରେ। କ୍ୟାବିନେଟ ଅନୁମୋଦନ ପରେ ୨୯ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଉପସ୍ଥାପନ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ଆସନ୍ତା ବର୍ଷ ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ବିଧାନସଭା ଭୋଟ ହେବ। ନିର୍ବାଚନରେ ପରାଜୟ ଭୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଦୋଳନରତ ଚାଷୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ୩ କୃଷି ଆଇନ ପ୍ରତ୍ୟାହାର କରାଯିବ ବୋଲି ଶୁକ୍ରବାର ଟିଭିରେ ଘୋଷଣା କରିଥିଲେ। ହେଲେ ମୋଦିଙ୍କ ଘୋଷଣାକୁ ଆନ୍ଦୋଳନରତ କୃଷକମାନେ ବିଶ୍ୱାସକୁ ନେଇପାରୁନାହାନ୍ତି। ପାର୍ଲାମେଣ୍ଟରେ ୩ କୃଷି ଆଇନ ଆନୁଷ୍ଠାନିକ ଭାବେ ରଦ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମାରେ ଅଡ଼ିବସିଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିସହ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରିବା ଲାଗି ପାର୍ଲାମେଣ୍ଟରେ ନୂଆ ଆଇନ ଆଣିବାକୁ କୃଷକ ନେତାମାନେ ଦାବି କରିଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଘୋଷିତ କୃଷି ଆଇନ ଉଚ୍ଛେଦ ପ୍ରସ୍ତାବକୁ କେବଳ କଥାରେ ନୁହେଁ, ବରଂ ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ☞ପୃଷ୍ଠା-୪



ଦିଲ୍ଲୀର ସିଂଘୁ ସୀମାରେ ଏସ୍‌କେଏମ୍ ବୈଠକରେ ସାମିଲ ଚାଷୀ।

**କୃଷି ଆଇନ ପ୍ରତ୍ୟାହାର**

- ୨୪ରେ ମିଳିପାରେ କ୍ୟାବିନେଟ ମଞ୍ଜୁରୀ
- ଆଜି ଲକ୍ଷ୍ନୌରେ ମହାପଞ୍ଚାୟତ
- ୨୭ରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବ ଏସ୍‌କେଏମ୍

## ଏମ୍‌ଏସ୍‌ପି ଶେଷ ଲାଗି କେନ୍ଦ୍ରର ଷଡ଼ଯନ୍ତ୍ର: ସିଦ୍ଧୁ

**ଚଣ୍ଡିଗଡ଼, ୨୧।୧୧**



ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ନବଜୋତ୍ ସିଂ ସିଦ୍ଧୁଙ୍କ ମତରେ କେନ୍ଦ୍ରର ୩ କଳା କୃଷି ଆଇନ ବିରୋଧରେ ବିଜୟକୁ ନେଇ ଉଲ୍ଲସିତ ହେବା ଅନୁଚିତ। ପ୍ରକୃତ ଅଭିଯାନ ଏବେ ଆରମ୍ଭ ହୋଇଛି। ସେ କହିଛନ୍ତି, କେନ୍ଦ୍ର ସରକାର ୩ ବିବାଦୀୟ ଆଇନ ପ୍ରତ୍ୟାହାର ଘୋଷଣା କରି ଚାଷୀଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକ ଉପରୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ହଟାଇବା ପାଇଁ ସାଂଘାତିକ ଷଡ଼ଯନ୍ତ୍ର ରଚିଛନ୍ତି। ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥା, ସରକାରୀ ସ୍ତରରେ ଶସ୍ୟ କିଣା ଓ ଗରିବଙ୍କ ଖାଦ୍ୟ ନିରାପତ୍ତାକୁ ମଧ୍ୟ ବନ୍ଦ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ରବିବାର ସିଦ୍ଧୁ ଟୁଇଟରରେ ସମାଲୋଚନା କରିଛନ୍ତି। କ୍ଷୁଦ୍ର ଚାଷୀମାନଙ୍କ ଅଧିକାର ଛଡ଼ାଇ ବଡ଼ ବଡ଼ ଉଦ୍ୟୋଗକୁ ଦିଆଯିବା ପାଇଁ ଯୋଜନା ଚାଲିଥିବାବେଳେ ପଞ୍ଜାବ ସରକାର ସେମାନଙ୍କୁ ସହାୟତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।







# ମମିତା ହତ୍ୟାକାଣ୍ଡ ବନାମ ଦରଦାମ ବୃଦ୍ଧି

- କେନ୍ଦ୍ରମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ, ଅଣ୍ଡାମାଡ଼
- ରାଜ୍ୟ ଆଇନମନ୍ତ୍ରୀଙ୍କୁ ଶନିବାର ଅଣ୍ଡାମାଡ଼ ହୋଇଥିଲା
- ନୀରବଦ୍ରଷ୍ଟା ସାଜୁଛି ପୋଲିସ


କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ି ଉପରକୁ ଅଣ୍ଡା ମାଡ଼ କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୨୧।୧୧

କେନ୍ଦ୍ରାପଡ଼ା ଜିଲାରେ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଛନ୍ତି। ରାଜ୍ୟ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ଭାଜପା ପକ୍ଷରୁ ଶନିବାର କଳାପତାକା ପ୍ରଦର୍ଶନ ଓ ଅଣ୍ଡାମାଡ଼ର ପ୍ରତିଶୋଧ ରବିବାର ଜିଲାରେ ଦେଖିବାକୁ ମିଳିଛି। ଅପରାହ୍ନରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ କେନ୍ଦ୍ରାପଡ଼ା ଗସ୍ତ ସମୟରେ ଜିଲା ଛାତ୍ର ବିଜେଡି ପକ୍ଷରୁ କଳାପତାକା ପ୍ରଦର୍ଶନ ସହ ଅଣ୍ଡାମାଡ଼ ହୋଇଛି। ଜିଲାରେ ଏପରି ରାଜନୈତିକ ଆକ୍ରୋଶ ଚାପରେ ଜିଲା ପୋଲିସ ଚେପା ହୋଇଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ସେମାନଙ୍କୁ ଜିଲା ପୋଲିସ ସୁରକ୍ଷା ଯୋଗାଇ ପାରୁ ନ ଥିବାରୁ ସମାଲୋଚନାର ଶିକାର ହୋଇଛନ୍ତି। ମମିତା ମେହେର ହତ୍ୟା ମାମଲାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଦର୍ଶାଇ ରାଜ୍ୟର ମନ୍ତ୍ରୀମାନଙ୍କୁ ବିରୋଧୀ କଂଗ୍ରେସ ଓ ଭାଜପା ପକ୍ଷରୁ କଳାପତାକା ଓ ଅଣ୍ଡାମାଡ଼ କରାଯାଇ ବିରୋଧ ପ୍ରଦର୍ଶନ କରାଯାଉଛି। ଏହି କ୍ରମରେ ମନ୍ତ୍ରୀ ଜେନା ସହରର ବାଳିକା ଉଚ୍ଚ ବିଦ୍ୟାଳୟରେ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମକୁ ଆସିଥିବା ବେଳେ କଂଗ୍ରେସ ଓ ଭାଜପା ପକ୍ଷରୁ ଶନିବାର କଳାପତାକା ପ୍ରଦର୍ଶନ ସହ ଅଣ୍ଡାମାଡ଼ ହୋଇଥିଲା। ପ୍ରତିବାଦକାରୀମାନେ ମମିତା ମେହେର ହତ୍ୟା ଓ ମାହାଙ୍ଗା ଡବଲ ମର୍ଡରକୁ ପ୍ରସଙ୍ଗ କରିଥିଲେ ବୋଲି ଭାଜପା ଜିଲା ସଭାପତି କିଶୋର କୁମାର ପଣ୍ଡା କହିଛନ୍ତି।

ଅପରପକ୍ଷରେ ମାର୍ଶାଘାଇ ବ୍ଲକ ଗହଗା ପାଟର ଜଳ ନିଷ୍କାସନ ସମସ୍ୟାର ଅନୁଧ୍ୟାନ ପାଇଁ କେନ୍ଦ୍ରମନ୍ତ୍ରୀ ଟୁଡୁ ରବିବାର କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସିଥିଲେ। ୧୪ଟି ରାଜସ୍ୱ ଗ୍ରାମର ଅଧିବାସୀଙ୍କର ଏହି ପାଟରେ ଜମି ଅଛି। ତେବେ ସାମାନ୍ୟ ବର୍ଷାରେ ଏଠାରେ ପାଣି ଜମି ରହୁଛି। ଲଗାଣ ବର୍ଷା ହେଲେ ମାସାଧିକ କାଳ ଜଳ ନିଷ୍କାସନ ହୋଇପାରୁନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ନିକଟରେ ଏହାକୁ ପ୍ରସଙ୍ଗ କରିଛନ୍ତି। ଏପରିକି ବିଧାନସଭାରେ ଏ ନେଇ ବାରମ୍ବାର ପ୍ରଶ୍ନ ଉଠିଛି। ଏହାକୁ ଅନୁଧ୍ୟାନ କରିବାକୁ ଆସିଥିବା କେନ୍ଦ୍ରମନ୍ତ୍ରୀ ଟୁଡୁ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଗସ୍ତ ସମୟରେ ଜିଲା ଛାତ୍ର ବିଜେଡି ପକ୍ଷରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ କଳାପତାକା ପ୍ରଦର୍ଶନ ଓ କଲେଜ ଛକରେ ଅଣ୍ଡାମାଡ଼ କରିଥିଲେ।

## ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ କଳାପତାକା

ଭୁବନେଶ୍ୱର,୨୧।୧୧(ବ୍ୟୁରୋ): ହତ୍ୟାର ଶିକାର ମମିତା ମେହେରଙ୍କ ପରିବାରକୁ ନ୍ୟାୟ ଦେବାସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଦାବିରେ ସାରା ରାଜ୍ୟରେ ଏବେ ବିରୋଧୀମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଜେଡି ନେତା ଓ ମନ୍ତ୍ରୀଙ୍କ ଗସ୍ତ, କାର୍ଯ୍ୟକ୍ରମକୁ ବିରୋଧ କରୁଛନ୍ତି। କେଉଁଠି ଅଣ୍ଡାମାଡ଼ ତ ଆଉ କେଉଁଠି କଳାପତାକା ଦେଖାଉଛନ୍ତି। ରବିବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଭୁବନେଶ୍ୱର ଏକାମ୍ର କଲେଜ ନିକଟରେ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ କଳା ପତାକା ପ୍ରଦର୍ଶନ କରାଯାଇଛି। ମନ୍ତ୍ରୀ ସୁନ୍ଦରପଦା ଏକାମ୍ର ମହାବିଦ୍ୟାଳୟକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିଲେ। ତେବେ ବିରୋଧ ଭୟରେ ମନ୍ତ୍ରୀ କାର୍ଯ୍ୟକ୍ରମକୁ ବିଳମ୍ବରେ ପହଞ୍ଚିଥିବା ନେଇ ଭାଜପା କହିଛି। ମନ୍ତ୍ରୀ ୧୦ଟା ୩୦ରେ ଥିବା କାର୍ଯ୍ୟକ୍ରମକୁ ୧୨ଟା ପର୍ଯ୍ୟନ୍ତ ଆସି ନ ଥିଲେ। ମନ୍ତ୍ରୀଙ୍କ ଆସିବା ପୂର୍ବରୁ ପୋଲିସ ଭାଜପା କର୍ମୀଙ୍କୁ ଅଟକ ରଖିଥିଲା। ଏହି ବିରୋଧ ପ୍ରଦର୍ଶନରେ ଭାଜପା ନେତା ସୁରେନ୍ଦ୍ର ପ୍ରଧାନ, ସୁନୀଲ ପ୍ରଧାନ, ରଶ୍ମିରଞ୍ଜନ ମୁଦୁଲି, ସୁଭାସିନୀ ପୃଷ୍ଟି, ତୃପ୍ତିମଇ ମକଦ୍ଦମ, ସତରୂପା ମିଶ୍ର, ସବିତା ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ, ଗିରିଜା ସ୍ୱାଇଁ, ଅଭିଷେକ ନାୟକ, ଶରତ ମହାପାତ୍ର, ମହେଶ୍ୱର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।


ମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କରି ଗିରଫ ହୋଇଥିବା ଭାଜପା କର୍ମୀ।

# ୨ ମନ୍ତ୍ରୀଙ୍କୁ ବହିଷ୍କାର କରି ଦମ୍ ଦେଖାଇବାକୁ କହିଲା ଭାଜପା

- ଥମୁନି ମମିତା ହତ୍ୟା, ମାହାଙ୍ଗା ଡବଲ ମର୍ଡର ମାମଲା ରାଜନୀତି
- ବିଜେଡି କହିଲା ପୀତାମ୍ବରଙ୍କୁ ଭାଜପା ପରିହାସର ପାତ୍ର କରିଦେଇଛି

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ଗୋଟିଏ ପଟେ ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ଶାସକ ବିଜେଡି ତରଫରୁ ଭାଜପା ଓ ଗଣମାଧ୍ୟମକୁ ପ୍ରମାଣ ମଗାଯାଉଛି। ଅନ୍ୟପଟେ ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ଅଦାଲତି ରାୟ ଆସିବା ପରେ ମଧ୍ୟ ଆଇନ୍ ମନ୍ତ୍ରୀଙ୍କ ବିରୋଧରେ ତଦନ୍ତ ଅଗ୍ରସର ହେଉ ନାହିଁ ବୋଲି ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି, ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ କୋର୍ଟରେ ଦାଖଲ ହୋଇଥିବା ଚାର୍ଜଶିଟରୁ ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ବାଦ୍ ଦିଆଗଲା। ଜେଏମ୍ଏଫ୍ସି କୋର୍ଟ ତଦନ୍ତ ପ୍ରକ୍ରିୟାକୁ ଭର୍ତ୍ସନା କରି ସାନି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ। ହେଲେ ଏଯାଏଁ କୋର୍ଟରେ କୌଣସି ରିପୋର୍ଟ ପ୍ରଦାନ କରାଯାଇ ନ ଥିବାରୁ ଶନିବାର କୋର୍ଟ ଭର୍ତ୍ସନା କରିବା ସହ ତଦନ୍ତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ବହୁଚର୍ଚ୍ଚିତ ମମିତା ହତ୍ୟା ଘଟଣାକୁ ନେଇ ଗତ ୨ଦିନ ତଳେ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦମ୍ ଥିଲେ ପ୍ରମାଣ ଦିଅ ବୋଲି ଅହଙ୍କାରୀ ବକ୍ତବ୍ୟ ଦେଇ ଆଇନ୍ ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅଜ୍ଞ ବୋଲି ସ୍ପଷ୍ଟ ପ୍ରମାଣିତ କରିଛନ୍ତି। ପ୍ରକୃତରେ ଯଦି ପ୍ରଣବଙ୍କ ଦମ୍ ଅଛି ତେବେ ସେ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇ ଅଭିଯୁକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ଏବଂ ପ୍ରତାପ ଜେନାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାନ୍ତୁ ଓ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାନ୍ତୁ ବୋଲି ପିତାମ୍ବର କହିଛନ୍ତି। ଅନ୍ୟପଟେ ପୀତାମ୍ବରଙ୍କ ଅଭିଯୋଗକୁ ଟାର୍ଗେଟ କରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି, ପୀତାମ୍ବର ଆଚାର୍ଯ୍ୟ ଆଇନ୍‌କୁ ଭଲ ଭାବେ ଜାଣନ୍ତି। ସେ ତାଙ୍କ ଭଳି ବରିଷ୍ଠ କିମ୍ବା ଅଭିଜ୍ଞ ନୁହନ୍ତି। କିନ୍ତୁ ଏଭଳି ଜଣେ ବରିଷ୍ଠ ଆଇନ୍‌ଜୀବୀଙ୍କୁ ଭାଜପା ନିଜର ସଙ୍କୀର୍ଣ୍ଣ ରାଜନୈତିକ ଏଜେଣ୍ଡା ପାଇଁ ପରିହାସର ପାତ୍ରରେ ପରିଣତ କରିଦେବା ଦେଖି ତାଙ୍କୁ ଖରାପ ଲାଗୁଛି। ପୀତାମ୍ବର ବର୍ତ୍ତମାନ ନିଜକୁ ଅଭିଶାପ ଦେଉଥିବେ ଯେ ସେ କାହିଁକି ଭାଜପାରେ ଯୋଗଦେଲେ। ଏଭଳି ମିଥ୍ୟା ବିବୃତ୍ତି ଦେଇ ସେ ଆଇନ୍ ବୃତ୍ତିକୁ ଅସମ୍ମାନ କରୁଛନ୍ତି। ଯଦି ସେ ଏପରି ଜାରି ରଖନ୍ତି, ତେବେ ନିଜର ମହକିଲଙ୍କ ବିଶ୍ୱସନୀୟତା ହରାଇବେ। ଭାଜପାରେ ତାଙ୍କର ଏଭଳି ସ୍ଥିତି ଦେଖି ଦୟା ଆସୁଛି ବୋଲି ଲେନିନ୍ କହିଛନ୍ତି।


ପୀତାମ୍ବର ଆଚାର୍ଯ୍ୟ


ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଅନୁଗୋଳ ଷ୍ଟାଡିୟମରେ ଗୋବରପାଣି ସିଞ୍ଚନ କରୁଛନ୍ତି।

## 'ମୁଖ୍ୟମନ୍ତ୍ରୀଙ୍କୁ ଠାକୁର କହିବା ନିନ୍ଦନୀୟ'

ଅନୁଗୋଳ ଅଫିସ, ୨୧।୧୧

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁଗୋଳ ଗସ୍ତରେ ଆସିଥିବାବେଳେ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ନିଜ ଅଭିଭାଷଣରେ ତାଙ୍କୁ ସାଢ଼େ ଚାରି କୋଟି ଜନତାଙ୍କ ଠାକୁର ବୋଲି କହିଥିଲେ। ସର୍ବସମ୍ମୁଖରେ ବିଧାୟକ ଦେଇଥିବା ଏହି ମନ୍ତବ୍ୟକୁ ନେଇ ସୃଷ୍ଟି ହୋଇଛି ବିବାଦ। ସାମ୍ବିଧାନିକ ପଦବୀରେ ରହି ଉପବାଚସ୍ପତି ଚାଟୁକାରିତାର ସୀମା ଟପିଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ କଂଗ୍ରେସ ଏବଂ ଭାଜପା। ଉପବାଚସ୍ପତି ଭଳି ସାମ୍ବିଧାନିକ ପଦବୀରେ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଭଳି ମନ୍ତବ୍ୟ ଦେଇ ସାଢ଼େ ଚାରି କୋଟି ଜନତାଙ୍କ ଭାବାବେଗକୁ କୁଠାରାଘାତ କରିଛନ୍ତି। ଏହା ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଉପହାସ। ସେହିପରି ଏମ୍‌ପି ମହେଶ ସାହୁ ବିରୋଧୀ ଦଳକୁ ଆକ୍ଷେପ କରି କୁକୁର ଶବ୍ଦ ପ୍ରୟୋଗ କରିବା ଦୁଃଖଦାୟକ। ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ବିଧାୟକ ଓ ଏମ୍‌ପି ଓଡ଼ିଶାବାସୀଙ୍କୁ କ୍ଷମା ମାଗନ୍ତୁ। ଏହା ନ ହେଲେ ଜିଲା କଂଗ୍ରେସ କମିଟି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଜିଲା ସଭାପତି ବିପ୍ଳବ ଜେନା, ଓବିସି ସେଲ୍ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁ, ମୁଖପାତ୍ର ଗୋପାଳ ନାଥ ଚେତାବନୀ ଦେଇଛନ୍ତି। ଅନୁରୂପ ଭାବେ ଏହି ପ୍ରସଙ୍ଗରେ ଶାସକ ଦଳକୁ ଘେରିଛି ଭାଜପା। ରାଜ୍ୟ ଭାଜପା ସମ୍ପାଦକ କାଳିନ୍ଦୀ ସାମଲ କହିଛନ୍ତି, ବିଧାୟକଙ୍କ ବକ୍ତବ୍ୟ ଓଡ଼ିଶାର ଦେବଦେବୀଙ୍କ ପ୍ରତି ଅପମାନ। ତାଙ୍କର ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ବିଧାୟକଙ୍କ ବାପା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂ ବଞ୍ଚିଥିଲେ ମଧ୍ୟ ନିନ୍ଦା କରିଥାଆନ୍ତେ। ମୁଖ୍ୟମନ୍ତ୍ରୀ ନୀରବ ରହି ଏହାକୁ ପରୋକ୍ଷରେ ସମର୍ଥନ କରିଥିବା କାଳିନ୍ଦୀ ଅଭିଯୋଗ କରିଛନ୍ତି।

## ବିଜେଡିର ମିଶ୍ରଣ ପର୍ବ


ବିଜେଡିରେ ଯୋଗଦେଇଥିବା ମହିଳା କର୍ମୀମାନେ।

ଝାରସୁଗୁଡା ଅଫିସ,୨୧।୧୧

ଝାରସୁଗୁଡା ଜିଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଡିହିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶନିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଜିଲା ସଭାପତି ତଥା ବିଧାୟକ କିଶୋର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ବ୍ରଜରାଜନଗର ଟାଉନ୍ ସଭାପତି ରାଧାକାନ୍ତ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମିଶ୍ରଣ ପର୍ବରେ ଆଦର୍ଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କିଶୋର ମହାନ୍ତିଙ୍କ ନୀତିଆଦର୍ଶରେ ଅନୁପ୍ରାଣୀତ ହୋଇ ଡାଲିଆ ଦେବନାଥଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ବିଜେଡିରେ ଯୋଗଦେଇଛନ୍ତି। ଯୋଗଦେଇଥିବା ମହିଳାମାନଙ୍କୁ ବିଜେଡି ନେତୃବୃନ୍ଦ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ସଭାସ୍ଥଳରେ ଗୋବରପାଣି ଛିଞ୍ଚିଲେ

ଅନୁଗୋଳ ଅଫିସ, ୨୧।୧୧

ମୁଖ୍ୟମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ କାର୍ଯ୍ୟକ୍ରମ ପରେ ଅନୁଗୋଳ ଷ୍ଟାଡିୟମ୍‌ରେ ରବିବାର ଦେଖିବାକୁ ମିଳିଥିଲା ରୋଚକ ଦୃଶ୍ୟ। ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସଭାସ୍ଥଳରେ ଗୋବର ପାଣି ସିଞ୍ଚନ କରାଯିବା ସହିତ ଝାଡୁ ମରାଯାଇଥିଲା। ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ କୋହଳ ମନୋଭାବକୁ ବିରୋଧ କରି ଏଭଳି ଅଭିନବ ପ୍ରତିବାଦ କରାଯାଇଥିଲା। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ମମିତା ହତ୍ୟାକାଣ୍ଡରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସମ୍ପୃକ୍ତି ରହିଛି। ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରିବା ବଦଳରେ ମୁଖ୍ୟମନ୍ତ୍ରୀ ପାଖରେ ବସାଉଛନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ଦାଗୀ ମନ୍ତ୍ରୀଙ୍କୁ ସରକାର ସୁରକ୍ଷା ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଅନୁଗୋଳ ଗସ୍ତ କରି ମା' ହିଙ୍ଗୁଳା ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ମାଟିକୁ ଅପବିତ୍ର କରିଛନ୍ତି। ତେଣୁ ଭାଜପା ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ପ୍ରମୁଖ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ଜିଲା ସମ୍ପାଦିକା ନମିତା ଦଳବେହେରା, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସରିତା ମିଶ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ୨୪ରେ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ପଞ୍ଚାୟତ ଓ ପୌରନିର୍ବାଚନକୁ ଦୃଷ୍ଟିରେ ରଖି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିଷ୍ପତ୍ତିକ୍ରମେ ଆସନ୍ତା ୨୪ ତାରିଖ ପୂର୍ବାହ୍ନରେ ପ୍ରଦେଶ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ରାଜ୍ୟ କଂଗ୍ରେସ ଭବନ କାର୍ଯ୍ୟାଳୟରେ ହେବାକୁ ଥିବା ବୈଠକରେ ପ୍ରଦେଶ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତା କରିବେ। ନବନିଯୁକ୍ତ ପ୍ରଦେଶ ମହିଳା କଂଗ୍ରେସ କମିଟିର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟକାରିଣୀ ସଭ୍ୟା ଓ ଜିଲା ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଯୋଗଦେବେ ବୋଲି ପରିଡ଼ା ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# କୃଷି ଆଇନ ପ୍ରତ୍ୟାହାର ନିର୍ବାଚନୀ ଚାଲ୍: କଂଗ୍ରେସ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀଙ୍କ କୃଷି ଆଇନ ପ୍ରତ୍ୟାହାର ନିଷ୍ପତ୍ତି ଏକ ନିର୍ବାଚନୀ ଚାଲ୍ ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ ଦାଶ କହିଛନ୍ତି, ଆଗକୁ ପାଞ୍ଚଟି ରାଜ୍ୟରେ ହେବାକୁ ଥିବା ନିର୍ବାଚନକୁ ଆଖିଆଗରେ ରଖି କେନ୍ଦ୍ର ସରକାର କୃଷକଙ୍କ ଆଗରେ ମୁଣ୍ଡ ନୁଆଁଇଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ୪ଜଣିଆ ଫାର୍ମ କମିଟି ସଦସ୍ୟ ଅନିଲ ଦେଶମୁଖ ଶନିବାର ନିର୍ବାଚନ ପାଇଁ କେନ୍ଦ୍ର ସରକାର କୃଷି ଆଇନକୁ ପ୍ରତ୍ୟାହାର କରିଥିବା ମତ ରଖିଛନ୍ତି। ତେବେ ଉତ୍ତର ପ୍ରଦେଶ ନିର୍ବାଚନ ପରେ ପୁନଶ୍ଚ କୃଷି ଆଇନ ଫେରି ଆସିବ ବୋଲି ସେଠାକାର ସାଂସଦ ସାକ୍ଷୀ ମହାରାଜଙ୍କ ଏକ ବକ୍ତବ୍ୟ ଉପସ୍ଥାପନ କରି ଦାଶ ସୂଚନା ଦେବାସହ ଏହିପରି ଭାବେ କେନ୍ଦ୍ର ସରକାର ଚାଷୀଙ୍କୁ ଠକିବାକୁ ଯାଉଛନ୍ତି ବୋଲି କହିଛନ୍ତି। ପିସିସି ଉପସଭାପତି ଶିବାନନ୍ଦ ରାୟ କହିଲେ, କୃଷକ ଆନ୍ଦୋଳନରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଚାଷୀ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ୟୁପିରେ ଅନେକ କୃଷକଙ୍କୁ ଗାଡି ଚଢାଇ ଓ ଗୁଳି କରି ହତ୍ୟା କରାଯାଇଛି। ଏନେଇ ଉତ୍ତର ପ୍ରଦେଶ ଓ ଅନ୍ୟ ରାଜ୍ୟରେ ଖବରଦାତା ଏବଂ ଭୋଟର ଭାଜପା ନେତା, ମନ୍ତ୍ରୀଙ୍କୁ ପ୍ରଶ୍ନ କରୁଥିଲେ। ଫଳରେ ସେସବୁ ରାଜ୍ୟରେ ଭାଜପା ଅଡୁଆ ସ୍ଥିତିର ସମ୍ମୁଖୀନ ହୋଇଥିଲା। ତେଣୁ କୃଷି ଆଇନ ପ୍ରତ୍ୟାହାର କରାଯାଇଛି। କିନ୍ତୁ ଭାଜପା ସାଂସଦଙ୍କ କହିବା ଅନୁଯାୟୀ ନିର୍ବାଚନ ପରେ କୃଷି ଆଇନ ପୁଣି ଫେରିବ। ଚାଷୀଙ୍କୁ ଖଲିସ୍ତାନୀ, ପାକିସ୍ତାନୀ କହି ଆତଙ୍କବାଦୀ ଓ ଦେଶଦ୍ରୋହୀ ସଜାଇଥିବା କେନ୍ଦ୍ର ସରକାର ଏବେ କ'ଣ ଉତ୍ତର ରଖିବେ ବୋଲି ରାୟ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ନେତ୍ରୀ ରଶ୍ମୀ ମାହାପାତ୍ର ବିଭିନ୍ନ ସାମାଜିକ ଗଣମାଧ୍ୟମରେ କିପରି ଭାବେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ ଅପପ୍ରଚାର କରାଯାଉଛି, ତାହାର ନିନ୍ଦା କରିଥିଲେ।

# 'ଦଳରେ ମହିଳାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି'

- ପଦାରେ ପଡ଼ିଲା ଭାଜପା କନ୍ଦଳ
- ଇସ୍ତଫା ଦେଲେ ଯୁବମୋର୍ଚ୍ଚା ଉପ ସଭାନେତ୍ରୀ ମଇନା


ମଇନା ଆଚାର୍ଯ୍ୟ

ରାୟଗଡ଼ା ଅଫିସ,୨୧।୧୧

ପଞ୍ଚାୟତ ଓ ପୌର ନିର୍ବାଚନ ଯେତେ ପାଖେଇ ଆସୁଛି ରାୟଗଡ଼ା ଜିଲାରେ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଚଳଚଞ୍ଚଳ ପରିଲକ୍ଷିତ ହେଉଛି। ବିଭିନ୍ନ ଦଳ ପକ୍ଷରୁ ନିର୍ବାଚନକୁ ନେଇ ରଣନୀତି ପ୍ରସ୍ତୁତି ମଧ୍ୟ ଚାଲିଛି। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଧୀରେ ଧୀରେ ପଦାକୁ ଆସୁଛି। ୨ ଦିନ ତଳେ ବରିଷ୍ଠ କଂଗ୍ରେସ ନେତା ତଥା ରାୟଗଡ଼ା ସଦରର ପୂର୍ବତନ ସମିତି ଅଧ୍ୟକ୍ଷ ଦଳ ଛାଡ଼ିଥିବାବେଳେ ଏବେ ଭାଜପାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ଦୀର୍ଘ ୬ ବର୍ଷ ଧରି ଦଳର ସକ୍ରିୟ ସଦସ୍ୟା ରହିଥିବା ଜିଲା ଯୁବମୋର୍ଚ୍ଚାର ଉପ ସଭାନେତ୍ରୀ ମଇନା ଆଚାର୍ଯ୍ୟ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ବିରୋଧରେ ବିଷୋଦ୍‌ଗାର କରିବା ସହ ମହିଳାମାନଙ୍କୁ ଦଳରେ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି।

ଦୀର୍ଘଦିନ ଧରି ସକ୍ରିୟ ଥିବା ଯୁବମୋର୍ଚ୍ଚାକୁ କୌଣସି ଦଳୀୟ କାର୍ଯ୍ୟକ୍ରମରେ ନ ନେବା ଓ ଭାଜପା ନେତା ଦେବାଶିଷ ପଣ୍ଡାଙ୍କୁ ଯୁବମୋର୍ଚ୍ଚା ସଭାପତି ପଦବୀରୁ ମୁକ୍ତ କରିବା ତାଙ୍କୁ ଶକ୍ତଧକ୍କା ଦେଇଛି ବୋଲି ସେ କହିଛନ୍ତି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ଯୁବମୋର୍ଚ୍ଚା କାମ କରି ଆସୁଥିବା ବେଳେ ଜିଲା ସଭାପତିଙ୍କ ଏଥିରେ ସହଯୋଗ ମିଳୁ ନ ଥିଲା। ଦଳକୁ ତୃଣମୂଳ ସ୍ତରରେ ସଙ୍ଗଠିତ କରୁଥିବା ନେତାମାନଙ୍କୁ ପଦ ପଦବୀରୁ ମୁକ୍ତ କରିବା ସହ ମୁହଁ ଖୋଲିଲେ ଦଳର କେତେଜଣ ନେତା ଧମକଚମକ ଦେଉଛନ୍ତି ବୋଲି ମଇନା ସିଧାସଳଖ ଅଭିଯୋଗ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆଗକୁ ଦୁଇଟି ନିର୍ବାଚନ ରହିଥିବାବେଳେ ଦଳରେ ପ୍ରବଳ ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ଜଣେ ଶୃଙ୍ଖଳିତ ଏବଂ ସକ୍ରିୟ ସଦସ୍ୟା ହୋଇ ମଧ୍ୟ ଦଳ ତାଙ୍କୁ ଗୁରୁତ୍ୱ ନ ଦେବା କାରଣରୁ ସେ ଦଳରୁ ଇସ୍ତଫା ଦେଇଛନ୍ତି ବୋଲି ମଇନା କହିଛନ୍ତି। ଏମିତି କି ବିଭିନ୍ନ ସମୟରେ ଧମକଚମକ ସହ ଅପମାନିତ କରିବା ଘଟଣାରେ ଆଇନର ଆଶ୍ରୟ ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମହିଳା ନେତ୍ରୀଙ୍କ ଅଭିଯୋଗକୁ ନେଇ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଦଳ ସବୁବେଳେ ମହିଳାଙ୍କୁ ସମ୍ମାନ ଦେଇ ଆସିଛି। ମଇନା ତାଙ୍କ ବ୍ୟକ୍ତିଗତ କାରଣ ଯୋଗୁ ଇସ୍ତଫା ଦେଇଥାଇପାରନ୍ତି ବୋଲି ସେ କହିଛନ୍ତି।

## ଭାଜପାର ମିଶ୍ରଣ ପର୍ବ

ଚନ୍ଦାହାଣ୍ଡି, ୨୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ପଞ୍ଚାୟତ ଅଧୀନ ଭେଣ୍ଡିଆ ଗ୍ରାମରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, କଳାହାଣ୍ଡି ଜିଲା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ରାୟଗଡା ଜିଲା ପ୍ରଭାରୀ ଗୋବିନ୍ଦ କୁମାର ଜୈନ, ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘ ପ୍ରମୁଖ ଯୋଗ ଦେଇଥିଲେ। ନୂତନ କର୍ମୀଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ଗଗନେ ମାଝି, ମୁରଲୀ ପୋଡ଼, ଯଦୁ ନାଗେଶ, ପଦୁ ଖରସେଲ, ରାଧିକା ନାଗେଶ ପ୍ରମୁଖ ଉପସ୍ଥିତ ଥିଲେ।


ଲକ୍ଷ୍ନୌରେ ୫୬ତମ ଡିଜିପି/ଆଇଜିପି ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୭୬,୮୮,୨୧୮ | ୫୧,୬୬,୮୮୦ | ୨୩,୨୬,୪୯,୬୧୧ |
| ଭାରତ | ୩,୪୫,୧୦,୪୧୩ | ୪,୬୫,୬୬୨ | ୩,୩୯,୨୨,୦୩୭ |
| ଓଡ଼ିଶା | ୧୦,୪୭,୦୦୩ | ୮୩୯୩(+୫୩) | ୧୦,୩୬,୫୦୧ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ଯାଦୁ • କାଛୁ • କୁଣ୍ଡିଆ ଭଳି ସଂକ୍ରମଣରୁ ତ୍ୱଚାକୁ ସୁରକ୍ଷା ଦିଏ
ଆଜ୍ଞା ହଁ, ଯଦି ଆପଣ ଯାଦୁ, କାଛୁ, କୁଣ୍ଡିଆ, ତ୍ୱଚା ବିକାର, ପିତ୍ତ, ଶୁଷ୍କ ଏକ୍‌ଜିମା ଆଦି କାରଣରୁ ବିବ୍ରତ, ତେବେ ନିରାଶ ହୁଅନ୍ତୁ ନାହିଁ, କାରଣ 'ଇଚ୍‌କୁ' ଆୟୁର୍ବେଦିକ ମଲମ ଏହିସବୁ ସମସ୍ୟା ପାଇଁ ଗୁଣକାରୀ ଔଷଧ ଅଟେ । 'ଇଚ୍‌କୁ' ମଲମ ଶୁଦ୍ଧ ଗନ୍ଧକ, ସ୍ଫଟିକା ଭସ୍ମ, ଟଙ୍କଣ ଭସ୍ମ ଓ ଝୁଣା ଆଦିରେ ପ୍ରସ୍ତୁତ । ଏହା ଏକ ପ୍ରମାଣିତ ଆୟୁର୍ବେଦିକ ଔଷଧ ଅଟେ ।


ଡା. ଜୁନେଜା କା ଇଚ୍‌କୁ®
ଆୟୁର୍ବେଦିକ ମଲମ
• ପ୍ରଭାବ ପ୍ରଥମ ଦିନରୁ
• ଚିଟା ନୁହେଁ, ଦାଗ ଲାଗେ ନାହିଁ
ଇଚ୍‌କୁ ଲୋସନ, ସାବୁନ ଓ ପାଉଡରରେ ମଧ୍ୟ ଉପଲବ୍ଧ
24x7 Helpline: 83058 53333

## ସଂକ୍ଷେପରେ

### ୨୩ରେ ମନ୍ତ୍ରୀ ପରିଷଦ ବୈଠକ

**୨୦୨୧-୨୨ ଆର୍ଥିକ ବର୍ଷ ଲାଗି ଅତିରିକ୍ତ ବଜେଟ୍‌କୁ ମିଳିବ ଅନୁମୋଦନ**

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ):** ବିଧାନସଭାର ଶୀତ ଅଧିବେଶନ ଆସନ୍ତା ଡିସେମ୍ବର ପହିଲାରୁ ଆରମ୍ଭ ହୋଇ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ମୋଟ ୨୬ଟି କାର୍ଯ୍ୟ ଦିବସ ରହିବ। ଅଧିବେଶନର ପ୍ରଥମ ଦିନ ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଆଣିବେ। ବିଧାନସଭାର ଶୀତଅଧିବେଶନରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍‌କୁ ପୂର୍ବରୁ ଏହାକୁ ପ୍ରଥମେ କ୍ୟାବିନେଟ୍‌ରେ ଅନୁମୋଦନ ଦିଆଯିବ। ପରେ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳିବା ସହ ବିଧାନସଭାରେ ବଜେଟ୍ ଉପସ୍ଥାପନ କରାଯିବ। ଆସନ୍ତା ୨୩ ତାରିଖ ଅପରାହ୍ନରେ ପ୍ରଥମେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଏହାପରେ ଅପରାହ୍ନ ୫ଟା ୪୫ ମିନିଟ୍ ସମୟରେ ମନ୍ତ୍ରୀ ପରିଷଦ ବସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

### ଶ୍ରେଷ୍ଠ ୧୦ରେ ଓଡ଼ିଶାର ଦୁଇ ଆଦର୍ଶ ବିଦ୍ୟାଳୟ

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ):** ଏଜୁକେଶନ ୱାର୍ଲଡ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗ୍ ୨୦୨୧-୨୨ର ଦୁଇଟି ବର୍ଗରେ ଶ୍ରେଷ୍ଠ ୧୦ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଦ୍ୱାରା ପରିଚାଳିତ ଦୁଇଟି ସ୍କୁଲ ସ୍ଥାନ ପାଇଛି। ଗଞ୍ଜାମ ଜିଲାର ହାତୀଓଟ ଆଦର୍ଶ ବିଦ୍ୟାଳୟ ଭାରତର ଶ୍ରେଷ୍ଠ ୧୦ ସରକାରୀ ଡେ' ସ୍କୁଲ ବର୍ଗରେ ଦଶମ ସ୍ଥାନରେ ରହିଥିବାବେଳେ ବଲାଙ୍ଗୀରର ପଥରଚେପା ଆଦର୍ଶ ବିଦ୍ୟାଳୟ ଶ୍ରେଷ୍ଠ ୧୦ ସରକାରୀ ବୋର୍ଡିଂ ସ୍କୁଲ ଭାବେ ଦଶମ ର୍ୟାଙ୍କ୍ ପାଇଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଛାତ୍ରୀଛାତ୍ର, ଶିକ୍ଷକ ଓ ସଙ୍ଗଠନର ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ଏକ ଗର୍ବର ବିଷୟ ଯେ, ଶିକ୍ଷା ସହିତ ପ୍ରତ୍ୟେକ ପିଲାଙ୍କୁ ସଶକ୍ତ କରିବା ପାଇଁ ଆମର ଦୃଷ୍ଟିକୋଣ ପୂରଣ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ ଆଜି

**ଫୁଲବାଣୀ ଅଫିସ/ଖଜୁରୀପଡ଼ା, ୨୧।୧୧:** କନ୍ଧମାଳ ଜିଲା ଗସ୍ତରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୁଛନ୍ତି। ପୂର୍ବାହ୍ନ ୧୧ଟାରେ ଫୁଲବାଣୀ ଷ୍ଟାଡିୟମରେ ପହଞ୍ଚି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ଏଥିସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ରବିବାର ଫୁଲବାଣୀସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଏହି ସ୍ୱାସ୍ଥ୍ୟ ଯୋଜନାରେ ଗରିବ ଲୋକେ ବିଶେଷ ଭାବେ ଉପକୃତ ହେବେ। ରାଜ୍ୟରେ କେହି ବି ସ୍ୱାସ୍ଥ୍ୟ ଜନିତ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଜିଲାର ପ୍ରାୟ ୧ ଲକ୍ଷ ୬୭ ହଜାର ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବ। ସେହିପରି ହିତାଧିକାରୀଙ୍କୁ କିଭଳି ସୁଚାରୁରୂପେ କାର୍ଡ ବଣ୍ଟନ କରାଯିବ ସେଥିଲାଗି ରାଜ୍ୟର ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଦାରିଙ୍ଗିବାଡି ବ୍ଲକରେ ମନ୍ତ୍ରୀ ଅଶୋକ ପଣ୍ଡା, ରାଇକିଆ ଏବଂ ଜି.ଉଦୟଗିରିରେ ମନ୍ତ୍ରୀ ରଘୁନନ୍ଦନ ଦାସ, ଟିକାବାଲିରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଫୁଲବାଣୀରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଚକାପାଦ ଏବଂ ଫିରିଙ୍ଗିଆରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡାରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କୋଟଗଡରେ ମନ୍ତ୍ରୀ ପଦ୍ମିନୀ ଦିଆନ, କ.ନୂଆଗାଁ ଏବଂ ତୁମୁଡିବନ୍ଧ ବ୍ଲକରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଖଜୁରିପଡା ବ୍ଲକରେ ମନ୍ତ୍ରୀ ପଦ୍ମନାଭ ବେହେରା, ଜି.ଉଦୟଗିରି ଏନ୍‌ଏସିରେ ବିଧାୟକ ସାଲୁଗା ପ୍ରଧାନ, ବାଲିଗୁଡା ଏନ୍‌ଏସିରେ ଖେଳ ଏବଂ ଯୁବ ବ୍ୟାପାର ଉପଦେଷ୍ଟା ବିଜୟ ନାୟକ, ଫୁଲବାଣୀ ପୌର ପରିଷଦରେ ବିଧାୟକ ଅଙ୍ଗଦ କହଁର ଉପସ୍ଥିତ ରହି ହିତାଧିକାରୀଙ୍କୁ ଏହି ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରିବେ।

# ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ବାଲେଶ୍ୱର ଶ୍ରେଷ୍ଠ

- ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶରେ ଅପାର ସମ୍ଭାବନା ରହିଛି: କେନ୍ଦ୍ରମନ୍ତ୍ରୀ
- କିଷାନ କ୍ରେଡିଟ୍ କାର୍ଡ ସଚେତନତା ସୃଷ୍ଟି ପାଇଁ ଅଭିଯାନ ଆରମ୍ଭ ହେବ



ବାଲେଶ୍ୱର ଜିଲାକୁ ପୁରସ୍କାର ପ୍ରଦାନ ଅବସରରେ କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୂପାଲା ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ଆଉଏକ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛି। ବାଲେଶ୍ୱରକୁ ଶ୍ରେଷ୍ଠ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଜିଲା ଭାବେ ପୁରସ୍କୃତ କରାଯାଇଛି। ରବିବାର ବିଶ୍ୱ ମତ୍ସ୍ୟ ଦିବସ ଉପଲକ୍ଷେ ରେଳ ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପୁରୁଷୋତ୍ତମ ରୂପାଲା ପୁରସ୍କାର ବାବଦକୁ ୩ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିଭଳି ଆନ୍ଧ୍ରପ୍ରଦେଶ ଶ୍ରେଷ୍ଠ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ରାଜ୍ୟ ପୁରସ୍କାର ପାଇଥିବାବେଳେ ତେଲଙ୍ଗାନାକୁ ଶ୍ରେଷ୍ଠ ଅନ୍ତରୀଣ ମଧୁର ଜଳ ମତ୍ସ୍ୟ ଉତ୍ପାଦନ ଜିଲା ପୁରସ୍କାର ଦିଆଯାଇଛି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶର ବାଲାଘାଟକୁ ଆଭ୍ୟନ୍ତରୀଣ ମଧୁର ଜଳ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ଜିଲା ପୁରସ୍କାର, ତ୍ରିପୁରାକୁ ଶ୍ରେଷ୍ଠ ପାର୍ବତ୍ୟ ମତ୍ସ୍ୟ ଉତ୍ପାଦନ ରାଜ୍ୟ ପୁରସ୍କାର ଓ ଆସାମର ବଙ୍ଗାଇଗାଓଁଙ୍କୁ ଏହି ବର୍ଗରେ ଶ୍ରେଷ୍ଠ ଜିଲା ପୁରସ୍କାର ଦିଆଯାଇଛି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ରୂପାଲା କହିଲେ, ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶରେ ଅପାର ସମ୍ଭାବନା ରହିଛି। ଭାରତ ସରକାର ୨୦୨୪-୨୫ ସୁଦ୍ଧା ଏହି କ୍ଷେତ୍ରରେ ୧ଲକ୍ଷ କୋଟି ଟଙ୍କା ରପ୍ତାନି ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। କେନ୍ଦ୍ର ସରକାର କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କରେ ଅଧିକ ସଚେତନ ସୃଷ୍ଟି ଲାଗି ଖୁବ୍‌ଶୀଘ୍ର ଏକ ବଡ଼ ଅଭିଯାନ ଆରମ୍ଭ କରିବେ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ ଯୋଗଦେଇ ଦେଶର ପାଞ୍ଚଟି ପ୍ରମୁଖ ବନ୍ଦର ମଧ୍ୟରୁ ଅନ୍ୟତମ ପାରାଦୀପକୁ ଏକ ବୃହତ ମାଛ ଧରା ବନ୍ଦର ଭାବେ ବିକଶିତ କରାଯାଉଛି ବୋଲି କହିଥିଲେ। ମତ୍ସ୍ୟ ଚାଷୀ ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପ୍ରଦର୍ଶନୀ ଷ୍ଟଲଗୁଡ଼ିକୁ କେନ୍ଦ୍ର ମନ୍ତ୍ରୀ ଓ ଅତିଥିମାନେ ବୁଲି ଦେଖିଥିଲେ। ଏଥିସହ ମତ୍ସ୍ୟ ଚାଷ କ୍ଷେତ୍ରରେ ବିଭିନ୍ନ ପୋଷ୍ଟର ଉନ୍ମୋଚନ କରାଯାଇଥିଲା।

# ଗୃହ ସଚିବ, ଏସ୍‌ପି, ଆଇଆଇସିଙ୍କୁ ନୋଟିସ

**ଗୋଲନ୍ଥରା ହାଜତ ମୃତ୍ୟୁ ମାମଲା**

**କଟକ ଅଫିସ, ୨୧।୧୧**

ଗଞ୍ଜାମ ଜିଲା ଗୋଲନ୍ଥରା ହାଜତ ମୃତ୍ୟୁ ମାମଲାରେ ହାଇକୋର୍ଟ ରାଜ୍ୟ ଗୃହ ବିଭାଗ ପ୍ରମୁଖ ସଚିବ, ଗଞ୍ଜାମ ଏସ୍‌ପି ଓ ଗୋଲନ୍ଥରା ଥାନା ଆଇଆଇସିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆଜିପର୍ଯ୍ୟନ୍ତ କାହିଁକି ପୋଲିସ ହତ୍ୟା ମାମଲା ରୁଜୁ କରିନାହିଁ, ସେନେଇ ଲିଖିତ ଆକାରରେ ଆସନ୍ତା ୩୦ ତାରିଖ ସୁଦ୍ଧା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଜଷ୍ଟିସ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୦ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଗୋଲନ୍ଥରା ଥାନା ଅଧୀନ ରଙ୍ଗିପୁରର ଗଣେଶ ଡାକୁଆଙ୍କୁ ଗତ ମେ' ୩ ତାରିଖରେ କେତେଜଣ ବ୍ୟକ୍ତି କୌଣସି କାରଣକୁ ନେଇ ଆକ୍ରମଣ କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ପୋଲିସ ଏତଲା ରଖି ନ ଥିଲା। ପରେ ସେ ଘରକୁ ଫେରି ଆସିଥିଲେ। ସେହିଦିନ ଗଣେଶଙ୍କୁ ପୋଲିସ ମେଡିକାଲ ଚିକିତ୍ସା କରିବା ବାହାନାରେ ଘରୁ ଥାନାକୁ ଡାକିଆଣି ମାଡ ମାରିଥିଲା। ରାତି ପ୍ରାୟ ୮ଟାରେ ଥାନା ଝରକାରେ ବେଲ୍ଟଦ୍ୱାରା ଗଣେଶ ଆତ୍ମହତ୍ୟା କରିଥିବା ନେଇ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ପରେ ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ନିଆଯାଇଥିଲା। ଶବ ବ୍ୟବଚ୍ଛେଦ ରୁମ୍ ନିକଟରେ ଗଣେଶଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାବେଳେ ବେକରେ କୌଣସି ଦାଗ ନଥିବା ତାଙ୍କ ମା' ଶୋଭା ଡାକୁଆ ଦେଖିଥିଲେ। ଅନ୍ୟପକ୍ଷରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ବଦଳରେ ବେଆଇନ ଭାବେ ପୋଲିସ ରାତାରାତି ବ୍ୟବଚ୍ଛେଦ କରାଇ ସ୍ଥାନୀୟ ନୀଳକଣ୍ଠନଗର ଶ୍ମଶାନରେ ସତ୍କାର କରିଥିଲା। ଏନେଇ ଶୋଭା ମେ' ୫ ତାରିଖରେ ଗୋଲନ୍ଥରା ଥାନା ଓ ଗଞ୍ଜାମ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ପରେ ଶୋଭା ଅଗଷ୍ଟ ୧୭ ତାରିଖରେ ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ କରିଥିଲେ ମଧ୍ୟ ଥାନାରେ ଏଫ୍‌ଆଇଆର ରୁଜୁ ହୋଇପାରିଲାନାହିଁ। ଶେଷରେ ଗତ ୧୨ ତାରିଖରେ ଶୋଭା ହାଇକୋର୍ଟରେ କ୍ରିମିନାଲ ମିସ୍ ପିଟିଶନ ଦାଏର କରି ହତ୍ୟା ମାମଲା ରୁଜୁ ପାଇଁ ନିବେଦନ କରିଥିଲେ। ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।


ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ୧୨୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

# ୱାର୍ଡ ସ୍ତରରେ କଂଗ୍ରେସକୁ ଶକ୍ତ କର

**ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ଚେଲ୍ଲାକୁମାରଙ୍କ ଗୁରୁମନ୍ତ୍ର**

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ଭୁବନେଶ୍ୱର ଜିଲା କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶ ସଭାପତିତ୍ୱ କରି ସାଧାରଣ ଜନତାଙ୍କ ସାମ୍ବିଧାନିକ ଓ ମୌଳିକ ଅଧିକାର ପାଇଁ ଆଗାମୀ ଦିନରେ ଜିଲା କଂଗ୍ରେସ ତା'ର ଲଢ଼େଇ ଜୋରଦାର କରିବ ବୋଲି କହିଥିଲେ। ଏହି ଅବସରରେ ଆଗତ ୬ଟି ପ୍ରସ୍ତାବକୁ ପାରିତ ହୋଇଥିଲା। ଜିଲା ମୁଖପାତ୍ର ସଞ୍ଜୀବ ମହାନ୍ତି ଏହାକୁ ଉପସ୍ଥାପନ କରିଥିବାବେଳେ ସର୍ବସମ୍ମତିକ୍ରମେ ବ୍ଲକ ସଭାପତି ମିହିର ଆଚାର୍ଯ୍ୟ ସମର୍ଥନ କରିଥିଲେ। ଅଖିଳ ଭାରତ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାର ଆସନ୍ତା ପୌର ନିର୍ବାଚନରେ କଂଗ୍ରେସ କିଭଳି ବିଜୟ ହାସଲ କରିବ ସେଥିପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ଚେଲ୍ଲାକୁମାର କହିଥିଲେ, ପ୍ରତ୍ୟେକ କଂଗ୍ରେସ କର୍ମୀ ନିଜ ୱାର୍ଡରେ ଜନସମ୍ପର୍କ ଯାତ୍ରା କରିବେ। ଘରକୁ ଘର ବୁଲି କଂଗ୍ରେସର ନୀତି ଓ ଆଦର୍ଶକୁ ପ୍ରଚାର କରିବା ସହିତ ନିଜ ୱାର୍ଡରେ ଦଳକୁ ଶକ୍ତ କରିବାର ଦାୟିତ୍ୱ ନେବାକୁ ପଡ଼ିବ। ୬୭ ୱାର୍ଡର ସମ୍ପୂର୍ଣ୍ଣ ଖସଡ଼ା ପ୍ରସ୍ତୁତ କରିବା ସହିତ ଲୋକଙ୍କ ସମସ୍ୟା ଓ ଲୋକଙ୍କ ପାଇଁ ଲଢ଼େଇ କରିବାକୁ ସେ ଆହ୍ୱାନ ଦେଇଥିଲେ। କୌଣସି ବିଶୃଙ୍ଖଳାକୁ ବରଖାସ୍ତ କରାଯିବ ନାହିଁ ବୋଲି ଚେଲ୍ଲାକୁମାର କହିଥିଲେ।

ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦକ ଜି ରୁଦ୍ର ରାଜୁ, ରାଜ୍ୟ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ ଓ ଯଜ୍ଞେଶ୍ୱର ବାବୁ, ପୂର୍ବତନ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ତଥା ପିସିସି ବରି ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ଟ୍ରେନିଂର ମୁଖ୍ୟ ସଂଯୋଜକ ତଥା ପୂର୍ବତନ ଉପସଭାପତି ଶୁଭେନ୍ଦୁ ମହାନ୍ତି, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଗିତାଞ୍ଜଳି ମହାନ୍ତି, ରଶ୍ମି ମହାପାତ୍ର, ପିସିସି ସମ୍ପାଦକ ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ବ୍ଲକ ସଭାପତି ବ୍ରହ୍ମାନନ୍ଦ ସାହୁ, ଦୀପକ କୁମାର ମହାପାତ୍ର, ଶ୍ରୀଧର ବଳିଆର ସିଂ, ଦେବରାଜ ମିଶ୍ର, ଇନ୍ଦ୍ରଜିତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବାଘଛାଲ ଜବତ, ଜଣେ ଗିରଫ

**ବୌଦ୍ଧ/କଣ୍ଟମାଳ /ବାଉଁଶୁଣୀ/ ଫୁଲବାଣୀ ଅଫିସ, ୨୧।୧୧(ଡି.ଏନ.ଏ.)**

ଗତ କିଛି ଦିନର ବ୍ୟବଧାନ ପରେ ବୌଦ୍ଧ ଜିଲା କଣ୍ଟାମାଳ ରେଞ୍ଜ ଘଣ୍ଟାପଡ଼ା ଅଞ୍ଚଳରୁ ପୁଣି ଏକ ବାଘ ଛାଲ ଜବତ ହୋଇଛି। ଏହି ଘଟଣାରେ ବାଲିଗୁଡା ଥାନା ଖମନଖୁଲ (ପରୁଘାଟ) ଗ୍ରାମର ସଚିତନ ନାୟକଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ କନ୍ଧମାଳ ସୀମାନ୍ତ ଘଣ୍ଟାପଡାରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ୍‌ଟିଏଫ(ସ୍ୱତନ୍ତ୍ର ଟାସ୍କ ଫୋର୍ସ) ଓ ବନ ବିଭାଗ ପକ୍ଷରୁ ଅଚାନକ ଚଢାଉ କରାଯାଇଥିଲା । ଅଧିକ ସୂଚନା ପାଇଁ ଅଭିଯୁକ୍ତ ନାୟକଙ୍କୁ କଣ୍ଟାମାଳ ରେଞ୍ଜରେ ଅଟକ ରଖି ଏସଟିଏଫ୍ ଓ ବନ ବିଭାଗ ପକ୍ଷରୁ ପଚରାଉଚରା ଜାରି ରଖିଛି। ସୂଚନାଯୋଗ୍ୟ, ପୂର୍ବରୁ ଏସଟିଏଫ ପକ୍ଷରୁ ମନମୁଣ୍ଡାଠାରେ ବାଘ ଛାଲ ଜବତ କରାଯାଇଥିଲା। ସେହିପରି ଗତ ୧୧ ତାରିଖରେ ବାଉଁଶୁଣି ବିଜ୍ର ଛକଠାରେ ଏକ ବାଘ ଛାଲ ଜବତ ହୋଇଥିବା ବେଳେ ପୁଣି ୧୦ ଦିନ ପରେ ଆଉ ଏକ ବାଘ ଛାଲ ଜବତ ହୋଇଛି।


ଜବତ ବାଘ ଛାଲ।

# ମା' କୋଳକୁ ଫେରିଲା ହସ୍ପିଟାଲରୁ ଚୋରି ଶିଶୁ

**ସୋନପୁର, ୨୧।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶନିବାର ସକମାଳେ ଚୋରି ହୋଇଥିବା ନବଜାତ ଶିଶୁକନ୍ୟା ରବିବାର ମିଳିଛି। ଜନ୍ମଦାତ୍ରୀ ସନ୍ତୋଷିନୀଙ୍କ ନିକଟରୁ ସେ ସ୍ତନ୍ୟପାନ କରିଛି। ଶିଶୁକୁ କୋଳରେ ପାଇଲା ପରେ ସନ୍ତୋଷିନୀଙ୍କ ମନରେ ଖୁସି ଭରିଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ପେଶାଲ ନ୍ୟୁ ବର୍ନ କେୟାର ୟୁନିଟ୍(ଏସ୍‌ଏନସିୟୁ)ରେ ଶିଶୁ ଚିକିତ୍ସିତ ହେଉଛି। ଡାକ୍ତରଙ୍କ ସୂଚନା ଅନୁଯାୟୀ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ସୋନପୁର ବ୍ଲକ ଅର୍ଜୁନପୁର-ଶରଧାପାଲି ରାସ୍ତାର ପ୍ରତାପପୁର ନିକଟସ୍ଥ ପଡିଆରୁ ମଧ୍ୟାହ୍ନ ସାଢେ ୧୧ଟାରେ ଶିଶୁକୁ ଉଦ୍ଧାର କରାଯାଇଛି। ଗ୍ରାମବାସୀଙ୍କ ନିକଟରୁ ସୂଚନା ପାଇ ପୋଲିସ ପିସିଆର ଭ୍ୟାନ୍ ଯୋଗେ ଶିଶୁକନ୍ୟାଙ୍କୁ ଆଣି ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଗିରଫ ଭୟରେ ଚୋରି କରିଥିବା ମହିଳା ଶିଶୁକନ୍ୟାଙ୍କୁ ଏଠାରେ ଛାଡ଼ି ଦେଇଥିବା ଅନୁମାନ କରାଯାଉଛି। ତେବେ ପୋଲିସ ଅଭିଯୁକ୍ତ ମହିଳାଙ୍କୁ ଠାବ କରିପାରିନି।


ଉଦ୍ଧାର ଶିଶୁକନ୍ୟାଙ୍କୁ ଚିକିତ୍ସା କରାଯାଉଛି।

ବୀରମହାରାଜପୁର ବ୍ଲକ ଷଣ୍ଢା ଗ୍ରାମର ଗଜେନ୍ଦ୍ର ତାଣ୍ଡିଆଙ୍କ ସ୍ତ୍ରୀ ସନ୍ତୋଷିନୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ସକାଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ପ୍ରସୂତି ଓ ସ୍ତ୍ରୀ ବିଭାଗରେ ଶଯ୍ୟା ଅଭାବ ଯୋଗୁ ସେ ବାରଣ୍ଡାରେ ରହି ଚିକିତ୍ସିତ ହେଉଥିଲେ। ସନ୍ତୋଷିନୀ ନିଜ ମା' ବୌଦ୍ଧ ଜିଲା ରଷିବନ୍ଧ ଗ୍ରାମର ପାନ୍ତି ଜାଲଙ୍କ କୋଳରେ ଶିଶୁ କନ୍ୟାକୁ ଦେଇ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଜଣେ ଅଚିହ୍ନା ମହିଳା ଶିଶୁ କନ୍ୟାଙ୍କୁ ଟିକା ଦେବାକୁ କହି ପାନ୍ତିଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ସେ ଶିଶୁକୁ ଧରିବେ ବୋଲି କହି ଚୋରି କରି ନେଇଥିବା ପାନ୍ତି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ଶିଶୁ ଚୋରି ହୋଇଥିବା ଜଣାପଡ଼ିବା ପରେ ସନ୍ତୋଷିନୀ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରିଥିଲା। ଫୁଟେଜ୍‌ରୁ ଜଣାପଡ଼ିଥିଲା ଯେ, ଜଣେ ଅଚିହ୍ନା ମହିଳା ପାନ୍ତିଙ୍କ ନିକଟରୁ ଶିଶୁକନ୍ୟାକୁ ନେଇ ଚିକିତ୍ସାଳୟ ସମ୍ମୁଖକୁ ଯାଇଥିଲେ। ପରେ ଜଣେ ଯୁବକ ବାଇକ୍‌ରେ ଆସି ମହିଳାଙ୍କୁ ବସାଇ ଚାଲି ଯାଇଥିଲେ। ଏହି ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ଶିଶୁ କନ୍ୟାଙ୍କ ବାପା ଗଜେନ୍ଦ୍ର ଓ ଆଈ ପାନ୍ତିଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ସନ୍ତୋଷିନୀ ଉଦ୍ଧାର ଶିଶୁ କନ୍ୟାଙ୍କୁ ନିଜର କହି ଆପଣେଇ ନେଇଛନ୍ତି। ତେବେ ପୋଲିସ ହସ୍ତାନ୍ତର କରିଥିବା ଶିଶୁ ୩ରୁ ୪ ଦିନର। ନିୟମ ଅନୁଯାୟୀ ସନ୍ତୋଷିନୀଙ୍କ ଗର୍ଭରୁ ଜନ୍ମିତ ଶିଶୁ କନ୍ୟାର ଫୁଟ୍‌ପ୍ରିଣ୍ଟ ଉଦ୍ଧାର ହୋଇଥିବା ଶିଶୁର ଫୁଟ୍‌ପ୍ରିଣ୍ଟ ସହିତ ମେଳ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନନ୍ଦ କିଶୋର ନାୟକ କହିଛନ୍ତି।

**ଆଜିର ମନ୍ତବ୍ୟ**

"କେବଳ ଗରିବ ପରିବାରଗୁଡ଼ିକରେ ଶିଶୁମାନେ ଉତ୍ପୀଡ଼ନର ଶିକାର ହେଉଛନ୍ତି ବୋଲି ଅନେକଙ୍କ ଧାରଣା ରହିଛି। କିନ୍ତୁ ବାସ୍ତବରେ ସମୃଦ୍ଧ ପରିବାରରେ ଏହା ଅଧିକ ଦେଖିବାକୁ ମିଳୁଛି। **-ସ୍ମୃତି ଇରାନୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ବିଜେଡିର ଆନ୍ଦୋଳନ

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ଦରବୃଦ୍ଧି ପ୍ରସଙ୍ଗ ନେଇ ଦ୍ୱିତୀୟ ଥର ଲାଗି ବିଜେଡି ରାସ୍ତାକୁ ଓହ୍ଲାଇବାକୁ ଯାଉଛି। କିଛିଦିନ ତଳେ ତେଲ ଦରବୃଦ୍ଧିକୁ ନେଇ ରାଜଭବନ ସମ୍ମୁଖରେ ବିଜେଡି କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷିଥିବାବେଳେ ଏବେ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ କରିବ। ପୂର୍ବ ଘୋଷଣା ମୁତାବକ ସୋମବାରଠାରୁ ୩ ଦିନ ଧରି ଆରଡିସିସ୍ତରରେ ବିଜେଡି ଆନ୍ଦୋଳନ କରିବ। ଏନେଇ ରବିବାର ଏକ ଖବରଦାତା ସମ୍ମିଳନୀରେ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ ଏବଂ ଛାତ୍ର ବିଜେଡି ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ

### ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦ

ସୂଚନା ଦେଇଛନ୍ତି। ବିଜେଡିର ସୂଚନା ଅନୁଯାୟୀ, ସୋମବାର କଟକ, ମଙ୍ଗଳବାର ସମ୍ବଲପୁର ଏବଂ ବୁଧବାର ବ୍ରହ୍ମପୁର ଆରଡିସି ଜୋନ୍ ସମ୍ମୁଖ ଏବଂ ଏହା ଅନ୍ତର୍ଗତ ବ୍ଲକ୍‌ଗୁଡ଼ିକରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବିଜୁ ଯୁବ, ଛାତ୍ର ଏବଂ ମହିଳା ଜନତା ଦଳ ସାମିଲ୍ ହେବେ। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ବିଫଳ ହୋଇଛି। ଦରବୃଦ୍ଧି ଯୋଗୁ ଦୁର୍ଦ୍ଦିନରେ ଗୃହିଣୀମାନେ ଦିନ କାଟୁଛନ୍ତି। ସାଢ଼େ ୩ ବର୍ଷ ମଧ୍ୟରେ ଗ୍ୟାସ୍ ଦର ୭୦ ପ୍ରତିଶତ ବଢ଼ିଛି। ଗ୍ୟାସ୍ ଦର ନ କମାଇଲେ ବିରାଟ ଜନଆନ୍ଦୋଳନ ହେବ। ସିଏଜି ମଧ୍ୟ ତାଙ୍କ ରିପୋର୍ଟରେ ଉଜ୍ଜ୍ୱଳା ଗ୍ୟାସ୍ ରିଫିଲିଂ ହାର କମି ଥିବା କହିଛନ୍ତି। ନ୍ୟାଶନାଲ ଫ୍ୟାମିଲି ହେଲଥ୍ ସର୍ଭେ ଅନୁସାରେ, ୯୮% ନୁହେଁ ମାତ୍ର ୨୦% ସିଲିଣ୍ଡର ବ୍ୟବହାର ବଢ଼ିଛି। ଉଜ୍ଜ୍ୱଳା ଯୋଜନା କରି କେନ୍ଦ୍ର ସରକାର ଗରିବ ଲୋକଙ୍କୁ ଠକିଛନ୍ତି। ଏବେ ସିଲିଣ୍ଡର ଦାମ୍ ୯ ଶହ ଟଙ୍କା ଉପରେ ରହିଛି। ବିଜେଡି ସାଧାରଣ ଜନତାଙ୍କ ସ୍ୱର ହୋଇ ଆନ୍ଦୋଳନ କରିବ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଦଳ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେରାକୁ ଟେରୀ**
**ଟେରୀ ଆଣିଥିଲା ବାଉଁଶ ପେରୀ ।**

ବହୁକାଳରୁ ଆମ ସମାଜରେ ଯୌତୁକ ଏକ ପ୍ରଥା ବା ଚଳଣି ଭାବେ ଚଳିଆସିଛି। ଏହା ଏକ କୁପ୍ରଥା ହୋଇଥିଲେ ମଧ୍ୟ ବିବାହରେ ଯଥା ସମ୍ଭବ ଯାନି ଯୌତୁକ ଆଣିଥିବା ଗରିବ ଘରର ଝିଅ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଟୋକା ଟାକରିଆ ବୁଦ୍ଧି**
**ଆଗକୁ ପଛକୁ ବିଚାର ନାହିଁ**
**ମଥାରେ ନାଉଛି ମୁଦି ।**

ସାଧାରଣତଃ ଟୋକା ବା ଯୁବ ବୟସ କଞ୍ଚା ବୟସ ହୋଇଥାଏ। ଏ ବୟସରେ ପରିପକ୍ୱତା ଆସି ନ ଥିବା ବେଳେ ସଂସାରର ଭଲମନ୍ଦ ଦିଗପ୍ରତି ସେମାନଙ୍କ ଅଭିଜ୍ଞତା କମ ରହିଥାଏ। ତେଣୁ ଏ ବୟସରେ ବ୍ୟକ୍ତି ଦ୍ୱାରା ନିଆଯାଉଥିବା ବିଚାର ଉପରେ କେବେହେଲେ ଭରସା ପାଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସମୁଦ୍ର ଜୁଆର ମାଡ଼ରେ ଲୁଣା ନଦୀବନ୍ଧରେ ଘାଇ

### ଶତାଧିକ ଏକର ଧାନ ଫସଲ ପ୍ରଭାବିତ

**ମହାକାଳପଡ଼ା, ୨୧।୧୧ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଖରିନାସୀ ପଞ୍ଚାୟତ ଲୁଣା ନଦୀ ବନ୍ଧର ଏକ ନମ୍ବର କ୍ରିକ୍ ନିକଟରେ କେତେଜଣ ଲୋକ ଜାଲ ବସାଇ ମାଛ ଧରୁଥିଲେ। ଏହାଦ୍ୱାରା ନଦୀ ବନ୍ଧ ଦୁର୍ବଳ ହୋଇଯାଇଥିଲା। ସମୁଦ୍ର ଉଚ୍ଚ ଜୁଆର ମାଡରେ ଲୁଣାନଦୀ ବନ୍ଧରେ ଶନିବାର ଘାଇ ସୃଷ୍ଟି ହୋଇଛି। ଫଳରେ ଶତାଧିକ ଏକର ପାଚିଲା ଧାନ ଲୁଣା ପାଣିରେ ପ୍ରଭାବିତ ହୋଇଛି।

ସୂଚନା ଅନୁସାରେ, ଲୁଣାନଦୀ ବନ୍ଧର ଭିତରପାର୍ଶ୍ୱରେ ୧୨ ଶହ ଏକର ଓ ୮ ଶହ ଏକର ଅଞ୍ଚଳରେ କେତେଜଣ ମତ୍ସଜୀବୀ ଦୀର୍ଘବର୍ଷ ଧରି ପୋଖରୀ ଖୋଳି ଚିଙ୍ଗୁଡି ଚାଷ କରୁଛନ୍ତି। ଫଳରେ ସମୁଦ୍ର ଜଳକୁ ଏହି କ୍ରିକ୍ ମାଧ୍ୟମରେ ଚିଙ୍ଗୁଡି ଚାଷୀମାନେ ଘେରିରେ ପାଣି ପୂରାଇଥାନ୍ତି। ପରବର୍ତ୍ତୀ ସମୟରେ ଚିଙ୍ଗୁଡି ଚାଷୀ ମାଛ ଧରିବା ପରେ ଏହି କ୍ରିକ ଦ୍ୱାରା ରାସାୟନିକ ଜଳ ନଦୀ ଓ ସମୁଦ୍ରକୁ ଛାଡ଼ିଥାନ୍ତି ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଲଘୁଚାପ ପ୍ରଭାବ ଓ ପୂର୍ଣ୍ଣିମା ଯୋଗୁ ସମୁଦ୍ର ଉଚ୍ଚ ଜୁଆର ପାଣି କୂଳ ଲଂଘିଛି। ଘାଇ



ଯୋଗୁ ଶତାଧିକ ଏକର ଚାଷ ଜମିରେ ବ୍ୟାପକ ପରିମାଣରେ ଧାନ ଫସଲ ଉଜୁଡ଼ି ଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଲୁଣା ଘେରି ବନ୍ଧରେ ଘାଇକୁ ବନ୍ଧାଇବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆଳିସ୍ଥିତ ଲୁଣାନଦୀ ତଟବନ୍ଧ ବିଭାଗ ନିର୍ବାହୀଯନ୍ତ୍ରୀ ସରୋଜ କୁମାର ମିଶ୍ରଙ୍କୁ ପଚାରିବାରେ ଯୁଦ୍ଧକାଳୀନ ଭିତ୍ତିରେ ଘେରି ବନ୍ଧ ଘାଇ ବନ୍ଧା ଯିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଆଉ ଜଣେ ଛାତ୍ରୀଙ୍କ ବୟାନ ରେକର୍ଡ

**ଭବାନୀପାଟଣା,୨୧।୧୧(ସ୍ୱ.ପ୍ର.):** କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ରାଜନୀତି ତୀବ୍ର ହେବାରେ ଲାଗିଛି। ଏପରିସ୍ଥଳେ ଏହି ଘଟଣାରେ ଆଉ ଜଣେ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। କୋର୍ଟରେ ୧୬୪ରେ ଛାତ୍ରୀଙ୍କ ବୟାନ ରେକର୍ଡ କରିଛି ପୋଲିସ। ଏହା ପୂର୍ବରୁ ୧୬୪ରେ ଜଣେ ଛାତ୍ରୀଙ୍କ ସମେତ ୧୦ଜଣଙ୍କ ବୟାନ ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷରେ ମମିତା ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସ୍କୁଲ ସଭାପତି ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ଏହି ଘଟଣାରେ ଛନ୍ଦି ହୋଇପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ବିରୋଧୀ ଅଟଳ ରହିଛନ୍ତି।


# classifieds Everyday

0674-2580101, 2549302




**SALE**

Verna-2017, SwiftDezire-2017, Automatic, Mahindra Bolero-2017, Corolla Breeza-2017. 7381091234, 9861194627. D-71736




**SALE**

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1, 2, 3 BHK Simplex / Duplex ଅଛି । 8327785834, 9658122456. D-71731

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71908

**BMC, RERA, SBI, approved 3BHK premium flats for sale at Surekha Orchid, Patia, ready to move within 3months. Price 1crore onwards. Contact: 9124000333/ 444/999.** D-71739

Gharabari land 1410sqft. at Jharapada, Bhubaneswar @ 3200/-sqft. for sale. Contact: 9438376959. D-71440

2BHK semi furnished ready to move flat (1100sqft. living area) Mahatab Road, Oldtown, Bhubaneswar. Contact: 8249142655, 9437177403. D-22300

Land for sale, 3330 sft sthitiban, immediate possession, 2 side road, excellent location, near SUM Hospital, Bhubaneswar. Call 9078981785. D-61934

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121.** D-71729

Land for sale at Gajapati Nagar Corner plot with boundary wall, Commercial type use, 120 decimal land (5227sqft.), budget: 10.5Cr. No negotiation and no broker. Contact: 8917520293. D-71905

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

**Bhubaneswar infocity-2 200ft. road side near Cancer Hospital ପାଖରେ sqft. 1300/- ପ୍ଲଟ୍ ମିଳୁଛି। 9337284117.** D-71741

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ ରଙ୍ଗୀନ ଟ୪୨୦/- ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




4000sqft. furnished lodging for rent in Ashok Nagar. Rent-2,00000. Call- 8260488269. D-70252

**Tolet 30,000 sqft. Warehouse/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211




Ashirvaad Saloon and SPA get good massage for your health tha best therapy. 7077181074. D-71823

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Take wellness realx massage ladies/ gents therapist @800/-. 7008773793. D-71438

Newly open SPA Offer price @ 599/-, positively health benefits. 8455987557. D-71442

Newly opened Sandhya SPA and massage centre Bhubaneswar join lady therapist. 7978441326. D-22274

Refreshing your mind and body with the best therapy. 7873794731. D-71907

Newly open full body massage ladies and gents. 8327740003. D-71822

Refreshing your mind, your body with tha best therapy at Lotus SPA. 8018891951. D-71820

Refreshments rejuvenation body massage therapy with experience therapists, Bhubaneswar. 9668374480. D-71904

**AFFIDAVIT**

By virtue of an affidavit sworn before the Notary public, Nuapada, I Santosh Kumar Meher, Khariar Road, Dist. Nuapada declare that I have changed my former name from Santosh Kumar Gode to Santosh Kumar Meher. Henceforth I shall be known as Santosh Kumar Meher for all purposes. Former name Santosh Kumar Gode. Present name Santosh Kumar Meher. Address: At. Khariar Road, Ward No.3, PS. Jonk, Dist. Nuapada, Odisha, Pin-766104. D-22346

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଏମ୍‌ଏସ୍‌ପି ଗ୍ୟାରେଣ୍ଟି ...

କାର୍ଯ୍ୟକାରୀ କରିବାକୁ ପଡ଼ିବ ବୋଲି ସରକାର ଜାଣିଗଲେଣି। ତେଣୁ ଆସନ୍ତା ୨୯ରେ ଆରମ୍ଭ ହେବାକୁ ଥିବା ଶୀତ ଅଧିବେଶନରେ ଏହା ଉପରେ ବିଧେୟକ ଆଣିବା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ଏହା ପୂର୍ବରୁ ୨୪ ତାରିଖରେ କେନ୍ଦ୍ର କ୍ୟାବିନେଟ ଏ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ଦେଇପାରେ ବୋଲି ଜଣାପଡ଼ିଛି। ସିଂଘୁ ସୀମାରେ ଆନ୍ଦୋଳନରତ କୃଷକମାନେ ରବିବାର ଏକ ବୈଠକ କରିଥିଲେ। ଏନେଇ ଏସ୍‌କେଏମ୍ ନେତା ବଲବୀର ସିଂ ରାଜେୱାଲ କହିଛନ୍ତି, କୃଷି ଆଇନ ଉଚ୍ଛେଦ ଉପରେ ଆମେ ଆଲୋଚନା କରିଛୁ। ଏନେଇ କେତେକ ନିଷ୍ପତ୍ତି ନିଆଯାଇଛି। ପୂର୍ବ ନିର୍ଦ୍ଧାରିତ ଯୋଜନା ମୁତାବକ ଆମେ ଆନ୍ଦୋଳନ ଜାରି ରଖିବୁ। ଏହାକୁ ଉଚ୍ଛେଦ କରାଯିବା ପରେ ହିଁ ଓହରିବୁ। ସୋମବାର ଲକ୍ଷ୍ନୌର ଇକୋ ଗାର୍ଡେନରେ କୃଷକମାନଙ୍କ ମହାପଞ୍ଚାୟତ ହେବ। ୨୬ ତାରିଖରେ ଦିଲ୍ଲୀର ୩ ସୀମାରେ ସମାବେଶ ହେବ। ୨୯ରେ ପାର୍ଲାମେଣ୍ଟକୁ ଟ୍ରାକ୍ଟର ମାର୍ଚ୍ଚ କରାଯିବ ବୋଲି ରାଜେୱାଲ ସ୍ପଷ୍ଟ କରିଛନ୍ତି। ସେହିପରି କୃଷକଙ୍କ ଦାବିଗୁଡ଼ିକୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯିବ। ସେଗୁଡ଼ିକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ଖୋଲାଚିଠି ପଠାଯିବ ବୋଲି ସିଂଘୁ ସୀମାରେ ଅନୁଷ୍ଠିତ ବୈଠକ ପରେ କେତେଜଣ ଚାଷୀ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୨୦ ଜୁନ୍ ୫ରେ କେନ୍ଦ୍ର ସରକାର ୩ କୃଷି ଅଧ୍ୟାଦେଶ ଆଣିଥିଲେ। ସେପ୍ଟେମ୍ବର ୧୪ରେ ଉକ୍ତ ବିଲ୍‌ଗୁଡ଼ିକୁ ପାର୍ଲାମେଣ୍ଟରେ ଆଗତ କରାଯାଇଥିଲା। ଏହା ୧୭ ତାରିଖରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ୨୦ରେ ରାଜ୍ୟ ସଭାରେ ପାରିତ ହୋଇଥିଲା। ଦେଶବ୍ୟାପୀ ବିଭିନ୍ନ ରାଜନୈତିକ ଦଳ ଓ କୃଷକ ସଙ୍ଗଠନ ଏହାକୁ ବିରୋଧ କରି ପ୍ରତ୍ୟାହାର ଦାବି କରିଥିବାବେଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେପ୍ଟେମ୍ବର ୨୭ରେ ୩ କୃଷି ଆଇନ ଉପରେ ମୋହର ଦେଇଥିଲେ। ଗତବର୍ଷ ନଭେମ୍ବରରୁ ପଞ୍ଜାବ, ହରିୟାଣା, ୟୁପି, ମଧ୍ୟପ୍ରଦେଶ ଓ ରାଜସ୍ଥାନ ସମେତ ଅନ୍ୟ ରାଜ୍ୟଗୁଡ଼ିକର କୃଷକମାନେ ଦିଲ୍ଲୀ ସୀମାରେ ଏହାର ପ୍ରତ୍ୟାହାର ଦାବିରେ ଅଡ଼ିବସିଥିବାବେଳେ ୨୦୨୧ ଜାନୁୟାରୀରେ ସୁପ୍ରିମକୋର୍ଟ ଉକ୍ତ ଆଇନ ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

## ସ୍ଥିତି ହରାଉଛି ....

୨୮.୫୫ଲକ୍ଷ ଟଙ୍କା ଥିବାବେଳେ ୨୦୧୮-୧୯ ବେଳକୁ ଏହା ୧୮.୮୯ ଲକ୍ଷ ଟଙ୍କାକୁ ଖସି ଆସିଥିଲା। ଏବେ ଯେଉଁ ଅନୁପାତରେ ବିକ୍ରି ହେବା କଥା ତାହା ହେଉ ନ ଥିବାରୁ ବୁଣାକାରଙ୍କ ମନ ମଧ୍ୟ ଭାଙ୍ଗିଯାଉଛି। ଗୋଟେ ପଟେ ବୁଣାକାରମାନେ ସରକାରଙ୍କୁ ଦୋଷାରୋପ କରୁଥିବାବେଳେ ଅନ୍ୟପଟେ ଏଥିପାଇଁ ବୁଣାକାରମାନେ ନିଜେ ଦାୟୀ ବୋଲି ହସ୍ତତନ୍ତ ବିଭାଗ ପକ୍ଷରୁ କୁହାଯାଉଛି। କଳାହାଣ୍ଡି ଜିଲାର ହାବସ୍‌ପୁରୀ ଗ୍ରାମରେ କନ୍ଧ ସମ୍ପ୍ରଦାୟର ବୁଣାକାରଙ୍କ ଦ୍ୱାରା ପ୍ରଥମକରି ଏହି ଶାଢ଼ି ବୁଣାଯାଇଥିଲା। ଗାଁର ନାମ ଅନୁଯାୟୀ ଶାଢ଼ିର ନାମକରଣ ହାବସପୁରୀ ହୋଇଥିଲା। ତେବେ ଏବେ ସେହି ଗାଁରେ ଆଉ ଏହି ଶାଢ଼ି ବୁଣା ହେଉନାହିଁ। ସମୟ ବଦଳିବା ସହିତ ବୁଣାକାରଙ୍କ ମନରେ ଆଉ ଏଥିପ୍ରତି ଆଗ୍ରହ ନାହିଁ। ଏହାକୁ ଜୀବିକା କରିବା ଅପେକ୍ଷା ଚାଷ, ନିର୍ମାଣ କାର୍ଯ୍ୟ, କ୍ଷୁଦ୍ର ବ୍ୟବସାୟ ଓ ଦାଦନ ଖଟିବାକୁ ବାହାରକୁ ଯିବାକୁ ଯୁବପିଢ଼ି ଅଧିକ ପସନ୍ଦ କରୁଛନ୍ତି। ଜିଲାର ଚିଚେଇଗୁଡା ଓ ଅନ୍ୟ ତେତେକ ଗ୍ରାମରେ କେତେଜଣ ବୁଣାକାର ଏବେ ଏହି ହସ୍ତତନ୍ତକୁ ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା କରୁଛନ୍ତି। ସେମାନଙ୍କ ପରେ ଏହି କଳା ସମ୍ପୂର୍ଣ୍ଣ ବୁଡ଼ିଯିବ ବୋଲି ଆଶଙ୍କା କରାଯାଉଛି। ବୁଣାକାର ଜଳନ୍ଧର ମେହେର କୁହନ୍ତି, ରାଜ୍ୟ ତଥା ବାହାରେ ହାବସପୁରୀ ଶାଢ଼ିର ଚାହିଦା ରହିଛି। ବଜାର, ସରକାରୀ ପ୍ରୋତ୍ସାହନ ନ ଥିବାରୁ ଉଚିତ ପ୍ରାପ୍ୟ ମିଳିପାରୁନି। ଯୁବପିଢ଼ି ମଧ୍ୟ ଏଥିପ୍ରତି ମନ ବଳାଉ ନାହାନ୍ତି। ଗାଁରେ ପ୍ରାୟ ୬ରୁ ୭ଟି ପରିବାର ଏବେ ଶାଢ଼ି ବୁଣୁଛନ୍ତି। ଗୋଟିଏ ଶାଢ଼ି ବୁଣିବାକୁ ପ୍ରାୟ ୪ରୁ ୫ଦିନ ଲାଗୁଛି। ସରକାରୀ ସ୍ତରରେ ବିକ୍ରିବଟା ପାଇଁ ବ୍ୟବସ୍ଥା ନ ଥିବାରୁ ନିଜ ଚେଷ୍ଟାରେ ମୁଁ ଶାଢ଼ି ବିକ୍ରି କରୁଛି। ତେବେ ଫ୍ୟାଶନ ଡିଜାଇନର ସୁଜିତ ମେହେରା 'ହାବସ୍‌ପୁରୀ'ର ପ୍ରଚାର ଓ ପ୍ରସାର ପାଇଁ ଅଣ୍ଟା ଭିଡିଛନ୍ତି। ସେ କୁହନ୍ତି, କଳାହାଣ୍ଡିର ଏହା ବହୁ ପୁରାତନ କଳା। ସମ୍ବଲପୁରୀ ବସ୍ତ୍ରକୁ ଯେପରି ମଡର୍ନ ଲୁକ୍ ଦେଇ ବିଭିନ୍ନ ଫ୍ୟାଶନ ଶୋ'ରେ ପ୍ରଦର୍ଶନ କରାଯାଉଛି, ହାବସପୁରୀକୁ ମଧ୍ୟ ସେପରି ବିଶ୍ୱ ବଜାରରେ ବ୍ରାଣ୍ଡିଂ କରାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଗୌରବରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେବ। ପ୍ରଶିକ୍ଷିତ ବୁଣାକାରଙ୍କୁ ଡାକି ନୂତନ ବୁଣାକାରଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଯୋଜନା କରିଛି। ଖୁବ୍‌ଶୀଘ୍ର ୨/୩ଟି ସଂସ୍ଥା ସହିତ ମିଶି ସରକାରଙ୍କ ନିକଟରେ ଏ ନେଇ ପ୍ରସ୍ତାବ ରଖିବି। କଳାହାଣ୍ଡିରେ ଏକ ୱାର୍କଶପ୍ ମଧ୍ୟ କରିବାକୁ ଚେଷ୍ଟା କରୁଛି। ହାବସ୍‌ପୁରୀକୁ କିପରି ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଯାଇପାରିବ ଓ ଏହାର ସ୍ୱତନ୍ତ୍ରତା ବଢ଼ିବ ସେଥିପାଇଁ କାମ କରିବି।

ଅନ୍ୟପକ୍ଷରେ ରାଜ୍ୟ ବୟନଶିଳ୍ପ ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଇନ୍ଦ୍ରମଣି କହିଛନ୍ତି, ହାବସ୍‌ପୁରୀର ମାର୍କେଟିଂ ଭଲ ଅଛି। ମାତ୍ର ନୂଆ ବୁଣାକାରମାନେ ଏଥିପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଯେତିକି ବୁଣା ହେଉଛି ତାହା ବିକ୍ରି ହେଉଛି। ବୟନଶିଳ୍ପ ଏବଂ ହସ୍ତତନ୍ତ ବିଭାଗ ପକ୍ଷରୁ ଚିଚେଇଗୁଡା, ଜୁନାଗଡ, ନେହେରୁନଗର ଆଦି ଅଞ୍ଚଳରେ ବହୁବାର ପ୍ରଶିକ୍ଷଣ ଶିବିର ହୋଇଥିଲେ ମଧ୍ୟ ଲୋକେ ଆସୁ ନାହାନ୍ତି। ଷ୍ଟାଇପେଣ୍ଡ୍ ନେଇ ଘରେ ବସୁଛନ୍ତି। ରାଜ୍ୟ ସରକାରଙ୍କ ସଂସ୍ଥା ବୟନିକା ଏହି ଶାଢ଼ି ନେବାକୁ ଆଗ୍ରହୀ। ମାତ୍ର ମାର୍କେଟରେ ଶାଢ଼ି ନାହିଁ। ସେହିପରି ଅନ୍‌ଲାଇନ ମାଧ୍ୟମରେ ମଧ୍ୟ ଜଣେ ଏହି ଶାଢି କିଣି ପାରିବ। ତେବେ ଲୋକମାନେ ନିଜର କୌଳିକ ବୃତ୍ତିକୁ ଛାଡି ଦାଦନ ଖଟିବାକୁ ଯାଉଛନ୍ତି। ଲୋକମାନେ କେବଳ ଅଭିଯୋଗ କଲେ ହେବ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଦୀର୍ଘ ଦିନ ହେଲା ପରସ୍ପର ପଢୁନଥିବା ପୁଅ-ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିବ। ଧାର ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହ ସ୍ନେହ ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ ପରସ୍ପରକୁ ସନ୍ଦେହ କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ବୃଷ**



ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପଡ଼ିବେ। ସଭାସମିତି, ଆଲୋଚନା, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କିଛିଟା ଶ୍ରମ ସ୍ୱୀକାର କରିପାରିଲେ ଅବଶ୍ୟ ସଫଳତା ପାଇବେ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ**



କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନ୍ୟମନସ୍କ ରହିପାରନ୍ତି। କୌଣସି ଜିନିଷ ଦେବା ନେବାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟି ହେବ। ସମ୍ପର୍କୀୟଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ**



ପଡ଼ୋଶୀଙ୍କ ସାହାଯ୍ୟରେ ପାରିବାରିକ ଶୃଙ୍ଖଳା ବଜାୟ ରଖିବେ। ଗୃହ, ଯାନବାହନ ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ପାରସ୍ପରିକ ମତଭେଦ କାରଣରୁ ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ଏହା ସହ ବ୍ୟବସାୟରେ ଲାଭବାନ୍ ହେବେ।

**ସିଂହ**



ପରିବାର ଭିତରେ ସାଧାରଣ କଥାରୁ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି। କୌଣସି ସାଙ୍ଗଠନିକ କାମ, ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା**



ମିତ୍ରମାନେ ପରୋକ୍ଷ ଶତ୍ରୁତା ଆଚରଣର ସୂଚନା ପାଇବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ପ୍ଲଟିଂ କାରବାରରେ ମତାନ୍ତର ଦେଖାଦେଇପାରେ। ବନ୍ଧୁମାନେ ଅସହଯୋଗ କରିବା ଫଳରେ ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ। ଆଜି ଅଫିସ୍ କାମରୁ କ୍ଳାନ୍ତି ଅନୁଭବ କରିପାରନ୍ତି।

**ତୁଳା**



କର୍ମକ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ରହିବେ। ଅଫିସରେ ଫାଇଲ୍ କାମକୁ ନେଇ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟ, ପରିବହନ, ପ୍ଲଟିଂ କାରବାର, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା**



ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ୍ ଜିନିଷ ଆଣିପାରନ୍ତି। ମାଲି ମକଦ୍ଦମାରେ ସ୍ଥିତି ଅନୁକୂଳ ରହିବା କାରଣରୁ ସାମୟିକ ଖୁସି ହେବେ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ପିଲାମାନଙ୍କ ସକାଶେ ଅନ୍ତର୍ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିପାରନ୍ତି।

**ଧନୁ**



କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ନୂତନ କର୍ମସଂସ୍ଥାନ ପାଇଁ କିମ୍ବା ସ୍ଥାନାନ୍ତର ସକାଶେ ମନ ବଳିବ।

**ମକର**



ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବିଳମ୍ବରେ ହେଲେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ ଏବଂ ଏଥିପାଇଁ ବହୁତ କଷ୍ଟସ୍ୱୀକାର କରିବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ**



ଯାହା ଚିନ୍ତା କରୁଛନ୍ତି, ତାହା ସହଜରେ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ନିଜର ଉପରିସ୍ଥ ଅଫିସର କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ**



କର୍ମ କ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ନୀଚ ବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବହୁତ ପରିଶ୍ରମ ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଯୁବକ ମୃତ

**ବାରିପଦା ଅଫିସ,୨୧।୧୧:** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଖଡମବେଡା ପଞ୍ଚାୟତ ପାଲିସିଡିହି ଗ୍ରାମର କୃଷ୍ଣ ମୁଣ୍ଡା(୨୫)ଙ୍କର ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ବାଘୁଆ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବୋଲେରୋ ଓଲଟି ଚାଳକ ମୃତ

କୁତ୍ରା, ୨୧।୧୧(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରାର ୧୦ ନଂ. ରାଜ୍ୟ ରାଜପଥରେ ରବିବାର ଏକ ବୋଲେରୋ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବୋଲେରୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆଗାଁ ଗ୍ରାମର ହୀରାଧର ସିଂ(୪୦)। ଏହି ଦୁର୍ଘଟଣାରେ ୩ଜଣ ଆହତ ହୋଇ କୁତ୍ରା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ସନ୍ଧ୍ୟାରେ ହୀରାଧର କୁତ୍ରାରୁ ଯାତ୍ରୀ ନେଇ ନୂଆଗାଁ ଯାଉଥିବା ବେଳେ ଗାଡି ଭାରସାମ୍ୟ ହରାଇ ପ୍ରାୟ ୨୦ ଫୁଟ ତଳକୁ ଓଲଟି ପଡିଥିଲା। ଏଥିରେ ହୀରାଧରଙ୍କ ସ୍ତ୍ରୀ ଶକୁନ୍ତଳା ସିଂ, ଦୟମନ୍ତୀ ସିଂ ଓ ତାଙ୍କ ପୁତ୍ର ପ୍ରବୀଣ ସିଂ ଆହତ ହୋଇଥିଲେ। ସ୍ଥାନୀୟ ଯୁବଗୋଷ୍ଠୀ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ୫୦ ବର୍ଷ ହେବ ଜଙ୍ଗଲ ଜଗୁଛନ୍ତି ଗ୍ରାମବାସୀ

ଉମରକୋଟ, ୨୧।୧୧(ସ୍ୱ.ପ୍ର.)



ଗ୍ରାମବାସୀ ବନ ବିଭାଗ ସହାୟତାରେ ଗଛ ଲଗାଉଛନ୍ତି ।

- ୧୦ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇଛି ବନ ବିଭାଗ
- ବର୍ଷା ପାଣି ସଂରକ୍ଷଣ ବ୍ୟବସ୍ଥା ମଧ କରାଯାଇଛି

ଆଧୁନିକ ଯୁଗରେ ନିଜର କାୟା ଓ ଆଧିପତ୍ୟ ବିସ୍ତାର ପାଇଁ ପରିବେଶ ସନ୍ତୁଳନକୁ ଅଣଦେଖା କରି ଜଙ୍ଗଲ ନଷ୍ଟ କରିବାକୁ କୁଣ୍ଠାବୋଧ କରୁନାହାନ୍ତି ଲୋକେ। କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ମଧ ରହିଛି ଜଙ୍ଗଲ ଉପରେ। ଏଣୁ ଦିନକୁ ଦିନ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ନବରଙ୍ଗପୁର ଜିଲା ଉମରକୋଟ ବନ ବିଭାଗ ସରକାରଙ୍କ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶ ସନ୍ତୁଳନ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଲୋକଙ୍କ ସୁବିଧା ଓ ସୁସ୍ଥ ପରିବେଶ ପାଇଁ ବନ ବିଭାଗ ଗଛ ଲଗାଉଛି। ସ୍ଥାନୀୟ ଗ୍ରାମବାସୀ ଉକ୍ତ ଜଙ୍ଗଲକୁ ପାଳି କରି ସୁରକ୍ଷା ଯୋଗାଇ ଆସୁଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବନଖଣ୍ଡ ଅଧୀନରେ ବେହେଡ଼ା ସଂରକ୍ଷିତ ଜଙ୍ଗଲ ରହିଛି। ତା' ମଧ୍ୟରେ ସିରାଗୁଡା ଗ୍ରାମକୁ ଲାଗି ପ୍ରାୟ ୫୦ ହେକ୍ଟର ଜଙ୍ଗଲ ରହିଛି। ସିରାଗୁଡା ଗ୍ରାମବାସୀ ଏହି ଜଙ୍ଗଲକୁ ପ୍ରାୟ ୫୦ବର୍ଷ ହେବ ପାଳି କରି ସୁରକ୍ଷା ଦେଇ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉମରକୋଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପ୍ରୋତ୍ସାହନରେ ଗ୍ରାମବାସୀଙ୍କୁ ନେଇ ଏକ ବନ ସୁରକ୍ଷା କମିଟି ଗତବର୍ଷ ନଭେମ୍ବର ୧୦ରେ ଗଠନ କରାଯାଇଛି। ଏହି କମିଟି ୫୦ ହେକ୍ଟର ମଧ୍ୟରୁ ୬ ରୁ ୭ ହେକ୍ଟର ଖାଲି ପଡ଼ିଥିବା ଜାଗାରେ ସିରାଗୁଡା ବନ ସୁରକ୍ଷା ସମିତି ଓ ଗ୍ରାମ୍ୟ ବିକାଶ ସଙ୍ଗଠନ ସହାୟତାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇ ନୂତନ ଜଙ୍ଗଲ ସୃଷ୍ଟି କରିଛି। ବର୍ଷା ପାଣିକୁ କିପରି ସଂରକ୍ଷଣ କରାଯିବ ତାହାର ବ୍ୟବସ୍ଥା ମଧ କରାଯାଇଛି। ଏହାଦ୍ୱାରା ଗ୍ରାମର କେତେକ ଲୋକ ମଧ ରୋଜଗାରକ୍ଷମ ହୋଇପାରିଛନ୍ତି। ଦିନକୁ ଦିନ ବିଭିନ୍ନ କାରଣରୁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହି ଯୋଜନାରେ ସରକାର ଅର୍ଥ ଅନୁଦାନ କରିଥିବା ବେଳେ ଗ୍ରାମ୍ୟ ବିକାଶ ସଂଗଠନ ସହାୟତା କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ୨୦୨୧-୨୨ ଆର୍ଥିକ ବର୍ଷରେ ୩,୪୨,୬୫୦ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦେଇଛନ୍ତି ଉମରକୋଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ। ଏଥିସହ ରତନଗୁଡା, ମୁଦିଗୁଡା ଗ୍ରାମରେ ମଧ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରାଯାଇଥିବା ସେ କହିଛନ୍ତି। ବନ ବିଭାଗ ପକ୍ଷରୁ ଲୋକଙ୍କ ଜୀବନ ଜୀବିକା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇ ଲୋକଙ୍କୁ କର୍ମ ଯୋଗାଣ ପାଇଁ ଚେଷ୍ଟା ଚାଲିଛି ବୋଲି କହିଛନ୍ତି ଉମରକୋଟ ବନଖଣ୍ଡ ଅଧିକାରୀ।

## ହାତୀ ଆକ୍ରମଣରେ ଯୁବକ ମୃତ

**ବାଲିଶଙ୍କରା,୨୧।୧୧(ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ରଷ୍ଟି ଗ୍ରାମରେ ରବିବାର ସକାଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ମୁରଲୀ ଖଡିଆ (୪୨)। ସେ ଶୌଚ ହେବାକୁ ଯାଇଥିବା ବେଳେ ଜଙ୍ଗଲି ହାତୀ ହାବୁଡରେ ପଡି ଯାଇଥିଲେ। ହାତୀଟି ଯୁବକଙ୍କୁ କଚାଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସୂଚନାଯୋଗ୍ୟ, କିଞ୍ଜିରିକେଲା ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଥିବା ବେଳେ ଗତ କିଛିଦିନ ତଳେ ରାଏଡିହି ଗ୍ରାମର ସନାତନ ନାଏକ ନାମକ ଜଣେ ଯୁବକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି।

## ପ୍ରସାଦ ଖାଇ ୧୮ ନାବାଳକ ଅସୁସ୍ଥ

ଲହୁଣୀପଡ଼ା,୨୧।୧୧(ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡ଼ ପୁରୁଣାପଣି ପଞ୍ଚାୟତ କପଣ୍ଡ ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଭିନ୍ନ ଭିନ୍ନ ସ୍ଥାନରେ ଅନ୍ନପ୍ରସାଦ ଖାଇ ୧୮ଜଣ ନାବାଳକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। କାର୍ତ୍ତିକ ପୂର୍ଣ୍ଣମୀରେ କପଣ୍ଡ ଗ୍ରାମର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ପରେ ଲୋକମାନେ ଅନ୍ନପ୍ରସାଦ ସେବନ କରିଥିଲେ। ଏଥିରୁ ବଳି ପଡିବାରୁ ପରଦିନ ତାକୁ ଖାଇବା ପରେ ରବିବାର ୧୮ଜଣ ନାବାଳକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ପଡ଼ିଥିଲେ।

# ଆଜି ଆର୍‌ସିଏସ୍ ଉଡାନ ଯୋଜନା ଲୋକାର୍ପଣ କରିବେ କେନ୍ଦ୍ରମନ୍ତ୍ରୀ

**ଝାରସୁଗୁଡ଼ା ଅଫିସ,୨୧।୧୧**



ଉଡାନ ଉତ୍ସବ ପାଇଁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ସଜ୍ଜିତ କରାଯାଇଛି।

ଦେଶର ବିଭିନ୍ନ ବିମାନବନ୍ଦରରୁ ରିଜିଓନାଲ କମ୍ୟୁନିକେଶନ ସ୍କିମ୍ (ଆର୍‌ସିଏସ୍)ଉଡାନ ଯୋଜନାରେ ନୂଆ ରୁଟ୍‌ରେ ବିମାନ ସେବା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରକୁ ନୋଡାଲ ବିମାନବନ୍ଦର ଭାବେ ଗ୍ରହଣ କରାଯାଇ ଏଠାରେ ସୋମବାର ରାଷ୍ଟ୍ରୀୟ ସ୍ତରୀୟ ଉଡାନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂହ, ସଚିବ ରାଜୀବ ବଂଶଲ, ଯୁଗ୍ମସଚିବ ଉଷା ପାଢ଼ୀ, ଭାରତୀୟ ବିମାନସେବା ପ୍ରାଧିକରଣ ଅଧ୍ୟକ୍ଷ ସଞ୍ଜୀବ କୁମାର, ରାଜ୍ୟ ବାଣିଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ଦେଶର ଶ୍ରେଷ୍ଠ ବିମାନବନ୍ଦର ଓ ଏୟାରଲାଇନ୍ସକୁ ସମ୍ବର୍ଦ୍ଧିତ କରାଯିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡ଼ିଛି। ଏଥିପାଇଁ ବିମାନବନ୍ଦର ପରିସରରେ ଓଡ଼ିଶାର କଳା ସଂସ୍କୃତି ଓ ଐତିହ୍ୟକୁ ନେଇ ବିଭିନ୍ନ ଚିତ୍ରକଳା ପ୍ରଦର୍ଶନ ଆୟୋଜନ ହୋଇଛି। ଏ ନେଇ ବିମାନବନ୍ଦର କର୍ତ୍ତୃପକ୍ଷ ୧ ସପ୍ତାହ ହେଲା ଏହାର ସୌନ୍ଦର୍ଯ୍ୟକରଣ କରିବାରେ ଲାଗି ପଡ଼ିଛନ୍ତି। ଏହି କାର୍ଯ୍ୟକ୍ରମ ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ଭିଏସ୍‌ଏସ୍ ବିମାନବନ୍ଦର ଚଳଚଞ୍ଚଳ ହୋଇଉଠିଛି। ସୂଚନାଯୋଗ୍ୟ, ଉଡାନ ଉତ୍ସବରେ ଦେଶର ଅନ୍ୟାନ୍ୟ ବିମାନବନ୍ଦରରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

**Government of Odisha**
**Higher Education Department**

**e-Admission Timeline for Phase-II (+3 Degree) Admission into Universities / Colleges coming under Higher Education Department for the Session 2021-22**

No.N-42:- Timeline for Phase-II (+3 Degree) Admission in Universities/ Colleges of the State under project Student Academic Management System (SAMS) is given below. In the process, the applicants have to fill up the options available in Common Application Form (CAF) for Phase-II admission. **Call Sanjog Helpline Toll Free Number (155335 and 1800-345-6770)** for any further assistance. Any changes to the timelines will be published in the newspapers & www.dhe.odisha.gov.in and www.samsodisha.gov.in.

| Sl# | Activites | Timeline |
|---|---|---|
| 1) | Availability of online Common Application Form (CAF) in the **website www.samsodisha.gov.in** | 23rd Nov.-2021 (11.00 A.M.) |
| 2) | Last date of applying online CAF through **www.samsodisha.gov.in** | 28th Nov.-2021 (11.45 P.M.) |
| 3) | Publication of First Merit List in SAMS Portal | 3rd Dec.-2021 (02.00 P.M.) |
| 4) | Online deposit of admission fees for First Merit List applicants and downloading of Intimation Letter by Login to SAMS [Student] account | 3rd Dec.-2021 (05.00 P.M. onwards) to 6th Dec.- 2021 (11.45 P.M.) |
| 5) | Reporting of Applicants at allotted institutions for taking admission | 4th Dec.- 2021 to 7th Dec.- 2021 (5.00 P.M.) (Except Sunday) |
| 6) | Error Correction & Data updation of admitted students of First merit list | 4th Dec.- 2021 to 7th Dec- 2021 (7.00 P.M.) |
| 7) | Publication of Second Merit List | 10th Dec.- 2021 (02.00 P.M.) |
| 8) | Online deposit of admission fees for Second Merit list applicants and downloading of Intimation Letter by login to SAMS [Student] account | 10th Dec.-2021 (05.00 P.M. onwards) to 13th Dec.- 2021 (11.45 P.M.) |
| 9) | Reporting of Second Merit List applicants at allotted institutions for taking admission | 11th Dec.- 2021 to 14th Dec.-2021 (05.00 P.M.) (Except Sunday) |
| 10) | Error Correction & Data updation of admitted students of Second Merit List in e-Space by HEIs | 11th Dec.-2021 to 14th Dec.-2021 (05.00 P.M.) |
| 11) | Publication of vacant seats in SAMS website | 15th Dec.- 2021 (02.00 P.M.) |
| 12) | Publication of waitlisted applicants in HEIs e-Space (Five times the actual vacancy) for selecting and admitting them at HEIs level *(NOTE: Waitlisted applicants* ***will be intimated through SAMS Login as well as by SMS)*** | 15th Dec.- 2021 (05.00 P.M.) |
| 13) | Reporting of waitlisted applicants in respective HEIs | 16th Dec.- 2021 (10.00 A.M. to 18th Dec.- 2021 (02.00 P.M.) |
| 14) | Selection and publication of selected applicants name from the reported applicants in HEIs notice board and updation of the same in HEIs e-Space | 18th Dec.- 2021 (03.00 P.M. to 05.00 P.M.) |
| 15) | Reflecting the selected Applicant's option/s in the Applicant's Login after updation made by the respective HEIs in their e-Space | 20th Dec.-2021 (02.00 P.M.) |
| 16) | **Choice Locking:** If a selected Applicant got multiple choices/ options, S/he has to choose only one selected option for taking Admission | 20th Dec.-2021 (02.00 P.M.) to 22nd Dec.- 2021 (05.00 P.M.) |
| 17) | Document verification & Admission of the selected Applicants | 21st Dec.-2021 to 23rd Dec.-2021 (05.00 P.M.) |
| 18) | Final data updation in the e-space of respective HEIs | Upto 24th Dec.-2021 (05.00 P.M.) |

**For more details please contact e-Admission Helpline (Toll free) Number 155335/1800-345-6770**

The Applicants are requested to follow the guideline thoroughly issued by Higher Education Department before filling the CAF for Phase-II (+3) Admission. The same has been uploaded in the SAMS website.

OIPR-11001/11/0024/2122 **Sd./- Deputy Director**

# ଜଳରେ ଗଲା ୬ ଜୀବନ

## ୨ ପୁଅଙ୍କ ଆଗରେ ଚାଲିଗଲେ ବାପା



ଅଗ୍ନିଶମ କର୍ମଚାରୀମାନେ ପୋଖରୀରେ ହରିଙ୍କୁ ଖୋଜାଖୋଜି କରୁଛନ୍ତି।

**କୋରାପୁଟ,୨୧।୧୧(ସ୍ୱ.ପ୍ର.)**

ଦୁଇପୁଅଙ୍କ ଆଖି ସାମନାରେ ବାପା ପୋଖରୀରେ ବୁଡ଼ିଯାଇ ମୃତ୍ୟୁ ଘଟିବା ପରି ହୃଦୟ ବିଦାରକ ଘଟଣା ଘଟିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ଖବରରୁ ଜଣାପଡିଛି, ବ୍ଲକର ପାଇକଫୁଲବେଡା ପଞ୍ଚାୟତ ଚାକିଲ ଗ୍ରାମର ଲବ ଗୌଡଙ୍କ ପୁଅ ହରି ଗୌଡ (୩୨) । ରବିବାର ମଧ୍ୟାହ୍ନରେ ଜମିରେ ଧାନ ଅମଳ କରିବା ପରେ ନିଜର ଦୁଇ ଛୋଟ ପୁଅଙ୍କୁ ଧରି ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ଦୁଇ ପୁଅଙ୍କୁ ଗାଧୋଇ କୂଳରେ ବସାଇ ପରେ ହରି ଗାଧୋଇବା ପାଇଁ ଯାଇଥିଲେ। ତେବେ ତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡିଯାଇଥିଲେ । ସେମାନଙ୍କ ଆଗରେ ବାପା ପୋଖରୀରେ ବୁଡିଯାଇଥିବାରୁ ପିଲାମାନେ ଏହା ଦେଖି କାନ୍ଦିଥିଲେ। ସେହି ସମୟରେ ପୋଖରୀରେ ଅନ୍ୟ କେହି ନ ଥିଲେ। ପିଲା ଦୁହିଁଙ୍କ କାନ୍ଦ ଶୁଣି ସେମାନଙ୍କ ନିକଟରେ କେତେ ଜଣ ପହଞ୍ଚି ସେମାନଙ୍କୁ ଏ ବିଷୟରେ ପଚାରିଥିଲେ। ବାପା ପୋଖରୀରେ ଗାଧୋଉଥିବା ବେଳେ ବୁଡିଯାଇଥିବା ଉଭୟେ ପ୍ରକାଶ କରିଥିଲେ । ପରେ ଗ୍ରାମବାସୀ କୋରାପୁଟ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେବାରୁ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପୋଖରୀରେ ଖୋଜାଖୋଜି କରି ହରିଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଯୋରରେ ବୁଡ଼ି ଗଲେ ୨ ଶିଶୁ

**ଡେରାବିଶ,୨୧।୧୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଯଆଁରାବାରିମୂଳ ଗାଁରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଘର ନିକଟ ଏକ ଯୋରରେ ବୁଡ଼ି ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ଗାଁର ବିପିନ ମଲ୍ଲିକଙ୍କ ଦୁଇଝିଅ ଶୁଭସ୍ମିତା(୩) ଓ ମଧୁସ୍ମିତା(୨) ଘର ପାଖରେ ଥିବା ଯୋରରେ କାର୍ତ୍ତିକ ପୂର୍ଣ୍ଣିମାରେ ଭସା ଯାଇଥିବା କାଗଜ ଡଙ୍ଗାକୁ ଆଣିବାକୁ ଭିତରକୁ ପଶି ଯାଇଥିଲେ। ଫଳରେ ଶିଶୁକନ୍ୟା ଦ୍ୱୟ ପାଣିରେ ବୁଡ଼ିଯାଇଥିଲେ। କିଛି ସମୟ ପରେ ଦୁଇ ଭଉଣୀଙ୍କୁ ପରିବାର ଲୋକ ନ ପାଇ ଖୋଜାଖୋଜି କରିଥିଲେ। ବହୁ ଖୋଜାଖୋଜି କରିବା ପରେ ୨ ଭଉଣୀ ଯୋର ଭିତର ପାଣିରେ ଭାସୁଥିବା ଦେଖି ପଡ଼ୋଶୀ ଯୁବକମାନେ ପାଣିରୁ ଉଦ୍ଧାର କରିଥିଲେ। ଶିଶୁକନ୍ୟା ଦ୍ୱୟଙ୍କୁ ରଜତ ବଳ ସ୍ଥାନୀୟ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ବିପିନ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ସଦର ଥାନାରେ ଅପମୃତ୍ୟୁ ମାମଲା (ନଂ.୩୦/୨୧) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପୋଲିସ ପଠାଇଥିଲା। ବ୍ୟବଚ୍ଛେଦ ପରେ ଦୁଇ ଝିଅଙ୍କ ମୃତଦେହକୁ ପୋଲିସ ବିପିନଙ୍କୁ ହସ୍ତାନ୍ତର କରିଛି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବରପାଇ ଡେରାବିଶ ତହସିଲଦାର ନମିତା ବାରିକଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷିକା ସ୍ୱାଗତିକା ମଲ୍ଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

## ଶିବଗଙ୍ଗାରେ ପ୍ରାଣ ହରାଇଲେ ଶିଶୁ

**ଆରଡ଼ି, ୨୧।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠ ପରିସରରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ପଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ଗଣେଶ ପାଢ଼ୀ(୬) ଓ ସାଇ ପାଢ଼ୀ(୪) ଏହି ପୁଷ୍କରିଣୀରେ ସୋଲ ଡଙ୍ଗା ଭସାଉଥିବା ବେଳେ ପଡ଼ିଯାଇଥିଲେ। ସ୍ଥାନୀୟ ଅଧିବାସୀ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ସାଇଙ୍କ ମୃତ୍ୟୁ ଘଟିଥିବା ବେଳେ ଗଣେଶ ଚିକିତ୍ସାଧୀନ ଅଛନ୍ତି।

## ସମୁଦ୍ରରେ ବୁଡ଼ିଗଲେ

**ପାରଳାଖେମୁଣ୍ଡି,୨୧।୧୧(ଡି.ଏନ୍.ଏ.)**

ପିକ୍‌ନିକ ମନାଇବାକୁ ଯାଇ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିୟନ ୟୁନିଭର୍ସିଟିର ଜଣେ ଛାତ୍ରଙ୍କ ରବିବାର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବ୍ରହ୍ମପୁରର ଶେଖର କୁମାର ବେହେରା। ଗୁରୁତର ଜଣେ ଛାତ୍ରୀ ଓ ଅନ୍ୟ ଜଣେ ମୁକ୍ତିକାନ୍ତ ବେହେରାଙ୍କୁ ଶ୍ରୀକାକୁଳମସ୍ଥିତ ଟେକାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିୟନ ୟୁନିଭର୍ସିଟିର ୬୦ ବିଦ୍ୟାର୍ଥୀ ଏକ ବସ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ବାମନପାଡୁ ବିଚ୍‌କୁ ପିକ୍‌ନିକ ପାଇଁ ଯାଇଥିଲେ। ପ୍ରାୟ ୪୦ ଜଣ ବିଦ୍ୟାର୍ଥୀ ଗାଧୋଇବା ପାଇଁ ସମୁଦ୍ରକୁ ଯାଇଥିଲେ। ହଠାତ୍ ଗୋଟିଏ ବଡ଼ ଲହଡ଼ିରେ ୫ ଜଣ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ମାଛଧରାଳିମାନେ ୪ ଜଣକୁ ଉଦ୍ଧାର କରିଥିବା ବେଳେ ଶେଖର ଭାସି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସମସ୍ତ ଗୁରୁତରଙ୍କୁ ଶ୍ରୀକାକୁଲମ ସ୍ଥିତ ଟେକାଲି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଟେକାଲି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ପୋଖରୀରେ ଜଣଙ୍କ ଜୀବନ ଗଲା

**ପଡିଆ,୨୧।୧୧ (ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ଥାନା ଉଣ୍ଡୁରକୋଣ୍ଡା ପଞ୍ଚାୟତ ପଡଗାନପଲ୍ଲି ଗ୍ରାମରେ ପାଣିରେ ବୁଡି ରବିବାର ଜଣେ ଦେଢବର୍ଷର ଶିଶୁକନ୍ୟାର ମୃତ୍ୟୁ ହୋଇଛି। ସେ ଗ୍ରାମର କାନା ମାଡକାମୀଙ୍କ ଝିଅ ରାମେ ବୋଲି ଜଣାପଡିଛି। ମାଆ ଯୋଗୀ ଏବଂ ବାପା କାନା ବଡଝିଅ ପାଏଲ ପାଖରେ ଦୁଇ ଯାଆଁଳା ଝିଅ ରାମେ ଏବଂ ଲକେଙ୍କୁ ଛାଡି ଜମିକୁ ଚାଲି ଯାଇଥିଲେ। ଏହି ସମୟରେ ପାଏଲ ଦୁଇ ଭଉଣୀଙ୍କୁ ନେଇ ଘର ପାଖରେ ଗାଁ ପିଲାଙ୍କ ସହ ଖେଳୁଥିଲେ। ତେବେ ଘର ନିକଟରେ ଥିବା ପୋଖରୀକୁ ରାମେ କେତେବେଳେ ଚାଲି ଯାଇଥିଲେ ତାହା ପାଏଲ ଏବଂ ଖେଳୁଥିବା ଅନ୍ୟ ପିଲାମାନେ ଜାଣିପାରି ନ ଥିଲେ। ମାଆବାପା ଅପରାହ୍ନ ୫ଟାରେ ଘରକୁ ଫେରି ରାମେଙ୍କୁ ଖୋଜି ପାଇ ନ ଥିଲେ। ଗ୍ରାମବାସୀ ଏବଂ ପରିବାର ଲୋକେ ବହୁ ଖୋଜାଖୋଜି ପରେ ପୋଖରୀରେ ରାମେ ଭାସୁଥିବା ଦେଖି ଉଦ୍ଧାର କରି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**PANCHAYAT RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE SUPRINTENDING ENGINEER, RWS&S DIVISION, Nabarangpur**
**Tel.- (06858) 222643, E-Mail: eerwss_ngp@rediffmail.com/ eerwssngp@gmail.com**
**INVITATION FOR BIDS**
**No.:RWSS_NGP_ONLINE_05/2021-22 DATED: 17.11.2021**

No.O-963:- The Executive Engineer RWS&S Division, Nabarangpur on behalf of Govt. of Odisha invites item rate / percentage bid through e-procurement in double cover system according to norm of e-procurement system in online mode.

1. Name of works : As mentioned in Table 'A' which includes construction of different capacity ESR/OGR, Laying of pipe line, FHTC and its ancillary work in commissioned Pipe water supply scheme of in the Nabarangpur District.
2. No. of works : 30 (Thirty) Nos. (Detailed in Tender Call Notice available in the website)
3. Estimated cost : As mentioned in Table 'A'
4. Tender paper cost : As mentioned in Table 'A'
5. Class of contractor : As mentioned in Table 'A'
6. Period of completion : 180 & 270 days
7. Critical dates : * Further details can be seen in the bidding documents, which is available in the e-procurement portal https://www.tendersorissa.gov.in
   * Subsequent corrigendum if required shall be appeared in the website.
   * Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Last date of receipt of confirmation letter & other documents | Date of opening of bid |
|---|---|---|---|---|---|---|
| | | From | To | | | |
| Superintending Engineer, RWSS Division, Nabarangpur | RWSS_NGP_ONLINE_05 of 2021-22 | 30.11.2021 at 11.00 A.M. | 10.12.2021 at 05.00 P.M. | 09.12.2021 upto 5.30 P.M. | 10.12.2021 upto 03.30 P.M. | 13.12.2021 at 11.00 A.M. |

OIPR-25028/11/0005/2122 **Sd./- Superintending Engineer, RWS&S Division, Nabarangpur**

ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। —ଶ୍ରୀଅରବିନ୍ଦ

# ଅବିଶ୍ୱସନୀୟ ଅମଲାତନ୍ତ୍ରୀ

ସବୁ ଗଣତାନ୍ତ୍ରିକ ଦେଶରେ ସରକାରୀ ବ୍ୟବସ୍ଥା ଚାଲିବା ପାଇଁ କେତେକ ମୂଳଦୁଆ ପଡ଼ିଥାଏ। ସର୍ବୋଚ୍ଚରେ ପାର୍ଲାମେଣ୍ଟ ଅର୍ଥାତ୍ ବିଧାନପାଳିକା ଥିବାବେଳେ ନ୍ୟାୟପାଳିକା, କାର୍ଯ୍ୟପାଳିକା ବା ଅମଲାତନ୍ତ୍ର ଏବଂ ଅଣଆନୁଷ୍ଠାନିକ ଭାବେ ଗଣମାଧ୍ୟମକୁ ହିସାବ କରାଯାଏ। ଭାରତୀୟ ସମ୍ବିଧାନରେ ମଧ୍ୟ ସେହିଭଳି ପଦ୍ଧତି ରହିଛି। ଏହା ପଛରେ ଉଦ୍ଦେଶ୍ୟ ହେଉଛି ଯେ, ପରସ୍ପରକୁ ଉଚିତ ବାଟରେ ନେବା ପାଇଁ ସହାୟକ ହେବେ। ଯଦି କେହି ବାଟବଣା ହୁଏ, ତାହାହେଲେ ଜଗିବା ପାଇଁ ଅନ୍ୟ ଶାଖା ତତ୍ପର ହେବା କଥା। କ୍ଷୋଭର ବିଷୟ ଯେ, ଭାରତର ସେଭଳି ଭାରସାମ୍ୟ ରଖିଲା ଭଳି ସ୍ଥିତି ସୃଷ୍ଟି କରାଯାଇପାରି ନାହିଁ। ସମସ୍ତେ କହନ୍ତି ଯେ, ସମ୍ବିଧାନକୁ ମାନିବାକୁ ପଡ଼ିବ। ଏଠାରେ ମନେରଖିବାକୁ ହେବ ଯେ, ସମ୍ବିଧାନର ନିଜସ୍ୱ ଜୀବନ ନାହିଁ। ମଣିଷର ପ୍ରତ୍ୟେକ ଦିଗକୁ ପରିଚାଳନା କଲା ଭଳି ସମ୍ବିଧାନର ବ୍ୟବସ୍ଥା ମଧ୍ୟ ନାହିଁ। ସେଥିପାଇଁ ସମ୍ବିଧାନକୁ ସୁରକ୍ଷିତ ରଖିବା ହେଉଛି ଏହି ତିନି ଅଙ୍ଗର ମୁଖ୍ୟ ଦାୟିତ୍ୱ। ଏମାନଙ୍କ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ସମ୍ବିଧାନର ସୁଫଳ ପହଞ୍ଚିଥାଏ। ଯେତେବେଳେ କୌଣସି ଗୋଟିଏ ଅଙ୍ଗ ନିଜର କର୍ତ୍ତବ୍ୟଠାରୁ ନିଜର ସୁବିଧାକୁ ଅଧିକ ଗୁରୁତ୍ୱ ଦେଇଥାଏ, ସେତେବେଳେ ବିରାଟକାୟ ସମସ୍ୟା ଉପୁଜିଥାଏ। ଭାରତବର୍ଷ ପାଇଁ ଏଭଳି ଏକ ପରିସ୍ଥିତିର ପ୍ରଥମ ବଡ଼ ପରିଚୟ ମିଳିଥିଲା ୧୯୭୫ ମସିହାରେ, ଯେତେବେଳେ ଇନ୍ଦିରା ଗାନ୍ଧୀ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ସେତେବେଳେ ନ୍ୟାୟପାଳିକା ଏବଂ ଅମଲାତନ୍ତ୍ରୀ ଉଭୟ ଜରୁରିକାଳୀନ ସ୍ଥିତିର ସହଯୋଗୀ ପାଲଟିଥିଲେ। ୧୯୭୭ ମସିହାରେ ନିର୍ବାଚନ ମାଧ୍ୟମରେ ଜନସାଧାରଣଙ୍କ ମତ ସ୍ପଷ୍ଟ ହେବା ପରେ ସ୍ଥିତି ବଦଳିଥିଲା। ସେତେବେଳେ ମତ ପ୍ରକାଶ ପାଇଥିଲା ଯେ, ଏକ ଗଣତାନ୍ତ୍ରିକ ଦେଶରେ ଭୋଟ୍ ଦ୍ୱାରା ପରିବର୍ତ୍ତନ ଆସିବା ଜରୁରୀ ନୁହେଁ। ଲୋକ ସଭା କିମ୍ବା ବିଧାନସଭାଗୁଡ଼ିକର ୫ବର୍ଷିଆ ଜୀବନକାଳ ମଧ୍ୟରେ ଯଦି ରାଜନୈତିକ ନେତୃତ୍ୱ କୌଣସି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି, ତେବେ ତାହାକୁ ତତ୍କ୍ଷଣାତ୍ ରୋକିବା ହେଉଛି ଅମଲାତନ୍ତ୍ର ଓ ନ୍ୟାୟପାଳିକାର ଗୁରୁଦାୟିତ୍ୱ। ସେତେବେଳର ଆଲୋଚନାକୁ ଭୁଲିଯିବା ପାଇଁ ବେଶି ସମୟ ଲାଗି ନ ଥିଲା। ପୁନର୍ବାର ୮ ନଭେମ୍ବର ୨୦୧୬ରେ ଏକ ସମାନ ପ୍ରକାର ସ୍ଥିତି ସୃଷ୍ଟି ହୋଇଥିଲା। ଆଜିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣାକରି ଦେଶର ଦୁଇଟି ବଡ଼ କାଗଜ ଟଙ୍କାକୁ ଅଚଳ କରିଦେଲେ। ଭାରତ ଭଳି ଏକ ବିରାଟକାୟ ଦେଶର ଅର୍ଥନୈତିକ ସ୍ଥିତିକୁ ବୁଝିବା ଅତ୍ୟନ୍ତ କଷ୍ଟକର। ମୋଦିଙ୍କ ଭଳି ଜଣେ ଅଣଅର୍ଥନୀତିଜ୍ଞଙ୍କ ପାଇଁ ଏହା ଅସମ୍ଭବ। ଭୋଟ୍ ପାଇବା ସତ୍ତ୍ୱେ ଜଣେ ରାଜନେତା କ୍ଷମତାରେ ଅସ୍ଥାୟୀ ବୋଲି ବୁଝିବା ଦରକାର। ଅନ୍ୟପଟେ ପାର୍ଲାମେଣ୍ଟର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ସ୍ଥାୟୀ। ବିମୁଦ୍ରୀକରଣ ବେଳେ ଯଦି ଦେଶର ବ୍ୟବସ୍ଥା ବିରୋଧ କରି ତାହାକୁ କାର୍ଯ୍ୟକାରୀ କରାଇବାରେ ବାଧକ ସାଜିଥାନ୍ତା, ତେବେ ଭାରତର ଗଣତନ୍ତ୍ର ଏହି ଅମଲାତନ୍ତ୍ରୀଙ୍କ ହାତରେ ସୁରକ୍ଷିତ ଅଛି ବୋଲି ଚିନ୍ତା କରାଯାଇଥାଆନ୍ତା। ଦୁଃଖର ବିଷୟ ଯେ, ଆମ ଦେଶର ସରକାରୀ ଚାକିରିଆ ବାସ୍ତବରେ ଚାକର ପାଲଟିଛନ୍ତି। ନିଜର କ୍ଷୁଦ୍ର ମାନସିକତାକୁ ନେଇ ଛୋଟବଡ଼ ଧରଣର ଦୁର୍ନୀତି କରୁଥିବା ଏହି ବର୍ଗଠାରୁ ମହାନ୍ କାର୍ଯ୍ୟ ଆଶା କରିବା ଅତ୍ୟନ୍ତ ବୃଥା। ନିଜର ସୁବିଧା ପାଇଁ ତତ୍କାଳୀନ କେନ୍ଦ୍ର ଅର୍ଥ ସଚିବଙ୍କଠାରୁ ତଳ ପାହ୍ୟା ଅଫିସରଙ୍କ ପର୍ଯ୍ୟନ୍ତ ସମସ୍ତେ 'ଘଡ଼ିକେ ଘୋଡ଼ା ଛୁଟିଲା' ଭଳି ନିଷ୍ପତ୍ତି ବଦଳାଉଥିଲେ।

**ତଥାଗତ ସତପଥୀ**

୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ ଘୋଷଣା ମାଧ୍ୟମରେ ମୋଦି ସରକାର ନିଜର ବିକୃତ ମାନସିକତାକୁ ଦେଶ ଉପରେ ଲଦିଚାଲିଛି। ଭାରତର ସମ୍ଭ୍ରାନ୍ତ ଶାସକ ଗୋଷ୍ଠୀ ବୁଝିଯାଇଛି କେଉଁ ଉପାୟରେ କିଭଳି ବୈଧାନିକ ପଦକ୍ଷେପ ନେଲେ ଅମଲାତନ୍ତ୍ରକୁ ପରିଚାଳନା କରାଯାଇପାରିବ। ଗରିବଙ୍କ ମୁହଁକୁ ଦାନା ଫୋପାଡ଼ି ଧନୀଙ୍କ କାର୍ଯ୍ୟ କରିବା ଏହି ଗୋଷ୍ଠୀର ଚରିତ୍ର ପାଲଟିଗଲାଣି। ନିର୍ବାଚନକୁ ବ୍ୟୟବହୁଳ କରାଇଦେଇ ସାଧାରଣ ନାଗରିକଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ବଞ୍ଚିତ କରିବା ଏମାନଙ୍କ ଚତୁର ନୀତି ପାଲଟିଗଲାଣି। କ୍ଷମତାକୁ ଆସିଲେ ଧନୀଙ୍କ ପ୍ରତିଧ୍ୟାନ ଦେବେ। ପ୍ରବଳମାତ୍ରାରେ ଅର୍ଥ ଅର୍ଜନ କରିବେ। ସେହି ଅର୍ଥକୁ ଗରିବଙ୍କ ମୁହଁରେ ଫୋପାଡ଼ି କୁକୁରକୁ ହାଡ଼ ଖଣ୍ଡିଏ ଦେବା ଭଳି ଭୋଟ୍ ନେବାର ବାଟ ଅତି ଭଲଭାବେ ଆବିଷ୍କୃତ ହୋଇଗଲାଣି। କିନ୍ତୁ ଯେତେବେଳେ ବହୁସଂଖ୍ୟକ ବିଦ୍ରୋହ ମୁଣ୍ଡ ଟେକୁଛି, ସେତେବେଳେ ଅର୍ଥ, ପୋଲିସ, ଗୁଣ୍ଡା କିମ୍ବା ଅନ୍ୟ କୌଣସି ପନ୍ଥା ଉପରେ ଶାସକ ଗୋଷ୍ଠୀ ଭରସା କରିପାରୁ ନାହାନ୍ତି। ଆଜି ନରେନ୍ଦ୍ର ଦାମୋଦରଦାସ ମୋଦିଙ୍କର ସେହିଭଳି ବେଳା ଆସିଯାଇଥିବାର ମନେହେଉଛି। ୩ କୃଷି ଆଇନକୁ ଫେରସ୍ତ ନେବାର ଘୋଷଣା ମୋଦିଙ୍କ ଅନ୍ତରକୁ ନିଶ୍ଚିତ ଭାବେ ବାଧୁଥିବ। କୃଷି ଆଇନ ପ୍ରତ୍ୟାହାରକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଟେଲିଭିଜନ ଭାଷଣ ଅତ୍ୟନ୍ତ କୌତୂହଳପୂର୍ଣ୍ଣ ଥିଲା। ଲମ୍ବାଚଉଡ଼ା କଥା କହିବା ପରେ ମୋଦି ଏହି ପ୍ରତ୍ୟାହାର ଘୋଷଣା କରିଥିଲେ। ଏଥିରେ ବାରମ୍ବାର କହୁଥିଲେ ଯେ, ଏକ କ୍ଷୁଦ୍ର ଚାଷୀ ଗୋଷ୍ଠୀଙ୍କୁ ବୁଝାଇ ପାରି ନ ଥିବା ହେତୁ ତାଙ୍କ ତପସ୍ୟାରେ ତ୍ରୁଟି ରହିଗଲା। ତପସ୍ୟା କଥା କହିଲାବେଳେ ମନେପଡ଼େ ଯେ, ମୋଦିଙ୍କ ପ୍ରତ୍ୟେକ ନିଷ୍ପତ୍ତି ଯୋଗୁ ଅନେକ ଦେଶବାସୀଙ୍କ ପ୍ରାଣ ଯାଇଛି। ବିମୁଦ୍ରୀକରଣ ବେଳେ ଲୋକେ ମରିଥିଲେ। ସିଏଏ ଓ ଏନ୍‌ଆର୍‌ସି ଯୋଗୁ ଲୋକେ ମଲେ। କୃଷି ଆଇନ ପ୍ରଣୟନ କଲା ପରେ ୭୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ହେଲା ବୋଲି ଚାଷୀ ନେତା ଦାବି କରୁଛନ୍ତି। ଏହି ଦାବି ଅସତ୍ୟ କହିହେବ ନାହିଁ, କାରଣ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଗାଡ଼ି ମଡ଼ାଇ ଚାଷୀଙ୍କୁ ହତ୍ୟାକରି ସବୁ ଆଲୋଚନାକୁ ଟୋପି ପିନ୍ଧାଇ ଦେଇଥିଲେ। ତଥାପି ଅମଲାତନ୍ତ୍ରୀ କୌଣସି ଭାବେ ନିଜର ଚରିତ୍ର ବଦଳାଉ ନାହିଁ। ଗୋଡ଼ାଣିଆ ସାଜି ସବୁ କଥାରେ ଏକମତ ହେବା ମାରାତ୍ମକ ରୋଗ ପାଲଟିଗଲାଣି। ଭାଗ୍ୟବଶତଃ ନ୍ୟାୟପାଳିକାର ଚରିତ୍ର କିଞ୍ଚିତ୍ ପରିବର୍ତ୍ତନ ଘଟିଛି ବୋଲି ମନେହେବାରୁ ଅନେକ ବିଷୟ ଆପଣାଛାଏଁ ମାର୍ଜିତ ହୋଇଯାଉଛି। ପ୍ରବଳ ଚାପରେ ପଡ଼ି ମୋଦି ଅସହାୟ ହେବା ପରେ ଏହି ୩ଟି କୃଷି ଆଇନକୁ ପ୍ରତ୍ୟାହାର କରିବେ ବୋଲି ଘୋଷଣା କଲେ। ତତ୍‌ସହିତ ପ୍ରତିବାଦ କରୁଥିବା କୃଷକମାନେ ନିଜ ଘରକୁ ଫେରିଯାଆନ୍ତୁ ବୋଲି ମଧ୍ୟ ଅନୁରୋଧ କଲେ। ଦେଶବ୍ୟାପୀ ମୋଦିଙ୍କ ଅନେକ ସମର୍ଥକ ବେଲଜ୍ଜା ଭାବେ ପ୍ରତ୍ୟାହାରକୁ ଐତିହାସିକ କହିବା ସହିତ ଘରକୁ ଫେରିଯିବା ପାଇଁ କୃଷକମାନଙ୍କୁ ନିବେଦନ କଲେ। ଏଭଳି ସ୍ଥିତିରେ ଅମଲାତନ୍ତ୍ରୀର ମଧ୍ୟ କୌଣସି ଭୂମିକା ରହିଲା ନାହିଁ। ଅପରପକ୍ଷରେ, କୃଷକ ନେତାମାନେ ଖୋଲାଖୋଲି ମୋଦିଙ୍କୁ ମିଛୁଆ ଓ ଠକ କହି ଏହି ଘୋଷଣା ଉପରେ ଅବିଶ୍ୱାସ ପ୍ରକଟକଲେ। ପାର୍ଲାମେଣ୍ଟରେ ଏହି ୩ଟି ଆଇନକୁ ରଦ୍ଦ କରାଯିବା ପରେ ଧାରଣା ପ୍ରତ୍ୟାହୃତ କରିବେ ବୋଲି କହିଛନ୍ତି।

ଆଇନ ପ୍ରତ୍ୟାହାର ଘୋଷଣା ଭାରତର ମୌଳିକ ଗଣତାନ୍ତ୍ରିକ ଚରିତ୍ରକୁ ଦୃଢ଼ୀଭୂତ କରିଛି। ଯେତେବେଳେ ଜନସାଧାରଣ ମିଳିତ ଭାବେ ବିଦ୍ରୋହ କରିବେ, ସେତେବେଳେ ସବୁକିଛି ବଦଳିଯାଇପାରିବ। ଅନ୍ୟପଟେ ଭାରତୀୟ ଅମଲାତନ୍ତ୍ରୀ ଉପରେ ଲୋକଙ୍କ ବିଶ୍ୱାସ ସମ୍ପୂର୍ଣ୍ଣ ଭାବେ ତୁଟିଯାଇଛି।

# ଯେତେ ବୁଦ୍ଧି, ସେତେ ବିଭ୍ରାଟ



ରଞ୍ଜନ କୁମାର ଦାସ

ମଣିଷ ଯେତେବେଳେ ଆଦିମ ଥିଲା ସେ ଖୁବ୍ ନିଶ୍ଚିନ୍ତରେ, ନିରାଡ଼ମ୍ବର ଭାବେ ଓ ନିରୁଦ୍‌ବିଗ୍ନ ଭାବେ ତା'ର ଜୀବନ ଜିଉଁଥିଲା। ଯେଉଁଠି ଯାହା ପାଉଥିଲା ଖାଇ ଦେଉଥିଲା। ଯେଉଁଠି ହାଲିଆ ଲାଗୁଥିଲା ନିଦରେ ଶୋଇ ପଡୁଥିଲା। ନା ଅଫିସ ଯିବାର ବ୍ୟଗ୍ରତା ଥିଲା, ନା ପାଠ ପଢ଼ି ଅଧିକ ମାର୍କ ରଖି କାହା ପାଖରେ ନିଜକୁ ପ୍ରତିଷ୍ଠିତ କରେଇବାର ପ୍ରୟାସ ଥିଲା। ନା ବେପାର ବଣିଜରେ ଲାଭ କ୍ଷତିର ହିସାବ ଥିଲା, ନା ଥିଲା ଖୁବ୍ ଗୁଡ଼ାଏ ଅର୍ଜନ କରିବାର ଲାଳସା। ଯେନତେନ ପ୍ରକାରେଣ ଜୀବନ ଚଳିଯାଉଥିଲା।

ଧୀରେ ଧୀରେ ଇଚ୍ଛା ଉଡ଼ାଣ ଭରିଲା। ଇଚ୍ଛାଶକ୍ତିର ବିକାଶ ହେଲା। ଭଲ ଗଣ୍ଡେ ଖାଇବାର, ଭଲରେ ଟିକେ ରହିବାର, ଲଜ୍ଜା ନିବାରଣ ପାଇଁ ପୋଷାକଟେ ଯୋଗାଡ଼ କରିବାର ଇଚ୍ଛା ସୃଷ୍ଟି ହେଲା। ଇଚ୍ଛାର ଅଭିଷେକ ପାଇଁ ଉପାୟ ଦରକାର ପଡ଼ିଲା। ଉପାୟ ପାଞ୍ଚିବାକୁ ବୁଦ୍ଧି ଦରକାର ପଡ଼ିଲା। ଚିନ୍ତା ଶକ୍ତିର ବିକାଶ ଘଟିଲା। ମଣିଷ ଚିନ୍ତା କଲା କ'ଣ କଲେ ତା'ର ଇଚ୍ଛା ପୂରଣ ହେବ, ତା'ର ସ୍ୱପ୍ନ ସାକାର ହେବ। ଭଲରେ ଖାଇବାକୁ ସେ ଚାଷ କଲା, ପଶୁପାଳନ କଲା। ଶିକାର କଲା। ଭଲରେ ରହିବାକୁ ଘର ତିଆରି କରି ଶିଖିଲା, ପୋଷାକ ତିଆରି କରି ଶିଖିଲା, ରାନ୍ଧି ଶିଖିଲା। ଦିନକୁ ଦିନ ନୂଆ ନୂଆ ପ୍ରକାର ପୋଷାକ, ନୂଆ ନୂଆ ପ୍ରକାର ଖାଦ୍ୟ ସବୁ ଆବିଷ୍କାର କରି ତା'ର ଇନ୍ଦ୍ରିୟମାନେ ତୃପ୍ତ ହେଲେ। ଖାଦ୍ୟକୁ ଅଧିକ ରସାଳ କରିବାକୁ ଭଳିକି ଭଳି ରାନ୍ଧଣା, ଭଳିକି ଭଳି ମସଲାର ବ୍ୟବହାର ଶିଖିଲା। ଧୀରେ ଧୀରେ ଯନ୍ତ୍ରପାତି, କଳ କାରଖାନା ସବୁ ସେ ବସେଇଲା ନିଜ ଆବଶ୍ୟକତା ପୂରଣ ପାଇଁ। ଆବଶ୍ୟକତା ବି ବଢ଼ି ବଢ଼ି ଚାଲିଲା। ଲୋଭ ବଢ଼ିଲା।

ଧୀରେ ଧୀରେ ଅଧିକ ବୁଦ୍ଧିର ଆବଶ୍ୟକତା ବି ପଡ଼ିଲା। ହାରିବା, ଜିତିବାର ପରିସ୍ଥିତି ଆସିଲା। ବୁଦ୍ଧି ତାକୁ ପ୍ରବର୍ତ୍ତେଇଲା ଅପ୍ରତିଦ୍ୱନ୍ଦ୍ୱୀ ହେବାକୁ। ଅପ୍ରତିଦ୍ୱନ୍ଦ୍ୱୀ ହେବାର ଲାଳସା ଯୋଗୁ ସେ ଈର୍ଷା କଲା। ଲୋଭ କଲା, କଳହ କଲା, ଯୁଦ୍ଧ କରିବା ଶିଖିଲା, ଅନ୍ୟକୁ ମାରି ନିଜକୁ ପ୍ରତିଷ୍ଠିତ କରେଇବାର ଇଚ୍ଛା ଦିନକୁ ଦିନ ବଳବତ୍ତର ହେଲା। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ନିଶ୍ଚିହ୍ନ କରିବାକୁ ସେ ପ୍ରୟାସ କଲା। ନିଜ ମତ ଜାହିର କରିବାକୁ, ଅନ୍ୟର ମତକୁ ଦବେଇ ଦେବାକୁ ସେ ଅହରହ ଉଦ୍ୟମ କଲା। ସବୁ କିଛି ନିଜ ଅକ୍ତିଆରରେ ରଖିବାକୁ ସେ ଚେଷ୍ଟା କଲା। ପ୍ରତିଦ୍ୱନ୍ଦ୍ୱିତାରେ ଆଗରେ ରହିବାକୁ ତା'ର ଆହୁରି ବୁଦ୍ଧି ଦରକାର ପଡ଼ିଲା। ସେ ଜ୍ଞାନ ବିଜ୍ଞାନର ଅନ୍ୱେଷଣ କରିବା ଆରମ୍ଭ କଲା।

ଭଳିକି ଭଳି ବିଦ୍ୟା, ଭଳିକି ଭଳି ଜ୍ଞାନ, ଭଳିକି ଭଳି ପ୍ରଯୁକ୍ତି ବିଜ୍ଞାନର ବିକାଶ ଫଳରେ ମଣିଷ ପାଲଟିଗଲା ସୃଷ୍ଟିର ସବୁଠୁ ବୁଦ୍ଧିମାନ୍ ଜୀବ। ନିଜ ଅହଂ ଓ ନିଜ ଆଭିଜାତ୍ୟର ପ୍ରତିଷ୍ଠା ପାଇଁ ସେ ବଢ଼େଇ ଚାଲିଲା ନିଜ ରାଜ୍ୟ, ନିଜ ସାମ୍ରାଜ୍ୟ, ନିଜ ଘର ଦ୍ୱାର, ବଣିଜ ବେପାର, ଜମିବାଡ଼ି, ସବୁ କିଛି। ସେ ବୁଦ୍ଧି ତାକୁ ଧୀରେ ଧୀରେ ସ୍ୱାର୍ଥପର ବି କଲା। ନିଜର ଭଲ ହେବା ପାଇଁ ସେ ବୁଦ୍ଧିର ପ୍ରୟୋଗ କଲା, ଅନ୍ୟର କ୍ଷତି ହେବା ପାଇଁ ମଧ୍ୟ ସେ ସେଇ ବୁଦ୍ଧିକୁ ପ୍ରୟୋଗ କରିବାକୁ ଭୁଲିଲା ନାହିଁ। ସେଇ ସ୍ୱାର୍ଥପର ବୁଦ୍ଧି ତାକୁ ଜଙ୍ଗଲ ଧ୍ୱଂସ କରିବାକୁ ପ୍ରବର୍ତ୍ତେଇଲା। ସମଗ୍ର ଜୀବଜଗତକୁ ନିଜ କବଳରେ ରଖିବାକୁ ପ୍ରବର୍ତ୍ତେଇଲା। କେବେ ପୋଷାକ ପାଇଁ, କେବେ ପ୍ରସାଧନ ପାଇଁ, କେବେ ଖାଦ୍ୟ ପାଇଁ ସେ ସମଗ୍ର ଜୀବଜଗତକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲା, ବସୁଧା ବିପନ୍ନ ହୋଇପଡ଼ିଲା ଧୀରେ ଧୀରେ। ଏଇ ମଣିଷର ଦୁର୍ବୁଦ୍ଧି ହିଁ ଆଣିଦେଲା ପ୍ରାକୃତିକ ବିପର୍ଯ୍ୟୟ, ପ୍ରଦୂଷଣ, ସାମାଜିକ ବୈଷମ୍ୟ। ଜୀବଜଗତକୁ ଧ୍ୱଂସ କରୁ କରୁ ସେ ଜାଣିପାରିଲା ନାହିଁ କେତେବେଳେ ସେ ନିଜ ଧ୍ୱଂସର ଆବାହନୀ ବି ଗାନ କରି ସାରିଥିଲା।

ସେଇ ବୁଦ୍ଧି ହିଁ ଶେଷରେ ତା' ପାଇଁ କାଳ ହେଲା। ଯେଉଁଠି ଯେତେ ବୁଦ୍ଧି, ସେଇଠି ସେତେ ବିଭ୍ରାଟ ଦେଖାଗଲା। ଯେଉଁଠି ଯେତେ ବୁଦ୍ଧିମାନ୍ ଲୋକ, ସେଇଠି ସେତେ କଳହ, ସେତେ ତର୍କ। ଆଜିକାଲି ଟି.ଭି. ଖୋଲିଲେ ଦେଖିବେ, ତର୍କ ବିତର୍କର ମହାମଞ୍ଚ ସବୁ। ବହୁତ ବୁଦ୍ଧିଜୀବୀ, ଚିନ୍ତକ ସବୁ ଆସିଥା'ନ୍ତି ସେଠିକି। ମାତ୍ର ସେଠି କି ନିର୍ଯାସ ବାହାରେ? ଖାଲି ଗୁଡ଼ାଏ କୋଳାହଳ, ଶବ୍ଦ ପ୍ରଦୂଷଣ, ବିଦ୍ୟୁତ୍ ଶକ୍ତିର ଅପଚୟ, ସମୟର ବରବାଦି ଛଡ଼ା ଆଉ କିଛି ମିଳେନି ସେଠୁ। ବେଳେବେଳେ ତ ସେଇ ଷ୍ଟୁଡିଓ ଭିତରେ ହାତାହାତି, ଧମକଚମକ ଦିଆଦେଇ ହେଉଥିବାର ଦୃଶ୍ୟ ବି ଦେଖିବାକୁ ମିଳିଥାଏ। ବେଳେବେଳେ ଲାଗେ ଏଇ ଅସମ୍ଭବ ଧୀଶକ୍ତି ସମ୍ପନ୍ନ ପ୍ରଚଣ୍ଡ ବୁଦ୍ଧିଜୀବୀମାନେ ସଜାଡ଼ନ୍ତି ଯେତେ, ତାଠୁ ବିଗାଡ଼ନ୍ତି ବେଶି। ଠିକ୍ ଯେମିତି ଗୋଦରା କୋଡ଼େ ଯେତେ, ମାଡ଼େ ସେତେ।

ଇତିହାସର ପର୍ଯ୍ୟାଲୋଚନା କଲେ ଦେଖିବେ ପୃଥିବୀର ଯେତେ ବିପି ଓ ବିଭ୍ରାଟ ତା' ପଛରେ ନିଶ୍ଚୟ ଏକ ବା ଏକାଧିକ ବୁଦ୍ଧିଜୀବୀ ଥିବେ। ଗୋଟେ ସାଧାରଣ ମଣିଷ ପାଖରେ ଏତେ ବିଷ ନ ଥାଏ, ଯେତେ ଗୋଟେ ବୁଦ୍ଧିଜୀବୀ ପାଖରେ ଥାଏ। ସାଧାରଣ ମଣିଷ ଏତେ ବେଶି ମନ୍ଥନ ଭିତରେ ନ ଥାଏ। ବହୁତ ସମୁଦ୍ର ମନ୍ଥନ ହେଲା ପରେ ହିଁ ସମୁଦ୍ର ଭିତରୁ ଅମୃତ ଓ ବିଷ ବାହାରିଥିଲା। ସାଧାରଣ ମଣିଷ ଅଳ୍ପ ମନ୍ଥନ ଭିତରେ ସନ୍ତୁଷ୍ଟ ହେଇଯାଏ। କେବଳ ଅସାଧାରଣମାନେ ହିଁ ଅମୃତ ପ୍ରାପ୍ତିର ଲକ୍ଷ୍ୟ ରଖି ଶେଷଯାଏ ମନ୍ଥୁଥା'ନ୍ତି। ଯେତେବେଳେ ବିଷ ମିଳିଯାଏ, ସେଥିରେ ବି ସେମାନେ ଖୁସି ହେଇଯା'ନ୍ତି। ଭାବନ୍ତି ଅମୃତ ତ ନିଜ ପାଇଁ, ହଳାହଳ ବିଷତକ ଅନ୍ୟମାନଙ୍କୁ ଦେଇ ମୁଁ ନିଷ୍କଣ୍ଟକ ହେଇଯିବି। ଅମୃତ ଖୋଜିବା ନାଆଁରେ ସେମାନେ ଜୀବନଯାକ ବିଷ ହିଁ ଖୋଜୁଥାନ୍ତି, ବିଷ ହିଁ ବାଣ୍ଟୁଥାନ୍ତି। ବୁଦ୍ଧିଜୀବୀମାନେ ସାଧାରଣ ଲୋକଙ୍କର ପଥପ୍ରଦର୍ଶକ ହେବା କଥା। ମାତ୍ର ସେମାନେ ସାଧାରଣ ଲୋକଙ୍କଠାରୁ ଅଧିକ ବିଷୟାସକ୍ତ, ଅଧିକ ଲୋଭୀ, ସ୍ୱାର୍ଥପର, ପରଶ୍ରୀକାତର, ଈର୍ଷାଳୁ ଓ ଛିଦ୍ରାନ୍ୱେଷୀ। ସମୟକ୍ରମେ ଅଧିକ ହିଂସ୍ର ଓ ଭୟଙ୍କର ବି ହେଇପାରନ୍ତି। ପୃଥିବୀର ଯେତେ ଧାର୍ମିକ ହିଂସା, ଯେତେ ଉଗ୍ରବାଦ, ଯେତେ ଯୁଦ୍ଧ ଅତୀତରେ ଘଟିଚି ବା ଏବେ ଘଟୁଚି ତା' ପଛରେ ରହିଚି ବୁଦ୍ଧିଜୀବୀମାନଙ୍କ ବୁଦ୍ଧିର ପରାକାଷ୍ଠା। ନକ୍ସଲବାଦଠାରୁ ଆରମ୍ଭ କରି ଜିହାଦ ପର୍ଯ୍ୟନ୍ତ ଯେତେଯେତେ ସମସ୍ୟାର ସାମ୍ନା ଆମେ କରୁଚେ, ତା' ପଛରେ କେତେ ହୀନ ବୁଦ୍ଧିଜୀବୀମାନେ ଅଛନ୍ତି ତାହା କ'ଣ ଅଜଣା? ରବର୍ଟ ଓପନହିମରଙ୍କ ଭଳି ବିଶ୍ୱବିଖ୍ୟାତ ପଦାର୍ଥ ବିଜ୍ଞାନୀ ହିଁ ଥିଲେ ଆଣବିକ ବୋମାର ସୃଷ୍ଟିକର୍ତ୍ତା। ମିସାଇଲ କାଲାସ୍ନିକୋଭ ଜଣେ ଋଷୀୟ ଇଞ୍ଜିନିୟର, ଯିଏ କି ଆବିଷ୍କାର କରିଥିଲେ ବିଶ୍ୱର ସବୁଠୁ ମରଣାନ୍ତକ ଅସ୍ତ୍ର ଏକେ-୪୭। ପୃଥିବୀରେ ଯେତେ ଗଣବିଧ୍ୱଂସୀ ରାସାୟନିକ ଓ ଜୀବାସ୍ତ୍ର ସବୁ ଆବିଷ୍କୃତ ହେଉଛି, ତାହା ତ ଆମ ବୁଦ୍ଧିଜୀବୀମାନଙ୍କର ଦାନ। ଜଣେ ଅପରାଧୀ ଯେତେବେଳେ ଆଇନ ଆଖିରେ ଧୂଳି ପକେଇ ଖସିଯାଏ, ସେତେବେଳେ ଜଣେ ବୁଦ୍ଧିଜୀବୀ ହିଁ ତାକୁ ସାହାଯ୍ୟ କରିଥାଏ। ଅବଶ୍ୟ ଅଭିଯୁକ୍ତକୁ ସାହାଯ୍ୟ କରିବା ଆଇନଜୀବୀର ଧର୍ମ। ମାତ୍ର କେତେଗୁଡ଼ିଏ ଘୃଣ୍ୟ କେଶ୍‌ରେ ଯଥା ନିର୍ଭୟାକାଣ୍ଡର ଦୋଷୀଙ୍କୁ, ଅବା ମୁମ୍ବାଇ ଗଣହତ୍ୟାର ନାୟକ କସବକୁ ନିଜ ବୁଦ୍ଧି ବଳରେ ଖସାଇବା ପୂର୍ବରୁ ଜଣେ ଆଇନଜୀବୀ, ଯିଏ କି ନିଜକୁ ଜଣେ ବୁଦ୍ଧିଜୀବୀ ଭାବେ ଦାବି କରନ୍ତି, ଶହେ ଥର ନିଜ ବିବେକକୁ ପ୍ରଶ୍ନ କରିବା ଉଚିତ। ଆଇନଜୀବୀ କଥା ଛାଡ଼ନ୍ତୁ, କସବ ସମର୍ଥନରେ ସେତେବେଳେ ଅନେକ ତଥାକଥିତ ବୁଦ୍ଧିଜୀବୀ ବାହାରି ମହାମହିମ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଯାଚିକା ଦାଏର କରିଥିଲେ। ଏପରିକି ରାତି ଅଧରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟଙ୍କୁ ଏକରକମ ବାଧ୍ୟ କରିଥିଲେ। ସେମାନଙ୍କ ବୁଦ୍ଧି ସମାଜ ପାଇଁ କେତେ ହିତକାରୀ ହେବ ସେ କଥା ବୋଧହୁଏ ସେମାନେ ଭୁଲି ଯାଇଥିଲେ।

ଶୁଣାଯାଏ ବୁଦ୍ଧି ବେଶି ବଢ଼ିଲେ ବିବେକ ବି କ୍ରମେ କ୍ରମେ ହ୍ରାସ ପାଇଯାଏ। ଘରେ ଘରେ ଦେଖିବେ, ଯେଉଁ ପୁଅଟି ପାଠଶାଠ ପଢ଼ି ବେଶି ଉପରକୁ ଚାଲିଗଲା ସେ ଆଉ ମା'ବାପାଙ୍କୁ ପଚାରେନି, ଗାଁ ମାଟିରେ କେବେ ପାଦ ପକାଏନି। ମାତ୍ର ଯେଉଁ ପୁଅଟି ବେଶି ପାଠଶାଠ ପଢ଼ି ନ ପାରେ, ଛୋଟ ଚାକିରିଟେ କି ଚାଷ କରୁଥାଏ, ସେ ହିଁ ଶେଷରେ ମା'ବାପାଙ୍କ ଯତ୍ନ ନିଏ। ଏଭଳି ବୁଦ୍ଧିମାନ୍ ପୁଅ କୋଉ କାମର? ଘରେ ଯେଉଁ ବୋହୂଟି ପାଠୋଇ ସେ ତା' ବେଡ୍‌ରୁମ୍, ଡ୍ରଇଂରୁମ୍ ଛାଡ଼େନି, ଦିନସାରା ମେକ୍‌ଅପ୍ ହେଇ ଟିଭି ସିରିଆଲ ଦେଖୁଥାଏ। ବିଚାରୀ ଅପାଠୋଇ କି ଅଳ୍ପ ପାଠୋଇ ବୋହୂଟି ଦିନସାରା ରୋଷେଇ ଘରେ ଖଟି ଖଟି ସମସ୍ତଙ୍କୁ ଖାଇବାକୁ ବାଢ଼ି ଦେଉଥାଏ। ତା'ର ତ ବେଶି ବୁଦ୍ଧି ନଥାଏ, ସେ କେବଳ ତା' ବିବେକ କଥା ହିଁ ଶୁଣୁଥାଏ। ଯେମିତି ଘର ପାଇଁ ପାଠୁଆ ବୋହୂ ଅପେକ୍ଷା ଘରୁଆ ବୋହୂର ବେଶି ଲୋଡ଼ାପଡ଼େ, ସେମିତି ସମାଜରେ ବେଳେବେଳେ ଭୟଙ୍କର ବୁଦ୍ଧିଜୀବୀଙ୍କ ଅପେକ୍ଷା ସାଧାରଣ ମଣିଷଟିଏ ବେଶି ଗ୍ରହଣୀୟ ଲାଗେ। ଅନ୍ତତଃ ତାଙ୍କ ପାଖରେ ନଷ୍ଟ କରିବାର ବୁଦ୍ଧି ତ ନ ଥାଏ। ବୁଦ୍ଧିଜୀବୀ ହେବା ମନ୍ଦ ନୁହେଁ, ମାତ୍ର ତାଠୁ ବେଶି ଲୋଡ଼ା ସେମାନେ ବିବେକବନ୍ତ ହେବାର। ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ତ ଫିଲୋସଫର କିଙ୍ଗ୍ ବା ଜଣେ ବୁଦ୍ଧିଜୀବୀ ରାଜା ହେବା କଥା କହିଥିଲେ। ମାତ୍ର ବିଭ୍ରାନ୍ତ ବୁଦ୍ଧିଜୀବୀଟିଏ ରାଜା କ'ଣ ପ୍ରଜା ହେବାର ବି ଯୋଗ୍ୟ ନୁହେଁ। ନିଜ ବୁଦ୍ଧିକୁ ନେଇ ଅହଂକାର କରୁଥିବା ଲୋକଙ୍କ ପାଇଁ ଏହା ଏକ ଚେତାବନୀ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ: ୯୪୩୭୨୮୬୫୧୨

# ମାଛ ତ ଏତେ, ଶୁଖୁଆ କେତେ



ପୁଷ୍ପାରାଣୀ ମିଶ୍ର

ସୃଷ୍ଟିର ଅୟମାରମ୍ଭରୁ ମାନବ ସମାଜଟିଏ ଗଢ଼ି ବଞ୍ଚିବା ଶିଖିଛି, ହିଂସ୍ରଜନ୍ତୁଙ୍କ ଭୟରେ ଗିରିକନ୍ଦରରେ ମଧ୍ୟ ଦଳଗତ ଜୀବନ ବିତାଇଛି। ତେଣୁ ଭଲ ଫଳ ମୂଳଟିଏ ପାଇଲେ ତାକୁ ପରିବାର ପରିଜନଙ୍କ ସହିତ ବାଣ୍ଟିଖାଇବା ହେଲା ତା'ର ଏକ ଆଦିମ ପ୍ରବୃତ୍ତି, କିନ୍ତୁ ପରବର୍ତ୍ତୀ କାଳରେ ତା'ର ଭଗବତ୍ ବିଶ୍ୱାସ ଉଦ୍ରେକ ହେବା ହେତୁ, ନିଜର ଖାଦ୍ୟକୁ ସେ ପ୍ରଥମେ ତା'ର ଆରାଧ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବାର ଏକ ପରମ୍ପରା ସୃଷ୍ଟିକରି ପାରିଛି। ଠିକ୍ ସେତିକି କଥାକୁ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି- ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋମେ ଭକ୍ତ୍ୟା ପ୍ରଯଚ୍ଛତି। ମଧ୍ୟଯୁଗୀୟ ପ୍ରଜାମାନେ ରାଜ୍ୟର ରାଜାଙ୍କୁ ଦ୍ୱିତୀୟ ଈଶ୍ୱର ରୂପେ ମଣୁଥିଲେ। ଅତଏବ ରାଜଦରବାରକୁ ଗଲାବେଳେ ଶୂନ୍ୟହସ୍ତରେ ନ ଯାଇ, ସାମର୍ଥ୍ୟ ଅନୁଯାୟୀ କିଛି ଉପଢ଼ୌକନ ଧରି ଯାଉଥିଲେ; ଯାହାକୁ ଭେଟି ବୋଲି କୁହାଯାଉଥିଲା। ଗଣତନ୍ତ୍ର ଶାସନରେ ମନ୍ତ୍ରୀମାନେ ଯେତେବେଳେ ରାଜାଙ୍କ ସ୍ଥାନ ଜନମାନସରେ ଅକ୍ତିଆର କରିନେଲେ ସେମାନଙ୍କ ଉପରେ ମଧ୍ୟ ପାରମ୍ପରିକ ରୀତିରେ ଭେଟି ଉପହାର, ଉପଢ଼ୌକନର ବର୍ଷା ହୋଇଚାଲିଲା। ଗାନ୍ଧୀ, ଗୋପବନ୍ଧୁଙ୍କ ପରି ଦେଶପ୍ରେମୀ ନେତାଙ୍କୁ ମଧ୍ୟ ଲୋକେ ଉପହାର ଦେଉଥିବା ନଜିର ଅଛି। କିନ୍ତୁ ଏ ସବୁ ସ୍ୱତଃସ୍ଫୂର୍ତ୍ତ ଥିଲା। ଦାତାଙ୍କ ଦାନକୁ ଗ୍ରହୀତା ଅକୁଣ୍ଠଚିତ୍ତରେ ଗ୍ରହଣ କରୁଥିଲେ। ଧୀରେ ଧୀରେ ଏହାର ପରିଭାଷା ବଦଳିଗଲା। ଉପହାର ଗ୍ରହୀତାମାନେ ଲୋଭର ବଶବର୍ତ୍ତୀ ହୋଇ ଅଧିକରୁ ଅଧିକ ଉପହାର ଦାବି କଲେ ଏବଂ ଉପହାର ସଂଗ୍ରହର ଦାୟିତ୍ୱ ନିଜର ଦରବାରୀ, ବିଶ୍ୱସ୍ତ କର୍ମଚାରୀ(ଯୁଗର ଚେଲାଚାମଣ୍ଡା)ଙ୍କ ଉପରେ ନ୍ୟସ୍ତ କଲେ। ଯେତେବେଳେ ଉପହାରର ରୂପକଳ୍ପ ନଗଦ ନାରାୟଣରେ ପରିବର୍ତ୍ତିତ ହେଲା ତାକୁ ଆମେ ଲାଞ୍ଚ ନାମରେ ଅଭିହିତ କଲେ। ଦେଣନେଣକୁ ସୁଚାରୁ ରୂପେ ଗୁପ୍ତରେ ସମ୍ପାଦନ କରାଇବାକୁ ଟଙ୍କା ହିଁ ଏକ ନିରାପଦ ମାଧ୍ୟମ ସାଜିଲା। ଅନୁଗୃହୀତ ବ୍ୟକ୍ତିଟିର ସକ୍ଷମତା ପ୍ରତି ଧ୍ୟାନ ନ ଦେଇ ତା'ଠାରୁ ଉପକାରର ପ୍ରତିଦାନରେ ଜୋରଜବରଦସ୍ତ ତଥା ଆଗତୁରା ଅର୍ଥ ଆଦାୟ କରାଗଲା। ଫଳରେ ସେ କୃତଜ୍ଞ ହେବା ବଦଳରେ କୃତଘ୍ନ ସାଜି ଜନସାଧାରଣଙ୍କଠାରୁ ଅନୈତିକ ଉପାୟରେ ଆର୍ଥିକ ଫାଇଦା ହାସଲ କଲା। ତଦାନୀନ୍ତନ ଭେଟିର ରୂପଟି ପରିବର୍ତ୍ତିତ ହୋଇ ଦାମୀଗାଡ଼ି, କୋଠାଘର, ଜାଗାବାଡ଼ି ପ୍ରଭୃତି ସ୍ଥାବର ସମ୍ପତ୍ତି ସହିତ ନାରୀ ସମ୍ଭୋଗ ପରି ଉତ୍ସର୍ଗୀକୃତ ସେବାର ରୂପନେଲା। ଅତଏବ ଲାଞ୍ଚ ଦେବା-ନେବା ପରି ଏକ ସର୍ବସମ୍ମତ ପ୍ରଥା ଆମ ସମାଜର ଅସ୍ଥିମଜ୍ଜାଗତ ହୋଇଗଲା। ତେଣୁ ଏହି ସୁଯୋଗରେ ବ୍ୟକ୍ତିଗତ ସହାୟକଟିଏ ହେଉ କି ଅଙ୍ଗନୱାଡ଼ି ଦିଦିଟିଏ, ସରକାରୀ ଅମିନଟିଏ ହେଉ କି ସ୍ୱଳ୍ପବେତନ ଭୋଗୀ ଅସ୍ଥାୟୀ ଚେକ୍‌ଗେଟ ଜଗୁଆଳିଟିଏ ସମସ୍ତେ ବେଳ ଉଣ୍ଡି ଏତେ ସମ୍ପତ୍ତି ଠୁଳ କରି ପକାଇଲେ ଯେ ତାହା ତନଖି ସଂସ୍ଥାକୁ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ କରି ପକାଇଲା। କିନ୍ତୁ ଚିନ୍ତାର ବିଷୟ ସେମାନେ କ'ଣ ଅଧସ୍ତନ କର୍ମଚାରୀ ହୋଇ ଏତେ ସାହସ କଲେ କୋଟି କୋଟି ଟଙ୍କା କମାଇଦେବା ପାଇଁ ଉପରିସ୍ଥ ଅଧିକାରୀଙ୍କ ଅଜାଣତରେ ? ନା କରିତ୍ କର୍ମା ସହକର୍ମୀ, ବଡ଼ ହାକିମ ତଥା ରାଜନୈତିକ ପୃଷ୍ଠପୋଷକମାନଙ୍କୁ ଆର୍ଥିକ ଫାଇଦା ଦେଉଦେଉ ନିଜ ହାତଚିକ୍କଣ କରିପକାଇଲେ। ଯଦି ଦୁର୍ନୀତି ଶୃଙ୍ଖଳରେ ଥିବା ଛୋଟମାଛଟିର ସମ୍ପତ୍ତି ଏତେ ତେବେ ବଡ଼ ମାଛମାନଙ୍କର ଯେ କେତେ ନ ହୋଇଥିବ ତାହା ଆକଳନ କରିବା ଆମର ସାଧ୍ୟ ବାହାରେ। ଧର୍ମକୁ ଆଖିଠାରେ ମାରିବା ଭଳି ଆମେ ଦୁର୍ନୀତି ଗଡ଼ିଆରେ ଜାଲପକେଇ ଯେତିକି ମାଛ ଜବତ କରୁଛେ ଶୁଖୁଆ ପରିମାଣ ଯେ ତା'ଠାରୁ କାହିଁ କେତେ ଅଧିକ ତାହା କହିବା ମୁସ୍କିଲ। ସେଇଥିପାଇଁ ତ ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାଶନାଲ୍ ନାମକ ବିଶ୍ୱସ୍ତରୀୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଦୁର୍ନୀତିଗ୍ରସ୍ତ ଦେଶ ତାଲିକାରେ ଭାରତର ନାମ ଅଗ୍ରଭାଗରେ ରହୁଛି। ଯଦି ପ୍ରକୃତରେ ଆମେ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଅବଲମ୍ବନ କରାଇବାକୁ ପ୍ରତିବର୍ଷ ଶପଥ ନେଉଛେ ତେବେ ଏ ସବୁ ଘଟୁଛି କିପରି ? ଯେତେଦିନ ଯାଏ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ତଥା ଉତ୍ତର ଦାୟିତ୍ୱବୋଧ ନ ରହିବ ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡର ପ୍ରାବଧାନ ଥିବ ସେତେଦିନ ଯାଏ ଦୁର୍ନୀତି ପ୍ରଶାସନର ଶିରା ପ୍ରଶିରାରେ ମାଡ଼ିଚାଲିବ। କେଜାଣି ମାନସିକତାରେ ପରିବର୍ତ୍ତନରେ ଏ ଦୃଶ୍ୟପଟ ବଦଳିବ ପରା !

୨୦-ଓଁକାର ଭିଲ୍ଲା, ଗଣ୍ଡମୁଣ୍ଡା,
ଭୁବନେଶ୍ୱର, ମୋ:୮୧୪୪୦୬୬୦୧୬

## ଏଇ ଭାରତରେ

ଗୋଷ୍ଠୀଗତ ପ୍ରୟାସ କିଭଳି ଭୋକିଲାଙ୍କ ପେଟ ଭରିପାରେ ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ପୁଣେରେ। ସ୍ନେହାଜ ଚୱାଲଙ୍କ ନେତୃତ୍ୱରେ ତାଙ୍କର ୬ ଜଣ ସାଙ୍ଗ ପୁଣେରେ ୨ଟି କମ୍ୟୁନିଟ୍ କିଚେନ ଚଳାଉଛନ୍ତି। ଏଠାରେ ପ୍ରତିଦିନ ସହରର ୪୦୦ ଭୋକିଲା ଲୋକଙ୍କୁ ଖାଇବାକୁ ଦିଆଯାଉଛି। କେବଳ ଏତିକି ନୁହେଁ ଅସହାୟ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ଦେଉଛନ୍ତି। ଏବେସୁଦ୍ଧା ୨୫୦ ଜଣ ମହିଳା ସେମାନଙ୍କ ଦ୍ୱାରା ରୋଜଗାରକ୍ଷମ ହୋଇସାରିଲେଣି। ମାସକୁ ୧୨,୦୦୦ ଲୋକଙ୍କୁ ରୋଜଗାର ଦେବା ଓ ଏସବୁ ଉନ୍ନତିମୂଳକ କାର୍ଯ୍ୟ ଲାଗି ସେମାନେ ଗୋଲ୍‌ଡେନ୍ ହାର୍ଟ ଫାଉଣ୍ଡେସନ ଗଠନ କରିଛନ୍ତି। ଏସବୁ ବାବଦ ଖର୍ଚ୍ଚ ସେମାନେ ଦାନ ଆକାରରେ ପାଉଥିବା ଅର୍ଥରେ ଚଳାଉଛନ୍ତି। ସେମାନେ ମଧ୍ୟ ବିଭିନ୍ନ ପେସାରେ ରହି ସେମାନଙ୍କ ଆୟକୁ ଏଥିରେ ଲଗାଉଛନ୍ତି। ୨୦୧୭ରୁ ଆରମ୍ଭ କରାଯାଇଥିବା କମ୍ୟୁନିଟି କିଚେନ୍ ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଖୋଲା ରହୁଛି। ଲୋକମାନେ ଆସି ସେଠାରେ ଲଞ୍ଚ କରୁଛନ୍ତି ଓ ଆବଶ୍ୟକସ୍ଥଳେ ଅତି ଅସହାୟଙ୍କ ପାଇଁ ଡିନର ପ୍ୟାକ୍ କରି ସେମାନଙ୍କୁ ଦିଆଯାଉଛି। ୭ ଜଣରେ ଆରମ୍ଭ କରାଯାଇଥିବା 'ଗୋଲ୍‌ଡେନ୍ ହାର୍ଟ ଫାଉଣ୍ଡେସନ'ରେ ଏବେ ଅନେକ ମହିଳା ସାମିଲ ହୋଇଛନ୍ତି ଓ ସେମାନେ ମାସକୁ ୨ ଲକ୍ଷ ଟଙ୍କା ସଂଗ୍ରହ କରିପାରୁଛନ୍ତି। ସାମୂହିକ ଉଦ୍ୟମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ଜୀବନରେ ହସ ଖେଳାଇବା ସମ୍ଭବ ବୋଲି କହନ୍ତି ଫାଉଣ୍ଡେଶନର ସଭାପତି ସ୍ନେହାଜ।

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ନଭେମ୍ବର ୧୯୯୬**

- ବେଲାରୁସ ପ୍ରଧାନମନ୍ତ୍ରୀ ମିଖାଇଲ ଚିଗିରି ରାଷ୍ଟ୍ରପତିଙ୍କର ବିଭିନ୍ନ ବିବାଦୀୟ ନିଷ୍ପତ୍ତି ଓ ନୀତିର ପ୍ରତିବାଦ କରି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ହଂକଂର ଏକ ବ୍ୟବସାୟ ପେଣ୍ଠସ୍ଥଳରେ ୧୬ ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ୩୪ ବ୍ୟକ୍ତି ଜୀବନ୍ତ ଦଗ୍ଧ।
- ପଞ୍ଜାବର ଉପମୁଖ୍ୟମନ୍ତ୍ରୀ ରାଜିନ୍ଦର କୌର ଭଟ୍ଟଲ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ତୋଳରେ ସେ ମାଟି ମାଆର ତିଳକ ଲଗାଅ ପଳେ
ଦେଖ ଦେଖ ଆଜି କାହାର ରୁଧିର ପଡିଲା ତଳେ।
ପିଶାଚୀ ବସୁଧା କାହା ଲହୁ ଆଜି ପିଇଲା ବାଛି
ଗୁଣେ ତୀର ଯୋଖ ନବୀନ ଯୁଗର ସବ୍ୟସାଚୀ।

-(ରକ୍ତ-ସ୍ରୋତ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | | |
| | 6 | | | 9 | | 4 | | |
| | 4 | 7 | | | 3 | | 1 | 9 |
| 8 | 1 | | | | | | 2 | 3 |
| | 7 | 3 | | | | | 5 | |
| | | | | | | | | |
| 4 | | 9 | | | 8 | 6 | | 1 |
| | | | 2 | | | | | 4 |
| | 5 | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 5 | 7 | 9 | 8 | 6 | 3 | 2 |
| 9 | 8 | 2 | 6 | 3 | 1 | 7 | 4 | 5 |
| 6 | 3 | 7 | 5 | 4 | 2 | 8 | 9 | 1 |
| 5 | 2 | 4 | 1 | 7 | 6 | 3 | 8 | 9 |
| 7 | 9 | 3 | 4 | 8 | 5 | 2 | 1 | 6 |
| 8 | 6 | 1 | 3 | 2 | 9 | 5 | 7 | 4 |
| 4 | 5 | 8 | 2 | 1 | 3 | 9 | 6 | 7 |
| 2 | 1 | 9 | 8 | 6 | 7 | 4 | 5 | 3 |
| 3 | 7 | 6 | 9 | 5 | 4 | 1 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ପାଇଁ ତିନି ଦ୍ୱାରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ମହାଶୟ,

ବହୁ ଶ୍ରଦ୍ଧାଳୁ ଅଛନ୍ତି, ଯେଉଁମାନେ ଦର୍ଶନର ଅଭିପ୍ରାୟ ନ ରଖି କେବଳ ମହାପ୍ରସାଦ କିଣିବା ପାଇଁ ମହାପ୍ରଭୁଙ୍କ ଆନନ୍ଦବଜାର ଯାଇଥାଆନ୍ତି। ଜଣେ କେହି ୨୦ କିମ୍ବା ୩୦ ଟଙ୍କାର ସ୍ୱଳ୍ପ ମୂଲ୍ୟର ମାଳମାହାର୍ଦ୍ଦ ପାଇଁ ସିଂହଦ୍ୱାରରୁ ଦୁଇ ତିନି ହଜାର ଲୋକଙ୍କ ପଛରେ ଠିଆହେବା କେତେଦୂର ସମୀଚୀନ ଓ ଯଥାର୍ଥ ତାହା ପ୍ରଶ୍ନବାଚୀ। କେବଳ ମହାପ୍ରସାଦ କିଣିବା ପାଇଁ ଚାହୁଁଥିବା ଭକ୍ତମାନଙ୍କୁ ପ୍ରଶାସନ ତିନିଦ୍ୱାର ମଧ୍ୟଦେଇ ପ୍ରବେଶର କୌଣସି ବ୍ୟବସ୍ଥା କରି ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇବା ସହ ବ୍ୟାପକ ଅସନ୍ତୋଷ ଦେଖାଦେଉଛି, ଯାହା ଚିନ୍ତାଜନକ।

କାରଣ, ପୁରୀର ବିଭିନ୍ନ ଦେବଦେବୀ ପୀଠମାନଙ୍କରେ ପ୍ରାୟ ମହାପ୍ରଭୁଙ୍କ ମହାପ୍ରସାଦ ସମର୍ପଣ କରିବାର ବିଧି ବିଧାନ ରହିଥିବା ବେଳେ, ଶ୍ରୀମନ୍ଦିର ପାର୍ଶ୍ୱରେ ବସିଥିବା ବ୍ରାହ୍ମଣମାନେ ସାଧାରଣରେ ଯାତ୍ରୀମାନଙ୍କ ସ୍ୱର୍ଗୀୟ ପିତୃପୁରୁଷଙ୍କ ଶ୍ରାଦ୍ଧ କର୍ମରେ ମହାପ୍ରସାଦ ଅର୍ପଣ ପାଇଁ ଆବଶ୍ୟକ ପଡ଼ିଥାଏ। ତେଣୁ, ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଆଧ୍ୟାତ୍ମିକ ସାମାଜିକ ଚେତନାର ଅନ୍ତର୍ନିହିତ ମୂଲ୍ୟବୋଧକୁ ଆନନ୍ଦବଜାରରେ ପ୍ରବେଶରେ ସୁବିଧା ଓ ଅନୁମତି ପ୍ରଦାନ କିମ୍ବା ଅନ୍ୟ କୌଣସି ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଇତ୍ୟାଦିକୁ ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ। ନଚେତ, ଶ୍ରୀମନ୍ଦିର ଆସୁଥିବା ଭକ୍ତମାନଙ୍କୁ ସବୁପ୍ରକାର ସୁବିଧା ଉପଲବ୍ଧି କରାଯାଇଛି ବୋଲି କହିବା କେବଳ ଅପରିପକ୍ୱ ଚିନ୍ତାଧାରାର ସତ୍ୟତାକୁ ପ୍ରତିପାଦିତ କରୁଛି ବୋଲି ଅସ୍ୱୀକାର କରାଯାଇ ନ ପାରେ। ଅନ୍ୟପକ୍ଷରେ, ବର୍ତ୍ତମାନର ଶାସନ କାଳରେ ପ୍ରାୟ ପ୍ରାଚୀନ ଆଧ୍ୟାତ୍ମିକ ପରମ୍ପରାରେ ଥିବା ସମସ୍ତ ପବିତ୍ର ଧାର୍ମିକ ନୀତି ନିୟମ ଓ କର୍ମର ଆଦର୍ଶ ବଦଳି ଯାଉଛି। ଶ୍ରୀମନ୍ଦିର ପ୍ରଶାସନ ସଚେତନତା ସହ ଈଶ୍ୱରୀୟ ଅନୁଭୂତି, କର୍ତ୍ତବ୍ୟବୋଧ ନିଷ୍ଠାର ପ୍ରତୀକ ଓ ଆଦର୍ଶବୋଧ ଏବଂ ନୈତିକ କର୍ତ୍ତବ୍ୟ ବୁଦ୍ଧିବତ୍ତାର ପରିଚୟ ଦେବା ପୂର୍ବକ ଏ ନେଇ ଗୁରୁଦାୟିତ୍ୱ ପ୍ରଦାନ କରିବାରେ ସୁଚିନ୍ତିତ ବ୍ୟବସ୍ଥା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଚିତ।

—ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୧୦୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର କଳାଧନ ଠାବ

**ନୂଆଦିଲ୍ଲୀ,୨୧।୧୧:** ଆୟକର ବିଭାଗ ପକ୍ଷରୁ ଗୁଜରାଟର ଏକ କମ୍ପାନୀ ଉପରେ ଚଢ଼ାଉ କରାଯାଇ ପ୍ରାୟ ୧୦୦ କୋଟି ଟଙ୍କାର କଳାଧନ ଠାବ କରାଯାଇଛି। ଏହା ରିୟଲ ଇଷ୍ଟେଟ ଏବଂ କେମିକାଲ ମାନୁଫାକଚରିଂ ଭଳି ବିଜନେସ ସହ ଜଡିତ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ୨୦ରୁ ଉର୍ଦ୍ଧ୍ୱ ସ୍ଥାନ ଉପରେ ବିଭାଗ ଚଢ଼ାଉ କରିଥିଲା। ବୃହତ୍ତ ପରିମାଣର ଅଘୋଷିତ ଆୟକୁ ଗ୍ରୁପ ପକ୍ଷରୁ ଆସେଟରେ ନିବେଶ କରାଯାଇଥିବା ନଜରକୁ ଆସିଛି। ଟିକସ ଫାଙ୍କିବା ଲାଗି ଗ୍ରୁପ ପକ୍ଷରୁ ବିଭିନ୍ନ ବେଆଇନ କାର୍ଯ୍ୟ କରାଯାଇଛି। ଜାଲ କିଣାବିକା ଇନଭଏସ, ମିଥ୍ୟା ଜିଏସ୍‌ଟି କ୍ରେଡିଟ ଏହା ନେଇଥିବା ଅଭିଯୋଗ ଆସିଛି। ଅଚଳ ସମ୍ପତ୍ତି ନାମରେ ନେଣନେଣ ବାବଦକୁ ଏହା ବିପୁଳ ପରିମାଣର ଅର୍ଥ ହାତେଇଛି। ଚଢ଼ାଉ ବେଳେ ୨.୫ କୋଟିର ନଗଦ ଏବଂ ୧ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଜବତ କରାଯାଇଛି। ଗ୍ରୁପର ୧୬ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇଛି।

### ଡିଜେଲ କାର୍ ତିଆରି ବନ୍ଦ କରିବ ମାରୁତି ସୁଜୁକି

**ନୂଆଦିଲ୍ଲୀ,୨୧।୧୧:** ମାରୁତି ସୁଜୁକି ଇଣ୍ଡିଆ ଡିଜେଲ କାର ପ୍ରସ୍ତୁତିକୁ ବନ୍ଦ କରିବାକୁ ଯାଉଛି। ୨୦୨୩ରେ ପରବର୍ତ୍ତୀ ପର୍ଯ୍ୟାୟ ନୂଆ ନିର୍ଗମନ ନିୟମ ଲାଗୁ ହେବାକୁ ଯାଉଥିବା ବେଳେ ଡିଜେଲ ବର୍ଗରେ ଯାନ ବିକ୍ରି ହ୍ରାସ ଘଟିବ। ଏହି ଯାନଗୁଡିକ ମହଙ୍ଗା ହେବାକୁ ଯାଉଥିବାରୁ ବଜାର ଚାହିଦା ଉପରେ ଏହାର ପ୍ରଭବା ପଡ଼ିବ। ଫଳରେ ବିକ୍ରି ଉପରେ ଏହାର ପ୍ରଭାବ ଦେଖାଯିବ। କମ୍ପାନୀ ଧୀରେ ଧୀରେ ପେଟ୍ରୋଲ କାର ବିକ୍ରି ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା କହିଛି। ଆମାମୀ ଦିନରେ ଡିଜେଲ ବର୍ଗରେ ଆଉ ରହିବୁ ନାହିଁ ବୋଲି କମ୍ପାନୀର ମୁଖ୍ୟ ଟେକ୍ନିକାଲ ଅଧିକାରୀ ସି.ଭି.ରମନ କହିଛନ୍ତି। ଯଦି ଚାହିଦା ରହେ ତେବେ ଏ କ୍ଷେତ୍ରରେ କିଛିଟା ଚିନ୍ତା କରାଯାଇପାରେ। ନଚେତ ଡିଜେଲ ବର୍ଗକୁ ଛାଡିବା ଯୋଜନା ନେଇ କମ୍ପାନୀ ଅଗ୍ରସର ହେଉଛି।

# ୬ ଲକ୍ଷ କୋଟିର ପ୍ରତ୍ୟକ୍ଷ ଟିକସ ଆଦାୟ

ନୂଆଦିଲ୍ଲୀ,୨୧।୧୧




କେନ୍ଦ୍ର ସରକାର ଅକ୍ଟୋବର ସୁଦ୍ଧା ୬ ଲକ୍ଷ କୋଟି ଟଙ୍କାର ନେଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ହାରାହାରି ମାସିକ ଜିଏସ୍‌ଟି ଆଦାୟ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ରହିବ। ଚଳିତ ଆର୍ଥିକ ବର୍ଷ ଶେଷରେ କେନ୍ଦ୍ର ସରକାର ବଜେଟରେ ଧାର୍ଯ୍ୟ କରିଥିବା ଟିକସ ସଂଗ୍ରହ ଲକ୍ଷ୍ୟ ଟପିବ ବୋଲି କେନ୍ଦ୍ର ରାଜସ୍ୱ ସଚିବ ତରୁଣ ବଜାଜ ରବିବାର କହିଛନ୍ତି।

ବଜାଜ କହିଛନ୍ତି, ପେଟ୍ରୋଲ ଏବଂ ଡିଜେଲ ଉପରେ ହୋଇଥିବା ଉତ୍ପାଦ ଟିକସ ହ୍ରାସ ଯୋଗୁ କେନ୍ଦ୍ର ସରକାରଙ୍କୁ ଚଳିତ ଆର୍ଥିକ ବର୍ଷରେ ୮୦ ହଜାର କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିବ। ରିଫଣ୍ଡ ଦେବା ପରେ ମଧ୍ୟ ଟିକସ ସଂଗ୍ରହ ୬ ଲକ୍ଷ କୋଟି ଟଙ୍କା ରହିଥିବାରୁ ବଜେଟ ଲକ୍ଷ୍ୟ ପୂରଣ ଲାଗି ସକ୍ଷମ ହେବୁ ବୋଲି ବଜାଜ ମତ ରଖିଛନ୍ତି। ଚଳିତ ଆର୍ଥିକ ବର୍ଷରେ ୨୨.୨ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଟିକସ ସଂଗ୍ରହରେ ୯.୫% ଅଭିବୃଦ୍ଧି ଆଶା ରଖାଯାଇଛି। ଗତ ଆର୍ଥିକ ବର୍ଷରେ ଟିକସ ଆଦାୟ ୨୦.୨ ଲକ୍ଷ କୋଟିଟଙ୍କା ରହିଥିଲା। ପ୍ରତ୍ୟକ୍ଷ ଟିକସରୁ ୧୧ ଲକ୍ଷ କୋଟି ଆଦାୟ ଲକ୍ଷ୍ୟ ରହିଛି। ଏହା ମଧ୍ୟରେ ୫.୪୭ ଲକ୍ଷ କୋଟି ଟଙ୍କାର କର୍ପୋରେଟ ଟିକସ ଏବଂ ୫.୬୧ ଲକ୍ଷ କୋଟିର ଆୟକର ଆଦାୟ ହେବ ବୋଲି ଆକଳନ କରାଯାଇଛି।

ଡିସେମ୍ବରକୁ ଛାଡ଼ିଦେଲେ ଜିଏସ୍‌ଟି ଆଦାୟ ମୋଟାମୋଟି ଭାବେ ଉନ୍ନତ ରହିଛି। ମାର୍ଚ୍ଚ ତ୍ରୈମାସରେ ଏଥିରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ଅକ୍ଟୋବରରେ ୧.୩୦ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ପରୋକ୍ଷ ଟିକସ ଆଦାୟ ୧.୧୫ ଲକ୍ଷ କୋଟି ଟଙ୍କା ସ୍ତରରୁ କମି ନ ପାରେ। ଚଳିତ ଆର୍ଥିକ ବର୍ଷରେ ୧.୩୬ ଲକ୍ଷ କୋଟିର ସୀମା ଶୁଳ୍କ, ୩.୩୫ ଲକ୍ଷ କୋଟି ଟଙ୍କାର ଉତ୍ପାଦ ଟିକସ, ଜିଏସ୍‌ଟି ଏବଂ କ୍ଷତିପୂରଣ ସେସ୍ ବାବଦକୁ ୬.୩୦ ଲକ୍ଷ କୋଟି ଆଦାୟ ହେବା ନେଇ ଆକଳନ କରାଯାଇଛି।

## ହୋଣ୍ଡା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଭୁବନେଶ୍ୱର,୨୧।୧୧



ଶିଶୁଦିବସ ଅବସରରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ସାରା ଦେଶରେ ଯୁବ ସଡ଼କ ବ୍ୟବହାରକାରୀଙ୍କ ପାଇଁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରାଯାଇଛି। ଶିଶୁଙ୍କ ସାମଗ୍ରିକ ବିକାଶକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ବି ସେଫ୍, ବି ସ୍ମାର୍ଟ ଅଭିଯାନ ଶୁଭାରମ୍ଭ କରାଯାଇଥିଲା। ଏହି ସଡ଼କ ସୁରକ୍ଷା ଅଭିଯାନ କୌତୁକପୂର୍ଣ୍ଣ ଶିକ୍ଷଣୀୟ ଅଭିଯାନରେ ୬ ରୁ ୧୫ ବର୍ଷ ବୟସର ୫,୫୦୦ରୁ ଅଧିକ ପିଲାଙ୍କୁ ସଚେତନ କରାଯାଇଛି। ଦେଶର ୧୯ଟି ସହର ଓ ନଗରର ୪୧ରୁ ଅଧିକ ସ୍କୁଲରେ ପହଞ୍ଚି ହୋଣ୍ଡାର ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ସ୍କୁଲଭିତ୍ତିକ କାର୍ଯ୍ୟକ୍ରମ ଓ ଡିଜିଟାଲ ଅଭିଯାନ ଇ-ଗୁରୁକୁଳ ଜରିଆରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କମ୍ପାନୀର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ବରିଷ୍ଠ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି, ବି ସ୍ମାର୍ଟ ଓ ବି ସେଫ୍ ଅଭିଯାନ ଜରିଆରେ ପିଲାମାନଙ୍କୁ ଟ୍ରାଫିକ୍ ଲାଇଟ୍ ଓ ସିଗ୍ନାଲ୍‌କୁ ବୁଝିବା, ସଡ଼କ ସୁରକ୍ଷା ସଙ୍କେତ ଓ ଚିହ୍ନଗୁଡ଼ିକ ବିଷୟରେ ସୂଚନା ଦେବା, ପଥଚାରୀଙ୍କ ସୁରକ୍ଷା ପାଇଁ ଟିପ୍‌ସ, ସଡ଼କକୁ ବ୍ୟବହାର କରିବାର ବ୍ୟବସ୍ଥା, ରାଇଡିଂ ଗିୟର ଓ ସିଟ୍ ବେଲ୍ଟ, ସୁରକ୍ଷିତ ଭାବେ ସାଇକେଲ ଚାଳନା, ସ୍କୁଲ ବସ୍‌ରେ ସୁରକ୍ଷିତ ଭାବେ ଯାତ୍ରା କରିବା ଓ ସଡ଼କରେ ଥିବା ବେଳେ କ'ଣ କରିବେ ଓ ନ କରିବେ ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

## ଟାଟା ପାୱାରର ଦକ୍ଷତା ବିକାଶ ପଦକ୍ଷେପ

ଭୁବନେଶ୍ୱର,୨୧।୧୧

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କଟକ ଜିଲାର ନରାଜ ଗ୍ରାମପଞ୍ଚାୟତର ତଳଗଡ଼ ଗ୍ରାମରେ ଏହାର ପ୍ରଥମ ଧନ୍ଦାମୂଳକ ପ୍ରଶିକ୍ଷଣ ତଥା ଟ୍ୟୁଟୋରିଆଲ୍ ସେଣ୍ଟର୍‌କୁ ଶୁଭାରମ୍ଭ କରାଯାଇଛି। ଟିପିସିଓଡିଏଲ୍‌ର ସିଇଓ ଏମ୍ ସେନ୍‌ବାଗମ୍ ଓ କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ୨ ହଜାରରୁ ଅଧିକ ପରିବାରର ଆବଶ୍ୟକତାକୁ ଏହି ଧନ୍ଦାମୂଳକ ଓ ଟ୍ୟୁଟୋରିଆଲ୍ ସେଣ୍ଟର ପୂରଣ କରିବ ବୋଲି କମ୍ପାନୀ ଆଶାବାଦୀ ରହିଛି। ସ୍ଥାନୀୟ ଯୁବପିଢ଼ିଙ୍କ ବର୍ତ୍ତମାନର ଦକ୍ଷତାରେ ଶିଳ୍ପଭିତ୍ତିକ ଟ୍ରେଡ୍‌ରେ ଉନ୍ନତି ଆଣି ସେମାନଙ୍କୁ ନିଯୁକ୍ତି ହାସଲ ପାଇଁ ଅଧିକ ସକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ଅମୁଲ ପକ୍ଷରୁ ସାଇକେଲ ଶୋଭାଯାତ୍ରା




କଟକ,୨୧।୧୧

ଦେଶର ଅଗ୍ରଣୀ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା 'ଗୁଜରାଟ କୋ ଅପରେଟିଭ ମିଲ୍କ୍ ମାର୍କେଟିଂ ଫେଡେରେଶନ୍' ବା ଅମୁଲର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ସେହିଭଳି ଶ୍ୱେତ ବିପ୍ଳବର ଜନକ ଡ. ଭର୍ଗିସ୍ କୁରିଏନଙ୍କ ୧୦୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ କମ୍ପାନୀ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଛି। ରବିବାର ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ୍ ପରିସରରୁ ଅମୁଲ ପକ୍ଷରୁ ଏକ ସାଇକେଲ ରାଲି (ସାଇକ୍ଲୋଥନ୍)ର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ କଟକ ମହାନଗର ନିଗମ (ସିଏମସି) କମିଶନର ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ କଟକର ବିଭିନ୍ନ ସ୍ଥାନରୁ ଶତାଧିକ ସାଇକେଲ ଆରୋହୀ ସ୍ୱେଚ୍ଛାକୃତ ଭାବେ ଉକ୍ତ ର୍‍ୟାଲିରେ ଅଂଶଗ୍ରହଣ କରିଥିଲେ। ଉଭୟ କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ଶୋଭାଯାତ୍ର ସାଇକେଲ ର୍‍ୟାଲି ଜରିଆରେ କରାଯାଇଥିଲା। ଉକ୍ତ ର୍‍ୟାଲି ଇନଡୋର ଷ୍ଟାଡିୟମରୁ ଆରମ୍ଭ ହୋଇ ସ୍ଥାନୀୟ ଜୋବ୍ରା, କଲେଜ ଛକ, ରାଣିହାଟ, ଖାନନଗର, ହାଇକୋର୍ଟ ଛକ ଏବଂ କନିକା ଛକ ଦେଇ ପୁନଶ୍ଚ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଶେଷ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ଏମପି ସୁଜିତ କୁମାରଙ୍କ ସମେତ ବିଶିଷ୍ଟ ସାମାଜିକକର୍ମୀ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ର୍‍ୟାଲିରେ ଅଂଶଗ୍ରହଣ କରିଥିବା ସାଇକେଲ ଆରୋହୀଙ୍କ ପ୍ରଶଂସା କରିବା ସହ ଶୁଭକାମନା ଜଣାଇଥିଲେ। ସେହିପରି ଇଣ୍ଡୋର୍ ଷ୍ଟାଡିୟମ୍‌ର ଇନଚାର୍ଜ ଅଜୟ କୁମାର ବେହେରା, ଅମୁଲ୍‌ର ଶାଖା ପରିଚାଳକ ସୁଶାନ୍ତ କୁମାର ନାଏକ, ଅଫିସର୍ ଇନଚାର୍ଜ ଦେବାଶିଷ ପତି ଏବଂ ଜଗମୋହନ ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କମ୍ପାନୀ ବହୁ କର୍ମଚାରୀ ଓ ସ୍ଥାନୀୟ ସହଯୋଗରେ ଶକ୍ତି ରଞ୍ଜନ ସାହୁ ଓ ଜ୍ଞାନଦତ୍ତ ରଥ ଉକ୍ତ ର୍‍ୟାଲିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ଟିଭିଏସ୍ ୟୁରୋଗ୍ରିପ୍ ବ୍ରଞ୍ଚ୍ ଆଣ୍ଡ ବାଇକିଂ

ଭୁବନେଶ୍ୱର,୨୧।୧୧

ଟିଭିଏସ୍ ଶ୍ରୀଚକ୍ର ଲିମିଟେଡ ପକ୍ଷରୁ ଓଡ଼ିଶାରେ ଟିଭିଏସ୍ ୟୁରୋଗ୍ରିପ୍ ବ୍ରଞ୍ଚ ଆଣ୍ଡ୍ ବାଇକିଂର ପ୍ରଥମ ସଂସ୍କରଣ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ରଞ୍ଚ ଆଣ୍ଡ୍ ବାଇକିଂର ପ୍ରଥମ ସଂସ୍କରଣ ରବିବାର ଦିନ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହା ଓଡ଼ିଶାର ଧଉଳି ଶାନ୍ତି ସ୍ତୁପରୁ ଆରମ୍ଭ ହୋଇ କୋଣାର୍କ ମଧ୍ୟଦେଇ ହୋଟେଲ ସ୍ୱସ୍ତି ପ୍ରିମିୟମରେ ସମାପ୍ତ ହୋଇଥିଲା । ବ୍ରଞ୍ଚ ଆଣ୍ଡ୍ ବାଇକିଂ ହେଉଛି ବାଇକ ଚାଳନା ଓ ରୋମାଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ମିଶ୍ରଣ। ଏହା ଚାଳକମାନଙ୍କୁ ଟିକାକରଣକୁ ନେଇ ସଚେତନତା ସୃଷ୍ଟି କରିବା ଓ ଗୋଷ୍ଠୀ ଗାଡ଼ି ଚାଳନାର ଭାବକୁ ପାଳନ କରିବାର ସୁଯୋଗ ପ୍ରଦାନ କରିବ ବୋଲି କମ୍ପାନୀ ଆଶାବାଦୀ ରହିଛି।

ଫୁର୍‌ସତ୍

## ଫାଣ୍ଟା ମ୍ୟାଗି



**ନୂଆଦିଲ୍ଲୀ:** ମନପସନ୍ଦର ଖାଦ୍ୟ ରୋଷେଇ କରିବା ସମୟରେ କେହି ଖରାପ କହିଦେଲେ ବିରକ୍ତ ଲାଗିବା ସ୍ୱାଭାବିକ। କିନ୍ତୁ ଅନେକ ସମୟରେ ଖାଦ୍ୟ ସାମଗ୍ରୀକୁ ଅଜବ ଢଙ୍ଗରେ ପ୍ରସ୍ତୁତ କରିବା ନିଶା ଏହାର ସ୍ୱାଦକୁ ଅବାଗିଆ କରିଦିଏ। ତଥାପି ଏଭଳି ନିଆରା ଖାଦ୍ୟକୁ ଅନେକେ ପସନ୍ଦ କରନ୍ତି। ଠିକ୍ ଏମିତି ଏକ ଖାଦ୍ୟ ହେଉଛି 'ଫାଣ୍ଟା ମ୍ୟାଗି'। ସୋସିଆଲ ମିଡିଆରେ ଏହି ଖାଦ୍ୟ ଏବେ ଭାଇରାଲ୍ ହେବାରେ ଲାଗିଛି।

ମ୍ୟାଗି ଖାଇବାକୁ ପ୍ରାୟ ସମସ୍ତଙ୍କୁ ଭଲ ଲାଗେ। ଆଉ ଥଣ୍ଡା ପାନୀୟ ଭାବେ ଫାଣ୍ଟା ପିଇବାକୁ ବି ଅନେକ ପସନ୍ଦ କରନ୍ତି। କିନ୍ତୁ ଫାଣ୍ଟାରେ ମ୍ୟାଗି ତିଆରି କରି ଖାଇବାର ସ୍ୱାଦ କିଭଳି ହେବ ତାହା ତ ଲୋକେ ଶୁଣିବା ମାତ୍ରେ ଜାଣିପାରୁଥିବେ। ଫୁଡି ଇନକାର୍ନେଟ୍ ନାମକ ଏକ ଫେସ୍‌ବୁକ୍ ଆକାଉଣ୍ଟରେ ଏଭଳି ଏକ ଖାଦ୍ୟର ଭିଜୁଆଲ ଶେୟାର କରାଯାଇଛି। ଭିଡିଓଟି ଗାଜିଆବାଦର ରାସ୍ତା କଡରେ ଥିବା ଏକ ଦୋକାନର ବୋଲି ଏଥିରେ ସୂଚନା ଦିଆଯାଇଛି। ଫାଣ୍ଟାରେ କିଭଳି ମ୍ୟାଗି ପ୍ରସ୍ତୁତ କରାଯାଉଛି, ତାହାର ସମ୍ପୂର୍ଣ୍ଣ ବିଧି ଏଥିରେ ପ୍ରଦର୍ଶନ କରାଯାଇଛି।

## ଚତୁର୍ଥ ବିବାହ କରିବେ ଜେନିଫର ଲୋପେଜ



**ଲସ୍‌ଏଞ୍ଜେଲସ୍:** ହଲିଉଡ ଅଭିନେତ୍ରୀ ତଥା ଗାୟିକା ଜେନିଫର ଲୋପେଜ ଚତୁର୍ଥ ବିବାହ କରିବାକୁ ଯାଉଥିବା ଚର୍ଚ୍ଚା ହେଉଛି। ଖ୍ୟାତିସମ୍ପନ୍ନ ହଲିଉଡ ଅଭିନେତା ବେନ ଆଫ୍ଲେକଙ୍କ ହାତ ଧରିବେ ବୋଲି ଗୁଜବ ହେଉଛି। ସେ ପୂର୍ବରୁ ୩ଥର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କିନ୍ତୁ ବୈବାହିକ ଜୀବନ ଦୀର୍ଘସ୍ଥାୟୀ ହୋଇପାରିନି। ନିକଟରେ ଏକ ସାକ୍ଷାତକାରରେ ତାଙ୍କ ବିବାହ ବିଷୟରେ ମଜାଦାର କଥା କହିଛନ୍ତି ଜେନିଫର। ତାଙ୍କର ଆଗାମୀ ଚଳଚ୍ଚିତ୍ର 'ମ୍ୟାରି ମି' କୁ ପ୍ରମୋଟ କରୁଛନ୍ତି ସେ । ଏହି କ୍ରମରେ ଜେନିଫର ଏକ ଶୋ'ରେ ପହଞ୍ଚିଥିଲେ। ଏହି ଶୋ'ରେ ତାଙ୍କ ବିବାହ ବିଷୟରେ ପ୍ରଶ୍ନ ପଚରାଯାଇଥିଲା। ଜେନିଫର୍ ସ୍ମିତହାସ୍ୟ ଦେଇ କହିଲେ, 'ତୁମେ ଜାଣ ମୁଁ ଜଣେ ରୋମାଣ୍ଟିକ ବ୍ୟକ୍ତି। ମୁଁ ପୂର୍ବରୁ ଅନେକ ଥର ବିବାହ କରିସାରିଛି। ଏବେ ସୁଦ୍ଧା ମୁଁ 'ହାପି ଏଭର୍ ଆଫ୍ଟର୍' ଉପରେ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରେ। ମୁଁ ତାହା କରିବି ମଧ୍ୟ'। ଏଥିରୁ ସେ ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ବାନ୍ଧିହେବେ ବୋଲି ଆଲୋଚନା ହେଉଛି। ଜେନିଫର୍ ଲୋପେଜ ଏବଂ ବେନ ଆଫ୍ଲେକ ଫିଲ୍ମ 'ଦ ଲାଷ୍ଟ ଡୁଏଲଟ'ର ପ୍ରିମିୟରରେ ଏକାଠି ନଜର ଆସିଥିଲେ। ଜେନିଫର୍ ତାଙ୍କ ଇନ୍‌ଷ୍ଟାଗ୍ରାମରେ ପ୍ରିମିୟରର ଏକ ଫଟୋ ମଧ୍ୟ ଶେୟାର କରିଥିଲେ। ସୂଚନାଯୋଗ୍ୟ, ୧୯୯୭ରେ ପ୍ରଥମ ଥର ପାଇଁ ଓଜାନି ନୋଆଙ୍କୁ ବିବାହ କରିଥିଲେ ଜେନିଫର। ଏହି ବିବାହ ମାତ୍ର ମାତ୍ର ୧ ବର୍ଷ ହିଁ ତିଷ୍ଠି ରହିପାରିଥିଲା। ଏହାପରେ ୨୦୦୧ରେ ଜେନିଫର୍ କ୍ରିସ ଜୁଡ୍‌ଙ୍କୁ ବିବାହ କରିଥିଲେ, କିନ୍ତୁ ଦୁଇ ବର୍ଷ ପରେ କ୍ରିସ୍ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ୨୦୦୪ରେ ମାର୍କ ଆଣ୍ଟୋନୀଙ୍କ ସହ ତାଙ୍କର ତୃତୀୟ ବିବାହ ହୋଇଥିଲା। ୧୦ ବର୍ଷ ପରେ ଉଭୟେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ।

## ଟ୍ରକ୍‌ରୁ ହେଲା ନୋଟ ବର୍ଷା

**କାଲିଫର୍ନିଆ:** ଯଦି ରାସ୍ତାରେ ଦଶ ଟଙ୍କିଆ ନୋଟ ଖଣ୍ଡେ ମିଳିଯାଏ, ତେବେ ଖୁସିର ସୀମା ନ ଥାଏ। କିନ୍ତୁ ଆମେରିକାର କାଲିଫର୍ନିଆରେ ଡଲାର ବର୍ଷା ହୋଇଛି ଏବଂ ଲୋକମାନେ ରାସ୍ତା ମଝିରେ ନୋଟ ଗୋଟାଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ପୋଲିସ ଏବଂ ଏଫବିଆଇ ସେମାନଙ୍କ ପଛରେ ପଡିଯାଇଥିଲେ। ଲୋକଙ୍କୁ ନୋଟ ଫେରସ୍ତ କରିବାକୁ କୁହାଯାଇଛି, ନଚେତ୍ ସମସ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ପୋଲିସ ଅଧିକାରୀଙ୍କ କହିବାନୁସାରେ, ଶୁକ୍ରବାର ସକାଳ ପ୍ରାୟ ୯.୧୫ ବେଳେ ଏକ ନୋଟ ଭର୍ତ୍ତି ଟ୍ରକ କାର୍ଲସ୍ୟାଡର ଇଣ୍ଟରଷ୍ଟେଟ ହାଇୱେ-୫ ଦେଇ ଯାଉଥିଲା। ଏହି ଟ୍ରକରେ ଅନେକ ବ୍ୟାଗରେ ନୋଟ ଭର୍ତ୍ତି କରାଯାଇଥିଲା। ହଠାତ୍ ଟ୍ରକର ପଛ କବାଟ ଖୋଲିଯିବାରୁ ପ୍ରବଳ ପବନ ଯୋଗୁ ଟଙ୍କା ବ୍ୟାଗଗୁଡ଼ିକ ଖୋଲିଯାଇଥିଲା। ବ୍ୟାଗ ଖୋଲିବା ମାତ୍ରେ ଏଥିରେ ଭର୍ତ୍ତି ହୋଇଥିବା ନୋଟଗୁଡ଼ିକ ପବନରେ ଉଡ଼ିବା ଆରମ୍ଭ କଲା। ଏହି ଦୃଶ୍ୟ ଦେଖି ଆଖପାଖର ଲୋକମାନେ ଗାଡିଗୁଡ଼ିକୁ ଅଟକାଇ ନୋଟ ଲୁଟିବା ଆରମ୍ଭ କଲେ, ଯେଉଁଥିପାଇଁ ସମଗ୍ର ରାଜପଥ ଜାମ ହୋଇଯାଇଥିଲା। ଟ୍ରକର ଡ୍ରାଇଭର ଦେଖିଲେ ଯେ ତାଙ୍କ ଟ୍ରକର ନୋଟ ଆକାଶରେ ଉଡୁଛି ଏବଂ ଲୋକମାନେ ତାଙ୍କୁ ଲୁଟୁଛନ୍ତି, ସେତେବେଳେ ସେ ଏହାକୁ ବିରୋଧ କରିଥିଲେ। କିନ୍ତୁ ଲୋକମାନେ ଟ୍ରକ ଡ୍ରାଇଭରଙ୍କ ସହ ମାରପିଟ କରିଥିଲେ। ଡ୍ରାଇଭର ବାଧ ହୋଇ ପୋଲିସକୁ ଜଣାଇଥିଲେ। ତେବେ ଟ୍ରକ୍‌ରେ କେତେ ନୋଟ ଥିଲା ତାହା ଜଣାପଡିନାହିଁ।

**ଜନ୍ମଦିନର ଶୁଭେଚ୍ଛା**




**ସୌଭାଗ୍ୟ ଲକ୍ଷ୍ମୀ ପଣ୍ଡା (ଖୁସି)**
ଖୁଣ୍ଟୁଣୀ
ଆଜି ତୋର ଶୁଭ ଜନ୍ମଦିନରେ ତୋର ଦୀର୍ଘ ଜୀବନ କାମନା ସହିତ ଉଜ୍ଜ୍ୱଳ ଭବିଷ୍ୟତ ଓ ସୁସ୍ଥ ନିରାମୟ ଜୀବନ ପାଇଁ ପତିତପାବନଙ୍କ ପାଖରେ ପ୍ରାର୍ଥନା କରୁଛୁ।
ତୋର ବଡ଼ଜେଜ, ଜେଜ-ଜେଜେମାଆ, ତିଳକ ବାବା-ମମି, ବାବା-ମାମା, ସାନବାବା-ସାନମମି, ଛୁଆଭାଇ ରିଷି, କାକା, ବଣ୍ଟିବାବା ଓ ଆତ୍ମୀୟ ।
ଧ-୨୨୩୪୫

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଶିଶିର କୁମାର ଶତପଥୀ**
ଗୁଡ଼ିଆନାଳୀ, ଢେଙ୍କାନାଳ
ଆବିର୍ଭାବ: ୦୬।୧୦।୧୯୪୪
ତିରୋଧାନ: ୧୧।୧୧।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କର ସେବା, ପରୋପକାରିତା, ସ୍ନେହ, ଶ୍ରଦ୍ଧା, ଆମମାନଙ୍କର ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଶତପଥୀ ଓ ମିଶ୍ର ପରିବାରବର୍ଗ ।
ଧ-୭୦୩୭୦

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀ କିଶୋର ଚନ୍ଦ୍ର ଜେନା**
ଲକ୍ଷ୍ମୀସାଗର ଉପରସାହି
ଆବିର୍ଭାବ: ୧୫।୦୪।୧୯୫୭
ତିରୋଧାନ: ୦୩।୧୨।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ସବୁଦିନ ପାଇଁ ସମସ୍ତଙ୍କର ମନେ ରହିବ, ଯେଉଁଠାରେ ଥାଆନ୍ତୁ ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ, ଆଜି ଏହି ପବିତ୍ର ତିଥିରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପତ୍ନୀ: ଭାନୁମତୀ ଜେନା, ପୁଅ-ଝିଅ: ମିତୁ, ରିତୁ, ଜିତୁ, ବୋହୂ: ଝୁନୁ, ଜ୍ୱାଇଁ: ପିଙ୍କୁ, ନାତୁଣୀ: ବବ୍‌ଲି, ଲବ୍‌ଲି, ତିତ୍‌ଲି ।
ଧ-୨୨୩୪୩

## ଅଜବ ଭାଷାର ଗାଁ



**ସିମ୍‌ଲା:** ଆମ ଦେଶରେ ଅନେକ ରହସ୍ୟମୟ କଥା ଲୁଚି ରହିଛି। ଯାହା ସମ୍ପର୍କରେ ଖୁବ୍ କମ୍ ଲୋକ ଜାଣନ୍ତି। ଭାରତରେ ଏମିତି ଏକ ସ୍ଥାନ ଅଛି, ଯାହା ସମ୍ପର୍କରେ ଜାଣିଲେ ସାରା ବିଶ୍ୱବାସୀ ଆଶ୍ଚର୍ଯ୍ୟ ହୋଇଯିବେ। ଏପରି ଅଜବ ସ୍ଥାନ ରହିଛି ହିମାଚଳ ପ୍ରଦେଶରେ। ଏଠାକାର ଏକ ଗାଁ ଖୁବ ରହସ୍ୟମୟ। ଏହି ଗାଁର ଲୋକ ଏମିତି ଭାଷାରେ କଥାବାର୍ତ୍ତା କରନ୍ତି, ଯାହା ଅନ୍ୟ କୌଣସି ଲୋକ ବୁଝି ପାରିବେ ନାହିଁ। ଗାଁର ନାଁ 'ମାଲାନା'। ହିମାଳୟ ଶିଖରରେ ଥିବା ଏହି ଗ୍ରାମର ଚତୁଃପାର୍ଶ୍ୱରେ ଗଭୀର ଖାଲ ଏବଂ ବରଫ ପାହାଡ଼ ଘେରି ରହିଛି। ୧୭୦୦ ଲୋକ ବାସ କରୁଥିବା ଉକ୍ତ ଗାଁଟି ଦେଖିବାକୁ ଖୁବ ସୁନ୍ଦର। ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଏଠାକୁ ବିଶ୍ୱର ସବୁ ସ୍ଥାନରୁ ଲୋକେ ଆସିଥାନ୍ତି। ଏଠାକାର ଲୋକେ 'କାନାଶି' ନାମକ ଭାଷାରେ କଥାବାର୍ତ୍ତା କରିଥାନ୍ତି। ସେଠାକାର ଲୋକେ ଏହାକୁ ଏକ ପବିତ୍ର ଭାଷା ବୋଲି ବିବେଚନା କରିଥାନ୍ତି। ଏହି ଭାଷାର ଅନ୍ୟ ଏକ ସ୍ୱତନ୍ତ୍ରତା ହେଲା ଦୁନିଆର ଆଉ କେଉଁଠି ଏହି ଭାଷାରେ କେହି କଥାବାର୍ତ୍ତା କରନ୍ତି ନାହିଁ। ଏହି ଭାଷାକୁ ବାହାର ଲୋକଙ୍କୁ ମଧ୍ୟ ଏମାନେ ଶିଖାନ୍ତି ନାହିଁ। ଏହାକୁ ନେଇ ଅନ୍ୟ ଦେଶରେ ଅନୁସନ୍ଧାନ କରାଯାଉଛି।

**CLASSIFIED DISPLAY**
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

**ଲୋନ୍ ଧମାକା**
**2% ସୁଧ, 50% ଛାଡ**
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
**ମୁଦ୍ରା ଫାଇନାନ୍ସ**
9953557897 / 9432985505
Whatsapp : 9953557897

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ନଭେମ୍ବର ୨୨/୨୦୨୧ Sambalpur, Monday, November 22/ 2021

# ପେନ୍‌ଙ୍କୁ ସ୍ତ୍ରୀ ବୋନୀଙ୍କ ସମର୍ଥନ

**ମେଲବୋର୍ନ,୨୧।୧୧:** ୪ ବର୍ଷ ତଳେ ଘଟିଥିବା ଏକ ମାମଲାକୁ ନେଇ ପୁଣି ଥରେ ହଟଚମଟ ସୃଷ୍ଟି କରାଯିବା ଦୁର୍ଭାଗ୍ୟଜନକ ବୋଲି ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ଟିମ୍ ପେନ୍‌ଙ୍କ ସ୍ତ୍ରୀ ବୋନୀ ମ୍ୟାଗ୍ସ କହିଛନ୍ତି। ୨୦୧୭ରେ ପେନ୍ କ୍ରିକେଟ ତାସମାନିଆର ଜଣେ ମହିଳା କର୍ମଚାରୀଙ୍କୁ ଅଶ୍ଲୀଳ ମେସେଜ ପଠାଇଥିଲେ। ତେବେ ପୁଣି ଥରେ ଏହି ଘଟଣାକୁ ନେଇ ସବୁଆଡେ ଚର୍ଚ୍ଚା ହେବା ଘଟଣାକୁ ବୋନୀ ନିନ୍ଦା କରିଛନ୍ତି। ଏ ନେଇ ସେ ସ୍ୱାମୀଙ୍କୁ ସମର୍ଥନ କରିଛନ୍ତି। ପୁଣି ଥରେ ଜାଣିଶୁଣି ଏ ଘଟଣାକୁ ଲୋକଲୋଚନକୁ ଅଣାଯାଇଥିବାରୁ ପେନ୍ ଆଶେସ ଆରମ୍ଭ ହେବା ପୂର୍ବରୁ ଟେଷ୍ଟ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ୨୦୧୬ରେ ପେନ୍ ଓ ବୋନୀ ବିବାହ କରିଥିଲେ ଓ ସେମାନଙ୍କର ଦୁଇଟି ସନ୍ତାନ ରହିଛନ୍ତି। ଏହି ମାମଲାକୁ ପଛରେ ପକାଇ ଆମେ ବହୁତ ଆଗକୁ ଗତି କରିଛୁ ବୋଲି ବୋନୀ କହିଛନ୍ତି। ପ୍ରଥମେ ଆମ ଭିତର କଥା କଟାକଟି ହୋଇଥିଲା। ଏହି ଘଟଣାରେ ବହୁତ ରାଗି ଥିଲି ଓ ହତାଶ ଅନୁଭବ କରିଥିଲି। ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଚକିତ ହୋଇଥିଲି ଓ ଦୁଃଖ ମଧ୍ୟ ଅନୁଭବ କରିଥିଲି। ତେବେ ପେନ୍ ମୋ ପ୍ରତି ସବୁବେଳେ ସାଧୁତା ଅବଲମ୍ବନ କରିଆସିଛନ୍ତି। ତେଣୁ ତାଙ୍କୁ କ୍ଷମା କରିବା ସହ ଜୀବନରେ ଆଗକୁ ବଢ଼ିବାକୁ ମିଳିତ ଭାବେ ନିଷ୍ପତ୍ତି ନେଇଥିଲୁ।

# ଟି୨୦: ଭାରତର କ୍ଲିନ୍ ସୁଇପ୍

**କୋଲକାତା, ୨୧।୧୧**

ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଭାରତ ରବିବାର ଏଠାରେ ଅନୁଷ୍ଠିତ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୭୩ ରନରେ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ। ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ୧୮୫ ରନ ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୧୭.୨ ଓଭରରେ ୧୧୧ ରନ କରି ଅଲଆଉଟ ହୋଇ ଯାଇଥିଲା।

ବଡ଼ ସ୍କୋରକୁ ଚେଜ୍ କରିବା ଚାପକୁ ହାତେଇ ପାରି ନ ଥିଲା ନ୍ୟୁଜିଲାଣ୍ଡ। ଓପନର ମାର୍ଟିନ ଗୁପଟିଲ ସର୍ବାଧିକ ୫୧(୩୬ ବଲ, ୪ ଚୌକା, ୪ ଛକା) ରନ କରିଥିଲେ ହେଁ ଅନ୍ୟ ସବୁ ବ୍ୟାଟରଙ୍କ ବିଫଳତା ଦଳକୁ ବୃହତ୍ ପରାଜୟ ଆଡ଼କୁ ନେଇ ଯାଇଥିଲା। ଦଳ ପକ୍ଷରୁ ଟିମ୍ ସିଫର୍ଟ ଦ୍ୱିତୀୟ ସର୍ବାଧିକ ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ୨୧ ରନରେ ପ୍ରଥମ ଉଇକେଟ ହରାଇଥିବା ନ୍ୟୁଜିଲାଣ୍ଡ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୧୧୧ ରନରେ ସୀମିତ ରହି ଯାଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଅକ୍ଷର ପଟେଲ ସର୍ବାଧିକ ୩ଟି, ହର୍ଶଲ ପଟେଲ ୨ଟି ଏବଂ



ଅର୍ଦ୍ଧଶତକ ଅବସରରେ ଶଟ୍ ଖେଳୁଛନ୍ତି ରୋହିତ ଶର୍ମା।

ୟୁଜବେନ୍ଦ୍ର ଚହଲ, ଭେଙ୍କଟେଶ୍ ଆୟାର ଓ ଦୀପକ ଚହର ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

ଟସ୍ ଜିତି ଭାରତ ଏଠାରେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓପନିଂ ଯୋଡ଼ିରେ ରୋହିତ ଓ ଇଶାନ କିଶନ ୩୮ ବଲ୍‌ରୁ ୬୯ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପଥ ପ୍ରସ୍ତୁତ କରିଥିଲେ। ରୋହିତ ୩୧ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୬ ଏବଂ ଇଶାନ ୨୧ ବଲ୍‌ରୁ ୬ ଚୌକା ସହ ୨୯ ରନ କରିଥିଲେ। ନିଜ ଇନିଂସ ମଧ୍ୟରେ ରୋହିତ ବିଶ୍ୱର ଦ୍ୱିତୀୟ ବ୍ୟାଟରଭାବେ ଟି୨୦ରେ ୧୫୦ ଛକା ପୂରଣ କରିଥିଲେ। ସୂର୍ଯ୍ୟକୁମାର ଯାଦବ (୦) ଓ ରିଷଭ ପନ୍ତ (୪) ଫେଲ୍ ମାରିଥିଲେ ହେଁ ଶ୍ରେୟାସ ଆୟାର ୨୫(୨୦ ବଲ୍, ୨ ଚୌକା), ଭେଙ୍କଟେଶ୍ ଆୟାର ୨୦(୧୫ ବଲ, ୧ ଚୌକା, ୧ ଛକା), ହର୍ଶଲ ପଟେଲ ୧୮(୧୧ ବଲ, ୨ ଚୌକା, ୧ ଛକା) ଓ ଦୀପକ ଚହର ୨୧*(୮ ବଲ, ୨ ଚୌକା, ୧ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ ଦାୟିତ୍ୱ ତୁଲାଇଥିବା ମିଚେଲ ସାଣ୍ଟନର ୩ଟି ଏବଂ ଟ୍ରେଣ୍ଟ ବୋଲ୍ଟ, ଆଡାମ ମିଲ୍‌ନେ, ଲୋକି ଫର୍ଗୁସନ ଓ ଇଶ୍ ସୋଧି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୪/୭(ରୋହିତ ଶର୍ମା–୫୬, ଇଶାନ କିଶନ–୨୯, ଶ୍ରେୟାସ ଆୟାର–୨୫, ମିଚେଲ ସାଣ୍ଟନର–୩/୨୭, ଟ୍ରେଣ୍ଟ ବୋଲ୍ଟ–୧/୩୧, ଆଡାମ ମିଲ୍‌ନେ–୧/୪୭, ଲୋକି ଫର୍ଗୁସନ–୧/୪୫, ଇଶ୍ ସୋଧି–୧/୩୧)। ନ୍ୟୁଜିଲାଣ୍ଡ ୧୭.୨ ଓଭରରେ ୧୧୧/ଅଲଆଉଟ (ମାର୍ଟିନ ଗୁପ୍‌ଟିଲ–୫୧, ଅକ୍ଷର ପଟେଲ–୩/୯, ହର୍ଶଲ ପଟେଲ–୨/୨୬, ଭେଙ୍କଟେଶ ଆୟାର–୧/୧୨, ୟୁଜବେନ୍ଦ୍ର ଚହଲ–୧/୨୬, ଦୀପକ ଚହର–୧/୨୬)।

# ସୁପ୍ରିମ କ୍ଲବ ସେମିଫାଇନାଲରେ



ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**ନିମାପଡ଼ା,୨୧।୧୧(ଡି.ଏନ୍.ଏ.)**

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟି ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୭ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଜଟଣୀର ଗୋଲ୍ଡେନ କ୍ଲବକୁ ୧–୦ ଗୋଲରେ ପରାସ୍ତ କରି ସୁପ୍ରିମ କ୍ଲବ ବରାହିପୁର,କଟକ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ସୁପ୍ରିମ କ୍ଲବର ବାବୁ ହେମ୍ବ୍ରମ ଗୋଟିଏ ଗୋଲ ଦେଇଥିଲେ। ଏହା ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଏଥିପାଇଁ ତାଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ରାଜୁ

**ରାଜ୍ୟସ୍ତରୀୟ ୭ମ ପଦ୍ମଚରଣ ସ୍ମାରକୀ ଫୁଟବଲ ଆରମ୍ଭ**

ମହାନ୍ତି, ସୁଦୀପ ଦାସ, ରାଜେନ୍ଦ୍ର ବାରିକ, ସୁଶାନ୍ତ ରାଉତରାୟ, ନିର୍ମଳ ମିଶ୍ର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବତ, କ୍ରୀଡାବିତ୍ ମହେନ୍ଦ୍ର ସିଂ ଭାଟିଆ, ସାମାଜିକ କର୍ମୀ ଶରତ ଚନ୍ଦ୍ର ସିଂଦେଓ, ଡା.ନେତ୍ରାନନ୍ଦ ଭୋଇ, ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସୋମବାର ୟୁନାଇଟେଡ ୟୁଥ୍ କ୍ଲବ(ଗଣ୍ଡରପୁର) ଓ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଆସନ୍ତା ୨୮ତାରିଖରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ଧର୍ମଶାଳା କପ୍ ଫୁଟବଲ: କଟକ ଚାମ୍ପିୟନ




ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ କଟକର ଅଲ୍‌ଟିମେଟ ଦଳ।

**ଧର୍ମଶାଳା,୨୧।୧୧(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ବାଣୀପୀଠ ପଡ଼ିଆରେ ଅନୁଷ୍ଠିତ ୭ମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ଅଲଟିମେଟ ଚାମ୍ପିୟନ ଦଳ କେନ୍ଦ୍ରାପଡ଼ାର ରାଜକନିକା ଆଥ୍‌ଲେଟିକ ଆସୋସିଏଶନକୁ ୫–୪ ଗୋଲରେ ପରାସ୍ତକରି ଚାମ୍ପିୟନ ହୋଇଛି। ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୮ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନଲ ମ୍ୟାଚ୍‌ରେ କେନ୍ଦ୍ରାପଡ଼ାର ରାଜକନିକା ଆଥ୍‌ଲେଟିକ ଆସୋସିଏଶନ କଟକର ଅଲଟିମେଟ ଚାମ୍ପିୟନ ଟିମକୁ ଭେଟିଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଖେଳ ଅମିମାଂସିତ ଭାବେ ଶେଷ ହୋଇଥିଲା। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଖେଳକୁ ଅଭିଷେକ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଉତ୍ତମ ବାରିକ, ସୁଶାନ୍ତ ମିଶ୍ର ଲାଇନରେ ସହାୟତା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ଓ ସଙ୍ଗଠକ ସୁଦୀପ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ଟ୍ରଫିସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଏହିଅବସରରେ ଅତିଥି ଧର୍ମଶାଳା ଅଞ୍ଚଳର ଭେଟେରାନ ଖେଳାଳି ବିପିନ ବିହାରୀ ନାୟକ, ପ୍ରଦୀପ୍ତ ସ୍ୱାଇଁ, ଇନ୍ଦ୍ରମଣି ନାୟକ, ଗୁଲାମ ଗସ ଓ ଶୀତିକାନ୍ତ ମହାପାତ୍ରଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ନିଖୋଜ ସୁଆଇ ସର୍ବ ସମ୍ମୁଖରେ ଦେଖା ଦେଲେ

**ବେଜିଂ,୨୧।୧୧**

ଦୀର୍ଘଦିନ ଧରି ନିଖୋଜ ହୋଇଥିବା ଚାଇନା ଟେନିସ ମହିଳା ତାରକା ପେଙ୍ଗ୍ ସୁଆଇଙ୍କୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ସେ ପୁଣି ଦେଖାଦେଇଛନ୍ତି। ବେଜିଂରେ ସାର୍ବଜନୀନ ଭାବେ ଏକ କମ୍ ବୟସବର୍ଗର ଟୁର୍ନାମେଣ୍ଟରେ ତାଙ୍କୁ ରବିବାର ପୁଣି ଦେଖିବାକୁ ମିଳିଛି। ଟୁର୍ନାମେଣ୍ଟର ଆୟୋଜକମାନେ ଏ ନେଇ ଏକ ଫଟୋ ରିଲିଜ କରି ସମସ୍ତଙ୍କୁ ଅବଗତ କରାଇବାକୁ ପ୍ରୟାସ କରିଛନ୍ତି। ପୂର୍ବରୁ ସୁଆଇ କମ୍ୟୁନିଷ୍ଟ ପାର୍ଟିର ଜଣେ ବରିଷ୍ଠ ନେତାଙ୍କ ବିରୋଧରେ ଯୌନ ନିର୍ଯାତନ ଅଭିଯୋଗ ଆଣିଥିଲେ। ଏହାପରେ ସେ ନିଖୋଜ ଥିଲେ। ତେବେ ସୁଆଇ ସାର୍ବଜନୀନ ଭାବେ ଦେଖାଦେବା ପରେ ଚାଇନାର ଶାସକ ଦଳ କମ୍ୟୁନିଷ୍ଟ ପାର୍ଟି ଆଶ୍ୱସ୍ତି ଅନୁଭବ କରିଛି। ଚାଇନାରେ ଖବର ଓ ସୂଚନା ବାହାରକୁ



ପେଙ୍ଗ ସୁଆଇ

ପ୍ରସାରିତ ହେବାକୁ ଦିଆଯାଉ ନ ଥିବା ନେଇ ବରାବର ଅଭିଯୋଗ ହୋଇଆସିଛି। ତେଣେ ଏହି ଘଟଣା ଏବେ ନୂଆ ମୋଡରେ ପହଞ୍ଚିଛି ବୋଲି କୁହାଯାଇଛି। ଏ ନେଇ ଚାଇନା ଓପନ ୱେଇବୋ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲା। ଏଥିରେ ସୁଆଇଙ୍କ ଅଭିଯୋଗ ଓ ନିଖୋଜ ସମ୍ପର୍କରେ ଉଲ୍ଲେଖ କରାଯାଇ ନ ଥିଲା। ସୁଆଇ ଟୁର୍ନାମେଣ୍ଟ କୋର୍ଟ ନିକଟରେ ଠିଆ ହୋଇଥିବା ଦେଖାଯାଇଛି। ବଡ଼ ସାଇଜର ଟେନିସ ବଲରେ ଦସ୍ତଖତ କରି ସେ ପିଲାମାନଙ୍କୁ ଦେଉଥିବା ପୋଷ୍ଟରେ ଦେଖାଦେଇଛି। ନଭେମ୍ବର ୨ ତାରିଖରେ ସେ କମ୍ୟୁନିଷ୍ଟ ପାର୍ଟିର ରୁଲିଂ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଝାଙ୍ଗ ଗାଓଲିଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ସେକ୍ସ କରିବାକୁ ସେ ବାଧ୍ୟ କରିଥିଲେ ବୋଲି ସୁଆଇ ଅଭିଯୋଗ ଆଣିଥିଲେ। ପେଙ୍ଗ୍ ନିଖୋଜ ହେବା ପରେ ଚାଇନା କର୍ତ୍ତୃପକ୍ଷ ନୀରବତା ଅବଲମ୍ବନ କରିଥିଲେ ଓ ଏହା ସାରା ବିଶ୍ୱରେ ଅବିଶ୍ୱାସ ଓ ସନ୍ଦେହର ବାତାବରଣ ସୃଷ୍ଟି କରିଥିଲା। ଫଳରେ ବେଜିଂରେ ହେବାକୁ ଥିବା ଶୀତକାଳୀନ ଅଲିମ୍ପିକ୍ସକୁ ବୟକଟ କରିବା ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଥିଲା।

# ଭାରତ ଏ’ ଦଳରେ ଯୋଗ ଦେବେ ଚହର, କିଷନ

**କୋଲକାତା,୨୧।୧୧**

ଦ୍ରୁତ ବୋଲର ଦୀପକ ଚହର ଓ ଯୁବ ବ୍ୟାଟ୍ସମ୍ୟାନ ଇଶାନ କିଷନ ଭାରତ ଏ’ ଦଳରେ ଯୋଗ ଦେବେ ଓ ୩ଟି ୪ ଦିନିଆ ଟେଷ୍ଟ ମ୍ୟାଚ୍ ଖେଳିବା ପାଇଁ ଦଳ ସହ ଦକ୍ଷିଣ ଆଫ୍ରିକା ଯାତ୍ରା କରିବେ। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏବେ ଏହି ଦୁଇ ଖେଳାଳି ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ତଥା ତୃତୀୟ ଟି୨୦ ମ୍ୟାଚ୍ ଖେଳିବା ପାଇଁ କୋଲକାତାରେ ରହିଛନ୍ତି। ଟି୨୦ ସିରିଜ ଶେଷ ହେବା ପରେ ଏହି ଦୁଇ ଜଣ ଦଳରେ ଯୋଗ ଦେବେ ବୋଲି କୁହାଯାଇଛି। ଭାରତ ଏ ଦଳରେ ଜଣେ ଉଇକେଟକିପର ଉପେନ୍ଦ୍ର ଯାଦବ ରହିଛନ୍ତି। ମୁଖ୍ୟ ଚୟନକର୍ତ୍ତା ଚେତନ ଶର୍ମା ଭୁଲବଶତଃ ଜଣେ ଉଇକେଟକିପରଙ୍କୁ ଦଳରେ ସାମିଲ କରିଛନ୍ତି। ତେଣୁ ପରିବର୍ତ୍ତିତ ସ୍ଥିତି ଅନୁଯାୟୀ ଇଶାନ କିଷନଙ୍କୁ ଦଳରେ ସାମିଲ କରାଯାଇଛି ବୋଲି କୁହାଯାଇଛି। ସେହିପରି ଦୀପକ ରେଡ୍‌ବଲ କ୍ରିକେଟ ପର୍ଯ୍ୟାପ୍ତ ସଂଖ୍ୟାରେ ଖେଳିନାହାନ୍ତି। ସେ ବଲ ସୁଇଙ୍ଗ କରିବାର କ୍ଷମତା ରଖୁଛନ୍ତି। ତେଣୁ ତାଙ୍କୁ ଦଳରେ ସାମିଲ କରାଯାଇଛି।

ଗୁଜରାଟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ପ୍ରିୟଙ୍କ ପଞ୍ଚାଲ ଭାରତ ଏ’ ଦଳର ନେତୃତ୍ୱ ନେବେ। ଭାରତ ଏ’ ଦଳର ଦକ୍ଷିଣ ଆଫ୍ରିକା ଗସ୍ତ ନଭେମ୍ବର ୨୩ ତାରିଖରୁ ଆରମ୍ଭ ହେବ। ଏହି ଗସ୍ତରେ ଭାରତ ଏ’ ଦଳ ବ୍ଲୋଏମଫୋଟେନ୍‌ରେ ୩ଟି ୪ ଦିନିଆ ମ୍ୟାଚ୍ ଖେଳିବ।

# କରୁଣାରତ୍ନେଙ୍କ ଅପରାଜିତ ଶତକ: ଶ୍ରୀଲଙ୍କା ୨୬୭/୩

**ଗାଲେ,୨୧।୧୧:** ସ୍ଥାନୀୟ ଗାଲେ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ରବିବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୮ ଓଭରରେ ୩ ଉଇକେଟ ହରାଇ ୨୬୭ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଦିମୁଥ କରୁଣାରତ୍ନେ ୧୩୨ ରନର ଶତକୀୟ ଇନିଂସ ଓ ଧନଞ୍ଜୟ ଡି’ସିଲଭା ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଶ୍ରୀଲଙ୍କାର ଆରମ୍ଭ ଜବରଦସ୍ତ ଥିଲା। ପ୍ରଥମ ଉଇକେଟରେ ଓପନର ପଥୁମ ନିଶାଙ୍କା ଓ କରୁଣାରତ୍ନେ ୧୩୯ ରନ ସଂଗ୍ରହ କରିଥିଲେ। ତେବେ ନିଶାଙ୍କା ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶାନନ ଗାବ୍ରିଏଲଙ୍କ ବଲ୍‌ରେ ରାହକିମ କର୍ନୱାଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଓଶଡା ଫର୍ନାଣ୍ଡୋ ଓ ଆଞ୍ଜେଲୋ ମାଥ୍ୟୁସ୍ ପ୍ରତ୍ୟେକ ୩ ରନ ଲେଖାଏ ସଂଗ୍ରହ କରି ରୋଷ୍ଟୋନ ଚେଜ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ତିମ ସେସନରେ ଶ୍ରୀଲଙ୍କା ଦୁଇ ଉଇକେଟ ହରାଇଥିଲା। ଚତୁର୍ଥ ଉଇକେଟରେ କରୁଣାରତ୍ନ ଓ ଡି’ସିଲଭା ଅପରାଜିତ ୯୭ ରନ ସଂଗହ କରି ସ୍ଥିତି ସମ୍ଭାଳିଥିଲେ। ୨୬୫ଟି ବଲ୍ ଖେଳି କରୁଣାରତ୍ନେ ୧୩ଟି ଚୌକା ମାରିଥିଲେ। ସେହିପରି ଡି’ସିଲଭା ୭୭ଟି ବଲ ଖେଳି ୫ଟି ଚୌକା ମାରିଥିଲେ। ଚଳିତ ବର୍ଷ କରୁଣାରତ୍ନେ ୪ଟି ଟେଷ୍ଟ ଶତକ ଅର୍ଜନ କରିଛନ୍ତି। କ୍ରମାଗତ ୩ଟି ଟେଷ୍ଟରେ ସେ ୩ଟି ଶତକ ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍‌ରେ କରୁଣାରତ୍ନେ ପ୍ରଥମ ଶ୍ରୀଲଙ୍କା ଖେଳାଳି ଭାବେ ଶତକ ଅର୍ଜନ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସରେ ୮୮ ଓଭରରେ ୨୬୭/୩ (ଦିମୁଥ କରୁଣାରତ୍ନେ–୧୩୨*, ଧନଞ୍ଜୟ ଡିସିଲଭା–୫୬*, ପଥୁମ ନିଶାଙ୍କା– ୫୬, ରଷ୍ଟନ ଚେଜ୍– ୨/୪୨, ଶାନନ ଗାବ୍ରିଏଲ– ୧/ ୫୬)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ନଭେମ୍ବର ୨୨/୨୦୨୧ | Sambalpur, Monday, November 22/2021 | ପୃଷ୍ଠା-୧



**ଦୀପ୍ ରଞ୍ଜନଙ୍କୁ ସ୍ୱର୍ଣ୍ଣ**

ଉଗାଣ୍ଡାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ଓଡ଼ିଶାର ଦୀପ୍ ରଞ୍ଜନ ବିଷୋୟୀ।

୦୮

୦୨

**୭୯ ବର୍ଷରେ ପଦାର୍ପଣ କଲେ ବାଇଡେନ୍**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୭୯ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି।



# ଶପଥ ନେଲେ ୧୫ ମନ୍ତ୍ରୀ

**ରାଜସ୍ଥାନ ରାଜନୀତି**

- ପାଇଲଟ ଶିବିରର ୫ ସାମିଲ
- କ୍ଷମତା ସନ୍ତୁଳନ ପାଇଁ କଂଗ୍ରେସର ଉଦ୍ୟମ

**ଜୟପୁର, ୨୧।୧୧**

ବହୁ ପ୍ରତୀକ୍ଷିତ ରାଜସ୍ଥାନ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ କ୍ୟାବିନେଟ୍‌ର ଏହି ପୁନର୍ଗଠନ ପାଇଁ ଶନିବାର ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ଜୟପୁର ରାଜଭବନରେ ରବିବାର ଅପରାହ୍ଣରେ ରାଜ୍ୟପାଳ କଲରାଜ ମିଶ୍ର ୧୫ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେଥିମଧ୍ୟରେ ୧୧ଜଣ କ୍ୟାବିନେଟ୍ ପାହ୍ୟା ଏବଂ ୪ଜଣ ରାଜ୍ୟ ପାହ୍ୟା ମନ୍ତ୍ରୀ ରହିଛନ୍ତି। ନୂଆ କ୍ୟାବିନେଟ୍‌ରେ ସଚିନ ପାଇଲଟଙ୍କ ୫ ସହଯୋଗୀ ସ୍ଥାନ ପାଇଛନ୍ତି।

ପ୍ରାୟ ୧୬ ମାସ ତଳେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଏବଂ ତାଙ୍କର କେତେଜଣ ବିଶ୍ୱସ୍ତ ବିଧାୟକ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନେତୃତ୍ୱକୁ ନେଇ ବିଦ୍ରୋହ କରିଥିଲେ। ଫଳରେ ରାଜସ୍ଥାନ କଂଗ୍ରେସ ସରକାର ପାଇଁ ଅଡୁଆ ସୃଷ୍ଟି ହୋଇଥିଲା। କିନ୍ତୁ ଗେହଲଟ ଓ ଅନ୍ୟ ନେତୃବୃନ୍ଦ ଦଳୀୟ ବିଧାୟକମାନଙ୍କୁ ଏକଜୁଟ କରିବାରେ ସଫଳ ହେବା ପରେ କଂଗ୍ରେସ ସରକାର ଉପରୁ ବିପଦ ଟଳିଥିଲା। ପ୍ରାୟ ୧ ମାସର ଡ୍ରାମା ପରେ ପାଇଲଟ୍ କଂଗ୍ରେସକୁ ଫେରିଥିବାବେଳେ ଦଳୀୟ କନ୍ଦଳର ଅବସାନ ପାଇଁ ଉଦ୍ୟମ ଚାଲିଆସିଥିଲା। ଦିଲ୍ଲୀରେ ସଚିନ ପାଇଲଟ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତାମାନଙ୍କ ମଧ୍ୟରେ ଏକାଧିକ ପର୍ଯ୍ୟାୟ ଆଲୋଚନା ପରେ ରାଜସ୍ଥାନ ମନ୍ତ୍ରିମଣ୍ଡଳର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଚିନ ପାଇଲଟଙ୍କ ଗ୍ରୁପ୍‌ର ରମେଶ ମୀନା, ବିଶ୍ୱେନ୍ଦ୍ର ସିଂ (ଗତବର୍ଷ କ୍ୟାବିନେଟ୍‌ରୁ ବିଦା ହୋଇଥିଲେ) ମନ୍ତ୍ରିମଣ୍ଡଳକୁ ଫେରିଥିବାବେଳେ ବ୍ରିଜେନ୍ଦ୍ର ସିଂ ଓଲା, ହେମରାମ ଚୌଧରୀ ଏବଂ ମୁରାରିଲାଲ ମୀନା ନୂଆ ମନ୍ତ୍ରୀପଦ ପାଇଛନ୍ତି। ସେହିପରି ଗେହଲଟଙ୍କ ଗ୍ରୁପ୍‌ର ୧୦ ଜଣ ମନ୍ତ୍ରୀ ହୋଇଛନ୍ତି। ସେମାନେ ହେଲେ ମହେନ୍ଦ୍ରଜିତ୍ ସିଂ ମାଲଭିଆ, ରାମଲାଲ ଜାଟ, ମହେଶ ଯୋଶୀ, ମମତା ଭୂପେଶ, ଭଜନଲାଲ ଜାଟଭ, ଟିକାରାମ ଜୁଲି, ଗୋବିନ୍ଦରାମ ମେଘୱାଲ, ଶକୁନ୍ତଳା ରାୱତ, ଜାହିଦା ଖାନ୍ ଓ ରାଜେନ୍ଦ୍ର ଗୁଧା। ଏହି ୧୫ଜଣଙ୍କ ମଧ୍ୟରୁ ୪ଜଣ ବ୍ରିଜେନ୍ଦ୍ର ସିଂ ଓଲା, ମୁରାରିଲାଲ ମୀନା, ଜାହିଦା ଖାନ୍ ଏବଂ ରାଜେନ୍ଦ୍ର ଗୁଧା ରାଜ୍ୟ ପାହ୍ୟା ମନ୍ତ୍ରୀ ହୋଇଛନ୍ତି। ☞ପୃଷ୍ଠା-୬

# ‘ପୂର୍ବ ସ୍ଥିତି ଫେରିନି, ଆଉ ୮ ମାସର ମାଗଣା ରାଶନ ଦିଅ’

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

କୋଭିଡ୍ ମହାମାରୀ ପୂର୍ବରୁ ଅର୍ଥନୈତିକ କାର୍ଯ୍ୟକଳାପ ଯେପରି ଥିଲା, ଏପର୍ଯ୍ୟନ୍ତ ସେ ସ୍ଥିତି ଫେରିନି। ଏବେବି ଲୋକେ ଜୀବନଜୀବିକା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ଏପରି ସ୍ଥିତିରେ ସରକାର ଲୋକଙ୍କୁ ଆଶ୍ୱସ୍ତ ପ୍ରଦାନ କରିବା ଆବଶ୍ୟକ। ତେଣୁ ଗତ ମେ’ ମାସରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ର ଅବଧିକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରସ୍ତାବ ଦେଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଆଉ ୮ ମାସ ପାଇଁ ଚାଉଳ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, କୋଭିଡ୍ ମହାମାରୀ ସମୟରେ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ପ୍ରଥମେ ୨୦୨୦ ଏପ୍ରିଲରୁ ନଭେମ୍ବର ଏବଂ ପରେ ୨୦୨୧ ମେ’ରୁ ନଭେମ୍ବର ପର୍ଯ୍ୟନ୍ତ କେନ୍ଦ୍ର ସରକାର ପିଏମ୍‌ଜିକେଏୱାଇ ଅଧୀନରେ ମାଗଣା ଚାଉଳ ଯୋଗାଉଛନ୍ତି। କୋଭିଡ୍ ମହାମାରୀ ଭଳି ସଙ୍କଟମୟ ସମୟରେ ମାଗଣାରେ ଲୋକଙ୍କୁ ଖାଦ୍ୟ ଶସ୍ୟ ପ୍ରଦାନ ଲାଗି ବ୍ୟବସ୍ଥା କରାଯାଇଥିବାରୁ କେହି ଜଣେ ମଧ୍ୟ ଲୋକ ଖାଦ୍ୟଶସ୍ୟ ପାଇବାରୁ ବଞ୍ଚିତ ହୋଇନାହାନ୍ତି। ପିଏମ୍‌ଜିକେଏୱାଇ-୩ କୋଟାରେ ଆସିଥିବା ଖାଦ୍ୟଶସ୍ୟ ବଣ୍ଟନ ଉପରେ ଗୁରୁତ୍ୱ ଦେଇ ଓଡ଼ିଶା ୨୦୨୧ ନଭେମ୍ବର ୫ତାରିଖ ସୁଦ୍ଧା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ଏହା ପ୍ରଦାନ କରିସାରିଛି। ସେହିଭଳି ରାଜ୍ୟ ମଧ୍ୟ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ସମାନ ସୁବିଧା ଯୋଗାଇ ଦେଇଛି। ଏପର୍ଯ୍ୟନ୍ତ କୋଭିଡ୍ ମହାମାରୀର ପ୍ରଭାବ ସମ୍ପୂର୍ଣ୍ଣ ଯାଇନି। ରାଜ୍ୟବ୍ୟାପୀ ଟିକାକରଣ ଅଭିଯାନ ଦ୍ରୁତ ଭାବେ ଚାଲିଥିଲେ ମଧ୍ୟ ନୂତନ ସଂକ୍ରମଣ ମାମଲା ଆସିବା ଜାରି ରହିଛି। ମହାମାରୀ ସ୍ଥିତିରେ ସମ୍ବେଦନଶୀଳ ଏବଂ ଆବଶ୍ୟକ କରୁଥିବା ଲୋକଙ୍କୁ ଖାଦ୍ୟ ସୁରକ୍ଷା ଏକ ଆହ୍ୱାନ। ସରକାରଙ୍କ ପାଖରେ ଏବେ ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ମହଜୁଦ ରହିଛି। ତେଣୁ ଆଗାମୀ ୮ ମାସ ପାଇଁ ଅତିରିକ୍ତ ଚାଉଳ ହିତାଧିକାରୀଙ୍କ ପାଇଁ ମଞ୍ଜୁର କରିବା ନେଇ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ମୁଣ୍ଡପିଛା ମାସକୁ ୫ କେଜି ଚାଉଳ ଓ କାର୍ଡ ପିଛା ୧ କେଜି ଡାଲି ମାଗଣାରେ ଯୋଗାଇ ଦିଆଯାଉଛି। ଏବେ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦.୨୬ ଲକ୍ଷ ପରିବାରର ୨.୮୬ କୋଟି ଲୋକ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୧୨.୫୯ ପରିବାରର ୩୮.୬୪ ଲକ୍ଷ ଲୋକ ଓ ରାଜ୍ୟ ଖାଦ୍ୟ ଯୋଜନାରେ ୧.୧୬ ଲକ୍ଷ ପରିବାରର ୩.୭୮ ଲକ୍ଷ ଲୋକଙ୍କୁ ମାଗଣା ଚାଉଳ ଓ ଡାଲି ଯୋଗାଇ ଦିଆଯାଉଛି।

**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ**



ନବୀନ ପଟ୍ଟନାୟକ

# ଗୋବିନ୍ଦଙ୍କ ଦସ୍ତଖତ ଯାଞ୍ଚ ପାଇଁ ଆବେଦନ

**ମମିତା ମେହେର ଅପହରଣ, ହତ୍ୟା ମାମଲା**

**ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୨୧।୧୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମହାଲିଙ୍ଗର ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ଅପହରଣ, ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଦସ୍ତଖତ ଯାଞ୍ଚ କରାଯିବ। ଏଥିପାଇଁ ବଲାଙ୍ଗୀର ପୋଲିସ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରିଛି। ଶନିବାର ପୋଲିସ ପକ୍ଷରୁ ଏହି ଆବେଦନ କରାଯାଇଥିବା ଜଣାପଡ଼ିଛି।

ଆବେଦନ ମୁତାବକ କଣ୍ଟାବାଞ୍ଜି ଉପକାରାଗାରରେ ବିଚାର ବିଭାଗୀୟ ହାଜତରେ ଥିବା ମହାଲିଙ୍ଗର ଘରୋଇ ସ୍କୁଲ ମାଲିକ ଗୋବିନ୍ଦ ସାହୁଙ୍କ ଦସ୍ତଖତ ସଂଗ୍ରହ କରାଯିବ। ଏହି ଦସ୍ତଖତକୁ ହ୍ୟାଣ୍ଡ ରାଇଟିଂ ବ୍ୟୁରୋକୁ ଯାଞ୍ଚ ପାଇଁ ପୋଲିସ ପଠାଇବ। ହତ୍ୟାକାଣ୍ଡରେ ତାଙ୍କୁ ପୋଲିସ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଥିବାରୁ କୋର୍ଟରେ ପ୍ରମାଣ କରିବା ସକାଶେ ଦସ୍ତଖତ ଯାଞ୍ଚ ସକାଶେ ଏହି ପ୍ରକ୍ରିୟାର ଆବଶ୍ୟକତା ରହିଛି। ପୋଲିସର ଏଭଳି ଆବେଦନ ସମ୍ପର୍କରେ ଜାଣିବା ପରେ ଗୋବିନ୍ଦଙ୍କ ଓକିଲ କୋର୍ଟରେ ଆପତ୍ତି ଉଠାଇଛନ୍ତି। ଏହା ଏକ ସାଧାରଣ ପ୍ରକ୍ରିୟା ହୋଇଥିଲେ ☞ପୃଷ୍ଠା-୬






ଉପନିର୍ବାଚନରେ ପରାଜୟ ଭାଜପା ପାଇଁ ଏକ ସମୟୋଚିତ ସତର୍କତା। ଏହା ଚୂଡ଼ାନ୍ତ ଜନାଦେଶ ନୁହେଁ। ଦଳର ଅତ୍ୟଧିକ ଆତ୍ମବିଶ୍ୱାସ ଯୋଗୁ ଏପରି ହୋଇଛି। ଏବେ ଆତ୍ମସମୀକ୍ଷା ଜରୁରୀ।

-ଜୟରାମ ଠାକୁର, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ

# ଆମାଜନରେ ଆସିଥିଲା ବିସ୍ଫୋରକ

**ନୂଆଦିଲ୍ଲୀ,୨୧।୧୧**

୨୦୧୯ରେ ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଆତ୍ମଘାତୀ ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଇ-କମର୍ସ ପୋର୍ଟାଲ ଆମାଜନ ଜରିଆରେ ଅଣାଯାଇଥିଲା। କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ ରବିବାର ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଅଣାଯାଇଛି। ବ୍ୟବସାୟୀଙ୍କ ସଙ୍ଗଠନ ସିଏଆଇଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ସି. ଭାରତୀୟ ଏବଂ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲଓ୍ୱାଲ କହିଛନ୍ତି, ରିପୋର୍ଟ ଅନୁସାରେ ପୁଲଓ୍ୱାମା ଆକ୍ରମଣ ମାମଲାରେ ଗିରଫ ହୋଇଥିବା ବ୍ୟକ୍ତି ନିଜ ଆମାଜନ ଅନ୍‌ଲାଇନ୍ ଶିପିଂ ଆକାଉଣ୍ଟ ଜରିଆରେ ରାସାୟନିକ ସାମଗ୍ରୀ ମଗାଇଥିଲେ। ଉକ୍ତ କେମିକାଲରେ ସେ ଆଇଇଡି ତିଆରି କରିଥିଲେ। ଇ-କମର୍ସ ପୋର୍ଟାଲ ଆମାଜନ ଜରିଆରେ ମାରିଜୁଆନା ବିକ୍ରି ହେବା ନୂଆ କଥା ନୁହେଁ ବୋଲି ଉଭୟେ କହିଛନ୍ତି।

ପ୍ରକାଶ ଯେ, ୨୦୧୯ ଫେବୃୟାରୀ ୧୪ରେ ପୁଲଓ୍ୱାମାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)କୁ ଟାର୍ଗେଟ କରି ଆତଙ୍କବାଦୀମାନେ ଆତ୍ମଘାତୀ ଆକ୍ରମଣ କରିଥିଲେ। ଏହି ବିସ୍ଫୋରଣରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିଲେ। ୨୦୨୦ ମାର୍ଚ୍ଚରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପୁଲଓ୍ୱାମା ଆକ୍ରମଣର ତଦନ୍ତ କରି ରିପୋର୍ଟ ଦେଇଥିଲା। ଉକ୍ତ ବିସ୍ଫୋରଣରେ ଭାରତରେ ନିଷିଦ୍ଧ ଘୋଷିତ ଆମୋନିୟମ୍ ନାଇଟ୍ରେଟ୍ ବ୍ୟବହୃତ ହୋଇଥିଲା, ଯାହାକି ଆମାଜନ ଜରିଆରେ କିଣାଯାଇଥିଲା ବୋଲି ଏନ୍‌ଆଇଏ ସେତେବେଳେ କହିଥିଲା। ୨୦୧୧ରେ ବିସ୍ଫୋରକ ଆଇନ,୧୮୮୪ ଅନୁସାରେ ଆମୋନିୟମ୍ ନାଇଟ୍ରେଟ୍‌କୁ ଭାରତରେ ନିଷିଦ୍ଧ ଘୋଷଣା କରାଯାଇଥିବାବେଳେ ଯବାନମାନଙ୍କ ବିରୋଧରେ ଏହାକୁ ପ୍ରୟୋଗ କରାଯାଇଥିଲା। ତେଣୁ ଆମାଜନ ଓ ଏହାର ଅଧିକାରୀମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉ ବୋଲି ସିଏଆଇଟି ଅଧ୍ୟକ୍ଷ ଓ ସାଧାରଣ ସମ୍ପାଦକ ଦାବି କରିଛନ୍ତି। ଏଥିସହ ଉକ୍ତ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏଫ୍‌ଡିଆଇ ନୀତିର ପ୍ରେସ୍ ନୋଟ୍ ୨କୁ ବଦଳାଇ ଇ-କମର୍ସ ରୁଲ୍ସ ଜାରି କରନ୍ତୁ ବୋଲି ଉଭୟେ ଅନୁରୋଧ କରିଛନ୍ତି।



## ପୁଲଓ୍ୱାମା ଆକ୍ରମଣ

ପ୍ରକାଶ ଯେ, ଗତ ୧୪ରେ ମଧ୍ୟପ୍ରଦେଶର ଭିନ୍ଦ୍ ପୋଲିସ ୨୦ କେ.ଜି. ଗଞ୍ଜେଇ ସହ ୨ ଜଣଙ୍କୁ ଗିରଫ କରିଥିଲା। ଜେରା ବେଳେ ସେମାନେ ଆମାଜନ ଜରିଆରେ ଅନ୍‌ଲାଇନ ଗଞ୍ଜେଇ କାରବାର କରୁଥିବା ଜଣାପଡ଼ିଥିଲା। ଅଭିଯୋଗ ମିଳିବା ପରେ ଆମାଜନ ଇଣ୍ଡିଆ ତଦନ୍ତ କରିଥିଲା। ଭାରତରେ ଏହି କମ୍ପାନୀ ପକ୍ଷରୁ କୌଣସି ବେଆଇନ ସାମଗ୍ରୀ ବିକ୍ରି ପାଇଁ ଅନୁମତି ଦିଆଯାଇ ନାହିଁ ବୋଲି ଆମାଜନ ପକ୍ଷରୁ କୁହାଯାଇଥିଲା। ମଧ୍ୟପ୍ରଦେଶ ପୋଲିସ ଶନିବାର ଆମାଜନ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ଅଫିସରଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ୭୫ ବର୍ଷରେ ହୋଇନି ଆଶାନୁରୂପ ବିକାଶ



**ନୂଆଦିଲ୍ଲୀ,୨୧।୧୧:** ବିଗତ ୭୫ ବର୍ଷରେ ଆମେ ଯେତିକି ଆଗେଇବା କଥା ସେତିକି ପାରିନାହୁଁ ବୋଲି ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଭାଗବତ କହିଛନ୍ତି, ଆମ ଶକ୍ତି ଓ ଦକ୍ଷତା ଥାଇ ସୁଦ୍ଧା ଆମେ ବିଶେଷ ଅଗ୍ରଗତି କରିପାରି ନାହୁଁ। ଆଗକୁ ବଢ଼ିବାକୁ ହେଲେ ଆମକୁ ବିକାଶ ମାର୍ଗରେ ଚାଲିବାକୁ ପଡ଼ିବ। ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତରେ ଅନେକ ମହାନ୍ ବ୍ୟକ୍ତି ଜନ୍ମ ନେଇଛନ୍ତି। ସମସ୍ତେ ଜୟ ଶ୍ରୀରାମ ସ୍ଲୋଗାନ ଦେବାକୁ ଭଲ ପାଆନ୍ତି। କିନ୍ତୁ ଆମକୁ ରାମଙ୍କ ଭଳି କାର୍ଯ୍ୟ କରିବାକୁ ପଡ଼ିବ। ଭରତଙ୍କ ଭଳି ଭାଇଙ୍କୁ ଭଲ ପାଇବାକୁ ପଡ଼ିବ। କିନ୍ତୁ ତାହା ଆମେ କରୁନାହୁଁ ବୋଲି ଭାଗବତ କହିଛନ୍ତି।

### ରହସ୍ୟରେ ରୁଦ୍ଧଦ୍ୱାର ବୈଠକ

**ଗୁଆହାଟୀ,୨୧।୧୧:** ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ନାଗାଲାଣ୍ଡ ପ୍ରତିପକ୍ଷ ନେଫିଉ ରିଓଙ୍କ ମଧ୍ୟରେ ରବିବାର ହୋଇଥିବା ଏକ ରୁଦ୍ଧଦ୍ୱାର ବୈଠକକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବୈଠକରେ କ'ଣ ଆଲୋଚନା ହୋଇଥିଲା ସେନେଇ ଉଭୟଙ୍କ ମଧ୍ୟରୁ କେହି ମୁହଁ ଖୋଲିନାହାନ୍ତି। ଆସାମ ଓ ନାଗାଲାଣ୍ଡ ମଧ୍ୟରେ ସୀମା ବିବାଦ ଲାଗିରହିଥିବାବେଳେ ଗତ ଜୁଲାଇରେ ଆନ୍ତଃରାଜ୍ୟ ଉତ୍ତେଜନା ହ୍ରାସ ପାଇଁ ଦୁଇରାଜ୍ୟ ପକ୍ଷରୁ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ନାଗା ବିଦ୍ରୋହୀ ଗୋଷ୍ଠୀ ଏବଂ ୟୁନାଇଟେଡ୍ ଲିବରେଶନ ଫ୍ରଣ୍ଟ ଅଫ୍ ଆସାମ ପ୍ରସଙ୍ଗରେ ରୁଦ୍ଧଦ୍ୱାର ବୈଠକରେ ମନ୍ତ୍ରଣା ହୋଇଥିବା କୁହାଯାଉଛି।

### ଫ୍ରିଜରରୁ ୭ ଘଣ୍ଟା ପରେ ବାହାରିଲେ 'ମୃତକ'

**ମୋରାଦାବାଦ,୨୧।୧୧:** ଉତ୍ତରପ୍ରଦେଶର ମୋରାଦାବାଦରେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ଜଣେ ୪୦ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ତାଙ୍କୁ ଶବଗୃହର ଫ୍ରିଜରରେ ରଖାଯାଇଥିଲା। ଏହାର ୭ ଘଣ୍ଟା ପରେ ସେ ଜୀବିତ ଥିବା ଜଣାପଡ଼ିଥିଲା। ରିପୋର୍ଟ ଅନୁସାରେ ଇଲେକ୍ଟ୍ରିସିଆନ୍ ଶ୍ରୀକେଶ କୁମାରଙ୍କୁ ଗୁରୁବାର ରାତିରେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ତାଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ରାତି ୩ଟାରେ ଏମର୍ଜେନ୍ସି ମେଡିକାଲ ଅଫିସର ମୃତ ଘୋଷଣା କରିଥିଲେ। ତାଙ୍କ ଶରୀରକୁ ଶବଗୃହର ଫ୍ରିଜରରେ ରଖାଯାଇଥିବାବେଳେ ଶୁକ୍ରବାର ସକାଳେ ପଞ୍ଚନାମା ପାଇଁ ପୋଲିସ ଓ ପରିବାର ଲୋକେ ତାଙ୍କ ଶରୀରରେ ହଲଚଲ ଦେଖିବାକୁ ପାଇଥିଲେ। ତେବେ ଏହା ଏକ ବିରଳ ଘଟଣା, ଯାହାକୁ ଡାକ୍ତରୀ ଅବହେଳା କୁହାଯାଇପାରିବ ନାହିଁ ବୋଲି ମୋରାଦାବାଦ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଶିବ ସିଂ କହିଛନ୍ତି। ଶ୍ରୀକୁମାରଙ୍କ ଅବସ୍ଥାରେ ଉନ୍ନତି ଆସୁଥିବା ଜଣାପଡ଼ିଛି।

### ୫୩୨ ଦିନରେ ସର୍ବନିମ୍ନ ସକ୍ରିୟ ମାମଲା



**ନୂଆଦିଲ୍ଲୀ,୨୧।୧୧:** ଭାରତରେ ୨୪ ଘଣ୍ଟା ମଧ୍ୟରେ ୧୦,୪୮୮ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୪୫,୧୦,୪୧୩ରେ ପହଞ୍ଚିଛି। ତେବେ ସକ୍ରିୟ ମାମଲା ସଂଖ୍ୟା ୧,୨୨,୭୧୪କୁ ଖସିଛି, ଯାହାକି ୫୩୨ ଦିନରେ ସର୍ବନିମ୍ନ ବୋଲି ରବିବାର ସକାଳ ୮ଟାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଡାଟା ଅପ୍‌ଡେଟ୍ କରାଯାଇଛି। ସେହିପରି ଦିନକ ଭିତରେ ୩୧୩ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏଥିସହ ଦେଶରେ ମୋଟ ମୃତକଙ୍କ ସଂଖ୍ୟା ୪,୬୫,୬୬୨ ଛୁଇଁଛି।

## ବାଇଡେନ୍‌ଙ୍କୁ ୭୯



**ୱାଶିଂଟନ,୨୧।୧୧**

ଆମେରିକା ଇତିହାସର ବରିଷ୍ଠତମ ରାଷ୍ଟ୍ରପତି ଜୋ ବାଇଡେନ୍ ୭୯ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି କମଲା ହାରିସ୍ ଏବଂ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମେତ ବହୁ ନେତା ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି। ରାଷ୍ଟ୍ରପତି ବାଇଡେନ୍ ଡେଲାଓ୍ୱେରସ୍ଥିତ ନିଜ ସହର ୱିଲମିଙ୍ଗଟନ୍ ବାସଭବନରେ ଜନ୍ମଦିନ ପାଳନ କରିଥିବାବେଳେ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି।

## ମୋଦି ଅଭିନେତା ହୋଇଥିଲେ ପୁରସ୍କାର ପାଇଥାନ୍ତେ: ଓ୍ୱାଇସି



**ବାରାବାଙ୍କି,୨୧।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଦି ଜଣେ ଅଭିନେତା ହୋଇଥାନ୍ତେ ସେ ସବୁ ପୁରସ୍କାର ଜିତିଥାଆନ୍ତେ ବୋଲି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି ତାଚ୍ଛଲ୍ୟ କରିଛନ୍ତି। ଉତ୍ତର ପ୍ରଦେଶର ବାରାବାଙ୍କିରେ ରବିବାର ଏକ ସଭାକୁ ସମ୍ବୋଧିତ କରି ଓ୍ୱାଇସି କହିଛନ୍ତି, ମୋଦି ହେଉଛନ୍ତି ଦେଶର ସବୁଠୁ ବଡ଼ ନାଟକବାଜ୍ (ଅଭିନେତା)। ସେ ଭୁଲରେ ରାଜନୀତିରେ ପ୍ରବେଶ କରିଛନ୍ତି। ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ ବହୁ ଟଙ୍କା ଆୟ କରିଥାଆନ୍ତେ। ପ୍ରଧାନମନ୍ତ୍ରୀ ଶୁକ୍ରବାର କୃଷି ଆଇନ ପ୍ରତ୍ୟାହାର ନେଇ ଘୋଷଣା କରିବା ସମୟରେ ତାଙ୍କ ତପସ୍ୟାରେ କିଛି ଅଭାବ ରହିଯାଇଥିବା କହିଥିଲେ। କିନ୍ତୁ ପ୍ରକୃତ ତପସ୍ୟା ଚାଷୀମାନେ କରିଛନ୍ତି, ଯାହାଙ୍କ ମଧ୍ୟରୁ ୭୫୦ ଜଣଙ୍କ ଜୀବନ ଯାଇଛି ବୋଲି ଓ୍ୱାଇସି କହିଛନ୍ତି।



ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନୂଆ ବିଧ୍ୱଂସକ ଆଇଏନ୍‌ଏସ୍ ବିଶାଖାପଟ୍ଟନମ୍‌କୁ ରବିବାର ଭାରତୀୟ ନୌସେନାରେ ସାମିଲ କରାଯାଇଛି। ଏହାର ଲମ୍ବ ୧୬୩ ମିଟର ଓ ଚଉଡ଼ା ୧୭ ମିଟର ହୋଇଥିବାବେଳେ ଓଜନ ୭୪୦୦ ଟନ୍। ଶତ୍ରୁପକ୍ଷର ରାଡାର ଏହାକୁ ଠାବ କରିପାରିବ ନାହିଁ।

## ତ୍ରିପୁରା ମହିଳା ଥାନାରେ ଟିଏମ୍‌ସି ନେତ୍ରୀଙ୍କୁ ଆକ୍ରମଣ

**କୋଲକାତା,୨୧।୧୧**

ତ୍ରିପୁରାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ତଥା ବଙ୍ଗାଳୀ ଅଭିନେତ୍ରୀ ସାୟୋନି ଘୋଷଙ୍କୁ ପୋଲିସ ଗିରଫ କରିଛି। ସାୟୋନିଙ୍କ ସହ ଏମ୍‌ପି ସୁସ୍ମିତା ଦେବ ଓ ସୁବଳ ଭୌମିକଙ୍କୁ ପୂର୍ବ ଅଗରତାଲା ମହିଳା ଥାନା ଭିତରେ 'ଭାଜପା ଗୁଣ୍ଡାମାନେ' ଆକ୍ରମଣ କରିଥିବା ଟିଏମ୍‌ସି ପକ୍ଷରୁ ଅଭିଯୋଗ କରାଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍‌ସି ଏମ୍‌ପି ଅଭିଷେକ ବାନାର୍ଜୀ ତ୍ରିପୁରା ଯାଇ ଆକ୍ରମଣରେ ଆହତ ହୋଇଥିବା ଦଳର ୬ ନେତାଙ୍କ ସହ ଛିଡ଼ାହେବେ

### 'ଭାଜପା ଗୁଣ୍ଡା' ଟାର୍ଗେଟ କରିଛନ୍ତି: ସାୟୋନି ଘୋଷ



ବୋଲି ଦଳ ପକ୍ଷରୁ କୁହାଯାଇଛି। ତେବେ ଆକ୍ରମଣ ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ଶନିବାର ରାତିରେ ଏକ ପଥପ୍ରାନ୍ତ ସଭା କରୁଥିବାବେଳେ ସାୟୋନି ଏଥିରେ ବାଧା ସୃଷ୍ଟି କରିଥିଲେ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ପୋଲିସ କହିଛି, ପଶ୍ଚିମବଙ୍ଗ ତୃଣମୂଳ ଯୁବ କଂଗ୍ରେସ ସାୟୋନି ଘୋଷଙ୍କୁ ଥାନା ପାଖରେ ପଚରାଉଚରା ବେଳେ କେତେଜଣ ଦୁର୍ବୃତ୍ତ ଏକ ଗୋଷ୍ଠୀକୁ ଟାର୍ଗେଟ କରିଥିଲେ। ଏଥିରେ କେହି ଆହତ ହୋଇନାହାନ୍ତି। ପ୍ରକାଶ ଯେ, ଆସନ୍ତା ୨୫ରେ ହେବାକୁ ଥିବା ତ୍ରିପୁରା ପୌର ନିର୍ବାଚନରେ ଟିଏମ୍‌ସି ପ୍ରାର୍ଥୀ ଦେଇଛି। ୨୦୨୩ ବିଧାନସଭା ନିର୍ବାଚନ ପୂର୍ବରୁ ଏହାକୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ନେଇ ଶାସକ ଭାଜପା ଏବଂ ଟିଏମ୍‌ସି ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି।

## ଦିଲ୍ଲୀରେ ସ୍କୁଲ ବନ୍ଦ

**ନୂଆଦିଲ୍ଲୀ,୨୧।୧୧**

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରହିଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ନଭେମ୍ବର ୧୪ରୁ ସମସ୍ତ ସ୍କୁଲକୁ ଏକ ସପ୍ତାହ ଯାଏ ବନ୍ଦ ରଖିଥିଲେ ଏବଂ ଅନ୍‌ଲାଇନ କ୍ଲାସ୍ ମାଧ୍ୟମରେ ପାଠପଢ଼ା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ଥିତିରେ ଉନ୍ନତି ଆସି ନ ଥିବାରୁ ଅନ୍ୟ ଆଦେଶ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକ ବନ୍ଦ ରଖିବାକୁ ଦିଲ୍ଲୀ ସରକାର ନିଷ୍ପତ୍ତି ନେଇଛନ୍ତି। ଅବଶ୍ୟ ଅନ୍‌ଲାଇନ କ୍ଲାସ୍ ଜାରି ରହିବ ଏବଂ ବୋର୍ଡ ପରୀକ୍ଷାଗୁଡ଼ିକ ପୂର୍ବ ସର୍କୁଲାରରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କରାଯିବ। ରବିବାର ଜାତୀୟ ରାଜଧାନୀରେ ବାୟୁ ଗୁଣବତ୍ତା 'ଅତ୍ୟନ୍ତ ଖରାପ' ବର୍ଗରେ ରେକର୍ଡ କରାଯାଇଛି। କିନ୍ତୁ ପ୍ରବଳ ପବନ ଯୋଗୁ ସୋମବାର ଏଥିରେ ଉନ୍ନତି ଘଟିବ ବୋଲି ଆଶା କରାଯାଉଛି। ରବିବାର ସକାଳ ପ୍ରାୟ ୯ଟାରେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୮୨ ରେକର୍ଡ କରାଯାଇଛି। ଶନିବାର ଏକ୍ୟୁଆଇ ୩୭୪ ଥିଲା। ସୂଚନାଯୋଗ୍ୟ ଯେ, ଏକ୍ୟୁଆଇ ୨୦୧ରୁ ୩୦୦ ମଧ୍ୟରେ ରହିଲେ ତାହା 'ଖରାପ' ବର୍ଗ, ୩୦୧ରୁ ୪୦୦ ମଧ୍ୟରେ 'ଅତ୍ୟନ୍ତ ଖରାପ' ଏବଂ ୪୦୧ରୁ ୫୦୦ ମଧ୍ୟରେ ରହିଲେ 'ଗୁରୁତର' ବର୍ଗରେ ଗଣତି କରାଯାଏ।




ପାଟନାର ଏକ କପଡ଼ା ଗୋଦାମରେ ରବିବାର ଭୋର ସମୟରେ ଲାଗିଥିବା ନିଆଁକୁ ଲିଭାଉଛନ୍ତି ଅଗ୍ନିଶମ କର୍ମଚାରୀ।

## ତାଲିବାନ୍ ଶାସନକୁ ପୂରିବ ୧୦୦ ଦିନ

# ଭୋକର ଆଁରେ ଆଫଗାନ ଶିଶୁ

**ପାଦେ ପାଦେ ବିପଦ। କେତେବେଳେ ବର୍ଷୁଛି ଗୁଳି ତ ଆଉ କେବେ ବିସ୍ଫୋରଣ ହେଉଛି ଲ୍ୟାଣ୍ଡମାଇନ୍ସ। ସବୁଠି ତ୍ରାହି ତ୍ରାହି ପରିସ୍ଥିତି। ହା' ଅନ୍ନର ଚିତ୍କାର। ଆତଙ୍କୀ ଗୋଷ୍ଠୀର କ୍ଷମତା ଲୋଭ ଏବଂ ଏହାକୁ ନେଇ ସୃଷ୍ଟି ହୋଇଥିବା ଅଶାନ୍ତ ପରିବେଶ ଭିତରେ ସନ୍ଦିହାନ ଶୈଶବ ଖୋଜୁଛି ମୁକୁଳିବାର ବାଟ। ଆଫ୍‌ଗାନିସ୍ତାନକୁ ତାଲିବାନ କରାୟତ୍ତ କରିବାର ୧୦୦ଦିନ ବିତିବାକୁ ବସିଥିବାବେଳେ ଯୁଦ୍ଧ ବିଭୀଷିକା ମଧ୍ୟରୁ ଜୀବନ ବଞ୍ଚାଇବା ଲାଗି ସଂଘର୍ଷ କରୁଛନ୍ତି ଅବୋଧ ଶିଶୁ।**

**କାବୁଲ, ୨୧।୧୧**



ଆଫ୍‌ଗାନିସ୍ତାନରେ ଆରମ୍ଭ ହୋଇଛି ତାଲିବାନ ଶାସନ। ଅଗଷ୍ଟ ୧୫ରେ କାବୁଲ ଦଖଲ କରିବା ପରେ ଅନ୍ଧକାରାଚ୍ଛନ୍ନ ହୋଇପଡ଼ିଛି ୩ କୋଟି ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଆଫଗାନ୍‌ଙ୍କ ଭବିଷ୍ୟତ। କ୍ଷମତା ଦଖଲର ପାଖାପାଖି ୧୦୦ ଦିନ ବିତିଯାଇଥିଲେ ବି ତାଲିବାନକୁ ମିଳିନି ମାନ୍ୟତା। ଅନ୍ୟପଟେ ଇସ୍‌ଲାମିକ୍ ଷ୍ଟେଟ୍ ଅଫ୍ ଇରାକ ଆଣ୍ଡ୍ ସିରିଆ (ଆଇଏସ୍‌ଆଇଏସ୍) ଗୋଷ୍ଠୀ ସହିତ ଲଗାତର ବଢ଼ୁଥିବା କନ୍ଦଳ ଏବେ ତାଲିବାନ୍ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। କୌଣସି ମୁହୂର୍ତ୍ତରେ ତାଲିବାନ କ୍ଷମତା ହରାଇବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏସବୁ ଭିତରେ ଦକ୍ଷିଣ ହିଲ୍‌ମାଣ୍ଡ ପ୍ରଦେଶରୁ ଶୈଶବକୁ ନେଇ ଆସିଛି ହୃଦୟବିଦାରକ ଚିତ୍ର। ନାଦ୍-ଏ-ଅଲି ସମେତ ଅନେକ ଗାଁରେ ପାଠପଢ଼ା ବଦଳରେ ଶିଶୁଙ୍କୁ ଦିଆଯାଉଛି ଜୀବନ ବଞ୍ଚାଇବାର କୌଶଳ ବିଷୟରେ ପ୍ରଶିକ୍ଷଣ । ଘାତକ ମାରଣାସ୍ତ୍ର, ମିଶାଇଲ ସେଲ୍, ଲ୍ୟାଣ୍ଡ୍‌ମାଇନ୍ସ ସହ ସେମାନଙ୍କୁ ପରିଚିତ କରାଯାଉଛି। ସାଧାରଣ ଭାବେ କହିଲେ, ପିଲାମାନେ ସ୍କୁଲରେ 'ବି' ଫର୍ ବ୍ୟାଟ୍ ବଦଳରେ ବୁଲେଟ୍ ଏବଂ 'ଏଲ୍' ଫର୍ ଲାୟନ ପରିବର୍ତ୍ତେ ଲ୍ୟାଣ୍ଡମାଇନ୍ ବିଷୟରେ ପାଠ ପଢୁଛନ୍ତି।

ତାଲିବାନ୍ ଆକ୍ରମଣରେ ଆଫଗାନ୍‌ବାସୀ ତ୍ରାହିତ୍ରାହି ଡାକୁଥିବାବେଳେ ଶେଷ ପର୍ଯ୍ୟନ୍ତ ଲଢ଼ି ବୀରତ୍ୱର ପରାକାଷ୍ଠା ଦେଖାଇଥିଲେ ଦକ୍ଷିଣ ହିଲ୍‌ମାଣ୍ଡ ଅଞ୍ଚଳର ଯୋଦ୍ଧା। ତେବେ ସଶସ୍ତ୍ର ତାଲିବାନ ଆତଙ୍କବାଦୀଙ୍କ ସମ୍ମୁଖୀନ ହୋଇ ନ ପାରି ଶେଷରେ ଘର ଛାଡ଼ି ପଳାଇବାକୁ ବାଧ ହୋଇଥିଲେ ଅନେକେ। ମୋର୍ଟାର ମାଡ଼ରେ ଘରଦ୍ୱାର ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଥିବାବେଳେ ଏବେ ପୁଣି ଗାଁମୁହାଁ ହୋଇଛନ୍ତି କ୍ଷତିଗ୍ରସ୍ତ। ଜୀବନଜୀବିକାର ପନ୍ଥା ଉଜୁଡ଼ି ଯାଇଥିବାରୁ ସେମାନେ ଏବେ ଦୁର୍ଦ୍ଦିନରେ ଖୋଲା ଆକାଶ ତଳେ ଭାଗ୍ୟକୁ ଆଦରି ପଡ଼ିଛନ୍ତି। ତାଲିବାନୀ ଆତଙ୍କବାଦୀ ରାସ୍ତାରେ ଲ୍ୟାଣ୍ଡମାଇନ୍ସ ଖଞ୍ଜିଥିବା ଆଶଙ୍କା ଜୀବନକୁ ଅଧିକ ଭୀତିତ୍ରସ୍ତ କରିଦେଇଛି। ଦୁର୍ଘଟଣା ଏଡ଼ାଇବାକୁ ବିଭିନ୍ନ ସ୍ଥାନରେ ଏବେ ଖୋଜାଚାଲିଛି ବିସ୍ଫୋରକ। ସୁରକ୍ଷିତ ଅଞ୍ଚଳଗୁଡ଼ିକୁ ଧଳା ପଥର ଏବଂ ବାରୁଦ ସୁଡ଼ଙ୍ଗ ଆଶଙ୍କା ଥିବା ଅଞ୍ଚଳକୁ ଲାଲ୍ ପଥର ରଖି ଚିହ୍ନଟ କରାଯାଉଛି। ସୂଚନାଯୋଗ୍ୟ, ୧୯୮୮ରୁ ଅଦ୍ୟାବଧି ଏଭଳି ବାରୁଦ ସୁଡ଼ଙ୍ଗ ବିସ୍ଫୋରଣ ଘଟି ୪୧,୦୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏବେକାର ସ୍ଥିତି ଏଭଳି ବିସ୍ଫୋରଣଜନିତ ଦୁର୍ଘଟଣା ଆହୁରି ବଢ଼ିଛି।

### ଅନାହାର ଯନ୍ତ୍ରଣା

ଆଫ୍‌ଗାନିସ୍ତାନରେ ଗମ୍ଭୀର ହେବାରେ ଲାଗିଛି ମାନବୀୟ ସଙ୍କଟ। ଦୁଇଓଳି ଦି' ମୁଠା ଖାଇବା ସାଙ୍ଗକୁ ପିଇବା ପାଣି ଲାଗି ଡହଳବିକଳ ହେଉଛନ୍ତି ଲୋକେ, ଯାହା ସେମାନଙ୍କୁ ଅନାହାର ମୃତ୍ୟୁ ଆଡକୁ ଠେଲିଦେଇଛି। ଖାଦ୍ୟାଭାବରୁ ଶିଶୁମାନଙ୍କ ଜୀବନ ଯାଉଛି। ଅନାହାରଜନିତ ରୋଗରେ ପଡ଼ି ଲକ୍ଷାଧିକ ଶିଶୁ କଲବଲ ହେଉଛନ୍ତି। ଦେଶର ଅନେକ ପ୍ରାନ୍ତରେ ଏଭଳି ସମସ୍ୟା ସହିତ ଯୁଝି ହେଉଥିବା ଲୋକଙ୍କ କରୁଣ କାହାଣୀ ସାମ୍ନାକୁ ଆସିବାରେ ଲାଗିଛି। ବିଶ୍ୱ ସମୁଦାୟ ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ୟାର ସମାଧାନ ନ କଲେ ବର୍ଷ ଶେଷ ଆଡ଼କୁ ଛୋଟ ଛୋଟ ଶିଶୁ ମାରାତ୍ମକ କୁପୋଷଣର ଶିକାର ହେବେ। ଅନ୍ତଃରାଷ୍ଟ୍ରୀୟସ୍ତରରେ ସହାୟତା କରୁଥିବା ଏଜେନ୍ସିଗୁଡ଼ିକ ମଧ୍ୟ ଏଥିଲାଗି ସତର୍କ କରାଇ ସାରିଲେଣି।

### ବିକ୍ରି ହେଉଛନ୍ତି ଶିଶୁ

ଉଜୁଡ଼ିଯାଇଛି ଜୀବନଜୀବିକା ପନ୍ଥା। ପେଟ ଭର୍ତ୍ତି ଖାଇବା ଯୋଗାଡ଼ କରିବା ମୁସ୍କିଲ। ଏଭଳି ସ୍ଥିତିରେ ନିଜର ସନ୍ତାନଙ୍କୁ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି ଆଫ୍‌ଗାନ ପରିବାର। ନିକଟରେ ଜଣେ ମା' ନିଜର ଅବୋଧ ଶିଶୁକୁ ମାତ୍ର ୩୭ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଖବର ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଅବସ୍ଥା ତା'ଠାରୁ ଆହୁରି ଶୋଚନୀୟ। ନିକଟରେ ପଶ୍ଚିମ କାବୁଲର ୮ଜଣ ନାବାଳକ ଜୀବନ ନେଇଯାଇଛି ଭୋକ। ସମ୍ପୃକ୍ତ ପିଲାମାନେ ଛୋଟ ଛୋଟ କାମ କରି ଯେନତେନ ପ୍ରକାରେ ଖାଇବାକୁ ଯୋଗାଡ଼ କରିଦେଉଥିଲେ। ହେଲେ ତାଲିବାନ ଶାସନ ଆରମ୍ଭ ହେବାପରଠାରୁ ଦେଶର ଅର୍ଥନୀତି ରସାତଳଗାମୀ ହୋଇଯାଇଛି। ଶାସନ ବ୍ୟବସ୍ଥାକୁ କରାୟତ୍ତ କରିଥିବା ଆତଙ୍କୀ ଗୋଷ୍ଠୀ ବେଶ୍ ଆରାମରେ ରହୁଥିବାବେଳେ ନାଗରିକଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି।

# 'କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା'

ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅପରିଣାମଦର୍ଶୀ ମଣିଷ ଏହାର ଭୟାବହତାକୁ ତଥାପି ବୁଝିବାକୁ ନାରାଜ। ପୃଥିବୀର ସମ୍ବଳଗୁଡ଼ିକର ଅପବ୍ୟବହାର କରି ଜଙ୍ଗଲ, ଖଣି, ନଦୀ, ହ୍ରଦ ସବୁକୁ ମଣିଷ ନଷ୍ଟ କରିଚାଲିଛି। ତାପମାତ୍ରା ବଢ଼ିବାରୁ ମେରୁ ଅଞ୍ଚଳରେ ତୁଷାର ବା ବରଫ ଖଣ୍ଡମାନ ତରଳିବାରୁ ସାରା ପୃଥିବୀରେ ସମୁଦ୍ର ପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଭାରତରେ ମଧ୍ୟ ଅନୁରୂପ ଭାବରେ ହିମାଳୟର ଗ୍ଲାସିୟର ତରଳିବା ଦ୍ୱାରା ନଦୀଗୁଡ଼ିକରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ରହି ପାରୁନାହିଁ। ପ୍ରାୟ ପ୍ରତିବର୍ଷ ବଡ଼ ବଡ଼ ବାତ୍ୟା ଖାଲି ଭାରତ କାହିଁକି ଅନେକ ଦେଶରେ ମୁଣ୍ଡ ବିନ୍ଧାର କାରଣ ପାଲଟିଲାଣି। ଏହି ସମସ୍ୟାରୁ ମୁକୁଳି ପାରିନି ଓଡ଼ିଶା। ଓଡ଼ିଶାରେ ମଧ୍ୟ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦୀର୍ଘ ବର୍ଷ ହେଲାଣି ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲାରେ ୧୯୯୩ ମସିହାରୁ ସାତଭାୟା ଅଞ୍ଚଳରେ ଏକ ଗାଁ ସମୁଦ୍ର ଗର୍ଭରେ ଲୀନ ହୋଇସାରିଛି। ଅସ୍ତରଙ୍ଗରେ ଏବେ କିଛି ଗାଁକୁ ସମୁଦ୍ର ଗିଳିଦେବା ଭୟ ଲୋକଙ୍କୁ ଘାରିଲାଣି। ଖାଲି ସେତିକି ନୁହେଁ, ବର୍ଷକୁ ଏକାଧିକ ଘୂର୍ଣ୍ଣିବଳୟ ସହିତ ମରୁଡ଼ି, ବନ୍ୟା, ଜଙ୍ଗଲରେ ଅଗ୍ନିକାଣ୍ଡ ଏବଂ ବଜ୍ରପାତ ଓଡ଼ିଶାକୁ କ୍ଷତି ପହଞ୍ଚାଇଛି। ରାଜ୍ୟରେ ଅଧିକାଂଶ ଲୋକ ଜଳବାୟୁ ପରିବର୍ତ୍ତନର ଶିକାର ହୋଇଛନ୍ତି। ତେଣୁ ଏବେଠାରୁ ଉପଯୁକ୍ତ ପଦକ୍ଷେପ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସମୟ ସହିତ ସ୍ଥିତି ଆହୁରି ବିଗିଡ଼ିଯିବ। ଏହି ପରିପ୍ରେକ୍ଷୀରେ ଜଳବାୟୁ ପରିବର୍ତ୍ତନର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ 'ଧରିତ୍ରୀ' ରାଜ୍ୟର ଯୁବବର୍ଗଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ନେଇଛି। ଆସନ୍ତା ୨୪ ତାରିଖରେ 'ଧରିତ୍ରୀ' ତା'ର ୪୮ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଏକ 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍' ଆୟୋଜନ କରିବ। ଏହାର ବିଷୟବସ୍ତୁ ରହିଛି 'କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା'। ଏଥିରେ ରାଜ୍ୟର ବହୁ ବଡ଼ ବଡ଼ ଉଚ୍ଚଶିକ୍ଷାନୁଷ୍ଠାନର ଯୁବ ବକ୍ତାମାନେ ଯୋଗଦେବେ। ଏଥିସହିତ ଏହି କ୍ଷେତ୍ରରେ ଅଭିଜ୍ଞତା ଥିବା ବିଶେଷଜ୍ଞମାନେ ମଧ୍ୟ ଯୋଗଦେଇ ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ଏବଂ ସମାଧାନର ବାଟ ଉପସ୍ଥାପନ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ, ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସମାନ କାରଣ ପାଇଁ କାର୍ଯ୍ୟ କରୁଥିବା ଲୋକଙ୍କୁ ଏକତ୍ରିତ କରିବା ଏବଂ ପରସ୍ପର ମଧ୍ୟରେ ଏକ ସାମୂହିକ ଭବିଷ୍ୟତ ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଦେବା ହେଉଛି ଏହି କନ୍‌କ୍ଲେଭ୍‌ର ମୂଳ ଉଦ୍ଦେଶ୍ୟ।




## ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷାରେ ସମର୍ପିତ ଜୀବନ

ଏକ ପରିବର୍ତ୍ତନ ଆଣିବା ପାଇଁ ଜଣଙ୍କର ଅସୀମିତ ସମ୍ବଳ ରହିବା ଆବଶ୍ୟକ ନାହିଁ। ଏହାକୁ ପ୍ରମାଣିତ କରିଛନ୍ତି ଓଡ଼ିଶାର ୨୪ ବର୍ଷ ବୟସ୍କ ଜଳବାୟୁ କାର୍ଯ୍ୟକର୍ତ୍ତା ସୌମ୍ୟ ରଞ୍ଜନ ବିଶ୍ୱାଳ। ପରିବେଶ ଏବଂ ଅଲିଭ୍ ରିଡ୍‌ଲେ (ସାମୁଦ୍ରିକ କଇଁଛ)ଙ୍କ ସୁରକ୍ଷା ପାଇଁ ସେ ନିଜକୁ ସମର୍ପିତ ଦେଇଛନ୍ତି। ତାଙ୍କ ଜୀବନର ଏକ ବଡ଼ ଅଂଶ ସମୁଦ୍ର କୂଳରେ ପାଟ୍ରୋଲିଂ କରିବା ଏବଂ ଦେବୀ ନଦୀ କୂଳରେ ଥିବା ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦେବା ସ୍ଥାନ ଓ ବେଳାଭୂମି ସଫା କରିବାରେ ଅତିବାହିତ ହୋଇଛି। ପୁରୀ ଜିଲା ଅସ୍ତରଙ୍ଗର ଯୁବକ ସୌମ୍ୟ ଏହି କାର୍ଯ୍ୟକୁ ୧୦ ବର୍ଷ ବୟସରୁ କରିଆସୁଛନ୍ତି।


ସୌମ୍ୟ ରଞ୍ଜନ ବିଶ୍ୱାଳ

ପ୍ରତିବର୍ଷ ଅଲିଭ୍ ରିଡ୍‌ଲେ ହଜାର ହଜାର ମାଇଲ ଦୂରରୁ ଦେବୀନଦୀ, ଋଷିକୁଲ୍ୟା ନଦୀ ମୁହାଣ ଏବଂ ଗହୀରମଥାକୁ ଆସି ସାମୂହିକ ଅଣ୍ଡାଦାନ ନିମନ୍ତେ ଏକତ୍ର ହୋଇଥାନ୍ତି। ଏମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଯେତେ ପଦକ୍ଷେପ ନେଲେ ବି ତାହା ଫଳପ୍ରଦ ହୁଏ ନାହିଁ। ଟ୍ରଲର ଯୋଗୁ ବହୁସଂଖ୍ୟକ ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ଘଟିଥାଏ। ତେଣୁ ସେମାନଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ ସେଥିପାଇଁ ସୌମ୍ୟ ଅଣ୍ଟା ଭିଡ଼ିଛନ୍ତି। ସମୁଦ୍ର କୂଳରେ ଗାଁ ହୋଇଥିବାରୁ ସେ ପିଲାଦିନରୁ ମୃତ କଇଁଛ ବେଳାଭୂମିକୁ ଭାସିଆସିବା ଏବଂ ପ୍ରଦୂଷଣ ହେଉଥିବା ଦେଖି ଆସିଛନ୍ତି। ତାହା ତାଙ୍କୁ ବିବ୍ରତ କରୁଥିବାରୁ ସେ ଅଲିଭ୍ ରିଡ୍‌ଲେ ଏବଂ ପରିବେଶ ସୁରକ୍ଷା ନିମନ୍ତେ କିଛି କରିବାକୁ ଆଗେଇ ଆସିଛନ୍ତି। ୨୦୧୪ରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ନାମକ ଏକ ସଂସ୍ଥା କରି ଏହି କାର୍ଯ୍ୟକୁ ଆଗେଇ ନେଇଛନ୍ତି। ମାତ୍ର ୧୫ଜଣ ସଦସ୍ୟରୁ ଆରମ୍ଭ ହୋଇଥିବା ଏହି ସଂସ୍ଥାରେ ଏବେ ଶତାଧିକ ସ୍ୱେଚ୍ଛାସେବୀ ରହି ପରିବେଶ ସୁରକ୍ଷା ଦିଗରେ କାମ କରୁଛନ୍ତି। ସମୁଦ୍ର ଉପକୂଳବର୍ତ୍ତୀ ଗାଁକୁ ଯାଇ ସେମାନେ ଲୋକଙ୍କୁ ସଚେତନ କରିଥାନ୍ତି। ଖାଲି ଦେବୀନଦୀ କୂଳରେ ନୁହେଁ, ବରଂ ଓଡ଼ିଶାର ସବୁ ଉପକୂଳବର୍ତ୍ତୀ ଗାଁକୁ ସେମାନେ ସଚେତନତା ଅଭିଯାନରେ ସାମିଲ କରିଛନ୍ତି। ବିଶେଷକରି ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷାକୁ ସେମାନେ ପ୍ରାଥମିକତା ଦେଉଛନ୍ତି। ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନଠାରୁ ଆରମ୍ଭ କରି ଛୁଆ ଫୁଟି ବାହାରି ପୁଣି ଫେରିଯିବା ପର୍ଯ୍ୟନ୍ତ ସେମାନେ ସମୁଦ୍ର କୂଳରେ ରାତ୍ରିଯାପନ କରୁଛନ୍ତି। ଏପରିକି ଶିକାରୀଙ୍କଠାରୁ ଅଣ୍ଡା ରକ୍ଷା କରିବା ପାଇଁ ରାତି ସାରା ପାଟ୍ରୋଲିଂ କରିଥାନ୍ତି।

୨୦୧୮ରେ ରାଜ୍ୟ ସରକାର ଯେତେବେଳେ ଅଲିଭ୍ ରିଡ୍‌ଲେ କଇଁଛର ସୁରକ୍ଷାକୁ ନେଇ ଓଲି ମାସ୍କଟ ବାହାର କରିଥିଲେ, ସେତେବେଳେ ସୌମ୍ୟ ଏବଂ ତାଙ୍କ ଟିମ୍ କୋଣାର୍କରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଏକ ସାଇକେଲ ଯାତ୍ରା ଅଭିଯାନ କରିଥିଲେ। ସେଥିରେ ସୌମ୍ୟ ନିଜେ ଓଲି ମାସ୍କଟ ପିନ୍ଧିଥିଲେ। ତାଙ୍କର ଏହି ସାଇକେଲ ଯାତ୍ରା ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିଲା। ସେହିଭଳି ୨୦୧୯ରେ ଗଞ୍ଜାମରୁ ଆଉ ଏକ ଯାତ୍ରା ଆରମ୍ଭ କରିଥିଲେ। ଗୋଟେ ମାସର ଏହି ଯାତ୍ରାରେ ସେମାନେ ରାଜ୍ୟର ସବୁ ଉପକୂଳବର୍ତ୍ତୀ ଗାଁକୁ ଯାଇ ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ର, ମତ୍ସ୍ୟଜୀବୀଙ୍କୁ ସଚେତନ କରିଥିଲେ।

ଭାରତରେ ଜାତିସଂଘ ପକ୍ଷରୁ 'ଉଇ ଦ ଚେଞ୍ଜ' ଶୀର୍ଷକ ଜଳବାୟୁ ଅଭିଯାନ ଚାଲିଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ସୌମ୍ୟଙ୍କ ସମେତ ୧୭ଜଣ ଯୁବତୀ, ଯୁବକଙ୍କୁ ଜାତିସଂଘ ପକ୍ଷରୁ ନିକଟରେ ଚୟନ କରାଯାଇଛି।

ସୌମ୍ୟ କହିଛନ୍ତି, ଦେବୀ ନଦୀ ମୁହାଣରେ ଯେଉଁ ସାମୂହିକ ଅଣ୍ଡାଦାନ ହେଉଥିଲା ତାହା ଏବେ ଅତୀତ ହେବାକୁ ବସିଲାଣି। ପ୍ରତିବର୍ଷ ଅଲିଭ୍ ରିଡ୍‌ଲେ ଅଣ୍ଡା ଦେବା ପାଇଁ ଆସୁଛନ୍ତି। କିନ୍ତୁ ସଂଖ୍ୟା କମିବାରେ ଲାଗିଛି। ଅର୍ଥାତ୍ ସରକାରୀ ହିସାବରେ ଦେବୀନଦୀରେ ପ୍ରାୟ ଏକ ହଜାର ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ଘଟୁଛି। କିନ୍ତୁ ଆମ ହିସାବରେ ଟ୍ରଲର ଯୋଗୁ ୨୦ହଜାରରୁ ଊର୍ଦ୍ଧ୍ୱ ଅଲିଭ୍ ରିଡ୍‌ଲେ ମରୁଛନ୍ତି। ତେଣୁ ସେହି ଦେବୀ ନଦୀ ମୁହାଣକୁ କିପରି ପୁନର୍ଜୀବିତ କରିପାରିବୁ ତାହା ଲକ୍ଷ୍ୟ ରହିଛି। ଏଥିସହିତ ହେନ୍ତାଳ ବଣ ବି ଧୀରେ ଧୀରେ ହ୍ରାସ ପାଉଛି। ସେ ଦିଗରେ ବି କାର୍ଯ୍ୟ କରିବା ପାଇଁ ଚିନ୍ତା କରିଛୁ ବୋଲି ସୌମ୍ୟ କହିଛନ୍ତି। 'ଧରିତ୍ରୀ' ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀ 'କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା'ରେ ଏକ୍ସପର୍ଟ ପ୍ୟାନେଲିଷ୍ଟ ଭାବେ ଯୋଗଦେବେ।

## ଜଳବାୟୁ ପରିବର୍ତ୍ତନ ଲଢ଼େଇରେ ଆଦିବାସୀ ଝିଅ

ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାବେଳେ ଏହାର ମୁକାବିଲା କ୍ଷେତ୍ରରେ ଓଡ଼ିଶା ଆଦିବାସୀ ସମ୍ପ୍ରଦାୟର ନେତୃତ୍ୱକୁ ବିଶ୍ୱ ଦେଖୁଛି। ସୁନ୍ଦରଗଡ଼ ଖଡ଼ିଆ ଆଦିବାସୀ ସମାଜର ଝିଅ ଅର୍ଚ୍ଚନା ସୋରେଙ୍ଗ ମିଳିତ ଜାତିସଂଘ ପାଣିପାଗ ପରିବର୍ତ୍ତନର ଯୁବ ପରାମର୍ଶଦାତା ଗୋଷ୍ଠୀରେ ସାମିଲ ହୋଇ କେବଳ ନିଜ ସମ୍ପ୍ରଦାୟ କାହିଁକି, ଓଡ଼ିଶା ଓ ଭାରତ ପାଇଁ ଗୌରବ ଆଣିଛନ୍ତି। ଏହି ଗୋଷ୍ଠୀରେ ଅନ୍ୟ ୭ଜଣ ରହିଥିବାବେଳେ ଅର୍ଚ୍ଚନା ସବୁବେଳେ ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇରେ ଆଦିବାସୀ ସମ୍ପ୍ରଦାୟର ଭୂମିକାକୁ ଗୁରୁତ୍ୱ ଦେବା ସହ ଏହାକୁ ଏକ ବିଶ୍ୱ ଆହ୍ୱାନରେ ପରିଣତ କରିଛନ୍ତି। ନିକଟରେ ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ହୋଇଥିବା 'କପ୍୨୬' ଜଳବାୟୁ ସମ୍ମିଳନୀରେ ଏହି ଯୁବ ପରିବେଶବିତ୍ ଯୋଗଦେଇ ନିଜ ନେତୃତ୍ୱର ପରାକାଷ୍ଠା ଦେଖାଇଛନ୍ତି।


ଅର୍ଚ୍ଚନା ସୋରେଙ୍ଗ

୧୯୯୬ରେ ରାଉରକେଲାରେ ଜନ୍ମଗ୍ରହଣ କରିଥିବା ଅର୍ଚ୍ଚନା ଛୋଟ ବେଳୁ ପରିବାର ଲୋକ ଓ ଆଦିବାସୀ ସମାଜ ଜଙ୍ଗଲ ସୁରକ୍ଷା ପାଇଁ କାମ କରୁଥିବା ଦେଖି ସେଥିପ୍ରତି ଅନୁପ୍ରେରିତ ହୋଇଥିଲେ। ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବାବେଳେ ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ଆଦିବାସୀ ସମ୍ପ୍ରଦାୟ କିପରି ଯୋଗଦାନ କରିପାରିବେ ସେଥିପାଇଁ ଆଗେଇ ଆସିଥିଲେ। ବୟସ ବଢ଼ିବା ସହ ତାଙ୍କର ଏପରି ଲକ୍ଷ୍ୟ ଧୀରେ ଧୀରେ ଶାଣିତ ହୋଇଥିଲା। ସେ ରାଜନୀତି ବିଜ୍ଞାନରେ ପାଟଣା ମହିଳା କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ମୁମ୍ବାଇର ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସରୁ ଶିକ୍ଷା ଲାଭ କରିଥିଲେ। ଏବେ ସେ 'ବସୁନ୍ଧରା' ଅନୁଷ୍ଠାନର ରିସର୍ଚ୍ଚ ଅଫିସର ଓ ଆଦିବାସୀ ଯୁବ ଚେତନା ମଞ୍ଚର ଆବାହିକା ଅଛନ୍ତି। ତାଙ୍କ ମତରେ ଜଙ୍ଗଲର ସୁରକ୍ଷା ତଥା ପ୍ରକୃତି ସହିତ ବିଶ୍ୱର ସମ୍ପର୍କକୁ ପୁନଃସ୍ଥାପିତ କରିବା ପାଇଁ ଆଦିବାସୀ ବର୍ଗର ଲୋକଙ୍କର ଜ୍ଞାନ ରହିଛି। କିନ୍ତୁ ଯେତେବେଳେ ସେମାନଙ୍କର ଜମି, ଜଙ୍ଗଲ ଏବଂ ଅଞ୍ଚଳ ଉପରେ ଆଦିବାସୀ ତଥା ଦଳିତ ସମ୍ପ୍ରଦାୟର ଅଧିକାର ସ୍ୱୀକୃତିପ୍ରାପ୍ତ ଏବଂ କାର୍ଯ୍ୟକାରୀ ହେବ ସେତେବେଳେ ଏହି ସମାଧାନ କାର୍ଯ୍ୟକାରୀ ହୋଇପାରିବ ବୋଲି ଅର୍ଚ୍ଚନା କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଥମେ ଆମକୁ ଗ୍ରହଣ କରିବାକୁ ହେବ ଯେ, ଜଳବାୟୁ ପରିବର୍ତ୍ତନ ପ୍ରଭାବ ପଡ଼ି ସାରିଲାଣି। ପ୍ରକୃତିର ସନ୍ତୁଳନ ପାଇଁ ଆମକୁ ଏବେ ଷ୍ଟ୍ରାଟେଜି ଓ ଆକ୍ସନ ପ୍ଲାନ୍ କରିବାକୁ ପଡ଼ିବ। ରାଜ୍ୟର ଅନେକ ଯୁବପିଢ଼ି ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ କାର୍ଯ୍ୟ କରୁଛନ୍ତି। ସମସ୍ତଙ୍କୁ ସଙ୍ଗଠିତ କରିବାର ଅଛି। ସ୍କୁଲ ଓ କଲେଜରେ ଜଳବାୟୁ ପରିବର୍ତ୍ତନ ପାଠ୍ୟକ୍ରମ ରହିବା ଉଚିତ।

'କପ୍୨୬' ଜଳବାୟୁ ସମ୍ମିଳନୀରେ ଅର୍ଚ୍ଚନା ଆଦିବାସୀ ସମ୍ପ୍ରଦାୟକୁ ଅନ୍ତର୍ଭୁକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ନୀତି ପ୍ରସ୍ତୁତିରେ ଆଦିବାସୀଙ୍କ ସ୍ୱର ଓ ଯୁବପିଢ଼ିଙ୍କୁ ସାମିଲ କରିବାକୁ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ଆଦିବାସୀମାନେ ଜଳବାୟୁ ନୀତି (କ୍ଲାଇମେଟ୍ ଆକ୍ସନ)ର ଶିକାର ହେବା ଉଚିତ ନୁହେଁ, ବରଂ ଜଳବାୟୁ ନୀତିର ନେତା ହେବା ଉଚିତ। ସବୁଜ ଜୀବନଯାପନ, ବର୍ଷା ଜଳ ଅମଳ, ଜୈବିକ ଚାଷ, ଜୈବ ବିବିଧତା ରକ୍ଷା କରିବା ପାଇଁ ଆଦିବାସୀମାନଙ୍କ ଦୈନନ୍ଦିନ ଜୀବନରେ ବ୍ୟବହୃତ ପଦ୍ଧତି ଏବଂ ଉପକରଣଗୁଡ଼ିକୁ ଯଦି ଅନ୍ୟ ଲୋକଙ୍କ ଦ୍ୱାରା ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ଏହା ପରିବେଶର ସଂରକ୍ଷଣ ତଥା ଜଳବାୟୁ ପରିବର୍ତ୍ତନ ସହିତ ମୁକାବିଲା କରିବାରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି। 'ଧରିତ୍ରୀ' ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀ 'କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା'ରେ ଏକ୍ସପର୍ଟ ପ୍ୟାନେଲିଷ୍ଟ ଭାବେ ଯୋଗଦେବେ।

## ଜଳ ମାନବ ରଞ୍ଜନ

ଜଳ ବିଶେଷଜ୍ଞ ତଥା ଓଡ଼ିଶାର ଜଳ ମାନବ ଭାବେ ପରିଚିତ ରଞ୍ଜନ ପଣ୍ଡା। ଜଳ, ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ସେ ତୃଣମୂଳ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ପ୍ରାୟ ତିନି ଦଶନ୍ଧି ହେଲା କାମ କରୁଛନ୍ତି। ସେ ଏବେ 'ୱାଟର ଇନିସିଏଟିଭ୍ ଓଡ଼ିଶା' ଏବଂ 'କମ୍ବାଟ୍ କ୍ଲାଇମେଟ୍ ଚେଞ୍ଜ ନେଟ୍‌ୱର୍କ' ଭାରତର ଆବାହକ ଅଛନ୍ତି। ଏଥିସହ ସେ 'ମହାନଦୀ ପିସ୍ ଇନିସିଏଟିଭ୍', 'ହେଲ୍‌ଦି ରିଭର୍ସ, ହାପି ସିଟିଜ୍' ଏବଂ 'ୟୁଥ୍‌ଫୋର୍‌ୱାଟର' ଅଭିଯାନର ମଧ୍ୟ ନେତୃତ୍ୱ ନେଉଛନ୍ତି। ପ୍ରତିବର୍ଷ ଓଡ଼ିଶା ନଦୀ ସମ୍ମିଳନୀ ଆୟୋଜନ କରି ରଞ୍ଜନ ଜଳ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ନୂଆ ଆହ୍ୱାନ ଦେଇଆସୁଛନ୍ତି। ତୃଣମୂଳ ସମ୍ପ୍ରଦାୟ ସହିତ ଜଳ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି। ଏଥିସହ ସେ ନିୟମିତ ଅଭିଯାନ, ଅନୁସନ୍ଧାନ, ଅଧ୍ୟୟନ ଉପରେ ତାଙ୍କ ସଂଗ୍ରାମ ଜାରି ରଖିଛନ୍ତି। ରଞ୍ଜନ ରାଷ୍ଟ୍ରପତିଙ୍କ ଦ୍ୱାରା ଭାରତର ପ୍ରଥମ 'ଗ୍ରୀନ୍ ହିରୋ' ସମ୍ମାନ ପାଇଥିବାବେଳେ ବିଭିନ୍ନ ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ନ୍ୟୁୟର୍କ ଭିତ୍ତିକ ବିଶ୍ୱସ୍ତରୀୟ ସଂସ୍ଥା 'ୱାଟରକିପର ଆଲିଆନ୍ସ' ପକ୍ଷରୁ ତାଙ୍କୁ ମହାନଦୀ ରିଭର ୱାଟରକିପର ମାନ୍ୟତା ଦିଆଯାଇଛି। ଜାତୀୟ ତଥା ଅନ୍ତର୍ଜାତୀୟ ସେମିନାର ବା କର୍ମଶାଳା ସାଙ୍ଗକୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଜଳ ଓ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ ଉପରେ ବକ୍ତବ୍ୟ ଦେବା ପାଇଁ ରଞ୍ଜନଙ୍କୁ ନିୟମିତ ନିମନ୍ତ୍ରଣ କରାଯାଉଛି। ସେ ଜେନେଭା ବିଶ୍ୱବିଦ୍ୟାଳୟରେ ଭିଜିଟିଂ ଫାକଲ୍‌ଟି ଭାବେ ଯୋଗଦେଇ ଜଳ ଓ ଜଳବାୟୁର ସୁରକ୍ଷା ପାଇଁ ଅନେକ ଯୋଦ୍ଧା ତିଆରି କରିଛନ୍ତି। 'ଧରିତ୍ରୀ' ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀ 'କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା'ରେ ଏକ୍ସପର୍ଟ ପ୍ୟାନେଲିଷ୍ଟ ଭାବେ ଯୋଗଦେବେ।


ରଞ୍ଜନ ପଣ୍ଡା


ଓଏସ୍‌ଏସ୍‌ଟିଇଟି ଏବଂ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଆଶାୟୀ ସଂସ୍କୃତ ଶିକ୍ଷକମାନଙ୍କୁ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ଝାଡ଼ୁମାରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୨୪ରେ ଶ୍ରୀମନ୍ଦିର ପରିକ୍ରମା ଯୋଜନାର ଶିଳାନ୍ୟାସ

**ଯୋଗଦେବେ ମୁଖ୍ୟମନ୍ତ୍ରୀ**

■ ସରିଲା ଗୁଆଟେକା ନୀତି, ଆଜିଠୁ ମହାଯଜ୍ଞ

ପୁରୀ ଅଫିସ,୨୧।୧୧

ଆସନ୍ତା ୨୪ତାରିଖରେ ଶ୍ରୀମନ୍ଦିର ପରିକ୍ରମା ଯୋଜନାର ଶିଳାନ୍ୟାସ ହେବ। ଏଥିପାଇଁ ସୋମବାରଠାରୁ ବିଧି ଓ ପରମ୍ପରା ଅନୁଯାୟୀ ମହାଯଜ୍ଞ ଆରମ୍ଭ କରାଯିବ। ମହାଯଜ୍ଞରେ ଗଜପତି ମହାରାଜା ଦିବ୍ୟସିଂହ ଦେବ କର୍ତ୍ତା ସାଜିବେ। ତେଣୁ ରବିବାର ଗଜପତି ମହାରାଜାଙ୍କ ଦ୍ୱାରା ଗୁଆଟେକା ନୀତି ସମ୍ପନ୍ନ ହୋଇଛି। ଏଥିସହ ଦ୍ୱିପ୍ରହରରେ ଯଜ୍ଞ ଅଧିବାସ ଓ ରାତ୍ରିରେ ଅଙ୍କୁରାରୋପଣ କରାଯାଇଛି। ୨୨ ଓ ୨୩ ତାରିଖରେ ମହାଯଜ୍ଞ ହେବାକୁ ଥିବାବେଳେ ୨୪ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ। ପୂର୍ଣ୍ଣାହୁତି ଦିନ ଶ୍ରୀମନ୍ଦିର ପରିକ୍ରମା ଯୋଜନାର ଶିଳାନ୍ୟାସ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମନ୍ଦିର ପରିକ୍ରମା ଯୋଜନାର ଶିଳାନ୍ୟାସ କରିବେ।


ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟ ଐଶାନ୍ୟ କୋଣରେ ପ୍ରସ୍ତୁତ ହୋଇଥିବା ଯଜ୍ଞମଣ୍ଡପ।

ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟ ଐଶାନ୍ୟ କୋଣରେ ଯଜ୍ଞମଣ୍ଡପ ପ୍ରସ୍ତୁତ ସରିଛି। ଯଜ୍ଞମଣ୍ଡପ ନିକଟକୁ କେବଳ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଛଡ଼ାଯିବ। ଯଜ୍ଞମଣ୍ଡପ ଚାରିପଟେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀ, ଗୋଇନ୍ଦା ବିଭାଗ ଅଧିକାରୀ ଓ ସାଦା ପୋଷାକଧାରୀ ସୁରକ୍ଷା କର୍ମୀମାନଙ୍କୁ ମୁତୟନ କରାଯାଇଛି। ଗଜପତି ମହାରାଜା କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ଯୋଜନା ପାଇଁ ରବିବାର ଶ୍ରୀନଅରରେ ଗୁଆଟେକା ନୀତିରୁ ଯଜ୍ଞବିଧିର ଶୁଭାରମ୍ଭ ହୋଇଛି। ରାଜଗୁରୁ ସୁଧାଂଶୁ ଶେଖର ରାଜଗୁରୁଙ୍କୁ ସେ ଆଚାର୍ଯ୍ୟ ଭାବେ ବରଣ କରିଛନ୍ତି। ପରବର୍ତ୍ତୀ ସମୟରେ ଯଜ୍ଞଶାଳରେ ଅଙ୍କୁରାରୋପଣ ହେବା ସହ ସୋମବାରଠାରୁ ପ୍ରାୟ ୩୨ଜଣ ବ୍ରାହ୍ମଣ ଆଚାର୍ଯ୍ୟ ବରଣ କରି ହୋମଯଜ୍ଞରେ ନିୟୋଜିତ ହେବେ। ୨୪ ତାରିଖରେ ପୂର୍ଣ୍ଣାହୁତି ହେବା ସହ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବେ। ଶ୍ରୀମନ୍ଦିର ପୂର୍ବଦିଗରେ ମେଘନାଦ ପାଚେରି ପାଖରେ ଶିଳା ପ୍ରତିଷ୍ଠା କରାଯାଇ ଶିଳାନ୍ୟାସ କରାଯିବ। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋଇଥିବା ଏହି ବୃହତ ଯୋଜନାକୁ ସେ ସଫଳ କରନ୍ତୁ ବୋଲି ତାଙ୍କ ଚରଣରେ ପ୍ରାର୍ଥନା କରୁଛି ବୋଲି ଗଜପତି କହିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଯଜ୍ଞ କାର୍ଯ୍ୟକ୍ରମକୁ ଗଜପତି ମହାରାଜାଙ୍କ ତତ୍ତ୍ୱାବଧାନରେ କରାଯିବ। ପରିଚାଳନା ଦାୟିତ୍ୱରେ ସବୁ ପ୍ରକାର ସହଯୋଗ କରାଯିବ। ବ୍ରାହ୍ମଣମାନେ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ଯଜ୍ଞ ଓ ହୋମ କାର୍ଯ୍ୟ କରିବେ। ସେହିପରି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ଯୋଜନାର ପ୍ରଥମ ପର୍ବ ଆରମ୍ଭ ହୋଇସାରିଛି। ରବିବାର ରାତ୍ର ୮ଟାରେ ଯଜ୍ଞ ମଣ୍ଡପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହୋଇଛି। ଶାସ୍ତ୍ରୀୟ ପରମ୍ପରା ଅନୁସାରେ ବ୍ରାହ୍ମଣମାନେ ଯଜ୍ଞ ଓ ପୂଜାର୍ଚ୍ଚନା କରିବେ। ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ପରିକ୍ରମା ଯୋଜନା ପାଇଁ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଶିଳାନ୍ୟାସ ପରେ ପରିକ୍ରମା ଯୋଜନା କାର୍ଯ୍ୟ ଆରମ୍ଭ ହେବ।

## ରେଳଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଝାରସୁଗୁଡା ଅଫିସ: ଝାରସୁଗୁଡା ରେଳଷ୍ଟେଶନ ୬ ନଂ. ପ୍ଲାଟ୍‌ଫର୍ମ ନିକଟ ରେଳଧାରଣାରୁ ରବିବାର ଜିଆର୍‌ପି ପୋଲିସ ଏକ ଅଜଣା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଜଣଙ୍କ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ତାଙ୍କ ମୃତଦେହ ରେଳଲାଇନ୍ ଉପରେ ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡିଥିବା ଏକ ମାଲବାହୀ ଟ୍ରେନ୍ ଚାଳକ ଦେଖି ଷ୍ଟେଶନ୍ ମାଷ୍ଟରଙ୍କୁ ଜଣାଇଥିଲେ। ଏ ନେଇ ଷ୍ଟେଶନ୍ ମାଷ୍ଟର ଜେଏସ୍ କାଲୋ ଜିଆର୍‌ପି ପୋଲିସକୁ ଜଣାଇଥିଲେ। ଜିଆର୍‌ପି ଥାନା ଅଧିକାରୀ ସୌଦାମିନୀ ନାଗ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିଚୟ ଜାଣିବା ପାଇଁ ଶବ ସଂରକ୍ଷଣ (ମର୍ଗ)ରେ ରଖିଛନ୍ତି। ଏ ନେଇ ଝାରସୁଗୁଡା ଜିଆର୍‌ପି ପୋଲିସ ଅପମୃତ ମାମଲା (ନଂ. ୩୭/୨୧)ରୁଜୁ କରି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ପ୍ରତିଷ୍ଠା ଉତ୍ସବ, ବାଲିବନ୍ଧା ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ଦରବୃଦ୍ଧି ପ୍ରତିବାଦରେ ଜିଲା ମହିଳା ବିଜୁ ଜନତା ଦଳର ବିକ୍ଷୋଭ, ଆରଡିସି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ସେବା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ଓଡିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ବାର୍ଷିକୋତ୍ସବ

ବଡଗାଁ,୨୧।୧୧(ଡି.ଏନ୍.ଏ): ସମ୍ବଲପୁରୀ କଳା, ସଂସ୍କୃତି, ଅନୁଷ୍ଠାନ ସୁନ୍ଦରଗଡ ଶାଖା ପକ୍ଷରୁ ବଡଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ରବିବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁଷ୍ପାଞ୍ଜଳି ମିଞ୍ଜ ମୁଖ୍ୟଅତିଥି, ସୁଶାନ୍ତ କିଶାନ, ଜିତାରଣୀ ପଣ୍ଡା, ସ୍ୱାଗତ ପାଣିଗ୍ରାହୀ, ବରିଷ୍ଠ ଖବରଦାତା ଲବଣୀଧର ପୃଷ୍ଟେଠ, କ୍ଷେତ୍ରବାସୀ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୃଷକ ସଙ୍ଗଠନ ସଭାପତି ରବୀନ୍ଦ୍ର ପଟେଲ ଯୋଗଦେଇ ପଶ୍ଚିମ ଓଡିଶାର ଭାଷା, ସଂସ୍କୃତି ଓ ପରମ୍ପରାକୁ ସମୃଦ୍ଧ କରିବାକୁ ପ୍ରୟାସ କରୁଥିବା ସଙ୍ଗଠନର କର୍ମକର୍ତ୍ତା ମାନଙ୍କୁ ପ୍ରଶଂସା କରି ଏହା ମାଧ୍ୟମରେ ଆଗାମୀ ପିଢିର ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ସମ୍ବଲପୁରୀ ଭାଷା, ସାହିତ୍ୟକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ନେଇଥିବା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଓ ଜିତେନ୍ଦ୍ର ହରିପାଲଙ୍କ କୃତିତ୍ୱକୁ ପ୍ରଶଂସା କରାଯାଇଥିଲା। ଅତିଥି ମାନେ ସମ୍ବଲପୁରୀ ଭାଷା ସଂସ୍କୃତିକୁ ଆଗେଇନେବାରେ କାର୍ଯ୍ୟ କରୁଥିବା ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଶୁଭ କାମନା କରିଥିଲେ। ପ୍ରାରମ୍ଭରେ ମାଁ ସମଲେଇଙ୍କ ଫଟୋ ଚିତ୍ରରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଟୋନିସ ରୋହିଦାସ ସ୍ୱାଗତ ଅଭିଭାଷଣ ଓ ସଂଯୋଜକ ଦୁଷ୍ମନ୍ତ ଭୋଇ, ଖାଣ୍ଡବ ରୋହିଦାସ, ଦୀପକ ରୋହିଦାସ, ରଞ୍ଜିତ ରୋହିଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜେନ୍ଦ୍ରବୃତ୍ତ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,୨୧।୧୧(ବ୍ୟୁରୋ): ପ୍ରସିଦ୍ଧ ନାଟ୍ୟବିତ୍ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ରବିବାର ରାଜେନ୍ଦ୍ରବୃତ୍ତ ପୁସ୍ତକ ସମ୍ବଲପୁର ମାରୱାଡିପଡା ଧର୍ମଶାଳାଠାରେ ଉନ୍ମୋଚିତ ହୋଇଯାଇଛି। ସମ୍ବଲପୁର ନାଟ୍ୟକଳା ପରିଷଦ ସଙ୍କଳିତ ପୁସ୍ତକକୁ ଡ.ଶିବ ନାରାୟଣ ଶତପଥୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ଯୋଗ ଦେଇ ଅତିଥିମାନେ କହିଥିଲେ ଯେ, ମଞ୍ଚ ନାଟକ କଳାକାରମାନେ ରାଜେନ୍ଦ୍ରଙ୍କ ନିଖୁଣ ଅଭିନୟକୁ ମନେ ପକାଇବେ। ପ୍ରବୀଣ ଓ ନବୀନ କଳାକାରଙ୍କ ଲାଗି ସେ ଆଦର୍ଶ ଭାବେ ଚିର କାଳ ରହିବେ। ଶିକ୍ଷାବିତ୍ ଡ. ସନ୍ତୋଷ କୁମାର ଦାଶ, ମନୋରଞ୍ଜନ ପାଢୀ, ପ୍ରଭାସ ବାନାର୍ଜୀ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଦିଲୀପ କୁମାର ପୃଷ୍ଟି ଯୋଗଦେଇ ରାଜେନ୍ଦ୍ରଙ୍କ ସମ୍ପର୍କରେ ଅଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ବ୍ରଜେନ୍ଦ୍ର କୁମାର ନାୟକ, ଅଭିନେତା ସୌମେନ୍ଦ୍ର ପୂଜାରୀ, ସାହିତ୍ୟିକ ଦେବାର୍ଚ୍ଚନ ଠାକୁର, ଅଶୋକ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ବ୍ୟୋମକେଶ ପଣ୍ଡା, ସଞ୍ଜୀବ ପଣ୍ଡା, ସମ୍ବିତ ପଣ୍ଡା, ଶ୍ରୀକାନ୍ତ ପାଣିଗ୍ରାହୀ ଓ ପ୍ରେମାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅପରାଧ ଚପାଇବାକୁ ଉଦ୍ୟମ

**ବନ୍ୟପ୍ରାଣୀ ମାରି ପୋତିଥିବା ଘଟଣା**

- ଅଞ୍ଚଳବାସୀଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି
- ବିଭାଗୀୟ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

ସମ୍ବଲପୁର,୨୧।୧୧(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ଠର୍ଲି ଗ୍ରାମ ନିକଟ ମୁଣ୍ଡେର-ଡୁମ୍ବେରଚୁଆଁ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀ ମୃତଦେହ ପୋତି ଦିଆଯାଇଥିବା ନେଇ ଚର୍ଚ୍ଚା ହେଉଥିଲା। ଧରିତ୍ରୀ ଓ ଓଡିଶା ପୋଷ୍ଟରେ ଏହାକୁ ନେଇ ନିୟମିତ ଖବର ପ୍ରକାଶ ପାଇବା ପରେ ବନ ବିଭାଗ ତତ୍ପରତା ଦେଖାଇଥିଲା। ଗତ ଅକ୍ଟୋବର୨୦ ତାରିଖରେ ଘଟଣାସ୍ଥଳରେ ତଦନ୍ତ କରି ବନ ବିଭାଗ ହାଡ,ପାଉଁଶ ଜବତ କରି ପରୀକ୍ଷା ପାଇଁ ପଠାଇ ଦେଇଥିଲା। ଏବେ ରିପୋର୍ଟ ଆସିବାକୁ ଆଳ କରି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଛି ବନ ବିଭାଗ। ଦନ୍ତା ଶିକାର କରିବା, ଦାନ୍ତ ନ ଥିବା ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି ପୋଡି ପୋତି ଦେବା ଭଳି ସମ୍ବେଦନଶୀଳ ଘଟଣା ହେଲେ ମଧ୍ୟ ବନ ବିଭାଗ ଏହାକୁ ହାଲକା ଭାବେ ନେଉଛି। ପ୍ରାୟ ଏକ ମାସ ବିତିଯାଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ହାତୀ ମୃତ୍ୟୁ ଘଟଣାରେ ବିଭାଗର ଉଚ୍ଚ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀଙ୍କ ଅବହେଳାକୁ ଦାୟୀ କରାଯାଉଛି। ଅପରପକ୍ଷରେ ଅଧିକାରୀମାନେ ମଧ୍ୟ ଘଟଣାକୁ ହାଲୁକା ଭାବେ ନେଇ ଅନ୍ୟ ଦିଗ ଉପରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ହାତୀ କେମିତି ମଲା, ଶିକାର କରାଯାଇଛି ନା ରୋଗରେ ମୃତ୍ୟୁ ହୋଇଛି ସେନେଇ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯଦି ହାତୀ ନ ହୋଇ ଅନ୍ୟ ବନ୍ୟପ୍ରାଣୀ ହୋଇଥିଲେ ମଧ୍ୟ ବନ ବିଭାଗର ଅବହେଳା ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ହାଡ, ପାଉଁଶ ଜବତ ସମୟରେ ବନ ବିଭାଗ ଅଳ୍ପ ଗାତ ଖୋଳି ଦେଇ ପୁଣି ପୋତି ଦେଇଥିଲେ। ହାଡ ପାଉଁଶ ଉଦ୍ଧାର ସମୟରେ ବନ୍ୟପ୍ରାଣୀ ବିଭାଗର ଅଧିକାରୀଙ୍କୁ ସାମିଲ କରାଯାଇ ନ ଥିଲା। ଏହି ଘଟଣା ମଧ୍ୟ ସନ୍ଦେହ ଘେରକୁ ଆସୁଛି। ଆଠଗଡ ରେଞ୍ଜରେ ଏଭଳି ହାତୀକୁ ପୋତି ଦେଉଥିବା ସମ୍ପର୍କିତ ଏକ ପୁରୁଣା ଭିଡିଓ ଭାଇରାଲ ହେବା ପରେ ରେଞ୍ଜ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ହେଲେ ସମ୍ବଲପୁର ବନଖଣ୍ଡରେ ବନ ବିଭାଗ ନିୟମ ଭିନ୍ନ ବୋଲି ମନେ ହେଉଛି। ରିପୋର୍ଟ ବାବଦରେ ବନ ବିଭାଗ ପକ୍ଷରୁ କେତେବେଳେ ଡେରାଡୁନ ଫରେନ୍ସିଲ୍ୟାବ ତ କେତେବେଳେ କଲିକତାକୁ ପରୀକ୍ଷା ପାଇଁ ପଠା ଯାଇଥିବା କୁହାଯାଉଛି। କଥାରେ ତାଳମେଳ ରହୁ ନ ଥିବାରୁ

ବନ ବିଭାଗ ଉପରେ ଆହୁରି ସନ୍ଦେହ ଘନୀଭୁତ ହେଉଛି। ଦନ୍ତା ହାତୀକୁ ଶିକାର କରି ଦାନ୍ତ ନେଇ ଯାଇଥିବା ଅଭିଯୋଗ ହେଉଛି। ଶିକାର କରିବା ଘଟଣାରେ ମଧ୍ୟ ବନ ବିଭାଗ ଚୁପ ବସିଛି। ଶିକାରୀମାନଙ୍କୁ ଧରିବା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଘଟଣାର ସତ୍ୟାସତ୍ୟ ସାମନାକୁ ଆଣିବାକୁ ହେଲେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯାଉ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଏ ସମ୍ପର୍କରେ ସଦର ରେଞ୍ଜର ଅକ୍ଷୟ ମହାରଣା କହିଛନ୍ତି ଯେ, ଜବତ ହାଡ ପାଉଁଶ ଡେରାଡୁନସ୍ଥିତ ଏକ ଲ୍ୟାବକୁ ପଠାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ। ସୂଚନାଯୋଗ୍ୟ ଯେ,ଜଙ୍ଗଲ ଭିତରେ ବନ୍ୟପ୍ରାଣୀଙ୍କ ପାଇଁ ପୋଖରୀ ଖନନ କରାଯାଇଛି। ଏହି ପୋଖରୀ ନିକଟରେ( ରାଶିଆଟ) ରାସ୍ତାର କିଛି ଦୂରରେ ଦନ୍ତାର ଗଳିତ ମୃତଦେହ ପଡି ରହିଥିଲା। ଦାନ୍ତ ନ ଥିବା ବେଳେ ଶରୀରରେ କ୍ଷତ ଚିହ୍ନ ରହିଥିଲା। ପ୍ରାୟ ୫ ଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ମନେ ହେଉଥିଲା। ପ୍ରଥମେ ହାତୀର ମୃତଦେହରେ ପେଟ୍ରୋଲ ଢାଳି ଓ କାଠ ଆଣି ପୋଡି ଦେଇଥିଲେ। ହାଡ ପାଉଁଶ ମିଳିବା ପରେ ବନ ବିଭାଗ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଏହା ସହ ଜଙ୍ଗଲରେ ପୋଡା ଜଳା ହୋଇଥିବାରୁ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ଦନ୍ତା ହାତୀ ଶିକାର କରି ଖଣ୍ଡ ଖଣ୍ଡ କରି ପୋଡି ଦେଇ ପୋତି ଦେଇଥିଲେ। କେତେଜଣ ବନ କର୍ମଚାରୀ ଏହି ଘଟଣାରେ ସଂପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା।



ସମ୍ବଲପୁର ସଦର ରେଞ୍ଜରେ ମୃତ ହାତୀ ପୋତା ଯାଇଥିବା ସ୍ଥାନ।

## କ୍ରିକେଟ ଟୁର୍ନାମେଣ୍ଟ: ବିଟିଏମ୍ ଚାମ୍ପିୟନ



ଝାରସୁଗୁଡା ଅଫିସ,୨୧।୧୧

ଝାରସୁଗୁଡା ପୌରାଞ୍ଚଳ ଅନ୍ତର୍ଗତ ଭୁଲିଆଟିକ୍ରା ଗ୍ରାମ ମଝାପଡ୍ରା ଖେଳ ପଡିଆରେ ଶ୍ରୀରାମ କମିଟି ପକ୍ଷରୁ ଗତ ୧୫ ତାରିଖରୁ ଚାଲିଥିବା ପଦ୍ମାବତୀ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଟିଏମ୍ ଟିମ୍ ଓ ଜୁନାଡିହି ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳା ଯାଇଥିଲା। ବିଟିଏମ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪.୫ ଓଭରରେ ୫ଉଇକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଜୁନାଡିହି ଟିମ୍ ୧୫ ଓଭରରେ ୯ ଉଇକେଟ୍ ହରାଇ ୧୦୫ରନ୍ କରି ପରାଜିତ ହୋଇଥିଲା। ଟୁର୍ନାମେଣ୍ଟରେ ବିଟିଏମ୍ ଟିମ୍‌ର ଖେଳାଳି ପିଣ୍ଟୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ସିରିଜ୍ ସନ୍ତୁ, ଜୁନାଡିହି ଟିମ୍‌ର ବେଷ୍ଟ ବୋଲର୍ ପ୍ରକାଶ, ବେଷ୍ଟ ବ୍ୟାଟର୍ସ ମ୍ୟାନ୍ ଲୁଡୁ ପ୍ରମୁଖ ମନୋନୀତ ହୋଇଥିଲେ। ଟୁର୍ନାମେଣ୍ଟରେ ଆମ୍ପୟରା ଭାବେ ବେଣୁ ସାହୁ ଓ ପୁଷ୍କର ଶର୍ମା ପରିଚାଳନା କରିଥିଲେ। ବିଟିଏମ୍ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୨୨ ହଜାର ଟଙ୍କା ଓ ଉପବିଜେତା ଟିମ୍‌କୁ ରନର୍ସଟ୍ରଫି ସହ ୧୮ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ପୂର୍ଣ୍ଣଚନ୍ଦ୍ର ମାଫିଦାର, ମୁଖ୍ୟବକ୍ତା ଆଇନଜୀବୀ ସୀୟାରାମ ଦାସ, ଆଇନଜୀବୀ ସନ୍ଦିପ ଅଗସ୍ତି, ଦେବାନନ୍ଦ ବାରିକ, ଲକ୍ଷ୍ମଣ ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଟିମ୍ ପକ୍ଷରୁ ଯୁବରାଜ ସିଂହ, ଭରତ ସିଂହ, ସଞ୍ଜୀବ ବଡେକ, ଗଣେଶ ବାଗ, ରାହୁଲ ମୁଖାର୍ଜୀ, ଦେବାଷିଶ ସିଂହ, ରାଜୁ ବଡେକ, ଅଭିନାଶ ପ୍ରଧାନ, ଆନନ୍ଦ ବଡେକ, ବିପ୍ଳବ ସିଂହ, ବିକି ରୋହିଦାସ ପ୍ରମୁଖ ସହଯୋଗ କରିଥିଲେ।

## କୁସୁମି,ବରେଇପାଲିରେ ହେବ ନୂତନ ଥାନା

ସମ୍ବଲପୁର,୨୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲାରେ ଆଉ ଦୁଇଟି ନୂତନ ଥାନା ହେବ। ଅଇଁଠାପାଲି ଥାନା ଅଧୀନ ବରେଇପାଲିରେ ଓ ମହୁଲପାଲି ଥାନା ଅଧୀନ କୁସୁମି ଗ୍ରାମରେ ଏହା ହେବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜିଲା ପୋଲିସ ପକ୍ଷରୁ ଆବଶ୍ୟକ କାଗଜପତ୍ର ସମ୍ବଳିତ ରିପୋର୍ଟ କରାଯାଇ ରାଜ୍ୟ ସରକାରଙ୍କ ପାଖରେ ଦାଖଲ ହୋଇଛି। ଶୀଘ୍ର ଅନୁମୋଦନ ମିଳିଯାଇପାରେ ବୋଲି ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ପୋଲିସ ସେବାକୁ ଅଧିକ ଉନ୍ନତ କରିବାକୁ ଚେଷ୍ଟିତ। ତେଣୁ ଲୋକଙ୍କ ପାଖରେ ପୋଲିସ ପହଞ୍ଚିବା ନେଇ କେତେକ ନୂତନ ଥାନା କରିବାକୁ ଯୋଜନା ହୋଇଛି। ଏବେ ଥାନାଗୁଡ଼ିକର ପରିସୀମା ଅଧିକ ରହିଛି। ଏହାସହ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ପୋଲିସ ସେବା ଯୋଗାଇ ଦେବାରେ ବେଳେ ବେଳେ ସମସ୍ୟା ହୋଇଥାଏ। ଜନସାଧାରଣ ଅଭିଯୋଗ କରିବାକୁ ଆସିଲେ ବହୁ ଦୂର ପଡ଼ିଥାଏ। ମହୁଲପାଲି ଥାନା ଅଞ୍ଚଳରେ ଅନୁରୂପ ସମସ୍ୟା ରହିଛି। ଥାନା ପରିସରରୁ ବହୁ ଦୂରରେ ଗ୍ରାମଗୁଡ଼ିକ ରହିଛି। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାରେ ସମସ୍ୟା ହେଉଛି। ନୂତନ ଥାନା ହେଲେ ଉତ୍ତମ ପୋଲିସ ସେବା ଲୋକେ ପାଇପାରିବେ। ପୋଲିସ ଓ ଜନତାଙ୍କ ସମ୍ପର୍କ ବୃଦ୍ଧି ହେବ। ଅପରାଧ ନିୟନ୍ତ୍ରଣ ହୋଇପାରିବ। ଥାନାର ପରିଧି କମିଯିବ। ଜିଲା ପୋଲିସକୁ ସବୁ କ୍ଷେତ୍ରରେ ସୁବିଧା ହୋଇଯିବ। ଏବେ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ବୋଲି ଏସ୍‌ପି କହିଥିଲେ।

ସୂଚନାଯୋଗ୍ୟ, ଏବେ ଜିଲାରେ ଟ୍ରାଫିକ୍‌କୁ ମିଶାଇ ମୋଟ ୨୩ ଗୋଟି ଥାନା ରହିଛି। ଏବେ ଜିଲାର ଅନେକ ଥାନାରେ ଅଧିକାରୀ ଓ କର୍ମଚାରୀ ଆବଶ୍ୟକତାଠାରୁ କମ୍ ରହିଛନ୍ତି। ଜିଲାରେ ଜନସଂଖ୍ୟା ପ୍ରାୟ ୧୦ ଲକ୍ଷରୁ ଅଧିକ। ଏଭଳି ପରିସ୍ଥିତିରେ ପୋଲିସ ସେବା ଅନେକ ଅଞ୍ଚଳରେ ପହଞ୍ଚି ପାରେନାହିଁ। ଏପରି କି ଅନେକ ସମୟରେ ବିଭିନ୍ନ କାରଣରୁ ପୋଲିସ ପହଞ୍ଚିବାରେ ବିଳମ୍ବ ହୋଇଥାଏ। ଫାଣ୍ଡିଗୁଡ଼ିକ ରହିଛି, ହେଲେ ଆବଶ୍ୟକ ସୁବିଧା ନ ଥିବାରୁ ପାଟ୍ରୋଲିଂ କରିବାରେ ସମସ୍ୟା ହୋଇ ଆସୁଛି। ସିନ୍ଦୁରପଙ୍କ-ପୁରୁଣାରାଞ୍ଚି ରାସ୍ତାରେ ଥାନା ନାହିଁ, ଲଇଡା ଫାଣ୍ଡି ଓ ପରମାଣପୁର ଫାଣ୍ଡି ରହିଛି। ପ୍ରାୟ ୫୦ କିମି ବ୍ୟାପୀ ଏହି ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା, ଲୁଟ୍‌ପାଟ ଭଳି ଘଟଣା ଘଟିଥାଏ। ସେହିପରି ଯୁଯୁମୁରା ଥାନା ଅଞ୍ଚଳ ପରିଧି ମଧ୍ୟ ଅଧିକ ରହିଛି। ଜାତୀୟ ରାଜପଥ ୫୫ ଯୁଯୁମୁରାରେ ଥାନା ରହିଥିବା ବେଳେ ମେଘପାଲ, ଟାମ୍ପରଗଡ ଭଳି ଗ୍ରାମ ପଞ୍ଚାୟତଗୁଡିକ ବହୁ ଦୂରରେ ରହିଛି। ଫଳରେ ମାଓପ୍ରବଣ ଉକ୍ତ ଅଞ୍ଚଳରେ ପୋଲିସ ସେବା ପହଞ୍ଚି ପାରେ ନାହିଁ। ତେଣୁ ଏହି ଅଞ୍ଚଳରେ ନୂତନ ଥାନା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ମଦମୁକ୍ତ ସ୍ୱାଭିମାନୀ ଓଡ଼ିଶା ଗଠନ ଦାବିରେ ପ୍ରଭାତ ଫେରି

ଝାରସୁଗୁଡା ଅଫିସ,୨୧।୧୧

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମତିଥି ଉପଲକ୍ଷେ ଆସନ୍ତା ୨୩ ତାରିଖରେ ମଦମୁକ୍ତି ଯୁବବାହିନୀ ପକ୍ଷରୁ ରବିବାର ରାଜ୍ୟର ସମୁଦାୟ ୧୮ ଜିଲାରେ ମଦମୁକ୍ତ ଓ ସ୍ୱାଭିମାନୀ ଓଡିଶା ଗଠନ ଦାବିରେ ଲୋକଙ୍କୁ ସଚେତନତା କରିବା ପାଇଁ ପ୍ରଭାତ ଫେରି କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଝାରସୁଗୁଡା ଜିଲା ମଦମୁକ୍ତି ଯୁବବାହିନୀ ପକ୍ଷରୁ ଲୋକଙ୍କୁ ସଚେତନତା କରିବାକୁ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦେବାଡିହିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଚୌଧୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ସ୍ୱର୍ଗତ ଚୌଧୁରୀ ଆଧୁନିକ ଓଡ଼ିଶା ଗଠନ ପାଇଁ ଅନେକ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ସେ ଜନସାଧାରଣଙ୍କ ମୌଳିକ ଅଧିକାର ସପକ୍ଷରେ ଲଢେଇ କରୁଥିଲେ। ଏ ନେଇ ସେ ଗତ ୧୯୫୬ ମସିହାରେ ବିଧାନ ସଭାରେ ନିଶା ନିବାରଣ ଆଇନ ପାରିତ କରିଥିଲେ। ପରେ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିଲାନାହିଁ। ଫଳରେ ସ୍ୱର୍ଗତ ଚୌଧୁରୀଙ୍କ ସ୍ୱପ୍ନ ଅଧୁରା ରହିଗଲା। ଆସନ୍ତୁ ସମସ୍ତେ ରାଜ୍ୟବାସୀ ଏକ ହୋଇ ସ୍ୱର୍ଗତ ଚୌଧୁରୀଙ୍କ ସ୍ୱପ୍ନକୁ ସାକାର କରିବା ମଦମୁକ୍ତ ଓ ସ୍ୱାଭିମାନୀ ଓଡିଶା ଗଠନ କରିବା ପାଇଁ ସଙ୍ଗଠନ କର୍ମକର୍ତ୍ତାମାନେ ଯୁବତୀଯୁବକମାନଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଦେବାଡିହି ଗ୍ରାମର ଡିହିପଡାରୁ ମଦମୁକ୍ତି ଯୁବବାହିନୀ ସଦସ୍ୟମାନେ ବ୍ୟାନର, ପୋଷ୍ଟର ଆଦି ଫ୍ଲାଗ୍‌କାର୍ଡ ଧରି ଶୋଭାଯାତ୍ରାରେ ବାହାରି ପ୍ରଭାତ ଫେରି ମାଧ୍ୟମରେ ବଢେଇମୁଣ୍ଡାରେ ପହଞ୍ଚିଥିଲେ। ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନତା କରିବା ଏହି ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ରହିଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଭାକର ଓରାମ, ସୁନ୍ଦରଗଡ ଜିଲା ମଦମୁକ୍ତି ଯୁବବାହିନୀ ସଂଯୋଜକ ଜିତେନ୍ଦ୍ରୀୟ ଧୁରୁଆ, ଝାରସୁଗୁଡା ଜିଲା ସଂଯୋଜକ ପ୍ରଶାନ୍ତ ରଣା, ଚର୍ତୁଭୂଜ କୁମୁରା, ତ୍ରିଲୋଚନ ଦନସେନା, ସଞ୍ଜୟ କିଷାନ, ବିନୋଦ ବିହାରୀ ବାଗ, ବରୁଣ କିଷାନ, ପଙ୍କଜ ରଣା, ପ୍ରକାଶ ରୋହିଦାସ, ରୋଷନ ଲରିଆ ପ୍ରମୁଖ ଉପସ୍ଥିତ ଥିଲେ।



ମଦମୁକ୍ତି ଯୁବବାହିନୀ ସଦସ୍ୟମାନେ ଫ୍ଲାଗ୍‌କାର୍ଡ ଧରି ଲୋକଙ୍କୁ ସଚେତନ କରୁଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ: ବାରଗାଡ ଚାମ୍ପିୟନ

କୁଚିଣ୍ଡା, ୨୧।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଡୁଲୁବ ଖେଳ ପଡ଼ିଆରେ ବୀର ସୁରେନ୍ଦ୍ର ସାଏ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୮ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ସରସ୍ୱତୀ କ୍ଲବ ଓ ବାରଗାଡ ଏଫସି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୩-୨ଗୋଲରେ ବାରଗାଡ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। କ୍ଲବ ସଭାପତି ସରୋଜ ଧରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟ ଅତିଥି, ସରପଞ୍ଚ ଭାସ୍କର ଭୋଇ, ଆଦିପ୍ରସାଦ ମହାକୁଳ, ସଞ୍ଜୟ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ବାରଗାଡ ଏଫସି ଦଳକୁ ଟ୍ରଫି ସହ ନଗଦ ୪୦ହଜାର ଟଙ୍କା ଓ ରନର୍ସ ଅପ ସମ୍ବଲପୁର ସରସତୀ କ୍ଲବକୁ ଟ୍ରଫି ସହ ନଗଦ ୩୦ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କ୍ଲବ ସମ୍ପାଦକ ଦୟାନିଧି ଝାଙ୍କର, ବେଣୁଧର ନାଏକ, ରିଙ୍କୁ ରାଓ, ରଞ୍ଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୨୧।୧୧(ବ୍ୟୁରୋ)

ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଓ ପଶୁପତି ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ସମ୍ବଲପୁର ବାଲିବନ୍ଧା ସୋମନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସକାଳେ କଳସ ଓ ଦେବତା ସ୍ନାନ, ଧ୍ୱଜା, ମଣ୍ଡପ ପୂଜା କରାଯାଇଥିଲା। ଏହାପରେ ଶିବଙ୍କ ସହସ୍ରନାମ ହୋମ ଓ ଶତରୁଦ୍ରି ଅଭିଷେକ ହୋଇଥିଲା। ପଣ୍ଡିତ ମନବୋଧ ପାଢୀ, ଯୁଗଳ କିଶୋର ରଥ, ଅଶ୍ୱିନୀ କୁମାର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ଶୁଶ୍ରିତ ଷଡଙ୍ଗୀ, ଅମିତ ପଣ୍ଡା, ଶିବା ଷଡଙ୍ଗୀ, ଚନ୍ଦନ ଦାଶ ସହଯୋଗ କରିଥିଲେ। ସେହିପରି ୧୩ ଯୋଡି ଦମ୍ପତି କର୍ତ୍ତା ରହିଛନ୍ତି। ସୋମବାର ଶାନ୍ତି ଯଜ୍ଞ ସହ ପୂର୍ଣ୍ଣାହୁତି ହେବ। ସୋମନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ନିହାର ରଞ୍ଜନ ବହିଦାର ଓ ଶିବ ନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସୂଚନାଯୋଗ୍ୟ ଯେ, ନେପାଳ ପଶୁପତି ନାଥ ମନ୍ଦିର ଓ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ପ୍ରତିଲିପି ନିର୍ମାଣ କରାଯାଇଛି। ଏଥିରେ କଳା ମୁଗୁନି ପଥରରେ ନିର୍ମିତ ଲିଙ୍ଗ ସ୍ଥାପନ କରାଯାଇଛି।

## ଆଇଆଇଏମ୍‌ରେ ବାର୍ଷିକ ବିଜ୍‌ନେସ କନ୍‌କ୍ଲେଭ

ସମ୍ବଲପୁର,୨୧।୧୧(ବ୍ୟୁରୋ)

ସମ୍ବଲପୁର ଆଇଆଇଏମ୍‌ରେ ଷଷ୍ଠ ବାର୍ଷିକ ସମ୍ମିଳନୀ ମର୍ମଜ୍ଞ ୬.୦ ଉଦ୍‌ଘାଟିତ ହୋଇଯାଇଛି। ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ସଭାପତି କପିଲ ମାହେଶ୍ୱରୀ, ମୁଖ୍ୟବକ୍ତା ଭାବେ ଲାର୍ସନ ଆଣ୍ଡ ଟୁବ୍ରୋର କର୍ପୋରେଟ ସଷ୍ଟେନେବିଲିଟି ମୁଖ୍ୟ ଡ.ପ୍ରଦୀପ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ବାସ୍ତବତାରେ ବ୍ୟବସାୟ ଶୀର୍ଷକରେ ଆଲୋଚନା ହୋଇଥିଲା। ପ୍ରଫେସର ଜୟସ୍ୱାଲ କହିଥିଲେ ଯେ, କୋଭିଡ ନୂତନ ବାସ୍ତବତା ପଥ ପରିଷ୍କାର କରିଛି। ଡାଟା ଆନାଲିସିସ, ମେଶିନ ଲର୍ନିଂ, ଆର୍ଟିଫିସିଆଲ ଇଣ୍ଟେଲିଂଜେନ୍ସ, ବ୍ଲକ ଚେନ ଶିଳ୍ପ ଜଗତ ଅନୁସରଣ କରୁଥିବା ପାରମ୍ପରିକ କାର୍ଯ୍ୟାଭ୍ୟାସର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣୁଛି। ଦୂରଦୃଷ୍ଟି ଓ କାର୍ଯ୍ୟକାରିତାଗତ ମୂଲ୍ୟବୋଧ ଓ ଔଦ୍ୟୋଗିକ ମାନସିକତା ଥିବା ଦାୟିତ୍ୱ ସମ୍ପନ୍ନ ନେତୃତ୍ୱ ପରିପୋଷଣ କରିବାକୁ ଉଦ୍ଦିଷ୍ଟ। କାର୍ଯ୍ୟକ୍ରମରେ ନମନୀୟ କାର୍ଯ୍ୟ ଢାଞ୍ଚାଯୁକ୍ତ ନୂଆ ପିଢିର ଲୋକବଳ ଶୀର୍ଷକରେ ଏକ ମାନବ ସମ୍ବଳ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସଙ୍କଟ ସମୟରେ ଉଦ୍ୟୋଗୀମାନେ କିଭଳି ତିଷ୍ଠି ରହିବେ ସେ ନେଇ ଆଲୋଚନା ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

## ଆଦିବାସୀ ସମ୍ପ୍ରଦାୟର ପରିଚୟ ଥିଲେ ବିର୍ସା ମୁଣ୍ଡା

ରାଉରକେଲା ଅଫିସ,୨୧।୧୧

ଜନଜାତି ଦିବସ ପାଳନ ଅବସରରେ ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ 'ଶହୀଦ ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ଆଦର୍ଶ' ଉପରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଆରଏସ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାନବ ସମ୍ବଳ ବିଭାଗର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଡ. ଏ. ହେମ୍ବ୍ରମ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୀର ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ଭାରପ୍ରାପ୍ତ ସିଏମ୍‌ଓ ଡକ୍ଟର ବି. କେ ହୋତା ଓ ସହର ପ୍ରଶାସନ ସିଏସ୍‌ଆର ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଏ. କେ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଆରଏସ୍‌ପି କର୍ମଚାରୀଙ୍କ ଦ୍ୱାରା ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ସଂଗ୍ରାମ ଉପରେ 'ଧରତି ଆବା' ଶୀର୍ଷକ ଏକ ନାଟକ ପରିବେଷଣ କରାଯାଇଥିଲା। ବୀର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ଆଦିବାସୀ ସମ୍ପ୍ରଦାୟର ଅଧିକାର ପାଇଁ ସଂଗ୍ରାମ କରି ରାଞ୍ଚି ଜେଲରେ ଶେଷ ନିଶ୍ୱାସ ନେଇଥିଲେ। ସ୍ୱାଧୀନତା ପାଇଁ ସେ କିଭଳି ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ନାଟକରେ ଦର୍ଶାଯାଇଥିଲା। କାର୍ମିକ ବିଭାଗର ଭାରପ୍ରାପ୍ତ ଜିଏମ ବିରେନ୍ଦ୍ର କୁଲୁ ସ୍ୱାଗତ ଭାଷଣ ଦେଇଥିଲେ। କାରଖାନାର କାର୍ମିକ ବିଭାଗର ଭାରପ୍ରାପ୍ତ ଜିଏମ୍ ଧୀରେନ୍ଦ୍ର ମିଶ୍ର, ସହାୟକ ମହାପ୍ରବନ୍ଧକ ଦେବାଶିଷ ପଟ୍ଟନାୟକ ସହଯୋଗ କରିଥିଲେ। ଆରଏସ୍‌ପିର ଲୋକସମ୍ପର୍କ ବିଭାଗର ସହାୟକ ପ୍ରବନ୍ଧକ ଶଶାଙ୍କ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଆରଏସ୍‌ପି କର୍ମଚାରୀଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଛି।

**ରୋଷେଇ ଘରେ ନାଗସାପ**

**ରାଉରକେଲା ଅଫିସ:** ବାସନ୍ତୀ କଲୋନୀ ଅଞ୍ଚଳର କୁଷ୍ଠ କଲୋନୀ ବସ୍ତିରୁ ଜଣଙ୍କ ରୋଷେଇ ଘରୁ ରବିବାର ନାଗସାପ ଉଦ୍ଧାର କରାଯାଇଛି। ଖାଡ଼ିଆପଡ଼ା କୁଷ୍ଠ କଲୋନୀ ବସ୍ତିରେ ବବଲୁ ଖାଡ଼ିଆ(୩୪) ବାସ କରନ୍ତି। ଶନିବାର ଦିନ ସାଢ଼େ ୧୧ଟା ସମୟରେ ତାଙ୍କ ସ୍ତ୍ରୀ ଯଶୋଦା ରୋଷେଇ କରିବା ପାଇଁ ଗ୍ୟାସ ଲଗାଉଥିବା ବେଳେ ଏକ ନାଗସାପ ଦେଖିଥିଲେ। ଖବର ପାଇ ସ୍ନେକ ହେଲ୍ପ ଲାଇନ ସଦସ୍ୟ ଆସି ସାପକୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ସାପଟିର ଲମ୍ବ ସାଢ଼େ ୩ଫୁଟ । ଏହାକୁ ଲାଗୁନ ପାର୍କ ଜଙ୍ଗଲରେ ଛାଡି ଦିଆଯାଇଛି।

# ଜଗତଗଡ଼ରେ ବିଜେଡିର ମହାମିଶ୍ରଣ ପର୍ବ

**ସୁନ୍ଦରଗଡ/ସବଡେଗା, ୨୧।୧୧(ଡି.ଏନ.ଏ)**



ବିଜେଡିର ମିଶ୍ରଣ ପର୍ବରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ସୁନ୍ଦରଗଡ ଜିଲା ତଳସରା ନିର୍ବାଚନ ମଣ୍ଡଳୀର ଜଗତଗଡଠାରେ ବିଜେଡିର ମହାମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ବିଜେଡି ଜିଲା ସଭାପତି ତଥା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ଇଂ. ପ୍ରୀତିରଞ୍ଜନ ଘଡେଇ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ରାଜ୍ୟ ବିଜେଡି ଉପସଭାନେତ୍ରୀ ପଦ୍ମିନୀ ଶେଖର ଦେଓ, ସୁନୀତା ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଉପପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ବିଜେଡି ସରକାର ସବୁବେଳେ ଗରିବ, ଖଟିଖିଆ, ଆଦିବାସୀ ଓ ସାଧାରଣ ଲୋକଙ୍କ ବିକାଶକୁ ପ୍ରାଧାନ୍ୟ ଦେଇ ଆସିଛି। ଆଗାମୀ ଦିନରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ସମର୍ଥନ ଜଣାଇ ରାଜ୍ୟର ବିକାଶକୁ ଆଗେଇ ନେବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଏହି ଅବସରରେ ତଳସରା ନିର୍ବାଚନ ମଣ୍ଡଳୀର ବାଲିଶଙ୍କରା, ସବଡେଗା, ବଡଗାଁ ଓ ଲେଫ୍ରିପଡା ବ୍ଲକ ଅଞ୍ଚଳର କଂଗ୍ରେସ ଓ ଭାଜପାର ହଜାରେରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ଜିଲା ବିଜେଡି ସଭାନେତ୍ରୀ ରଞ୍ଜନା ପଣ୍ଡା, ବାଲିଶଙ୍କରା ବ୍ଲକର ପୂର୍ବତନ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସବଡେଗା ବ୍ଲକ ଅଧ୍ୟକ୍ଷ ମନୋଜ ବରୁଆ, ବରିଷ୍ଠ ନେତା ଜଗଦୀପ ପ୍ରତାପ ଦେଓ, ହାରୁନ୍ ରସିଦ ଖାନ୍, ସୁନ୍ଦରଗଡର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ କାଉନସିଲର ସୁମନ୍ତ କୁମାର ସାହୁ, ମୁକେଶ ପୁରୋହିତ, ଶିବାଜୀ ନାଏକ, ଜୟଦେବ ବାରିକଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର କୁମାର ମାଝୀ ସଭା ସଞ୍ଚାଳନ କରିଥିଲେ।

# ଦେବଗଡରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

**ଦେବଗଡ଼,୨୧।୧୧(ଡି.ଏନ.ଏ.)**

ଦେବଗଡ ଜିଲା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ରବିବାର ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଦିବସ ପାଳନ ସଭାରେ ଜିଲା ମତ୍ସ୍ୟ ଅଧିକାରୀ ନରୋତ୍ତମ ନାୟକ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ ନିମାଇଁ ଚରଣ ପଟ୍ଟନାୟକ ଯୋଗଦେଇଥିଲେ। ସରକାରୀ ଯୋଜନାର ଉପଯୋଗ କରି ମାଛଚାଷ ମାଧ୍ୟମରେ ଚାଷୀମାନେ ଲାଭବାନ ହେବାକୁ ଜିଲାପାଳ ସାମଲ ପରାମର୍ଶ ଦେଇଥିଲେ। ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ଲକ୍ଷ୍ୟରେ ଦୁଇଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସବସିଡି ରାଶି, ୬ ମତ୍ସ୍ୟଜୀବୀ ପରିବାର ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ଛାତ୍ର ବୃତ୍ତି ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା। ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରଦତ୍ତ ସୂଚନା ଅନୁସାରେ ୧୪୩୫ ହେକ୍ଟର ଜଳାଶୟରେ ୪୨୫୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ମତ୍ସ୍ୟ ଉତ୍ପାଦନ କରାଯାଉଛି। ରେଙ୍ଗାଲି ଓ ଗୋହିରା ନଦୀବନ୍ଧର ୧୬୮୬ ହେକ୍ଟର ପରିମିତ ସ୍ଥାନରେ ୪ଟି ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ମାଧ୍ୟମରେ ୩ହଜାର ମତ୍ସ୍ୟଜୀବୀ ରୋଜଗାରକ୍ଷମ ହୋଇପାରିଛନ୍ତି। ଜିଲାରେ ବାର୍ଷିକ ୧୦ହଜାର ମେଟ୍ରିକ ଟନ ମତ୍ସ୍ୟର ଆବଶ୍ୟକତା ରହୁଥିବା ବେଳେ ୮ହଜାର ମେଟ୍ରିକ ଟନ ଉତ୍ପାଦନ ହୋଇପାରୁଛି। ସେଥିରୁ ୧୦୦୦ମେଟ୍ରିକ ଟନ ମାଛ ଅନ୍ୟ ଜିଲାକୁ ରପ୍ତାନି ହେଉଥିବା ବେଳେ ୩ ହଜାର ମେଟ୍ରିକ ଟନ ମାଛ ବାହାରୁ ଆମଦାନୀ କରାଯାଇ ଆବଶ୍ୟକତା ପୂରଣ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି କୁଣ୍ଡ ମାଧ୍ୟମରେ ମାଛ ଚାଷ ପାଇଁ ବିଭାଗ ପକ୍ଷରୁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଥିବା ଏହି ଅବସରରେ ସୂଚନା ଦିଆଯାଇଥିଲା।

# ଖାରବେଳ ମାର୍ଗ ହେବ ସମ୍ମାନ, ସ୍ୱାଭିମାନର ପ୍ରତୀକ



ଖାରବେଳ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୨୧।୧୧**

ପ୍ରଜାବତ୍ସଳ ଶାସକ, ସାଂସ୍କୃତିକ ବିଚାରଧାରାର ପୃଷ୍ଠପୋଷକ, ଶ୍ରେଷ୍ଠ କଳା ବିଶାରଦ ମହାମେଘବାହନ ଐର ଖାରବେଳଙ୍କ ନାମରେ ରାଉରକେଲା ଇସ୍ପାତ ନଗରୀର ରିଂରୋଡ଼ ନାମିତ ହେଲେ ତାହା କଳିଙ୍ଗର ବୀରତ୍ୱ ପ୍ରତି ସମ୍ମାନ ଏବଂ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପ୍ରତୀକ ହେବ। ରବିବାର ସ୍ଥାନୀୟ କଳିଙ୍ଗ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଖାରବେଳ ଜୟନ୍ତୀ ଅବସରରେ ଏହି ମତ ପ୍ରକାଶ ପାଇଛି।

ଆମ୍ବାଗାନ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ରାଉରକେଲା ଉତ୍କଳ ସମ୍ମିଳନୀର ସଭାପତି ସୁଦାମ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆମର କ୍ଷୟିଷ୍ଣୁ ସ୍ୱାଭିମାନର ଧାରାକୁ ବର୍ଦ୍ଧିଷ୍ଣୁ ରୂପ ଦେବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଭାରତ ଇତିହାସ ସଂକଳନ ସମିତିର ପଶ୍ଚିମ ଓଡ଼ିଶା ସଂଭାଗ ମୁଖ୍ୟ ଡକ୍ଟର ଉମାକାନ୍ତ ପଣ୍ଡା ମୁଖ୍ୟବକ୍ତା, ବରିଷ୍ଠ କବି ରଘୁବର ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରିଂରୋଡ୍‌କୁ ଖାରବେଳ ମାର୍ଗ ନାମକରଣ ସପକ୍ଷରେ ମତ ରଖିଥିଲେ। ବରିଷ୍ଠ ସାହିତ୍ୟ ସ୍ରଷ୍ଟା ତଥା ପାଠାଗାର ଆନ୍ଦୋଳନର ଅନ୍ୟତମ ପ୍ରଣେତା ବଳରାମ ଦାଶ ଓଡ଼ିଆ, ଇଂଲିଶ ଏବଂ ହିନ୍ଦୀ ମାଧ୍ୟମରେ ପ୍ରାଚୀନ ଓଡ଼ିଶା ଏବଂ କଳିଙ୍ଗର ଇତିହାସ ପଢ଼ାଯିବାକୁ ଦାବି କରିଥିଲେ। ସାହିତ୍ୟିକ ସୁବାସ ଚନ୍ଦ୍ର ଲେଙ୍କା ସଭାପତିଙ୍କ ବାର୍ତ୍ତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଗଙ୍ଗାଧର ଦାଶ, କାର୍ତ୍ତିକ ନନ୍ଦ, ଜ୍ୟୋତ୍ସ୍ନା ମହାପାତ୍ର, ଶୋବତୀ କଣ୍ଡାଲୁ, ଦେବେନ୍ଦ୍ର ନନ୍ଦ, କାଳନ୍ଦୀ ବାରିକ, ହରିହର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରଣଧୀର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଡ୍ରାଇଭର ମହାସଂଘ ବୈଠକ

**କୁଚିଣ୍ଡା,୨୧।୧୧(ଡି.ଏନ.ଏ.):** ସମ୍ବଲପୁର ଜିଲା ଜମନକିରା ବ୍ଲକ ଡିମ୍ବିରିମୁଣ୍ଡା ପଞ୍ଚାୟତ ଶଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ଡ୍ରାଇଭର ମହାସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜଟିଆ କିସାନଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ମହାସଂଘ ଜିଲା ସଭାପତି ରମାକାନ୍ତ ସରଭଙ୍ଗ ଯୋଗ ଦେଇ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ରକସା, ପ୍ରମୋଦ ମହାପାତ୍ର, ଅଶୋକ ଠାକୁର, ସୁଜିତ ଭଇଁସା, ରେଙ୍ଗାଲି ବ୍ଲକ ସଭାପତି ଜୟନାରାୟଣ ମାହାନା, ବାମରା ବ୍ଲକ ସଭାପତି ପରମଳ କିସାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୫ଟି ଗ୍ରାମ ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଯୋଗ ଦେଇଥିଲେ।

**ODISHA NURSES & MIDWIVES REGISTRATION COUNCIL (ONMRC)**
**O/o Directorate of Medical Education & Training, Odisha**
**Bhubaneswar**
**Notice**

No.E-650:- It has come to the notice of the undersigned that in many instances, the name of nursing faculties are shown by multiple nursing institutions and their certificates/documents are also shown to inspectors during inspection. Further, the nursing students are also shown as faculties along with their documents.

It is hereby informed to all concerned that in such cases action as deemed fit shall be initiated against the authority of the institution as well as the faculties/students.

**Sd./- Registrar I/c (ONMRC)**
OIPR-10016/11/0018/2122

# ହକି ପ୍ରତିଯୋଗିତା ଉଦ୍‌ଘାଟିତ


ଅତିଥିମାନେ ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ପରିଚିତ ହେଉଛନ୍ତି।

**ଲହୁଣୀପଡ଼ା,୨୧।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ସାନ ରକ୍ସି ସ୍ଥିତ କୁଶଳ ତିର୍କୀ ମିନି ଷ୍ଟାଡିୟମରେ ୮ ଦିନ ଧରି ଚାଲିବାକୁ ଥିବା ଶହୀଦ ଅମିୟ ଦାସ ସ୍ମାରକୀ ହକି ପ୍ରତିଯୋଗିତା ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବଣେଇ ବନଖଣ୍ଡ ଅଧିକାରୀ ସନତ କୁମାର ଏନ ମୁଖ୍ୟଅତିଥି, ଆଇଟିଡିଏ ପିଏ ଲଲାଟ କୁମାର ଲୁହା, କୋଇଡ଼ା ତହସିଲଦାର ଡି. ଏସ୍ ଯୋଶୀ, ବାରସୁଆଁ ସେଲର ସିଜିଏମ୍ ପ୍ରସନ୍ନ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କମିଟି ସଭାପତି ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଜିଲ ସମ୍ପାଦକ ପ୍ରମୋଦ ସାମଲ ଅତିଥି ପରିଚୟ ଓ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଏହାପୂର୍ବରୁ ଅତିଥିମାନେ ଖେଳାଳି ମାନଙ୍କ ସହିତ କରମର୍ଦ୍ଦନ କରି ଖେଳକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୬୪ଟି ଦଳ ପଞ୍ଜୀକରଣ କରିଛନ୍ତି। ଉଦଘାଟନୀ ମ୍ୟାଚରେ କୁଞ୍ଜପାଣି ଦଳ ୧–୦ ଗୋଲରେ କୁନ୍ଦୁର ଗୁଟୁ ଦଳକୁ ପରାସ୍ତ କରିଛି। ସେଜାନ ପୂର୍ତ୍ତି, ଜୋହାନ ହରୋ, ନିରନ୍ତର ପୂର୍ତ୍ତି, ଜେମସ କାଣ୍ଡୁଲାନା, ସିପ୍ରିୟନ ମୁଣ୍ଡା, ହେରମାନ ମୁଣ୍ଡା, ଜୋହାନ ମୁଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆନନ୍ଦ ମାସୀ ହରୋ, ଲହୁଣୀପଡ଼ା ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ପୂର୍ବତନ କୋଇଡ଼ା ବ୍ଲକ ଅଧ୍ୟକ୍ଷ ଶୁରେଶ ଚନ୍ଦ୍ର ନାଏକ, ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା, ସନ୍ତୋଷ କୁମାର ସାହୁ, ନୁଏଲ ଗୁଡ଼ିଆ ପ୍ରମୁଖ ଯୋଗ ଦେଇଥିଲେ।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 18508/IND-II-PH-946 ତାରିଖ 20.11.2021
No. CAD-1932

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଟାଟା ଷ୍ଟିଲ ବିଏସ୍‌ଏଲ୍ ଲିମିଟେଡ୍ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ କଳମଙ୍ଗ ଏବଂ ଘୋଡ଼ାବୁଡାଣି ଗ୍ରାମ ଏବଂ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମରେ ୯୨.୮୭୫ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ପଶ୍ଚିମ କଳମଙ୍ଗ (ଉତ୍ତର ଭାଗ) ଲୌହ ପଥର ଖଣିରୁ ବାର୍ଷିକ ୨.୯୫ ନିୟୁତ ଟନ୍ (ଆର୍.ଓ.ଏମ୍.) (କେନ୍ଦୁଝର ଜିଲ୍ଲା ପାଇଁ) ଉତ୍ପାଦନ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୩।୧୨।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ **କେନ୍ଦୁଝର ଜିଲ୍ଲା, ଗୁଆଳି ଗ୍ରାମପଞ୍ଚାୟତ, ରୁଗୁଡ଼ିହି ଥାନା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମ ସ୍ଥିତ ଖାତା ନଂ. ୪୮ ଅନ୍ତର୍ଗତ ପ୍ଲଟ୍ ନଂ.୧୯୪୦ରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କେନ୍ଦୁଝର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./–ସଦସ୍ୟ ସଚିବ
OIPR-08012/11/0189/2122

# ସୁନ୍ଦରଗଡ଼ ଜିଲାର ୩ ଲ୍ୟାମ୍ପ୍‌ସକୁ ରାଜ୍ୟ ପୁରସ୍କାର

**ସୁନ୍ଦରଗଡ,୨୧।୧୧ (ଡି.ଏନ୍.ଏ):** ୬୮ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ସୁନ୍ଦରଗଡର ୩ଟି ଲ୍ୟାମ୍ପ୍‌ସ ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିଛନ୍ତି। ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଭୁବନେଶ୍ୱର ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ସୁନ୍ଦରଗଡ ଜିଲାର କଲୁଙ୍ଗା, ନୂଆଁଗାଁ ଏବଂ ଲେଫ୍ରିପଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଛନ୍ତି। ଏହି ୩ଟି ଲ୍ୟାମ୍ପ୍‌ସର ପରିଚାଳନା ନିର୍ଦ୍ଦେଶକ କୁଳମଣି ଏକ୍କା, ଚିତ୍ତରଞ୍ଜନ ମହାନ୍ତି ଓ ଶିଶିର କୁମାର ପଟେଲ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଠାରୁ ଶନିବାର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜିଲାର ସମବାୟ ପ୍ରେମୀ ଏଥିପାଇଁ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ଦାସ, ଡିଆରସିଏସ୍ ରଶ୍ମିଲତା ବେହେରା, ଏଆରସିଏସ୍ ଗ୍ରାବିଏଲ ତଥା ପାନପୋଷ ଏଆରସିଏସ୍ ଯୁଗଳ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କୃଷକ ମୋର୍ଚ୍ଚାର ବିଜୟ ଉତ୍ସବ

**ରାଉରକେଲା ଅଫିସ,୨୧।୧୧:** କେନ୍ଦ୍ର ସରକାର ୩ଟି କୃଷି ଆଇନ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନେବା ପରେ ଦେଶବ୍ୟାପୀ ବିଜୟ ଉତ୍ସବ ପାଳିତ ହେଉଛି। ଏହି ଅବସରରେ ରାଉରକେଲା ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରେ କୃଷକ ମୋର୍ଚ୍ଚା ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ କୃଷକ ମୋର୍ଚ୍ଚାର ନେତା ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ଅରିନ୍ଦମ ଦତ୍ତ, ବିଶ୍ୱଜିତ ମାଝୀ, ପ୍ରଭାତ କୁମାର ମହାନ୍ତି, ଲକ୍ଷ୍ମୀଧର ନାୟକ, ଚରଣ ସିଂ, ତାରାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁର କଂଗ୍ରେସର ପଦଯାତ୍ରା

**ରାଜଗାଙ୍ଗପୁର,୨୧।୧୧(ଡି.ଏନ.ଏ):** ରାଜଗାଙ୍ଗପୁର କଂଗ୍ରେସ ବିଧାୟକ ଡାକ୍ତର ସି. ଏସ. ରାଜନ ଏକ୍କାଙ୍କ ନେତୃତ୍ୱରେ ରବିବାର ଜାମପାଲି ଠାରୁ ଗର୍ଭଣା ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଧାୟକଙ୍କ ସହ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗର୍ଭଣା ଠାରେ ଏକ ସାଧାରଣ ସଭା ହୋଇଥିଲା । ଏଥିରେ ବିଧାୟକ ଏକ୍କା ଭାଜପା ଓ ବିଜେଡି ସରକାରଙ୍କ ଜନବିରୋଧୀ ନୀତି, ନାରୀ ନିର୍ଯ୍ୟାତନା, ଦରଦାମ ବୃଦ୍ଧି ଓ ବେରୋଜଗାର ସମସ୍ୟାକୁ ନେଇ ଉଭୟ ଦଳକୁ ଦୋଷାରୋପ କରିଥିଲେ। ଏହାସହ ଆଗାମୀ ଦିନରେ କଂଗ୍ରେସକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ଼ ଜିଲା ଯୁବ କଂଗ୍ରେସ ସଭାପତି ଆଇନଜୀବୀ ଆଲବର୍ଟ କିଣ୍ଡୋ, ଅରୁଣ କୁମାର ସାମଲ, ଇକବାଲ ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଓଡ଼ିଶା ସରକାର**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ**
**ଓଡ଼ିଶା, ଭୁବନେଶ୍ୱର**

**ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ବିଜ୍ଞପ୍ତି**

No. PP-71:- ଚଳିତ ଆର୍ଥିକବର୍ଷ (୨୦୨୧-୨୨) ପାଇଁ ନିମ୍ନଲିଖିତ ପ୍ରଦର୍ଶନୀରେ ଭାଗ ନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର / ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀମାନେ **ତା୩୦।୧୧।୨୦୨୧ରିଖ** ସୁଦ୍ଧା ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର, ୨୦୨୧ |
| ୨ | ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ | ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର | ଫେବୃୟାରୀ, ୨୦୨୨ |

ଆବେଦନକାରୀ ପ୍ରଦର୍ଶନୀର ନାମ, ଠିକଣା, ମୋବାଇଲ ନମ୍ବର, ପିତା/ସ୍ୱାମୀଙ୍କ ନାମ, ହସ୍ତଶିଳ୍ପର ନାମ, ଆନୁମାନିକ ସାମଗ୍ରୀର ପରିମାଣ, କାରିଗର ପରିଚୟପତ୍ର, ଆଧାର ନମ୍ବର, ଜାତୀୟ / ରାଜ୍ୟସ୍ତରୀୟ ପୁରସ୍କାର ବିବରଣୀ ଇତ୍ୟାଦି ସାଦା କାଗଜରେ ବା **Website - http://crafts.odisha.gov.in**ରୁ ଡାଉନଲୋଡ୍ କରି ଦାଖଲ କରିପାରିବେ । ଉପରୋକ୍ତ ପ୍ରଦର୍ଶନୀ ପାଇଁ ଅଲଗା ଫର୍ମରେ ଆବେଦନ କରିବେ । ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଦରଖାସ୍ତଗୁଡ଼ିକୁ ଯାଞ୍ଚ କରି ଯୋଗ୍ୟ ବିବେଚିତ କାରିଗରଙ୍କ ତାଲିକା ହସ୍ତଶିଳ୍ପ ନିର୍ଦ୍ଦେଶାଳୟକୁ ପଠାଇବେ ।

ବି.ଦ୍ର.:- ପ୍ରଦର୍ଶନୀର ଆୟୋଜନ COVID-19କୁ ଦୃଷ୍ଟିରେ ରଖି ସରକାରଙ୍କ ଅନୁମତିପ୍ରାପ୍ତି ପରେ ହିଁ ଦୃଢ଼ୀକରଣ ହେବ ।

**ନିର୍ଦ୍ଦେଶକ**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
OIPR-14008/11/0002/2122

## ସଂକ୍ଷେପରେ

### ପୂର୍ବୋତ୍ତରକୁ ସବୁଜ ଉର୍ଜା ବିକାଶର କେନ୍ଦ୍ର କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ):** ପୂର୍ବୋତ୍ତର ରାଜ୍ୟକୁ ସବୁଜ ଉର୍ଜା ବିକାଶର କେନ୍ଦ୍ର କରିବା ପାଇଁ ନବସୃଜନ ତଥା ଜୈବ ବିବିଧତା ଆଧାରିତ ଗବେଷଣାର ଲାଭ ଉଠାଇବାକୁ ଆଇଆଇଟି ଗୁଆହାଟୀକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ରବିବାର ଆଇଆଇଟି ଗୁଆହାଟୀରେ ଅତ୍ୟାଧୁନିକ ନାନୋ ଔଦ୍ୟୋଗିକ କେନ୍ଦ୍ର(ସିଏନଟି) ତଥା ଭାରତୀୟ ଜ୍ଞାନ ପଦ୍ଧତି କେନ୍ଦ୍ର(ସିଆଇକେଏସ) ସମେତ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ବିଭିନ୍ନ ଭିତ୍ତିଭୂମି ସୁବିଧାର ଲୋକାର୍ପଣ କରିବା ଅବସରରେ ଧର୍ମେନ୍ଦ୍ର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ପ୍ରାଧାପକଙ୍କୁ ଏହି ଆହ୍ୱାନ ଦେଇଛନ୍ତି। ୨ ଦିନିଆ ଆସାମ ଗସ୍ତରେ ଥିବା ଧର୍ମେନ୍ଦ୍ର ଆଇଆଇଟି ଗୁଆହାଟୀରେ ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ର କ୍ରିୟାନ୍ୱୟନ ନେଇ ଏକ ପୁସ୍ତକର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଆଇଆଇଟି ଗୁଆହାଟୀରେ ଉଦ୍‌ଘାଟିତ ହୋଇଥିବା ଅତ୍ୟାଧୁନିକ ନାନୋ ଉଦ୍ୟୋଗିକ କେନ୍ଦ୍ରରେ ଅନେକ ଉତ୍କର୍ଷ କେନ୍ଦ୍ର ଯଥା ଇନକୁବେଟର, ନାନୋ-ବାୟୋ- ମ୍ୟାଟେରିଆଲ, ସ୍ୱାସ୍ଥ୍ୟ, ଶକ୍ତି ଏବଂ ଉର୍ଜା କ୍ଷେତ୍ରରେ ଗବେଷଣା ଓ ଶିକ୍ଷା ପାଇଁ ଅତ୍ୟାଧୁନିକ ଲାବରେଟୋରି ରହିଛି। ଆଇଆଇଟି ଗୁଆହାଟୀ ଗବେଷଣାରେ ବିଶ୍ୱସ୍ତରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଆଗକୁ ବଢୁଛି। ବିପର୍ଯ୍ୟୟ ପରିଚାଳନା, ଜୈବ ବିବିଧତା ଆଧାରିତ ଗବେଷଣା, ସବୁଜ ଉର୍ଜାର ବିକାଶ, ଜ୍ଞାନ ଆଧାରିତ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଦ୍ୟମିତାର ପ୍ରୋତ୍ସାହନ ଦିଗରେ ଏହି ଅନୁଷ୍ଠାନ ଏକ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଛି।

### ୫ ବିଦ୍ୟାର୍ଥୀ କରୋନା ପଜିଟିଭ୍

**କୋଣାର୍କ, ୨୧।୧୧(ଡି.ଏନ୍.ଏ.):** କୋଣାର୍କ ଜବାହାର ନବୋଦୟ ବିଦ୍ୟାଳୟର ୫ଜଣ ବିଦ୍ୟାର୍ଥୀ କରୋନାରେ ସଂକ୍ରମିତ ହୋଇଛନ୍ତି। ସେମାନଙ୍କୁ ବିଦ୍ୟାଳୟର କ୍ୱାରାଣ୍ଟାଇନ୍ ଗୃହରେ ରଖାଯାଇଛି। ରବିବାର କୋଣାର୍କ ଚମ୍ପାହାର ଅଗ୍ନିଶମ ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସର ଓ ଛାତ୍ରାବାସ ବିଶୋଧନ କରାଯାଇଛି। ସୂଚନା ମୁତାବକ, ଛାତ୍ରୀଛାତ୍ରଙ୍କ ଆଣ୍ଟିଜେନ ଟେଷ୍ଟ ହୋଇଥିଲେ ମଧ୍ୟ କେତେଜଣ ଥଣ୍ଡାରେ ପୀଡ଼ିତ ହୋଇଥିଲେ। ଏନେଇ ପରୀକ୍ଷା କରାଯିବା ପରେ ୫ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ବିଦ୍ୟାଳୟରେ ୨୪ଟି ବେଡ୍ ପ୍ରସ୍ତୁତ ରଖାଯାଇଥିବା ଜବାହାର ନବୋଦୟ ବିଦ୍ୟାଳୟ ଅଧକ୍ଷ କହିଛନ୍ତି।

# ଯେଉଁଠି ପିସିଆର୍, ସେଇଠି ନିଶା ବେପାର

## ବମିଖାଲ ଓଭରବ୍ରିଜ୍ ତଳ, ଟ୍ରେନ୍ ଲାଇନ୍ କଡ଼

- ସରକାରୀ ଜମି ଦଖଲ କରି ଅସାମାଜିକଙ୍କ ଆଡ୍ଡା
- ବେଆଇନ କାର୍ଯ୍ୟକୁ ପୋଲିସ ସୁରକ୍ଷା ଦେଉଥିବା ଅଭିଯୋଗ



**ଭୁବନେଶ୍ୱର, ୨୧।୧୧**
**ଜ୍ୟୋତି ପ୍ରକାଶ ମହାପାତ୍ର**

ଯେଉଁଠି ପିସିଆର୍, ସେଇଠି ବି ଚାଲିଛି ବେଆଇନ ବେପାର। ଯେଉଁଥିପାଇଁ ରାଜଧାନୀରେ ଦିନକୁ ଦିନ ଅସାମାଜିକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଅପରାଧୀମାନେ ସରକାରୀ ଜମି ଜବରଦଖଲ କରି ଆଡ୍ଡା ଜମାଇବା ସହ ନିଶା କାରବାର, ଦେହ ବେପାରଠାରୁ ଆରମ୍ଭ କରି ସହରରେ ଅପରାଧ ଘଟାଇ ଚାଲିଛନ୍ତି। ଏବେ ସହରରେ ଥିବା ବିଭିନ୍ନ ଓଭରବ୍ରିଜ୍ ତଳ ଓ ଟ୍ରେନ୍ ଲାଇନ୍ କଡ଼ ସେମାନଙ୍କ ନୂଆ ଆଡ୍ଡାସ୍ଥଳ ପାଲଟିଛି। ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି, ପୋଲିସ ସୁରକ୍ଷାରେ ଅପରାଧୀମାନେ ଏପରି ଅପରାଧ ଘଟାଉଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷ ଜବରଦଖଲ ପାଇଁ ସତେଯେମିତି ଭିତିରି ସୁଯୋଗ ଦେଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ଫଳରେ ସ୍ମାର୍ଟ ସିଟି ଭୁବନେଶ୍ୱର ଅସୁରକ୍ଷିତ ସହରରେ ପରିଣତ ହେବାରେ ଲାଗିଛି।

### ଆମ ପକେଟ୍‌ରେ ପୋଲିସ, ବିଏମ୍‌ସି

ଓଭରବ୍ରିଜ୍ ତଳେ ସରକାରୀ ଜମିରେ ୪୦ରୁ ଊର୍ଦ୍ଧ୍ୱ ଘର ତିଆରି କରାଯାଇ ବିକ୍ରି କରାଯାଇଛି। ଏଠାରେ କେତେକ ଘରେ ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଜବରଦଖଲ ନେଇ ବିଏମ୍‌ସିକୁ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ଉପରେ ସନ୍ଦେହ ବଢୁଛି। ଏପଟେ ନିଶା କାରବାର ଓ ଦେହ ବେପାର ର୍‍ୟାକେଟ ଟ୍ରେନ୍‌ଲାଇନ୍ ପାର୍ଶ୍ୱରେ ଥିବା ଶାନ୍ତିପଲ୍ଲୀ ବସ୍ତି ଓ ଓଭରବ୍ରିଜ୍ ତଳ ଆଡ୍ଡାସ୍ଥଳରୁ ଅପରେଟ ହେଉଥିବା ଜଣାପଡ଼ିଛି। ଓଭରବ୍ରିଜ ତଳେ ଥିବା ୨ଟି ଟିଣ କ୍ୟାବିନରେ ଗଞ୍ଜେଇ, ବ୍ରାଉନସୁଗାର ବିକ୍ରି କରାଯାଉଛି। ଲକ୍ଷ୍ମୀସାଗର ଥାନା ପିସିଆର୍ ପୋଲିସ ଅଧିକାଂଶ ସମୟରେ ଉକ୍ତ ଓଭରବ୍ରିଜ ତଳ ଦୋକାନ ସମ୍ମୁଖରେ ଡ୍ୟୁଟି କରୁଥିଲେ ମଧ୍ୟ ଏହି କାରବାରକୁ ରୋକିବା ଦୂରେ ଥାଉ ନ ଜାଣିବା ପରି ରହୁଛି। ପୋଲିସ କର୍ମଚାରୀମାନେ ନିଶା ଖାଇବା ପରି ଗାଡ଼ିରେ ଶୋଇଯାଉଛନ୍ତି। କିଛିଦିନ ତଳେ ସ୍ଥାନୀୟ ଅଞ୍ଚଳର ଜଣେ ଅବସରପ୍ରାପ୍ତ ପ୍ରଫେସର ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ବିରୋଧ କରିଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଧମକ ଦେବାସହ ପୋଲିସ ଓ ବିଏମ୍‌ସି ଆମ ପକେଟରେ କହି ଧମକ ଦେଇଥିଲେ। ଫଳରେ ତାଙ୍କ ଭଳି ଅନ୍ୟମାନେ ମଧ୍ୟ ମୁହଁ ଖୋଲିବାକୁ ଭୟ କରୁଛନ୍ତି।

ମିଳିଥିବା ସୂଚନାନୁସାରେ, ରାଜଧାନୀର କେନ୍ଦ୍ରସ୍ଥଳ ତଥା ୱାର୍ଡ ନଂ.୩୧ ଅନ୍ତର୍ଗତ ବମିଖାଲ ରେଲ୍‌ୱେ ଲେଭଲ କ୍ରସିଂ ନିକଟ ଓଭରବ୍ରିଜ ତଳ ସରକାରୀ ଜାଗାକୁ କେତେଜଣ ବ୍ୟକ୍ତି ବଳପୂର୍ବକ ଅକ୍ତିଆର କରି ଟିଣ ଘର ତିଆରି କରିଛନ୍ତି। ସଞ୍ଜ ନଇଁବା ପରେ ଭୋଜିଭାତ ସାଙ୍ଗକୁ ଅବାଧ ନିଶା କାରବାର ସହ ଅସାମାଜିକ ଲୋକଙ୍କ ଭିଡ଼ ଜମୁଛି। ଏଥିସହ ବର୍ଷ ତମାମ ଜୁଆଖେଳ ସହ ନିଶା କାରବାର ଚାଲୁଛି। ଓଭରବ୍ରିଜ ତଳଠାରୁ ଶାନ୍ତିପଲ୍ଲୀ ବସ୍ତି ପର୍ଯ୍ୟନ୍ତ ଟ୍ରେନ ଲାଇନ୍ କଡ଼ରେ ଦେହ ବେପାରଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାର୍ଯ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଛି। ଫଳରେ ଉକ୍ତ ରାସ୍ତା ଦେଇ ଯିବାଆସିବା କରିବାକୁ ଲୋକେ ଭୟ କରୁଛନ୍ତି। ପୋଲିସ ଏହା ଉପରେ ପଦକ୍ଷେପ ନେବା ବଦଳରେ ସୁରକ୍ଷା ଦେଉଥିବା ସ୍ଥାନୀୟ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ନାମ ଗୋପନ ରଖି କହିଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ଆମ ପ୍ରତିନିଧି ଲଗାତର କିଛିଦିନ ଧରି ଉକ୍ତ ଅଞ୍ଚଳ ଉପରେ ନଜର ରଖିଥିଲେ। ପିସିଆର୍ ଭ୍ୟାନ୍ ନିକଟରେ ଏପରି ବେଆଇନ କାରବାର ଚାଲିଥିବା ଦେଖିବାକୁ ପାଇଥିଲେ।

### ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେବ: ଡିସିପି



“ଓଭରବ୍ରିଜ୍ ଓ ଟ୍ରେନ୍ ଲାଇନ୍ କଡ଼ରେ ଅସାମାଜିକ ଯୁବକ ଆଡ୍ଡା କରି ନିଶା କାରବାର ସମେତ ବେଆଇନ ବେପାର କରୁଥିବା ଘଟଣାକୁ ଡିସିପି ଡ. ଉମାଶଙ୍କର ଦାଶ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଉକ୍ତ ଟିଣ ଘର ଓ ବାଲି ଡିପୋ ସହ ନିଶା କାରବାର ସମ୍ପର୍କରେ ଟିକିନିଖି ବୁଝିବା ପରେ ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି।

### ଜବରଦଖଲ ନେଇ ଅଭିଯୋଗ ଆସିନାହିଁ: ବିଏମ୍‌ସି

“ୱାର୍ଡ ପରିସରରେ କେଉଁଠି ଜବରଦଖଲ ହେଉଥିଲେ, ସମ୍ପୃକ୍ତ ୱାର୍ଡ ଅଫିସର ବିଭାଗୀୟ ଅଧିକାରୀ(ଜେଡିସି)ଙ୍କୁ ଅବଗତ କରାଇବା ଦରକାର। ଜେଡିସିଙ୍କ ନିର୍ଦ୍ଦେଶ ପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାର ନିୟମ ରହିଛି। ହେଲେ ଏଭଳି ଜବରଦଖଲ ନେଇ କୌଣସି ଅଭିଯୋଗ ମୋ ପାଖକୁ ଆସିନାହିଁ। ଯଦି ସେଠାରେ ଏପରି କିଛି ଚାଲିଥାଏ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି ଏନ୍‌ଫୋର୍ସମେଣ୍ଟର ଅତିରିକ୍ତ କମିଶନର ଲିଲନ ପ୍ରସାଦ ସାହୁ କହିଛନ୍ତି।

# ଋଣ ଶୁଝିବାକୁ ଟଙ୍କା ନ ଆଣିବାରୁ ସ୍ତ୍ରୀଙ୍କୁ ନିର୍ଯାତନା

**ରସୁଲପୁର, ୨୧।୧୧(ଡି.ଏନ.ଏ.)**

ଟ୍ରାକ୍ଟର ଋଣ କିସ୍ତି ଶୁଝିବା ଲାଗି ବାପଘରୁ ଟଙ୍କା ନ ଆଣିବାରୁ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେବା ସହ ଅନ୍ୟତ୍ର ବିବାହ କରିଛନ୍ତି। ଏନେଇ ସମ୍ପୃକ୍ତ ମହିଳା କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଉଭୟ ପକ୍ଷଙ୍କୁ ଡାକି ଘଟଣାର ସମାଧାନ କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, କୁଆଖିଆ ଥାନା ସିଂହାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗ୍ରାମର ଉଦୟ ବେହେରାଙ୍କୁ ଧର୍ମଶାଳା ଥାନା ଗଡ଼ମଧୁପୁର ଗ୍ରାମର ଲତା ବେହେରା ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଲତାଙ୍କ ପରିବାର ପକ୍ଷରୁ ଯୌତୁକ ବାବଦକୁ ନଗଦ ଅର୍ଥରାଶି ସହ ସୁନାଗହଣା, ଘରକରଣା ସାମଗ୍ରୀ ପ୍ରଦାନ କରାଯାଇଥିଲା। ବିବାହର କିଛିବର୍ଷ ଦମ୍ପତିଙ୍କ ମଧ୍ୟରେ ଭଲରେ ବିତିଥିଲା। ମାତ୍ର କିଛିଦିନ ତଳେ ସ୍ୱାମୀ ଉଦୟ ଏକ ଟ୍ରାକ୍ଟର କିସ୍ତିରେ ଆଣିଥିଲେ। ଚଳିତବର୍ଷ ଅଗଷ୍ଟରେ କିସ୍ତି ଅର୍ଥ ପୈଠ କରିବାକୁ ବାପଘରୁ ୧ଲକ୍ଷ ଟଙ୍କା ଆଣିବା ଲାଗି ଲତାଙ୍କ ଉପରେ ଉଦୟ ଚାପ ପକାଇଥିଲେ। ତେବେ ଦାବି ଅର୍ଥ ଆଣିବାରେ ଲତା ବିଫଳ ହୋଇଥିଲେ। ଏହାକୁ କେନ୍ଦ୍ରକରି ଲତାଙ୍କୁ ତାଙ୍କ ସ୍ୱାମୀ, ଦେଢ଼ଶୁର, ଶାଶୁ, ଶ୍ୱଶୁର ଓ ଦିଅର ମିଳିତ ଭାବେ ନିର୍ଯାତନା ଦେବା ସହ ମାରଧର କରୁଥିଲେ। ନିର୍ଯାତନା ଅସହ୍ୟ ହୋଇପଡ଼ିବାରୁ ଲତା ଆସି ବାପଘରେ ରହୁଛନ୍ତି। ତେବେ ଏହି ସୁଯୋଗରେ ଉଦୟ ଅନ୍ୟତ୍ର ବିବାହ କରିଥିବା ଲତା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଅଭିଯୋଗକୁ ୩ଦିନ ବିତିଲାଣି। ହେଲେ ପୋଲିସ ମାମଲା ରୁଜୁ କରି ନ ଥିବା ଲତା ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମନୋଜ ସ୍ୱାଇଁ କହିଛନ୍ତି, ଅଭିଯୁକ୍ତଙ୍କୁ ଡାକି ଆଲୋଚନା କରିବାକୁ ସୁଯୋଗ ଦିଆଯାଇଛି। ଯଦି ସେ ନ ଆସନ୍ତି, ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପୋଲିସ ପରିଚୟ ଦେଇ ଯୁବକଙ୍କୁ ଅପହରଣ

- ଟଙ୍କା, ମୋବାଇଲ ନେଇ ବାଟରେ ଛାଡ଼ିଦେଲେ
- ପୋଲିସର ତଦନ୍ତ ଆରମ୍ଭ

**ବାରଙ୍ଗ, ୨୧।୧୧(ଡି.ଏନ୍.ଏ.)**

ବାରଙ୍ଗ ଥାନା ପୋଲିସ ପରିଚୟ ଦେଇ ଦୁଇ ଜଣ ବ୍ୟକ୍ତି ରବିବାର ନନ୍ଦନକାନନ ଛକରୁ ଜଣେ ଯୁବକଙ୍କୁ ଅପହରଣ କରିନେଇଥିଲେ। ପରେ ଯୁବକଙ୍କଠାରୁ ୧ହଜାର ଟଙ୍କା ଓ ମୋବାଇଲ ଫୋନ ନେଇ ବାଟରେ ଛାଡ଼ିଦେଇଥିବା ଜଣାପଡ଼ିଛି। ଏନେଇ ଅଭିଯୋଗ ପରେ ନନ୍ଦନକାନନ ପୋଲିସ ଏକ ମାମଲା ରୁଜୁ କରିବା ସହ ରାସ୍ତାରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଗଜପତି ଜିଲା ଅଡ଼ବା ଥାନା ଆଶ୍ରୟ ଗ୍ରାମର ଲାଜୁ ଶବର ଓ ତା’ର ସାଙ୍ଗ ହାରଣ ଶବର, ଉପେନ୍ଦ୍ର ଶବର, ଇର୍ଶାଇଲ ଶବର, ବଲିୟମ ଶବର ଦୁଇ ମାସ ହେବ କଟକ ଜିଲା ଜଗତ୍‌ପୁର ଅଞ୍ଚଳର ଏକ ପ୍ରେସ୍‌ରେ କାମ କରନ୍ତି। ରବିବାର ପ୍ରେସ ଛୁଟିଥିବାରୁ ଏମାନେ ସକାଳେ ନନ୍ଦନକାନନ ବୁଲିବାକୁ ମୋ ବସ୍‌ରେ ଆସି ନନ୍ଦନକାନନ ଛକରେ ଓହ୍ଲାଇଥିଲେ। ଉକ୍ତ ସମୟରେ ଦୁଇଜଣ ବ୍ୟକ୍ତି ସେଠାରେ ପହଞ୍ଚି ନିଜକୁ ପୋଲିସ ବୋଲି ପରିଚୟ ଦେଇ ସମସ୍ତଙ୍କୁ ଆଧାର କାର୍ଡ ମାଗିଥିଲେ। ଲାଜୁ ବ୍ୟତୀତ ଅନ୍ୟମାନେ ଆଧାର ଦେଖାଇବାରୁ ସେମାନଙ୍କୁ ଛାଡ଼ି ଦେଇଥିଲେ। ଗଞ୍ଜେଇ, ବ୍ରାଉନସୁଗାର ବିକ୍ରି କରୁଥିବା କହି ଲାଜୁଙ୍କୁ ସେଠାରୁ ଏକ ଅଟୋରେ ନେଇଯାଇଥିଲେ। ଅନ୍ୟ ସାଙ୍ଗମାନେ ସନ୍ଦେହ କରି ଅନ୍ୟ ଏକ ଅଟୋରେ ସେମାନଙ୍କ ପିଛା କରି ବାରଙ୍ଗ ଥାନା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ କାହାକୁ ନ ପାଇ ସ୍ଥାନୀୟଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ସ୍ଥାନୀୟ ଲୋକଙ୍କ ପରାମର୍ଶକ୍ରମେ ଲାଜୁଙ୍କ ସାଙ୍ଗମାନେ ନନ୍ଦନକାନନ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ଲାଜୁଙ୍କ ମୋବାଇଲ ଫୋନ ମଧ୍ୟ ସୁଇଚ୍ ଅଫ ରହିଥିଲା। ଏଏସ୍‌ଆଇ ସୌରଭ ଭୋଇ ଖୋଜାଖୋଜି କରିଥିଲେ ମଧ୍ୟ ଲାଜୁଙ୍କ ସନ୍ଧାନ ପାଇ ନ ଥିଲେ। ଅପରାହ୍ନ ପ୍ରାୟ ୩ଟା ୩୦ରେ ଲାଜୁ ଏକ ଅଟୋରେ ନନ୍ଦନକାନନ ଥାନାରେ ପହଞ୍ଚି ତାଙ୍କୁ ଅପହରଣ କରାଯାଇଥିଲା ବୋଲି ପୋଲିସ ନିକଟରେ ଜଣାଇଥିଲା। ପୋଲିସ ପରିଚୟ ଦେଇ ଦୁଇ ଜଣ ବ୍ୟକ୍ତି ଏକ ଅଟୋରେ ଗୋଡିସାହି ଫାଣ୍ଡି ଅଧୀନ ସିଆଇଏସ୍‌ଏଫ୍ କ୍ୟାମ୍ପ ପର୍ଯ୍ୟନ୍ତ ନେଇ ମାଡ଼ ମାରିବା ସହ ୧ହଜାର ଟଙ୍କା ଓ ମୋବାଇଲ ଛଡାଇ ନେଇଯାଇଥିଲେ। ଏହା ପରେ ଅଟୋରୁ ପେଲି ଦେଇଥିଲେ ବୋଲି ଲାଜୁ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଶାମ୍ବଦଶମୀ ଭୋଗ: ରୋଗମୁକ୍ତି ପାଇଁ

## (କୋଣାଦିତ୍ୟରେ କୁଷ୍ଠରୋଗ ଓ ଗଞ୍ଜାମର ବୁଗୁଡ଼ାରେ ଚର୍ମରୋଗ ଲାଗି)

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ଓଡ଼ିଶାର ଗଣଉତ୍ସବ ‘ଶାମ୍ବଦଶମୀ’ କିପରି ଶ୍ରୀମହାଭାସ୍କରଙ୍କ ନିକଟରେ ପାଳିତ ହେଉଥିଲା, ତାହାର ଏକ ଚିତ୍ର ଆମେ ଆଲୋଚନା କରିଥିଲୁ। ସୂର୍ଯ୍ୟଙ୍କ ମୂଳ ସ୍ଥାନ ମୂଳତାନ ବୋଲି ଯେଉଁ ଭାବନା କେତେକ ଆଲୋଚକଙ୍କ ମୁଣ୍ଡରେ ବସା ବାନ୍ଧିଥିଲା ଆଉ ସେମାନେ ସେ ଭାବନାକୁ ଲେଖିବା ପରେ କିପରି ବିଭ୍ରାନ୍ତି ସୃଷ୍ଟି ହୋଇଥିଲା, ତା’ର ନିରାକରଣ ଥିଲା ଆମର ମୂଳ ଲକ୍ଷ୍ୟ। ସେମାନଙ୍କୁ ଏଇ ପ୍ରସଙ୍ଗରେ ଆଉ ଗୋଟିଏ ଉଦାହରଣ ଦିଆଯାଇପାରେ। କେବଳ ଅର୍କକ୍ଷେତ୍ରରେ ଏହା ପାଳିତ ହେଉଥିଲା ତାହା ନୁହେଁ, ଦକ୍ଷିଣ ଓଡ଼ିଶାରେ ବି ଏହି ପରମ୍ପରା ଥିଲା, ଆଜି ବି ଅଛି।

ଗଞ୍ଜାମ ଜିଲାର ବୁଗୁଡ଼ାଠାରେ ଓଡ଼ିଆ ଶିଳ୍ପୀ ଗଢ଼ିଥିଲା କାଠର କୋଣାର୍କ। ଓଡ଼ିଶାର ଶିଳ୍ପୀ ୭୮୦ ବର୍ଷ ତଳେ ପଥରରେ ନିର୍ମାଣ କରିଥିଲା ବିଶ୍ୱବିସ୍ମୟ ଶ୍ରୀପଦ୍ମକେଶର ମନ୍ଦିର। ନିହଣ/ମୁଗୁର ବ୍ୟବହାର କରି ୨୫୦ ବର୍ଷ ତଳେ ପୁଣି ଏକ ବିସ୍ମୟ ସୃଷ୍ଟି କରିଥିଲା ଗଞ୍ଜାମର ବୁଗୁଡ଼ାଠାରେ। କାଠରେ ନିର୍ମିତ ଏହି ବିସ୍ମୟ ଶ୍ରୀବିରଞ୍ଚିନାରାୟଣଙ୍କ ପାଇଁ ସୃଷ୍ଟି ହୋଇଥିଲା। ବୁଗୁଡ଼ାର ସେଇ କାଠର ମନ୍ଦିରକୁ ପ୍ରତ୍ୟେକ ଓଡ଼ିଆ ଜୀବନରେ ଥରେ ଦେଖିବା କଥା। ଅଠଚାଳିଶଟି ପଥର ଖମ୍ବ ଏହି କାଠର ମନ୍ଦିରକୁ ଧରି ରଖିଛି। ଏକ ଚକବିଶିଷ୍ଟ ମନ୍ଦିରର ଅଗ୍ରଭାଗରେ ସାତୋଟି ଅଶ୍ୱ ଟାଣୁଥିବାର ଦୃଶ୍ୟ ବିରଳ। ସତେ ଯେମିତି ସୂର୍ଯ୍ୟ ଦେବତା କାଠ ରଥରେ ଗତି କରୁଛନ୍ତି। କୋଣାଦିତ୍ୟରେ ପଥର ରଥରେ ପୂର୍ବ ଅଭିମୁଖ ହୋଇ ଶ୍ରୀସୂର୍ଯ୍ୟଦେବତା ବିଜେ କରିଥିଲେ। ବୁଗୁଡ଼ାଠାରେ ଶ୍ରୀବିରଞ୍ଚିନାରାୟଣ ପଶ୍ଚିମ ଅଭିମୁଖ ହୋଇ ବିଜେ କରିଛନ୍ତି। ସୂର୍ଯ୍ୟଙ୍କର ଉଦୟକାଳୀନ କିରଣ ଯେପରି କୋଣାର୍କରେ ଶ୍ରୀବିଗ୍ରହଙ୍କୁ ପ୍ରଥମେ ସ୍ପର୍ଶ କରୁଥିଲା, ବୁଗୁଡ଼ାଠାରେ ସେହିପରି ଆଜି ବି ସୂର୍ଯ୍ୟାସ୍ତ ସମୟର ଅସ୍ତଗାମୀ ସୂର୍ଯ୍ୟଦେବଙ୍କ ରକ୍ତିମ ଆଭା ଶ୍ରୀବିରଞ୍ଚିନାରାୟଣଙ୍କୁ ସ୍ପର୍ଶ କରୁଛି।






ବୁଗୁଡ଼ା ଶ୍ରୀବିରଞ୍ଚିନାରାୟଣଙ୍କ ଏକ ଚକବିଶିଷ୍ଟ ରଥକୁ ସପ୍ତଅଶ୍ୱ ଟାଣୁଛନ୍ତି।
*ଫଟୋ: କାଳୀଚରଣ ଦାଶ, ବୁଗୁଡ଼ା*

ଏପରି ଅଭିନବ ଶୈଳୀରେ ଓଡ଼ିଆ ଶିଳ୍ପୀ ବୁଗୁଡ଼ାରେ ମନ୍ଦିର ନିର୍ମାଣ କରିଛନ୍ତି ଯେ ସୂର୍ଯ୍ୟଙ୍କର ଉତ୍ତରାୟଣ ଓ ଦକ୍ଷିଣାୟନ ଅବସ୍ଥାନ କାଳରେ ସୂର୍ଯ୍ୟଙ୍କ ଆଭା ଶ୍ରୀବିରଞ୍ଚିନାରାୟଣଙ୍କୁ ସ୍ପର୍ଶ କରୁଅଛି।

ଅର୍କକ୍ଷେତ୍ରଠାରେ କୁଷ୍ଠରୋଗ ଉପଶମର ବିଶ୍ୱାସ ରହିଥିବା ବେଳେ ବୁଗୁଡ଼ା କ୍ଷେତ୍ରରେ ଚର୍ମରୋଗ ନିରାକରଣର ବିଶ୍ୱାସ ଆଜି ବି ରହିଛି। ଓଡ଼ିଆ ଐତିହ୍ୟ ପରିଷଦର ସଭାପତି ବିଭୁପ୍ରସାଦ ତ୍ରିପାଠୀ, ସମ୍ପାଦକ ଦେବୀପ୍ରସନ୍ନ ନନ୍ଦଙ୍କ ସମେତ କେତେଜଣ ଗବେଷକ ଓ ଆମେ ଅନୁସନ୍ଧାନ ପାଇଁ ବୁଗୁଡ଼ାଠାରେ ପହଞ୍ଚିବା ପରେ ବହୁ ନୂତନ ଐତିହ୍ୟ ଆମକୁ ବିସ୍ମିତ କରିଥିଲା।

ମାଘ ସପ୍ତମୀରେ ରଥଯାତ୍ରା ପରମ୍ପରା ଆଜି ବି ପ୍ରଚଳିତ ଅଛି। ଶାମ୍ବଦଶମୀରେ ଜଗତ କଲ୍ୟାଣ ପାଇଁ କୋଣାଦିତ୍ୟ ପରି ଏଠାରେ ଉପାସନା ହୋଇ ଯଜ୍ଞ ଅନୁଷ୍ଠିତ ହେଉଅଛି। ମନ୍ଦିରର ମୁଖଶାଳା, ଭଣ୍ଡାର ଘର ଓ ମଣୋହି ଘର କାଠର କାରୁକାର୍ଯ୍ୟରେ ସମ୍ପନ୍ନ ହୋଇଛି। ଦୁଇଶହ ପଚାଶ ବର୍ଷ ତଳେ ଶ୍ରୀକ୍ଷେତ୍ରର ମାନଚିତ୍ର ଅବିକଳ ଭାବରେ, ପଟ୍ଟଚିତ୍ର ଶୈଳୀରେ କାନ୍ଥରେ ସ୍ଥାନ ପାଇଛି।

ଆମେ ସମ୍ଭାବନା କରିଥିଲୁ ଶାମ୍ବଙ୍କର ତପସ୍ୟାର ସିଦ୍ଧିଲାଭର ସ୍ମାରକୀ ଦିବସ ବୋଧହୁଏ ଶାମ୍ବଦଶମୀ। ଏହି ଦିନ ମନେହୁଏ ସେ ରୋଗମୁକ୍ତ ହୋଇଥିଲେ। କାରଣ ଶାମ୍ବଦଶମୀ ପର୍ବରେ ଯେଉଁ ପିଠାପଣା ଏପରି କି ତରକାରି ହୁଏ ତାହା ମାନସିକ ଅନୁଯାୟୀ ହୁଏ। ସାରା ଓଡ଼ିଶାରେ ଏହି ମନୋବିଜ୍ଞାନ ରହିଛି। କାହା ପାଇଁ ଆରିସା, କାହା ଲାଗି କାକରା, କାହା ପାଇଁ ମଣ୍ଡା ଓ କାହା ଲାଗି ଘଡ଼ଘଡ଼ିଆ ତରକାରି ଏପରି ୩୦ରୁ ୩୫ ପ୍ରକାର ଭୋଗଦ୍ରବ୍ୟ ବଢ଼ାଯାଏ। ଏଇ ମାନସିକ ହୋଇଥାଏ ପିଲାର ରୋଗମୁକ୍ତି ପାଇଁ। ରହିଯାଏ ଜୀବନସାରା। ବୁଢ଼ାବୁଢ଼ୀ ହେବାପରେ ବି ପିଲାଦିନର ମାନସିକ କରିଥିବା ଭୋଗ ଅବ୍ୟାହତ ଥାଏ, ତେଣୁ ରୋଗ ନିରାକରଣ ମୂଳ ଲକ୍ଷ୍ୟ ଥିବାରୁ ମନେହୁଏ ଶାମ୍ବ ସେହିଦିନ ରୋଗମୁକ୍ତ ହୋଇଥିଲେ।

ଅଗନା ଅଗନି ବନସ୍ତର ଆଇ ମା’ ଗପ ପରି ଲାଗିପାରେ। ମାତ୍ର ଏହି ଗଣପର୍ବର ଐତିହ୍ୟ ଆମେ ଚର୍ଚ୍ଚା କରିବା କଥା। ଏକ ସାଂସ୍କୃତିକ ସହବନ୍ଧନ ଧାରାରେ ଗୋଟାଏ ଐତିହ୍ୟକୁ ଉତ୍ସବରେ ବାନ୍ଧିରଖିବା ପୁଣି ଶହ ଶହ ବର୍ଷ ଧରି! ଏ ସହଜ କଥା ନୁହେଁ। ଆମେ କେତେ ଏ ବନସ୍ତରେ ପଶିଛେ ବିଚାର କରିବା କଥା! ପିଁ କିରି ଉଡ଼ିଆସି ଦିଅଣ୍ଡା ମିଥୁନ ମୂର୍ତ୍ତି ଫଟୋ ଉଠେଇ ସିଁ କିରି ଉଡ଼ିଯାଇ ବହିଲେଖି ଛାପି ହଟଚମଟ ଚାହୁଁଥିବା ବାହାରିଆ ପଣ୍ଡିତେ ଏ ବନସ୍ତ ଭେଦ କରିବେ କିଆଁ?

# ଆତଙ୍କ ଖେଳାଉଥିବା ୪ ଯୁବକ ଅଟକ

**ରସୁଲପୁର, ୨୧।୧୧(ଡି.ଏନ.ଏ.)**

ଯାଜପୁର ଜିଲା କୁଆଖିଆ ଥାନା ନଠୁଆବର ପଞ୍ଚାୟତ ଆଦମପୁର ଗ୍ରାମ ନିକଟ ଏକ ରାସ୍ତା ପାର୍ଶ୍ୱରେ ୪ ଯୁବକ ମଦ୍ୟପାନ କରିବା ସହ ରାସ୍ତାରେ ଯାଉଥିବା ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରୁଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳ ଲୋକେ ଥାନାରେ ଜଣାଇବା ପରେ ପୋଲିସ ସେମାନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏଥିସହିତ ସେମାନଙ୍କ ନିକଟରୁ ଏକ ଖେଳଣା ବନ୍ଧୁକ ଜବତ କରିଛି। ଅଟକ ଯୁବକମାନଙ୍କ ମଧ୍ୟରୁ ୨ଜଣ ଟିକରପଡ଼ା ପଞ୍ଚାୟତ କୁଜିବର ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟ ୨ଜଣ ସନ୍ଦିଗ୍ଧଙ୍କ ଉପରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ହେଲେ ସେମାନଙ୍କ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେବାକୁ ଅମଙ୍ଗ ହେଉଛି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

# ଭାଇ ବୋହୂଙ୍କୁ ବଳାତ୍କାର, ଦେଢ଼ଶୁର ଗିରଫ

**କାଳିଆପାଣି, ୨୧।୧୧(ଡି.ଏନ.ଏ.)**

କାଳିଆପାଣି ଥାନା ଅଞ୍ଚଳରେ ଭାଇବୋହୂଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଆଧାର କରି ସମ୍ପର୍କୀୟ ଦେଢ଼ଶୁରଙ୍କୁ ଅନୁଗୋଳରୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ସମ୍ପୃକ୍ତ ଅଭିଯୁକ୍ତ ତାଙ୍କ ପିଉସୀ ପୁଅଙ୍କ ସ୍ତ୍ରୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ମହିଳାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଏହି ଘଟଣା ଘଟାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଧାର ଟଙ୍କା ମାଗିବାକୁ ଯାଇଥିବାରୁ ମୋ ପୁଅକୁ ଫସାଇ ଦିଆଯାଇଛି ବୋଲି ଅଭିଯୁକ୍ତଙ୍କ ବାପା କହିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ଗୋବିନ୍ଦଙ୍କ ଦସ୍ତଖତ...

ମଧ୍ୟ ପୋଲିସ ଯେଭଳି ଭାବେ ରାତିରେ ଏବଂ ଛୁଟି ଦିନରେ ସାକ୍ଷୀ ପାଇଁ କେତେକଙ୍କ ୧୬୧ବୟାନ ରେକର୍ଡ କରୁଛି ସେଥିରୁ ସନ୍ଦେହ ଜାତ ହେଉଛି। ପୋଲିସ ଜେଲ ଭିତରୁ ନୁହେଁ, ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ଦସ୍ତଖତ ସଂଗ୍ରହ କରିବାକୁ ଜେଏମ୍‌ଏଫ୍‌ସିଙ୍କଠାରେ ଆପତ୍ତି ଉଠାଇଥିବା ଗୋବିନ୍ଦଙ୍କ ଓକିଲ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କୁ ତାଙ୍କ ମୋବାଇଲ ନଂ. ୯୪୩୮୯୧୬୫୧୦ରେ ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ ସୁଇଚ୍ ଅଫ୍ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ପୋଲିସର ଆବେଦନ ଏବଂ ଅଭିଯୁକ୍ତ ଓକିଲଙ୍କ ଆପତ୍ତି ପିଟିଶନ ପରେ ଏହାର ଶୁଣାଣି ପାଇଁ ଜେଏମ୍‌ଏଫ୍‌ସି ଆସନ୍ତା ୨୪ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି।

### ଶପଥ ନେଲେ...

ମମତା, ଭଜନଲାଲ ଏବଂ ଟିକାରାମ ରାଜ୍ୟ ପାହ୍ୟା ମନ୍ତ୍ରୀରୁ କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ୨୦୨୩ରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ଦୁଇ ଗ୍ରୁପ୍‌କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରାଯିବା ସହ ପ୍ରମୁଖ ବର୍ଗର ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଗେହଲଟ କହିଛନ୍ତି ଯେ, ଆମ ସରକାରଙ୍କ ଉପରେ ଲୋକଙ୍କ ଯେଉଁ ଆଶା ରହିଛି ତାହାକୁ ପୂରଣ କରିବୁ। ଆସନ୍ତା ଥର (୨୦୨୩ ନିର୍ବାଚନ) ପୁଣି କଂଗ୍ରେସ ରାଜ୍ୟରେ ଆସୁ ବୋଲି ଜନସାଧାରଣଙ୍କ ମନରେ ଯେଉଁ ଭାବନା ରହିଛି ତାହାକୁ ଆମେ ସାକାର କରିବୁ। ଆଗାମୀ ଦିନରେ ଆମେ ପୁଣି ସରକାର ଗଠନ କରିବୁ ବୋଲି ଗେହଲଟ କହିଛନ୍ତି। ସେହିପରି ନୂଆ ମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ସଚିନ ପାଇଲଟ କହିଛନ୍ତି ଯେ, ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଉତ୍ସର୍ଗୀକୃତ ହୋଇ ଆପଣମାନେ କଂଗ୍ରେସକୁ ଦୃଢ଼ କରିବେ ବୋଲି ଆଶା ରହିଛି, ଯାହାକି ୨୦୨୩ ବିଧାନସଭା ନିର୍ବାଚନରେ ଦଳର ବିଜୟ ପାଇଁ ବାଟ ଫିଟାଇବ।

# ଥାଇରଏଡ୍‌ର ଘରୋଇ ଉପଚାର



ରକ୍ତରେ ଥାଇରକ୍ସିନ୍‌ର ହରମୋହନର୍ ମାତ୍ରା ଆବଶ୍ୟକତାଠାରୁ କମ୍ ବେଶି ହେଲେ ଥାଇରଏଡ୍ ସମସ୍ୟା ସୃଷ୍ଟି ହୋଇଥାଏ । ଶରୀରରେ ପ୍ରତିରୋଧକ ଶକ୍ତି କମିଗଲେ, ଔଷଧର ସାଇଡ ଇଫେକ୍ଟ, ଖାଦ୍ୟରେ ଆୟୋଡିନର ଅଭାବ, ଗଳା ଫୁଲିବା, ଓଜନ କମିବା, ଅତ୍ୟଧିକ ଝାଳ ବୋହିବା, ଋତୁସ୍ରାବରେ ଅନିୟମିତତା ଓ ହାଲିଆ ଲାଗିବା ଆଦି ସମସ୍ୟା ଦେଖାଯାଏ । ଏଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ । ତେବେ ଏହାର କେତୋଟି ଘରୋଇ ଉପଚାର ରହିଛି, ଯାହାକୁ ଆପଣେଇପାରନ୍ତି । ତେଜପତ୍ର ମିଶ୍ରିତ ଚା' ପିଅନ୍ତୁ । ଏହି ଚା' ଥାଇରଏଡ୍‌ରୁ କେତେକାଂଶରେ ଉପଶମ ଦେଇଥାଏ । ନଡ଼ିଆ ତେଲ ଉଷୁମ କରି କ୍ଷୀର ସହ ଖାଲି ପେଟରେ ଖାଆନ୍ତୁ । ଅଦାରେ ଆଣ୍ଟି-ଇନ୍‌ଫ୍ଲମେଟୋରି ଗୁଣ ଥିବାରୁ ଥାଇରଏଡ୍ ବଢ଼ିବାରୁ ରୋକିଥାଏ । ତେଣୁ ପ୍ରତିଦିନ ଅଳ୍ପ ପରିମାଣରେ ଅଦା ଖାଇଲେ ଏଥିରୁ ଆରାମ ମିଳିଥାଏ । ଥଣ୍ଡାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ କି କୋଲ୍ଡ ଡ୍ରିଙ୍କସ ପିଅନ୍ତୁ ନାହିଁ । ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ ।

# ସ୍ମରଣ ଶକ୍ତି ବୃଦ୍ଧିର ନୂଆ ଉପାୟ

ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏଥିପାଇଁ ଆମକୁ ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ତା' ସହ ଆମର ସ୍ମରଣ ଶକ୍ତି ମଧ୍ୟ ସକ୍ରିୟ ରହିବା ନିହାତି ଦରକାର । ତେବେ ଏଥିପାଇଁ ଏକ ଉପାୟ ହାତପାହାନ୍ତାରେ ରହିଛି । ୟୁନିଭର୍‌ସିଟି ଅଫ୍ ଟରୋଣ୍ଟୋ ଏବଂ ୟୁନିଟି ହେଲ୍‌ଥ ଟରୋଣ୍ଟୋ ତରଫରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ନିଜର ମନ ପସନ୍ଦର ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ । ଏପରି ଗୀତ ଶୁଣିଲେ ତାହା ଆମ ସ୍ନାୟୁ କୋଷଗୁଡ଼ିକୁ ଚଳଚଞ୍ଚଳ ରଖେ ଏବଂ ମସ୍ତିଷ୍କକୁ ଆହୁରି କ୍ରିୟାଶୀଳ ହେବାରେ ସାହାଯ୍ୟ କରେ । ମସ୍ତିଷ୍କ ସହ ଯୋଡ଼ି ହୋଇ ରହିଥିବା ସମସ୍ତ ସ୍ନାୟୁକୋଷଗୁଡ଼ିକ କ୍ରମଶଃ ଚଳଚଞ୍ଚଳ ହୋଇ ଉଠେ, ଫଳରେ ରକ୍ତ ସଂଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲ ରୁହେ । ଯେ କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ । ତା' ସହ କୌଣସି ନିଷ୍ପତ୍ତି ନେବାର କ୍ଷମତାକୁ ବି ବଢ଼ାଏ । ସର୍ଭେ ସମୟରେ ନିୟମିତ ନିଜ ମନ ପସନ୍ଦର ସଙ୍ଗୀତ ଶୁଣୁଥିବା କିଛି ବ୍ୟକ୍ତିଙ୍କର ସ୍ମରଣ ଶକ୍ତିକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା । ଏମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ସକ୍ରିୟ ଥିବାର ବିଶେଷଜ୍ଞମାନେ ଜାଣିପାରିଥିଲେ ବୋଲି ସର୍ଭେ ରିପୋର୍ଟରୁ ଜଣାପଡିଛି ।



# ଋତୁ ପରିବର୍ତ୍ତନରେ ଚନ୍ଦ୍ରର ଭୂମିକା



- ଡ. ନିଖିଳାନନ୍ଦ ପାଣିଗ୍ରାହୀ



ମେଘମୁକ୍ତ ପୂର୍ଣ୍ଣମୀର ଜ୍ୟୋତ୍ସ୍ନା ଯାମିନୀର ଅପରୂପ ଶୋଭା ସକାଶେ ଚନ୍ଦ୍ର ଦାୟୀ ବୋଲି ସମସ୍ତେ ଜାଣନ୍ତି । କିନ୍ତୁ ବୈଚିତ୍ର୍ୟଭରା ଋତୁଚକ୍ର ଚନ୍ଦ୍ରର ଏକ ଅବଦାନ ବୋଲି ସର୍ବସାଧାରଣ ଜ୍ଞାତ ହୋଇ ନ ପାରନ୍ତି । ବାସ୍ତବିକ ଏହା ବୁଝିବା ପାଇଁ ବୈଜ୍ଞାନିକ ବିଶ୍ଳେଷଣ ଯଥାର୍ଥ ହେବ ।

ମୋଟାମୋଟି ଭାବେ ଦେଖିବାକୁ ଗଲେ ଆମ ସୌରମଣ୍ଡଳ ଗୋଟିଏ ପରିବାର ପରି । ଆମେ ସୂର୍ଯ୍ୟଠାରୁ ଶକ୍ତି ଓ ଆଲୋକ ପାଉ । ବୃହସ୍ପତି ଓ ଶନି ଆମକୁ ଧୂମକେତୁ ଓ କ୍ଷୁଦ୍ରଗ୍ରହ ବା ଗ୍ରହଖଣ୍ଡଠାରୁ ସୁରକ୍ଷା ଦେଇଥାନ୍ତି । ଏପରିକି ଆମ ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ଉପଯୋଗୀ ଋତୁ ପରିବର୍ତ୍ତନରେ ସହାୟକ ହୋଇଛି ।

ଏହି ପରିସ୍ଥିତିରେ ପୃଥିବୀ ପୃଷ୍ଠରେ ଅନୁଭୂତ ହେଉଥିବା କ୍ରାନ୍ତିପାତ (ଇକ୍ୟୁନକ୍ସ) ଓ ଅୟନାନ୍ତ ଦିବସ (ସୋଲଷ୍ଟିସ) ଉଲ୍ଲେଖଯୋଗ୍ୟ । ଅୟନାନ୍ତ ଦିବସରେ ସୂର୍ଯ୍ୟ ବିଷୁବରେଖାଠାରୁ ଉତ୍ତର ବା ଦକ୍ଷିଣ ଦିଗରେ ଦୂରତମ ବିନ୍ଦୁରେ ପହଞ୍ଚିଥାଏ । ଫଳରେ ପ୍ରତିବର୍ଷ ଦୁଇଟି ଅୟନାନ୍ତ ଦିବସର ସୂତ୍ରପାତ ହୁଏ । ପାଖାପାଖି ଜୁନ୍ ୨୨ ଉତ୍ତର ଅୟନାନ୍ତ ଦିବସ (ସମର ସୋଲଷ୍ଟିସ୍) ଏବଂ ଡିସେମ୍ବର ୨୨ ତାରିଖ ଦକ୍ଷିଣ ଅୟନାନ୍ତ (ୱିଣ୍ଟର ସୋଲଷ୍ଟିସ୍) ଦେଖାଦିଏ । ଏହି ଦିନ ଦୁଇଟିରେ ଦିନ ଓ ରାତିର ଅବଧି ମଧ୍ୟରେ ସର୍ବାଧିକ ତାରତମ୍ୟ ଘଟେ ।

ଉକ୍ତ ଦିବସମାନଙ୍କର ପାଖାପାଖି ଛଅମାସ ଅନ୍ତରରେ କ୍ରାନ୍ତିପାତ (ଇକ୍ୟୁନକ୍ସ) ବେଳେ ଦିନ ଓ ରାତିର ଅବଧି ସମାନ ରହେ । ଏହି ସମ ଦିବା ରାତ୍ରି ପାଖାପାଖି ମାର୍ଚ୍ଚ ୨୨ ବାସନ୍ତୀ କ୍ରାନ୍ତିପାତ (ଭର୍ନାଲ୍ ଇକ୍ୟୁନକ୍ସ) ଏବଂ ସେପ୍ଟେମ୍ବର ୨୨ରେ ଶାରଦୀୟ କ୍ରାନ୍ତିପାତ (ଆଟମ୍ ଇକ୍ୟୁନକ୍ସ) ସଂଘଟିତ ହୋଇଥାଏ ।

ଏହା ସୂଚିତ କରେ ଯେ, କ୍ରାନ୍ତିପାତ ଓ ଅୟନାନ୍ତ ଦିବସ ଋତୁମାନଙ୍କ ସହ ସଂପୃକ୍ତ । ଅବଶ୍ୟ ଆମେ ଛଅଟି ଋତୁ ସହ ପରିଚିତ । କିନ୍ତୁ ଆମେ ସାଧାରଣ ଭାବେ ଗ୍ରୀଷ୍ମ, ଶରତ, ଶୀତ ଓ ବସନ୍ତ ଋତୁ -ଏମିତି ଚାରି ପ୍ରକାରେ ବିଭାଗ କହିପାରିବା । ଅନ୍ୟ ଦୁଇଟି ଋତୁ ଏହି ଚାରୋଟି ଋତୁର ମଧ୍ୟବର୍ତ୍ତୀ ଅବସ୍ଥା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତେବେ ଏମିତି ଋତୁଚକ୍ରର ମୂଳରେ ପୃଥିବୀର କକ୍ଷ ଅକ୍ଷଟି ପ୍ରତି ୬୬.୫ ଡିଗ୍ରୀ କୋଣ କରି ରହିଛି । ଏହି ମେରୁଦଣ୍ଡର ପାର୍ଶ୍ୱ ଅବନତି (ଇନ୍‌କ୍ଲାଇନ୍) ଯୋଗୁଁ ପୃଥିବୀ ଉଲମ୍ବ (ଭଲମ୍)ଠାରୁ ଅନତି ରହେ । ଫଳରେ କେବଳ ଦିନରାତି (ଆହ୍ନିକ ଗତି ବା ରୋଟେସନ) ହୁଏ ନାହିଁ । ତତ୍‌ସହ ବାର୍ଷିକ ଗତି (ପରିକ୍ରମଣ ବା ରିଭୋଲ୍ୟୁସନ)ରୁ ଋତୁ ପରିବର୍ତ୍ତନ ସମ୍ଭବ ଥାଏ ।

ତେବେ ବୈଜ୍ଞାନିକ କାରଣରୁ ସିଦ୍ଧ ହୁଏ ଯେ, ପୃଥିବୀର ପ୍ରାକୃତିକ ଗ୍ରହ ଚନ୍ଦ୍ର ହିଁ ପୃଥିବୀକୁ ଉପଯୁକ୍ତ ପରିମାଣରେ ଢଳାଇ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯଦି ପୃଥିବୀର ମେରୁଦଣ୍ଡ ଓ ଅକ୍ଷଟି କକ୍ଷ (ଅର୍ବିଟ୍)ସହିତ ଲମ୍ବଭାବରେ ରହିଥାନ୍ତା, ତାହାହେଲେ ପୃଥିବୀର ପ୍ରତ୍ୟକ ସ୍ଥାନରେ ବର୍ଷ ସାରା ସବୁ ତାରିଖଗୁଡିକରେ ବାରଘଣ୍ଟିଆ ଦିନ ଓ ବାରଘଣ୍ଟିଆ ରାତି ହୋଇଥାନ୍ତା । ଆମକୁ କ୍ୟାଲେଣ୍ଡର ଓ ପାଞ୍ଜିରେ ପ୍ରତ୍ୟେକ ତାରିଖରେ ଯେଉଁ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତର ପରିବର୍ତ୍ତନ ସମୟ ଦେବାକୁ ପଡୁଛି ତାହା ଅବାନ୍ତର ହୋଇଯାଇଥାନ୍ତା ।

> "ଚନ୍ଦ୍ରର ପୃଥିବୀ ଉପରେ ଲଗାମ ନ ରହିଲେ, ପୃଥିବୀ ଏପଟ ସେପଟ ଭାବେ ଦୋଳାୟମାନ ହୋଇଥା'ନ୍ତା । ପୁଣି ଆମ ପାଣିପାଗ ଅସ୍ୱାଭାବିକ ହୋଇଥା'ନ୍ତା । ବର୍ଷ ସାରା ଦୈନନ୍ଦିନ ତାପମାତ୍ରାରେ ଅତ୍ୟଧିକ ହ୍ରାସ-ବୃଦ୍ଧି ଘଟିବ । ପୃଥିବୀର ଆନତ କୋଣ ଏତେ ମାତ୍ରାରେ ବଦଳିବ ଯେ, ପୃଥିବୀର ପାର୍ଶ୍ୱ ଅବନତି ଶୂନ ହୋଇ ସିଧା ରହିବ ।"



ଦୃଷ୍ଟାନ୍ତ ଭାବେ ସୌର-ଜଗତରେ ମଙ୍ଗଳ ଗ୍ରହ ବିଚାର୍ଯ୍ୟ । ଏହାର ଦୁଇଟି ଉପଗ୍ରହ, ଯଥା ୨୨ କି.ମି. ବ୍ୟାସ ବିଶିଷ୍ଟ 'ଫୋବୋସ' ଓ ୧୨ କି.ମି. ବ୍ୟାସ ଥିବା 'ଡିଓମୋସ' ଅଛି । ଆମ ଉପଗ୍ରହ ଚନ୍ଦ୍ର ତୁଳନାରେ ଏହି ଉଭୟ ଉପଗ୍ରହ ଅତି କ୍ଷୁଦ୍ର । ତେଣୁ ମଙ୍ଗଳକୁ ଉପଗ୍ରହବିହୀନ ଗ୍ରହ ରୂପେ ଗ୍ରହଣ କରାଯାଇପାରେ । ଏହି କାରଣରୁ ମଙ୍ଗଳର ଅକ୍ଷ ଅଧିକ ଚଳେଇ ହୋଇଯାଉଛି । ପରିଣାମ ସ୍ୱରୂପ ସଂପ୍ରତି ସେଠାରେ ମେରୁ ଅଞ୍ଚଳରେ ଯେଉଁ ବରଫ ଦେଖାଯାଉଛି, ତାହା ବିଷୁବରେଖାଠାରୁ ଅତୀତରେ ପ୍ରଭାବିତ ହୋଇ ଯାଇଥିବା ସମ୍ଭବ ।

ସେମିତି ଯଦି ଚନ୍ଦ୍ରହୀନ ପୃଥିବୀର ଦୁର୍ଦ୍ଦଶା ଆସିଲେ ମେରୁର ବରଫ ସ୍ଥିର ନ ରହି ଆଫ୍ରିକାର ବହୁ ଅଞ୍ଚଳ ବରଫାବୃତ ହେବ । ସମୟାନୁକ୍ରମେ ଏହି ବରଫ ଆତଯାତ ନାନା ସମସ୍ୟା ସୃଷ୍ଟି କରିବ । (ଦ୍ରଷ୍ଟବ୍ୟ: କାରେ ଆକ୍ସନ, ପ୍ରଫେସର ଏମିରିଟସ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଉଥେଟିକାଲ ଫିଜିକ୍ସ, ଓସ୍ଲୋ ବିଶ୍ୱବିଦ୍ୟାଳୟ-୧୨ ଜାନୁୟାରୀ ୨୦୧୨) । ମୋଟାମୋଟି ଭାବେ ପୃଥିବୀର ଭୂଗୋଳରେ ଆମୂଳଚୂଳ ପରିବର୍ତ୍ତନ ସୃଷ୍ଟି ହେବ ।

ଏହାର କାରଣ ହେଉଛି ଚନ୍ଦ୍ର ପୃଥିବୀର ଅକ୍ଷର ଆନତକୁ ଅତ୍ୟଧିକ ବୃଦ୍ଧି ପାଇବାରୁ ଅନେକାଂଶରେ ନିୟନ୍ତ୍ରଣ କରେ । ଆମେ ହାମର୍ ଥ୍ରୋ ଖେଳରେ ଦେଖୁ ଯେ, ଖେଳନାଟି ହାମର୍ (ଧାତୁପିଣ୍ଡ)ଟି ଫୋପାଡ଼ିବା ପରେ ପରେ ନିଜେ ଭୂପତିତ ହେବାରୁ ରକ୍ଷା ପାଇବା ପାଇଁ ତାକୁ କେତୋଟି ଅବାଗିଆ ଅସ୍ଥିର ପରିଚାଳନା କରିବାକୁ ପଡ଼େ । ସେମିତି ଚନ୍ଦ୍ରର ପୃଥିବୀ ଉପରେ ଲଗାମ ନ ରହିଲେ, ପୃଥିବୀ ଏପଟ ସେପଟ ଭାବେ ଦୋଳାୟମାନ ହୋଇଥା'ନ୍ତା । ପୁଣି ଆମ ପାଣିପାଗ ଅସ୍ୱାଭାବିକ ହୋଇଥା'ନ୍ତା । ବର୍ଷ ସାରା ଦୈନନ୍ଦିନ ତାପମାତ୍ରାରେ ଅତ୍ୟଧିକ ହ୍ରାସ-ବୃଦ୍ଧି ଘଟିବ । ଯଦି ପୃଥିବୀର ଆନତ କୋଣ ଏତେ ମାତ୍ରାରେ ବଦଳିବ ଯେ, ପୃଥିବୀର ପାର୍ଶ୍ୱ ଅବନତି ଶୂନ ହୋଇ ସିଧା ରହିବ । ତେବେ ସମ ଦିନ-ରାତି ଦେଖା ଦେବ ଏବଂ ଋତୁ ଚକ୍ର ରହିବ ନାହିଁ । ଚନ୍ଦ୍ର ହେଉଛି ବାସ୍ତବିକ୍ ପୃଥିବୀକୁ ଟଳମଳ ହେବାରୁ ରକ୍ଷା କରି ଷ୍ଟାବିଲାଇଜରର କାମ କରେ ଏବଂ ଋତୁଚକ୍ର ପରି ବୈଚିତ୍ର୍ୟ-ଭରା ଆନନ୍ଦର ଉପହାର ଦିଏ ।

ଚନ୍ଦ୍ର ଓ ପୃଥିବୀ ମଧ୍ୟରେ ଥିବା ଏହି ସମ୍ପର୍କକୁ 'ଟାଇଡାଲ ଲକିଂ' ଭାବେ ନାମକରଣ କରାଯାଉଛି । ଏହି ପ୍ରକାର ସମ୍ବନ୍ଧ ମଧ୍ୟ ପ୍ଲୁଟୋ ଓ ତା'ର ଉପଗ୍ରହ 'ଚାରୋନ' ମଧ୍ୟରେ ପ୍ରତିଷ୍ଠିତ (ଅବଶ୍ୟ ଗ୍ରହ ଭାବେ ପ୍ଲୁଟୋର ମାନ୍ୟତା ସଂପ୍ରତି ବିତର୍କିତ ।

ଆମେ ଯେମିତି ଆମ ଜୀବନକୁ ସରସ, ସୁନ୍ଦର ଓ ଉପଭୋଗ୍ୟ କରିବାକୁ ସାଥୀର ସାନ୍ନିଧ୍ୟ ଲୋଡୁ ; ଚନ୍ଦ୍ର ଓ ପୃଥିବୀ ମଧ୍ୟରେ ସେମିତି ବନ୍ଧୁତା ରହିଛି । ଯଦି କୌଣସି କାରଣରୁ ଚନ୍ଦ୍ର ଓ ପୃଥିବୀ ମଧ୍ୟରେ ବିଚ୍ଛେଦ ଘଟିବ, ଏହି ବିରହ-ବେଦନା ଦ୍ୱାରା ସମଗ୍ର ପୃଥିବୀବାସୀ ପ୍ରତିକ୍ଷଣ ବିଳପିବେ ।

ବିଶାଳ ସୌର ଜଗତରେ ଚନ୍ଦ୍ର ଓ ପୃଥିବୀର ଘନିଷ୍ଠ ସମ୍ପର୍କକୁ ପଦାର୍ଥ ବିଜ୍ଞାନବିତ୍‌ମାନେ 'ଟୁ-ବଡି-ପ୍ରବଲେମ୍' ବୋଲି ଅଭିହିତ କରିଛନ୍ତି । ତେବେ ଏହି ନିର୍ଜୀବ ସମ୍ବନ୍ଧର ମହତ୍ତ୍ୱ ଆମ ଆଖି ଆଗରେ ଉଦ୍‌ଭାସିତ ହୋଇଯାଏ, ଯେତେବେଳେ 'ଏକାଡେମିକ୍ କପୁଲ୍ସ' ବିଷୟ ଚିନ୍ତା କରୁ । କ୍ଲେମ୍ୟାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜେଣ୍ଡା ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଏକ ଗବେଷଣା ପ୍ରସୂତ ନିବନ୍ଧରୁ ସିଦ୍ଧ ହୁଏ ଯେ, ଶତକଡ଼ା ୭୦ ଭାଗ ଶିକ୍ଷା ଓ ଗବେଷଣା ସହ ସଂପୃକ୍ତ ବୃତ୍ତିଧାରୀ ସେମାନଙ୍କ ପରିସରରେ ଦାମ୍ପତ୍ୟ ତୁଲ୍ୟ ଅନ୍ତରଙ୍ଗ ସମ୍ପର୍କ ରଖିଥା'ନ୍ତି ଏବଂ ସେମାନଙ୍କ ଏହି ବନ୍ଧନ ଅତୁଟ ରଖିବାରେ କର୍ତ୍ତୃପକ୍ଷ ନୟାନ୍ତ ହୋଇଯାଆନ୍ତି । ସେମାନେ ନିଜ ଅନୁଭୂତିରୁ ବିଚ୍ଛେଦ ବେଦନାର ଯେଉଁ କରୁଣ ଚିତ୍ର ଦେବେ, ତାହାଠାରୁ ଆହୁରି ଅଧିକ ତୀବ୍ର ହେବ ପୃଥିବୀ-ଚନ୍ଦ୍ର ଯୋଡ଼ିର ଅନୁମତି ବିଚ୍ଛିନ୍ନତା । କିନ୍ତୁ ଏହା କ'ଣ ସମ୍ଭବ? ହୋଇପାରେ ମହାଜାଗତିକ କାରଣରୁ ପୃଥିବୀ ପାଖରୁ ଚନ୍ଦ୍ର ଖସି ଯାଇପାରେ!

-ମୋ: ୯୦୭୮୭୪୩୮୪୩

# ଉପକାରୀ ଆଖୁରସ



**ଶରୀର ପାଇଁ ବେଶ୍ ଉପକାରୀ ହେଉଛି ଆଖୁରସ । ଏଥିରେ ଭିଟାମିନ୍ ଏବଂ ନ୍ୟୁଟ୍ରିସନ୍ ଯଥା ପୋଟାସିୟମ୍, କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ମାଙ୍ଗାନିଜ୍, ରିବୋଫ୍ଲାବିନ୍ ଓ ଆମିନୋ ଏସିଡ୍ ଅଧିକ ପରିମାଣରେ ଭରି ରହିଛି । ମୁଖ୍ୟତଃ ଖରାଦିନେ ଏହାର ଚାହିଦା ଅଧିକ । ଗୋଟିଏ ଗ୍ଲାସ୍ ଆଖୁରସରେ ୧୮୦ କ୍ୟାଲୋରି ଓ ୩୦ ଗ୍ରାମର ଶର୍କରା ଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ତେବେ, ଆସନ୍ତୁ ଜାଣିବା ଏଥିରେ ଥିବା ଅନ୍ୟାନ୍ୟ ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ...**

- ଆଖୁରସ ପିଇବା ଦ୍ୱାରା କାର୍ଯ୍ୟ କରିବା ପାଇଁ ଶକ୍ତି ଏଥିରୁ ମିଳିଥାଏ ।
- ଶରୀରରେ ଶର୍କରାର ପରିମାଣ ଠିକ୍ ରଖିବାରେ କେତେକାଂଶରେ ସାହାଯ୍ୟ କରିଥାଏ ଆଖୁରସ ।
- ଏଥିରେ ଥିବା ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍ ଦାନ୍ତ ଓ ମାଢ଼ିକୁ ଦୃଢ଼ କରିଥାଏ ।
- ଆଖୁ ରସ ପିଇଲେ ତାହା ଲିଭର ପାଇଁ ମଧ୍ୟ ଉପକାରୀ । ଏହା ଲିଭରକୁ ଜୀବାଣୁ ସଂକ୍ରମଣରୁ କେତେକାଂଶରେ ରକ୍ଷା କରେ ।
- ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଭରି ରହିଛି । ଏହାକୁ ପିଇଲେ ତାହା କ୍ଷତ ସ୍ଥାନକୁ ପୂରଣ କରିବାରେ ସହାୟକ ହୋଇଥାଏ ।
- ଆଖୁରସ ପିଇଲେ ତାହା ହଜମ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରେ । ଏଥିରେ ପୋଟାସିୟମ୍ ଥିବାରୁ ପାକସ୍ଥଳୀକୁ ସଂକ୍ରମିତ ହେବାକୁ ଦେଇ ନ ଥାଏ ।
- ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅଷ୍ଟିଓପୋରୋସିସ୍, ଆଣ୍ଠୁ ଗଣ୍ଠି ବାତ ଆଦି ସମସ୍ୟାରୁ ମଧ୍ୟ ଏହା ସୁରକ୍ଷା ପ୍ରଦାନ କରେ ।
- ଏଥିରେ ଭିଟାମିନ୍-ସି ରହିଛି । ତେଣୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ ।
- ଏଥିରେ ଗ୍ଲାଇକୋ ଏସିଡ୍ ଥିବାରୁ ଏହା ଚର୍ମରେ ଥିବା କୋଷକୁ କ୍ଷୟ ହେବାକୁ ଦିଏ ନାହିଁ । ଚର୍ମରେ ଚମକ ଆଣିବାରେ ଏହା ସାହାଯ୍ୟ କରିଥାଏ ।
- ଶରୀରରେ ଯଦି କୋଲେଷ୍ଟରଲ୍ କିମ୍ବା ସୋଡିୟମ୍‌ର ପରିମାଣ କମିଯାଏ, ତେବେ ଆଖୁରସ ପିଇବା ଦ୍ୱାରା ଏହା ସନ୍ତୁଳିତ ଅବସ୍ଥାକୁ ଆସିଥାଏ ।



# ହାଇଟେକ୍ ଇଲେକ୍‌ଟ୍ରୋନିକ୍ କାର୍

ଗୋଟିଏ କାର୍ କ'ଣ ବିନା ଷ୍ଟପେଜ୍‌ରେ ୫୬,୦୦୦ କିମି ଚାଲିପାରେ ? ଏକଥା ଅବିଶ୍ୱାସ ହେଉଥିଲେ ମଧ୍ୟ ସତ । ଯୁକ୍ତରାଷ୍ଟ୍ର ଆମେରିକାରେ ଏପରି ଏକ ହାଇଟେକ୍ ଇଲେକ୍‌ଟ୍ରୋନିକ୍ କାର୍ ପ୍ରସ୍ତୁତ କରାଯାଇଛି । ତା'ସହ



ଏକାଥରେ ଉପରୋକ୍ତ ବାଟ ଅତିକ୍ରମ କରି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି କାର୍‌ଟିକୁ 'ଆଇଡି.୪ ଇଭି' ନାମରେ ନାମିତ କରାଯାଇଛି । ଏପରି ରାସ୍ତାକୁ ଉକ୍ତ କାର୍ ୯୭ ଦିନରେ ଅତିକ୍ରମ କରିବା ପରେ ଅଟକି ଥିଲା । କିନ୍ତୁ ବାଟରେ କାର୍‌ଟି କୌଣସି ସ୍ଥାନରେ ଅଟକି ନ ଥିଲା, ଯାହା ଆଲୋଚନା ପାଇଁ ବେଶ୍ ଖୋରାକ ଯୋଗାଇଛି । ଯୁକ୍ତରାଷ୍ଟ୍ର ଆମେରିକାର ୪୮ଟି ରାଜ୍ୟରେ ଏହି ହାଇଟେକ୍ କାର ଭ୍ରମଣ କରି ନିଜ କ୍ଷମତାର ପ୍ରଦର୍ଶନ କରିଛି ।

ପ୍ରସ୍ତୁତକାରୀ ସଂସ୍ଥା 'ହାର୍ଟିଙ୍ଗ୍ ଆମେରିକା'ର ମ୍ୟାନେଜିଂ ଡିରେକ୍ଟର ଜନ୍ ଡି ସୁଜୋ ଏ ସମ୍ପର୍କରେ କହନ୍ତି, ଥରେ ଚାର୍ଜ ହେଲେ ଏହା ଅନାୟାସରେ ପୁଣି ଥରେ ଚାର୍ଜ ହେବା ପର୍ଯ୍ୟନ୍ତ ପାଖାପାଖି ୫୫,୦୦୦ କିମିରୁ ଅଧିକ ବାଟ ଅକ୍ଳେଶରେ ଚାଲିପାରେ । ଏହି କାର୍‌ରୁ ଅଙ୍ଗାରକାମ୍ଳ ଗ୍ୟାସ୍ କମ୍ ନିର୍ଗତ ହେଉଥିବାରୁ ତାହା ପରିବେଶକୁ ପ୍ରଦୂଷିତ କରି ନ ଥାଏ । ତେବେ ଚାଲିବା ସମୟରେ ଯେପରି କୌଣସି ଯାନ୍ତ୍ରିକ ତ୍ରୁଟି ଦେଖା ନ ଯିବ, ସେଥିପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି ।'

# ସ୍ୱାସ୍ଥ୍ୟ ସୂଚନା



- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ । ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି । ସବୁବେଳେ ସକାରାତ୍ମକ ଚିନ୍ତନ କଲେ ଆମେ ମାନସିକ ସ୍ତରରେ ସୁସ୍ଥ ରହିପାରିବା ।
- ବ୍ରେକ୍‌ଫାଷ୍ଟ ତାଲିକାରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ ।
- ଅଧିକ ଲୁଣ ଓ ମିଠାଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ । ଏପରି ଖାଦ୍ୟ ଅଧିକ ଖାଇବା ଦ୍ୱାରା ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଉ । ତେଣୁ ଏପରି ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ ।
- ଘରେ ଯଦି ଫାଷ୍ଟ-ଏକ୍ସ ବକ୍ସ ରଖିଛନ୍ତି, ତେବେ ସେଥିରେ ଆବଶ୍ୟକ ସାମଗ୍ରୀ ଠିକ୍ ଅଛି କି ନାହିଁ ଦେଖି ନିଅନ୍ତୁ ।
- କୌଣସି ରୋଗର ଚିକିତ୍ସା କରିବା ସମୟରେ ଡାକ୍ତର ଯେଉଁ ମେଡିସିନ୍ ଖାଇବାକୁ ପରାମର୍ଶ ଦେଇଥା'ନ୍ତି, ତାହାକୁ ଖାଆନ୍ତୁ । ମନକୁ ମନ ସେହି ମେଡିସିନ୍ ବନ୍ଦ କରିବା ଠିକ୍ ନୁହେଁ ।

# କ୍ରନିକ୍ ରୋଗ ଓ ଛଣାତେଲ

ଆଜିକାଲି ଛଣାଛଣି ଏବଂ ଚଟପଟିଜାତୀୟ ଖାଦ୍ୟର ଚାହିଦା ଅଧିକ । ଅନେକେ ଏପରି ଖାଦ୍ୟ ପ୍ରସ୍ତୁତ ପାଇଁ ଆବଶ୍ୟକ ତେଲକୁ ଏକାଧିକ ଥର ବ୍ୟବହାର କରିଥାଆନ୍ତି । ଅନେକେ ବଳକା ତେଲକୁ ପୁଣି ଥରେ ଛଣାଛଣି ପାଇଁ ବ୍ୟବହାର କରନ୍ତି । ତେବେ ଏପରି ଖାଦ୍ୟ ଖାଦ୍ୟ ଖାଇଲେ ଆମେ ପେଟଜନିତ ରୋଗର ଶିକାର ହୋଇଥାଉ । ନିକଟରେ ୟୁନିଭର୍ସିଟି ଅଫ ସିଡ୍‌ନୀର ପୁଷ୍ଟିବିଜ୍ଞାନୀମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏପରି ତେଲ କ୍ରନିକ୍ ବା ଦୀର୍ଘକାଳୀନ ରୋଗ ପାଇଁ ଦାୟୀ । ମାତ୍ର ଏହା ଶରୀର ପାଇଁ କ୍ଷତିକାରକ । ଏପରି ତେଲରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ଏହି ତେଲରେ ଥିବା ବିଷାକ୍ତ ତତ୍ତ୍ୱ ଦୀର୍ଘକାଳୀନ ରୋଗ ସୃଷ୍ଟି କରିଥାଏ । ଅନ୍ୟପକ୍ଷରେ ଛଣାତେଲକୁ ଅଧିକ ଗରମ କରିବା ଦ୍ୱାରା ଏଥିରେ ଥିବା ଫ୍ୟାଟ ତତ୍ତ୍ୱ ଟ୍ରାନ୍ସ ଫ୍ୟାଟ୍‌ରେ ପରିଣତ ହୋଇଥାଏ, ଯାହା ହୃଦରୋଗ ପାଇଁ ଅନେକାଂଶରେ ଦାୟୀ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏପରି ତେଲରୁ ପ୍ରସ୍ତୁତ ଖାଦ୍ୟ ବାରମ୍ବାର ଖାଇବା ଦ୍ୱାରା ଲିଭର କ୍ୟାନ୍ସର ହେବାର ଯଥେଷ୍ଟ ଆଶଙ୍କା ରହିଛି ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ନଭେମ୍ବର ୨୨/୨୦୨୧ Sambalpur, Monday, November 22/ 2021

# ସବୁ ଦଳ ପହଞ୍ଚିଲେ, ଆଶାରେ ସ୍ପେନ



ଏଫଆଇଏଚ୍ ଓଡ଼ିଶା ହକି ଜୁନିୟର ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ସ୍ପେନ ଦଳ।

**ଭୁବନେଶ୍ୱର, ୨୧।୧୧ (କ୍ରୀଡ଼ା ପ୍ରତିନିଧି):** ଆଗାମୀ ଏଫ୍ଆଇଏଚ୍ ଓଡ଼ିଶା ହକି ଜୁନିୟର ବିଶ୍ୱକପ୍ ଖେଳିବା ପାଇଁ ଶେଷ ବିଦେଶୀ ଦଳଭାବେ ସ୍ପେନ୍ ରବିବାର ଭୁବନେଶ୍ୱରରେ ପହଞ୍ଚିଛି। ପୂର୍ବରୁ ଅନ୍ୟ ୧୪ଟି ଦଳ ପହଞ୍ଚି ସାରିଛନ୍ତି। ତେଣୁ ଆୟୋଜକ ଭାରତ ସମେତ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ ୧୬ଟି ଯାକ ଦଳ ଏବେ ଭୁବନେଶ୍ୱରରେ ଏକାଠି ହୋଇଛନ୍ତି। ଚଳିତ ମାସ ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ହେବ ଜୁନିୟର ହକି ବିଶ୍ୱକପ୍ର ଦ୍ୱାଦଶ ସଂସ୍କରଣ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ, ଏବେ କେବଳ ଟୁର୍ନାମେଣ୍ଟ ଆରମ୍ଭକୁ ଅପେକ୍ଷା।

"ଆମର ପ୍ରସ୍ତୁତି ଖୁବ୍ ଭଲ ହୋଇଛି। ଗ୍ରୀଷ୍ମ ସମୟରେ ଆମେ ୟୁରୋପରେ କେତେକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିଥିଲୁ। ଏହାପରେ ମାସେ ପୂର୍ବରୁ ସ୍ପେନ ଜାତୀୟ ଦଳ ବିପକ୍ଷରେ ମଧ୍ୟ ମ୍ୟାଚ ଖେଳି ଆମେ ନିଜକୁ ପ୍ରସ୍ତୁତ କରିଛୁ। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ଆମେ ଉନ୍ନତ ପ୍ରଦର୍ଶନ ନେଇ ଆଶାବାଦୀ'' ବୋଲି ସ୍ପେନ୍ ମୁଖ୍ୟ କୋଚ୍ ଆଲେଜାଣ୍ଡ୍ରୋ ସିରି ପ୍ରକାଶ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ତାଙ୍କ ଦଳ ଖେଳିବା ନେଇ ବ୍ୟଗ୍ର ଥିବା କଥା ମଧ୍ୟ ସେ କହିଛନ୍ତି। କରୋନା ମହାମାରୀ ସମୟରେ ଜୁନିୟର ହକି ବିଶ୍ୱକପ ଖେଳିବା ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବାରୁ ଆମେ ଗର୍ବିତ ବୋଲି ସେ ପ୍ରକାଶ କରିଛନ୍ତି। ଶନିବାର ଭୁବନେଶ୍ୱରରେ ପହଞ୍ଚିଥିବା ପାକିସ୍ତାନ ଦଳର ମୁଖ୍ୟ କୋଚ୍ ଡାନିଶ କଲିମ ମଧ୍ୟ ଆଗାମୀ ଟୁର୍ନାମେଣ୍ଟକୁ ନେଇ ବେଶ୍ ଉତ୍ସାହିତ। ''ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱସ୍ତରରେ ହକିକୁ ପ୍ରମୋଟ କରିବା ପାଇଁ କରୁଥିବା କାର୍ଯ୍ୟରେ ମୁଁ ବହୁତ ଖୁସି। ଆଗାମୀ ଟୁର୍ନାମେଣ୍ଟକୁ ନେଇ ଆମେ ବେଶ୍ ଉତ୍ସାହିତ। ଏହା ହକିପ୍ରତି ଲୋକପ୍ରିୟତା ବଢ଼ିବାରେ ସହାୟକ ହେବ'' ବୋଲି କଲିମ କହିଛନ୍ତି।

ଆଗାମୀ ଟୁର୍ନାମେଣ୍ଟ ପାଇଁ ସ୍ପେନ୍ ପୁଲ୍ 'ସି'ରେ ଦକ୍ଷିଣ କୋରିଆ, ନେଦରଲାଣ୍ଡ୍ସ ଓ ଆମେରିକା ସହିତ ସ୍ଥାନ ପାଇଛି। ୨୫ ତାରିଖରେ ଆମେରିକା ବିପକ୍ଷରେ ମ୍ୟାଚ ଖେଳି ଦଳ ଏହାର ଅଭିଯାନ ଆରମ୍ଭ କରିବ। ପରେ ୨୬ରେ ନେଦରଲାଣ୍ଡ୍ସ ଓ ୨୮ରେ ଦକ୍ଷିଣ କୋରିଆକୁ ଭେଟି ଗ୍ରୁପ ପର୍ଯ୍ୟାୟ ଶେଷ କରିବ। ଏହି ଗ୍ରୁପ୍ରୁ ଶ୍ରେଷ୍ଠ ୨ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ପୂର୍ବରୁ ସ୍ପେନ କେବେହେଲେ ଟାଇଟଲ ଜିତିବାର ସ୍ୱାଦ ପାଇନାହିଁ। ଦଳ ୨୦୦୫ରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏ ପର୍ଯ୍ୟନ୍ତ ସ୍ପେନର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି। ୧୯୭୯ରେ ଏହି ଦଳ ୯ମ, ୧୯୮୨ରେ ୭ମ, ୧୯୮୯ରେ ୮ମ, ୧୯୯୩ରେ ୭ମ, ୧୯୯୭ରେ ୮ମ, ୨୦୦୧ରେ ୫ମ, ୨୦୦୯ରେ ୮ମ, ୨୦୧୩ରେ ୧୩ତମ ଓ ୨୦୧୬ରେ ଦଳ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଏଥର କିନ୍ତୁ ଦଳ ପୂର୍ବ ପ୍ରଦର୍ଶନରେ ଉନ୍ନତି ଆଣି ଟାଇଟଲ ସ୍ୱାଦ ଚାଖିବା ଆଶାରେ ରହିଛି।

FIH ODISHA
HOCKEY MEN'S
JUNIOR WORLD CUP
BHUBANESWAR 2021



ରବିବାର କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ନେଦରଲାଣ୍ଡ୍ସ ଦଳର ଅଭ୍ୟାସ।

# ସୁରକ୍ଷିତ, ସଫଳ ଆୟୋଜନକୁ ଗୁରୁତ୍ୱ

ଭୁବନେଶ୍ୱର, ୨୧।୧୧ (କ୍ରୀଡ଼ା ପ୍ରତିନିଧି)

ଏଫ୍ଆଇଏଚ୍ ଓଡ଼ିଶା ହକି ଜୁନିୟର ବିଶ୍ୱକପ୍ ଆରମ୍ଭ ହେବା ପାଇଁ ଆଉ ମାତ୍ର ୨ ଦିନ ବାକିଥିବାରୁ ଏହାର ପ୍ରସ୍ତୁତି ସମ୍ପର୍କରେ ରବିବାର ସମୀକ୍ଷା କରିଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। କ୍ରୀଡ଼ାମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ପରିଦର୍ଶନ ସହ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ହକି ଇଣ୍ଡିଆର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କୋଭିଡ୍ ସମ୍ପର୍କିତ ସମସ୍ତ କାର୍ଯ୍ୟ, ନିରାପତ୍ତା, ଭିତ୍ତିଭୂମି, ବ୍ରଡକାଷ୍ଟିଂ ଏବଂ ଆତିଥେୟତା ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ଆଗାମୀ ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତିକୁ ନେଇ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ''ଅତ୍ୟାବଶ୍ୟକ ପ୍ରସ୍ତୁତି ଏବଂ ପ୍ରୋଟୋକଲ ଆଦି କାର୍ଯ୍ୟକାରୀ ହୋଇଛି। ସମୟ ଅନୁସାରେ ହୋଇଥିବା କାର୍ଯ୍ୟକୁ ନେଇ ମୁଁ ସନ୍ତୁଷ୍ଟ। ଆଗାମୀ ଇଭେଣ୍ଟକୁ ସୁରକ୍ଷିତ ଏବଂ ସଫଳତାର ସହ ସମ୍ପନ୍ନ କରିବାକୁ ଆମେ ଗୁରୁତ୍ୱ ଦେଉଛୁ। ହକି ଇଣ୍ଡିଆ ସହିତ ମିଶି ଓଡ଼ିଶା ଆଗାମୀ ପ୍ରତିଯୋଗିତାକୁ ସୁରୁଖୁରୁରେ ସମ୍ପନ୍ନ କରାଇବା ନେଇ ମୁଁ ଦୃଢ଼ ନିଶ୍ଚିତ। ସଫଳ ଆୟୋଜକଭାବେ ଏଥର ମଧ୍ୟ ଓଡ଼ିଶା ନିଜକୁ ପ୍ରମାଣିତ କରିବ'' ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଆଗାମୀ ଟୁର୍ନାମେଣ୍ଟ ପାଇଁ ୧୬ଟି ଯାକ ଦଳ ଭୁବନେଶ୍ୱରରେ ଏକାଠି ହୋଇ ସାରିଛନ୍ତି। ଉନ୍ନତ ପ୍ରଦର୍ଶନ ଲକ୍ଷ୍ୟ ନେଇ ସମସ୍ତ ଦଳ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ବିଶ୍ୱଶ୍ରେଣୀୟ। ସମସ୍ତ ଦଳ ଏଠାରେ ଖେଳିବା ନେଇ ଅତ୍ୟନ୍ତ ଉତ୍ସାହିତ ଏବଂ ଆଗ୍ରହ ପ୍ରକାଶ କରିଛନ୍ତି। ବିଭିନ୍ନ ଦଳର ଟ୍ରେନିଂ ଏବଂ ଅଭ୍ୟାସ ମ୍ୟାଚ ଆରମ୍ଭ ହୋଇ ସାରିଛି। କଳିଙ୍ଗ ଷ୍ଟାଡିୟମର ପରିବେଶ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

**ପ୍ରସ୍ତୁତି ସମୀକ୍ଷା କଲେ କ୍ରୀଡ଼ାମନ୍ତ୍ରୀ**



ଜୁନିୟର ହକି ବିଶ୍ୱକପ ଆୟୋଜନ ପାଇଁ କଳିଙ୍ଗ ଷ୍ଟାଡିୟମରେ ପ୍ରସ୍ତୁତି ସମୀକ୍ଷା ଅବସରରେ ରବିବାର କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ହକି ଇଣ୍ଡିଆର ଅଫିସିଆଲଙ୍କ ସହ ଆଲୋଚନା କରୁଛନ୍ତି।




# ଅଭ୍ୟାସ ମ୍ୟାଚ ପରିଚାଳନା ଦାୟିତ୍ୱରେ ନିଶାନ, ରାଜିନ





କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ମ୍ୟାଚ ପରିଚାଳନା ସମୟରେ ନିଶାନଜ୍ୟୋତି ମହାନ୍ତି ଓ ରାଜୀନ ଏକ୍କା।

**ଭୁବନେଶ୍ୱର, ୨୧।୧୧(କ୍ରୀଡ଼ା ପ୍ରତିନିଧି)** ଜୁନିୟର ହକି ବିଶ୍ୱକପର ଦ୍ୱାଦଶ ସଂସ୍କରଣକୁ ନେଇ ଉଷ୍ମତା ବଢ଼ିବାରେ ଲାଗିଛି। ପୂର୍ବରୁ ଭାରତୀୟ ଦଳର ଖେଳାଳିମାନେ ଏଠାରେ ଅଭ୍ୟାସ କରୁଥିବାବେଳେ ଏବେ ୧୫ଟି ବିଦେଶୀ ଦଳ ଆସି ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। କେବଳ ସେତିକି ନୁହେଁ ଦଳ ଗୁଡ଼ିକ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ ଏବଂ କିଟ୍ ହକି ଷ୍ଟାଡିୟମରେ ଅଭ୍ୟାସକୁ ଜୋରଦାର କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ମ୍ୟାଚ ଗୁଡ଼ିକୁ ପରିଚାଳନା କରୁଛନ୍ତି ନିଶାନ ଜ୍ୟୋତି ମହାନ୍ତି ଓ ରାଜିନ ଏକ୍କା। ଏ ଦୁଇଜଣ ପୂର୍ବରୁ ଜୁନିୟର ଓ ସିନିୟର ସ୍ତରରେ ଅନେକ ମ୍ୟାଚ ପରିଚାଳନା କରିବା ସହ ବିଭିନ୍ନ ସମୟରେ ଅଫିସିଆଲ ଦାୟିତ୍ୱ ତୁଲାଇବାର ଅଭିଜ୍ଞତା ରଖିଛନ୍ତି। ଦିନକୁ ୨-୩ଟି ଅଭ୍ୟାସ ମ୍ୟାଚରେ ଅମ୍ପାୟରିଂ କରିବାକୁ ପଡୁଛି। ପ୍ରତିଯୋଗିତା ସମୟରେ ମଧ୍ୟ ଆମକୁ ବିଭିନ୍ନ ଦାୟିତ୍ୱ ମିଳିବ। ଏପରି ଗୁରୁଦାୟିତ୍ୱ ଦିଆ ଯାଇଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ନିଶାନଜ୍ୟୋତି ପ୍ରକାଶ କରିଛନ୍ତି।




# ଆଇସ୍ ସ୍କେଟିଂରେ ଓଡ଼ିଶାର ପଦାର୍ପଣ

**ଭୁବନେଶ୍ୱର, ୨୧।୧୧(କ୍ରୀଡ଼ା ପ୍ରତିନିଧି)** ଆଇସ୍ ସ୍କେଟିଂ ପାଇଁ ଭିତ୍ତିଭୂମିର ଅଭାବ ସତ୍ତ୍ୱେ ଓଡ଼ିଶା ଏ ଦିଗରେ ଗୋଟିଏ ପାଦ ଅଗ୍ରସର ହୋଇ ଉଦାହରଣ ସୃଷ୍ଟି କରିଛି। ୨୦୨୨ ଜାନୁୟାରୀରେ ହେବାକୁଥିବା ଜାତୀୟ ଆଇସ୍ ସ୍କେଟିଂ ଚାମ୍ପିୟନଶିପ୍ରେ ଓଡ଼ିଶା ଭାଗନେବ। ତେଣୁ ପ୍ରଥମଥର ପାଇଁ ଦଳ ଜାତୀୟ ଆଇସ୍ ସ୍କେଟିଂ କ୍ୟାମ୍ପରେ ଅଂଶଗ୍ରହଣ କରିଛି। ଆଇସ୍ ସ୍କେଟିଂ ଏକ ଲୋକପ୍ରିୟ ଅଲିମ୍ପିକ୍ କ୍ରୀଡ଼ା। ଏହା ଭାରତରେ ୨୦୦୨ରେ ଆଇସ୍ ସ୍କେଟିଂ ଆସୋସିଏଶନ ଅଫ୍ ଇଣ୍ଡିଆ (ଆଇଏସ୍ଏଆଇ) ଦ୍ୱାରା ଆରମ୍ଭ ହୋଇଥିଲା। ଓଡ଼ିଶାରେ ଏହାର ଭିତ୍ତି ପକାଇଥିଲେ ପ୍ରତିଷ୍ଠିତ କୋଚ୍ ତଥା ପୂର୍ବତନ ରାଜ୍ୟ ଚାମ୍ପିୟନ ଏବଂ ଜାତୀୟ ଖେଳାଳି ପାର୍ଥ ସାରଥି ଜେନା। ଆଇସ୍ ସ୍କେଟିଂର ଜାତୀୟ କ୍ୟାମ୍ପ ହରିୟାଣା ଗୁରୁଗ୍ରାମର ଆଇସ୍କେଟଠାରେ ସୋମବାରଠାରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଓଡ଼ିଶା ଆଇସ୍ ସ୍କେଟିଂ ଆସୋସିଏଶନ (ଓଆଇଏସ୍ଏ) ସମ୍ପାଦକ ପାର୍ଥ ସାରଥି ପ୍ରକାଶ କରିଛନ୍ତି। ସ୍କେଟର ଅର୍ମାନ ସୁବୁଦ୍ଧି, ଅଶ୍ଳେଷ ପଣ୍ଡା, ସାଇ ଶ୍ରୀୟାଂଶୁ ରାଉତ, ଆଦିତ୍ୟ ମିଶ୍ର, ବୀରେନ ଦାସ, ଆର.ଏନ. ଆୟାନ, ସ୍ୱୟଂସୁ ଏସ. କାନୁନ୍‌ଗୋ, କୌସ୍ତୁଭ ପଟ୍ଟନାୟକ, କୃପା ଦୋଶୀ ଓ କୁଶି ଅଗ୍ରୱାଲ ଏବଂ କୋଚ୍ ସୁଶାନ୍ତ କୁମାର ସାହୁ ଓ ଅଫିସିଆଲ ଯତୀନ ପଣ୍ଡାଙ୍କୁ ନେଇ ଗଠିତ ଓଡ଼ିଶାର ୧୨ ଜଣିଆ ଦଳ ଜାତୀୟ କ୍ୟାମ୍ପରେ ଅଂଶଗ୍ରହଣ କରିବେ। ଓଡ଼ିଶା ସ୍କେଟିଂ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଟ୍ରେନିଂ କ୍ୟାମ୍ପରେ ଓଡ଼ିଶା ଦଳ ଅଭ୍ୟାସ କରିବା ପରେ ରବିବାର ଦିଲ୍ଲୀ ଯାତ୍ରା କରିଛି। ଆମେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କ୍ୟାମ୍ପରେ ଟ୍ରେନିଂ ଦେଇ ପିଲାମାନଙ୍କୁ ୮୦ ପ୍ରତିଶତ ପ୍ରସ୍ତୁତ କରିଛୁ। ଜାତୀୟ କ୍ୟାମ୍ପରେ ବରଫ କ୍ଷେତ୍ର ଉପରେ ଟ୍ରେନିଂ ନେଇ ସେମାନେ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବେ। ହଠାତ ଥଣ୍ଡା ପରିବେଶ ସହିତ ଖାପ ଖୁଆଇବା ଏବଂ ଭିନ୍ନ ଧରଣର ସ୍କେଟିଂ ସରଞ୍ଜାମରେ ବରଫ ଉପରେ ସ୍କେଟିଂ କରିବା ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ତେବେ ଓଡ଼ିଶା ଦଳର ଭଲ ପ୍ରଦର୍ଶନ ନେଇ ଆମେ ଆଶାବାଦୀ ଅଛୁ'' ବୋଲି ପାର୍ଥସାରଥି ପ୍ରକାଶ କରିଛନ୍ତି।



ଜାତୀୟ ଆଇସ୍ ସ୍କେଟିଂ କ୍ୟାମ୍ପରେ ଯୋଗ ଦେଇଥିବା ଓଡ଼ିଶାର ସ୍କେଟରମାନେ କର୍ମକର୍ତ୍ତାଙ୍କ ସହ।

# ଡବଲ୍ସରେ ଦୀପ୍ ରଞ୍ଜନଙ୍କୁ ସ୍ୱର୍ଣ୍ଣ ପଦକ

**ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

- ୩ଟି ଯାକ ଇଭେଣ୍ଟରେ ପ୍ରମୋଦ ରୌପ୍ୟରେ ସନ୍ତୁଷ୍ଟ

**ଭୁବନେଶ୍ୱର, ୨୧।୧୧ (କ୍ରୀଡ଼ା ପ୍ରତିନିଧି):** ଉଗାଣ୍ଡାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୀପ୍ ରଞ୍ଜନ ବିଷୋୟୀ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ତେବେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ୩ଟି ଯାକ ଇଭେଣ୍ଟ (ସିଙ୍ଗଲ୍ସ, ଡବଲ୍ସ, ମିକ୍ସଡ ଡବଲ୍ସ)ରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅର୍ବାଜ ଅନ୍‌ସାରୀଙ୍କୁ ସାଥିକରି ଡବଲ୍ସ ଖେଳିଥିବା ଦୀପ୍ ରଞ୍ଜନ ଫାଇନାଲରେ ବିଶ୍ୱର ନମ୍ବର ୱାନ ଯୋଡ଼ି ପ୍ରମୋଦ ଓ ମନୋଜ ସରକାରଙ୍କୁ ୧୦-୨୧, ୨୨-୨୦, ୨୧-୧୫ରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦୀପ୍ ରଞ୍ଜନଙ୍କର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ପଲକ କୋହଲି ଯୋଡ଼ି ନିଜ ଦେଶର ମାନସି ଜୋଶୀ ଓ ରୁଥିକ୍ ରଘୁପତିଙ୍କଠାରୁ ସିଧାସଳଖ ୧୯-୨୧, ୧୬-୨୧ରେ ହାରି ଯାଇଥିଲେ। ସେହିପରି ପ୍ରିୟ ଇଭେଣ୍ଟ ଏସଏଲ୍-୩ ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ନିଜ ଡବଲ୍‌ସ ଯୋଡ଼ି ମନୋଜ ସରକାରଙ୍କଠାରୁ ୧୯-୨୧, ୧୬-୨୧ରେ ପରାସ୍ତ ହୋଇଥିଲେ। କଠିନ ପରିଶ୍ରମର ଫଳ ମିଳିଛି। ସ୍ୱର୍ଣ୍ଣ ପଦକ ଜିତିଥିବାରୁ ସେ ବହୁତ ଖୁସି। କ୍ରୀଡ଼ା ବିଭାଗର ଆର୍ଥିକ ସହାୟତା ଯୋଗୁ ରାଜ୍ୟ ଖେଳାଳିମାନେ ଏବେ ଦେଶ ବିଦେଶରେ ପଦକ ଜିତିବା ସମ୍ଭବ ହୋଇ ପାରୁଛି ବୋଲି ବୋଲି ଦୀପ୍ ରଞ୍ଜନ କହିଛନ୍ତି।



ପଦକ ସହ ଦୀପରଞ୍ଜନ ବିଷୋୟୀ ଓ ପ୍ରମୋଦ ଭଗତ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ଧବଳେଶ୍ୱର ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ

ତୁଣ୍ଡଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିର ସର୍ବପୁରାତନ ଧବଳେଶ୍ୱର ମନ୍ଦିର ପରିସରରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପୃଥ୍ୱିରାଜ ଛାତ୍ରିଆଙ୍କ ନେତୃତ୍ୱରେ ବେଲଖଣ୍ଡି ପଞ୍ଚାୟତ ତଲଭଅାଁରା ଗ୍ରାମର ସମସ୍ତ ଯୁବକମାନଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଧବଳେଶ୍ୱର ମନ୍ଦିର ପରିସରରେ ଥିବା ସମସ୍ତ ଆବର୍ଜନା ସଫା କରି ମନ୍ଦିରରୁ ସୁନ୍ଦର ପରିବେଶ ସୃଷ୍ଟି କରିଥିଲେ। ସାମାଜିକ କର୍ମୀଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରସଂଶା କରାଯାଇଛି। ଏ ନେଇ ଆଗକୁ ମନ୍ଦିର ଉନ୍ନତି ପାଇଁ ଆହୁରି ମଧ୍ୟ ଚେଷ୍ଟା କରିବୁ ବୋଲି ସାମାଜିକ କର୍ମୀ ମତ ପ୍ରକାଶ କରିଛନ୍ତି।

# ବଢୁଛି କିଡ୍‌ନୀ ଆକ୍ରାନ୍ତଙ୍କ ସଂଖ୍ୟା

- ପ୍ରଭାବିତ ଗାଁ ବଲାରପାଲି ଯିବ ମେଡିକାଲ ଟିମ
- ଆମ ଆଦମୀ ପାର୍ଟି ଦେଲା ଆନ୍ଦୋଳନ ଚେତାବନୀ

ଦେଓଗାଁ,୨୧।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଲାରପାଲି ଗାଁରେ କିଡ୍‌ନୀ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏ ସଂକ୍ରାନ୍ତରେ ଦୃଷ୍ଟି ଦିଆଯାଉ ନ ଥିବାରୁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଆମ ଆଦମୀ ପାର୍ଟିର ଜଲା ଆବାହକ ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଉକ୍ତ ଗାଁକୁ ଯାଇ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଗାଁରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ। ନଳକୂପ ପାଣି ଅନୁଧ୍ୟାନ କରିବାରୁ ଏକ ଚିକଚିକ ତେଲିଆ ଅଂଶ ଭାସମାନ ହେଉଥିବା ନଜରକୁ ଆସିଥିଲା। ଗାଁର ପୋଖରୀ ପାଣି ମଧ୍ୟ ଦୂଷିତ ରହଛି। ପାନୀୟ ଜଳ ରୋଗର ମୁଖ୍ୟ କାରଣ ବୋଲି କୁହାଯାଉଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ସେମାନେ ବାଧହୋଇ ଏଭଳି ଦୂଷିତ ଜଳକୁ ପାନୀୟ ଭାବେ ବ୍ୟବହାର କରୁଥିବା ଗାଁଲୋକ ଅଭିଯୋଗ କରିଥିଲେ । ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ତଦନ୍ତ ପୂର୍ବକ ପଦକ୍ଷେପ ଗ୍ରହଣ ଏବଂ କିଡନୀ ରୋଗରେ ମୃତ୍ୟୁବରଣ କରିଥିବା ପରିବାରକୁ ସରକାରୀ ସହାୟତା ପ୍ରଦାନ ନ କଲେ ଆନ୍ଦୋଳନ କରାଯିବ ବୋଲି ଆବାହକ ପାଣ୍ଡେ ଚେତାବନୀ ଦେଇଛନ୍ତି। ତାଙ୍କ କହିବାନୁସାରେ ଗାଁର ଅର୍ଚ୍ଛ ସାହୁ, ପଙ୍କଜ ଛତ୍ରିଆ, ଟେକ ଭୋଇ, ସଜନା ମହାନନ୍ଦ ବର୍ତ୍ତମାନ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛି। ଇତିମଧ୍ୟରେ ଅନେକଙ୍କ ଜୀବନ ଯାଇ ସାରିଲାଣି। ଏହି ଅବସରରେ ଦଳୀୟ କର୍ମକର୍ତ୍ତାମାନେ ଏହି ରୋଗରେ ମୃତକଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ପାର୍ଟିର ଜିଲା ସମ୍ପାଦକ ଶଙ୍କର୍ଷଣ ମହାପାତ୍ର, ସୋସିଆଲ ମିଡିଆ ଦାୟିତ୍ୱରେ ଥିବା ଅଶୋକ ସୁନା, ଶିଶିର ସୁନା ଗସ୍ତ ସମୟରେ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁରେନ୍ଦ୍ର କୁମାର ପାରକିଆଙ୍କୁ ପଚାରିବାରୁ ମେଡିକାଲ ଟିମ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।


ବଲାରପାଲିରେ ଆମ ଆଦମୀ ପାର୍ଟିର କର୍ମକର୍ତ୍ତା ନଳକୂପ ପାଣିକୁ ନିରୀକ୍ଷଣ କରୁଛନ୍ତି ।

## ସଂକ୍ଷେପରେ

### ପଲିଥିନ ବ୍ୟବହାର ଉପରେ ଅଙ୍କୁଶ ନାହିଁ

ରୁପ୍ରାରୋଡ,୨୧।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ଅଞ୍ଚଳରେ ପଲିଥିନ ବ୍ୟବହାର ବୃଦ୍ଧି ପାଉଛି। ବ୍ୟବସାୟୀମାନେ ପଲିଥିନରେ ବିଭିନ୍ନ ସାମଗ୍ରୀ ଦେଉଥିବା ବେଳେ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବର୍ଷ ବର୍ଷ ଧରି ଖରାବର୍ଷା ଓ ମାଟିରେ ପଡ଼ିରହି ପଲିଥିନ ନଷ୍ଟ ହେଉନାହିଁ ବରଂ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ଚାଷ ଜମିରେ ପଡି ଫସଲର ଉତ୍ପାଦନ ହ୍ରାସ କରିବାରେ ସହାୟକ ହେଉଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏଥିପାଇଁ ସଚେତନତା ସୃଷ୍ଟି କରି ବିଭିନ୍ନ ଦୋକାନଗୁଡିକ ଉପରେ ଧରପଗଡ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ମୋ ପରିବାର ବିଜୁ ପରିବାର କାର୍ଯ୍ୟକ୍ରମ

ଜୁନାଗଡ,୨୧।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ମଣ୍ଡଠାରେ ରବିବାର ମୋ ପରିବାର ବିଜୁ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଜୁ ଜନତା ଦଳ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ରାଜ୍ୟର ବିକାଶ ପାଇଁ ସବୁବେଳେ ନବୀନ ସରକାର ଚେଷ୍ଟିତ ବୋଲି କହିବା ସହ ନବୀନଙ୍କ ବିକାଶକୁ ଦେଖି ଏବେ ବିରୋଧୀ ଛାନିଆ ବୋଲି କହିଥିଲେ। ପରେ ମନ୍ତ୍ରୀ ମିଶ୍ର ବରିଷ୍ଠ ନାଗରିକଙ୍କୁ ଜଗନ୍ନାଥଙ୍କ ଫଟୋ ଚିତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ବିଜେଡି ସଭାପତି ପ୍ରମୋଦ ବେହେରା, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତି, ଜିଲା ସମ୍ପାଦକ ଅଜୟ ବେହେରା, ତଳମଲା ସରପଞ୍ଚ ଦୁଶିଲା ମାଝି, ଅବସରପ୍ରାପ୍ତ ସେନା କର୍ମଚାରୀ ଦିପ୍ତି ଲୋଚନ ମୁଣ୍ଡ, ତାରାପ୍ରସାଦ ରାୟଗୁରୁ, ପଞ୍ଚାୟତ ସଭାପତି ଯୁଧିଷ୍ଠିର ବିଶ୍ୱାଳ ଉପସ୍ଥିତ ଥିଲେ। ମନ୍ତ୍ରୀ ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଭାଜପା କର୍ମୀ ମନ୍ତ୍ରୀ ବିଜେଡିରେ ସାମିଲ ହୋଇଥିଲେ।

### ବ୍ଲକସ୍ତରୀୟ ସମୀକ୍ଷା ବୈଠକ

ବଲାଙ୍ଗୀର ଅଫିସ,୨୧।୧୧: ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଇଓ ରାଘବ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୌଳିକ ସାକ୍ଷରତା ତାଲିମ, ପାଠ୍ୟ ଖସଡା ଅନୁଯାୟୀ ଆବଶ୍ୟକ ତାଲିମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପୁନଃ ବିଦ୍ୟାଳୟ ପ୍ରବେଶ, ପ୍ରାଥମିକ ବୃତ୍ତି, ମଧ୍ୟାହ୍ନ ଭୋଜନ, ବେସଲାଇନ ଟେଷ୍ଟ, ସ୍କୁଲ ଜମି ସଂକ୍ରାନ୍ତୀୟ କାଗଜାତ ସମ୍ପର୍କରେ ଆଲୋଚନା ହୋଇଥିଲା । ଇଟିଇଆଇର ଶିକ୍ଷକ ପ୍ରଶିକ୍ଷିକା ଡ. ସୁଧାଂଶୁବାଳା ତ୍ରିପାଠୀ ଜାତୀୟ ଶିକ୍ଷାନୀତି-୨୦ ପାଇଁ ସିଆରସିସି ପ୍ରଶିକ୍ଷଣ, ବ୍ଲକ ସ୍ତରୀୟ ତଥ୍ୟ ଫର୍ଦ୍ଦ ପ୍ରସ୍ତୁତି, ପିଲାଙ୍କ ଶୈକ୍ଷିକ ସ୍ତରର ମୂଳଦୁଆ, ବିକଳ୍ପ ଶିକ୍ଷାର ମୂଲ୍ୟାଙ୍କନ, ମୌଳିକ ସାକ୍ଷରତାର ଆବଶ୍ୟକତା, ଡିଜିଟାଲ ମାଧ୍ୟମରେ ଗଠନମୂଳକ ପାଠ୍ୟ ତଥ୍ୟ ସଂଗ୍ରହ ଓ ସଂରକ୍ଷଣ ଉପରେ ତାଲିମ ପାଇଁ ମତ ରଖିଥିଲେ। ବିଆରସିସି, ୧୪ ସିଆରସିସିଙ୍କ ସହ ନୀତି ଆୟୋଗର ୩ ଜଣ ସଦସ୍ୟ ଯୋଗ ଦେଇଥିଲେ । ଏବିଇଓ କୈଳାଶ କୁମ୍ବାର ସ୍ୱାଗତ ଭାଷଣ ଦେଇଥିଲେ ।

## ବିଜୁ ପଟ୍ଟନାୟକ ଖେଳ ପଡିଆ ଉଦ୍‌ଘାଟିତ


ମନ୍ତ୍ରୀ ଟୁକୁନୀ ସାହୁ ବିଜୁ ପଟ୍ଟନାୟକ ଖେଳ ପଡିଆକୁ ଉଦ୍‌ଘାଟନ କରୁଛନ୍ତି।

ଟିଟିଲାଗଡ଼,୨୧।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ସିହିନିଠାରେ ବହୁ ପ୍ରତିକ୍ଷୀତ ବିଜୁ ପଟ୍ଟନାୟକ ଖେଳ ପଡିଆ ରବିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପଡିଆର ଶୁଭ ଉଦ୍‌ଘାଟନ କରିଥିଲେ। ଏହିକ୍ରମରେ ରବିବାରଠାରୁ ପଡିଆରେ ମାଁ ଘଣ୍ଟାସୁନୀ ଫୁଟବଲ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିଲା। ବଲାଙ୍ଗୀର ଏବଂ ଚିଚର୍ଲା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଚିଚର୍ଲା ବିଜୟୀ ହୋଇଛି। ଚିଚର୍ଲାର ପପ୍ପୁ ମାଝୀ ଏକମାତ୍ର ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ରେଫରି ଛବି ନାୟକ, ମୋହନ ପ୍ରଧାନୀ, ପିଙ୍କୁ ଚିନ୍ଦା, ଯଶୋବନ୍ତ ମାଝୀ ଖେଳ ପରିଚାଳନା କରିଥିଲେ। ବିଜେଡି ନେତା ପ୍ରମୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସାହୁ ରାଜ୍ୟ ସରକାର କ୍ରୀଡାର ଭିତ୍ତିଭୂମି ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିବା କହିଥିଲେ। ସ୍ଥାନୀୟ ସରପଞ୍ଚ ବୀରବର ସାହୁ ପଡିଆର ପାଚେରି ସମ୍ପୂର୍ଣ୍ଣ ପାଇଁ ପାଣ୍ଠି ପ୍ରଦାନ କରିବାକୁ ମନ୍ତ୍ରୀଙ୍କଠାରେ ଦାବି ରଖିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବୀନ ଚନ୍ଦ୍ର ନାୟକ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ହରିନାରାୟଣ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: କିକିଆ ବିଜୟୀ

କେସିଙ୍ଗା,୨୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହର ସିଡନୀ କ୍ରିକେଟ ଖେଳ ପଡ଼ିଆରେ ୬ଷ୍ଠତମ ଜୟ ବୁଢ଼ାରଜା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ଉକ୍ରେଲ ଏବଂ କିକିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଉକ୍ରେଲ ୯୯ ରନ୍ ସଂଗ୍ରହ କରିଥିଲା। ଜବାବରେ କିକିଆ ଦଳ ୮.୩ ଓଭରରେ ୧୦୦ ରନ୍ କରି ବିଜୟୀ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ଉପସଭା ନେତ୍ରୀ ମୋତି କୈବର୍ତ୍ତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କହିଥିଲେ। ଉତ୍ସବରେ କମିଟି ସଭାପତି ମଧୁ ସାହୁ, ଉପସଭାପତି ଶ୍ୟାମ ତାଣ୍ଡି, ସମ୍ପାଦକ ଟଙ୍କଧର ନାଗଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସନ୍ତୋଷ ଦଣ୍ଡସେନା ଓ ଜ୍ୟୋତି ନାଏକ ମଞ୍ଚ ପରିଚାଳନା କରିଥିଲେ। ଫାଇନାଲ ଖେଳରେ ଚାମ୍ପିୟନ ଦଳକୁ ୧୧ ହଜାର ୧୧ ଶହ ୧୧ ଟଙ୍କା ସହ ଟ୍ରଫି, ଉପବିଜେତା ଦଳକୁ ୬୬୬୬ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଜୟ ବୁଢ଼ାରଜା କପ୍ କ୍ରିକେଟ ପକ୍ଷରୁ ସୂଚନା ଦିଆଯାଇଛି। ଖେଳ ପ୍ରାରମ୍ଭିକ ପୂର୍ବରୁ ବୁଢ଼ାରଜାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଟୁର୍ନାମେଣ୍ଟରେ ୨୪ଟି ଦଳ ଯୋଗଦେଇଛନ୍ତି।


ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ଜିଲା କାରାଗାରରେ ଚକ୍ଷୁ ଚିକିତ୍ସା ଶିବିର

ବଲାଙ୍ଗୀର ଅଫିସ, ୨୧।୧୧

ବଲାଙ୍ଗୀର ଜିଲା ସୁନେତ୍ର ଓ ଜିଲା ଅନ୍ଧତ୍ୱ ନିରାକରଣ ସମିତି ପକ୍ଷରୁ ଜିଲା କାରାଗାର ଅନ୍ତେବାସୀଙ୍କ ପାଇଁ ଏକ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୧୦୫ ଜଣ ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବିଭିନ୍ନ ଚକ୍ଷୁ ରୋଗରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରାଯାଇ ଔଷଧ ପରାମର୍ଶ କରାଯାଇଥିଲା। ଚକ୍ଷୁ ପରୀକ୍ଷାରେ ଦୃଷ୍ଟିଦୋଷ ଥିବା ୩୯ ଜଣଙ୍କୁ ମାଗଣାରେ ସୁନେତ୍ର ଚଷମା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଜୟନ୍ତ ପଟେଲ, ଚକ୍ଷୁ ସହାୟକ କୈଳାସ ସାମଲ ଓ ଡିଇଓ ବାସୁଦେବ ମିଶ୍ର ପରିଚାଳନା କରିଥିଲେ।



ଶିବିରରେ ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

## ଗୋଁଣ୍ଡ ମହାସଭାର ସଚେତନତା ସଭା



ମହାସଭାରେ ମଞ୍ଚାସୀନ ଅତିଥିମାନେ।

ଦେଓଗାଁ,୨୧।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲିଆବାହାଲ ପଲ୍ଲୀ ଆୟୋଜନ ସମିତି ସାଲେପାଲି ଆନୁକୂଲ୍ୟରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ସାଲେପାଲି ପଞ୍ଚାୟତସ୍ତରୀୟ ସଂଗଠନର ସଚେତନତା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସୁଦାମ ଚରଣ ବିଶିଙ୍କ ସଂଯୋଜନା ତଥା କୁଳମଣି ପୁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଦିକନ୍ଦ ଭୋଇ, ଚନ୍ଦ୍ରଶେଖର କୁଅଁର, ହେମସାଗର ଭୋଇ, ଦଶରଥ ଛତ୍ରିଆ, ଗୋପାଳ ମାଝୀ, ରୋହିତ ଭୋଇ, ବ୍ଲକ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆ, ପୁରନ୍ଦର ଭୋଇ, ଦାଶରଥି ଭୋଇ, ସତ୍ୟ ଦଳପତି, ସୁବାଷ ଚନ୍ଦ୍ର ଭୋଇ, ଦ୍ରୌପଦୀ ପୁଟା, ଯାଜ୍ଞସେନୀ ନେଟୀ ମଞ୍ଚାସୀନ ଥିଲେ। ସରକାରୀ ଯୋଜନାର ସୁଫଳ କିପରି ସମାଜର ସଦସ୍ୟମାନେ ପାଇ ପାରିବେ, ସର୍ବୋପରି ମହାସଭାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦାଶରଥି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥିଲେ। ପରେ ରୀତିନୀତି ଅନୁସାରେ ବଡଦେଓଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବିଭୀଷଣ ଧରୁଆ ପୂଜକ ଦାୟିତ୍ୱ ତୁଲାଇଥିଲେ। ସଭା ପ୍ରାରମ୍ଭରେ ମୁଖ୍ୟ ଅତିଥି ଭୋଇ ଜୟ ଗୋଁଣ୍ଡୱାନା ପତାକା ଉତ୍ତୋଳନ କରିଥିଲେ। ପରେ ମହାସଭାର ପଞ୍ଚାୟତସ୍ତରୀୟ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ବୋଡେନ,୨୧।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟଠାରେ ରବିବାର ଜାତୀୟ ସେବା ସଂସ୍ଥା ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜାତୀୟ ସେବା ସଂସ୍ଥା ୟୁନିଟ ୧ କାର୍ଯ୍ୟକ୍ରମ ଅଧୀକାରୀ ଡ. କିଶୋର କୁମାର କର୍ଣ୍ଣଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥା ନୂଆପଡା ଜିଲା କାର୍ଯ୍ୟକ୍ରମ ଅଧୀକାରୀ ସନ୍ତୋଷ କୁମାର ମୁଣ୍ଡ, ଡିଗ୍ରୀ କଲେଜ ୟୁନି ୨ର କାର୍ଯ୍ୟକ୍ରମ ଅଧିକାରୀ ଖୁସବୁ ମେହେର, ଯୁବ ରେଡକ୍ରସ ସଂଯୋଜକ ନେତରାମ ହଂସ, ଅଧ୍ୟପିକା ବିଜେତା ଚାଉଲିଆ ଓ କେତକି ମେହେର ଉପସ୍ଥିତ ରହି ଭୋଟର ସଂଯୋଗିକରଣ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ଓ ଅଧ୍ୟପକ ଅଧ୍ୟାପିକା ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ।



ଛାତ୍ରୀଛାତ୍ରମାନଙ୍କ ଭୋଟର ସଚେତନତା ଶୋଭାଯାତ୍ରା।

## ଫୁଟବଲ ଟୁର୍ନାମେଣ୍ଟ: ଚିତ୍ରକୂଟ ଚାମ୍ପିୟନ

ଜୁନାଗଡ,୨୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମିଚାଗାଁ ମା' ମାଉଳି ଖେଳ ପଡିଆଠାରେ ଗତ ୧୫ ତାରିଖରୁ ଚାଲିଥିବା ଗୌରୀ ଶଙ୍କର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଚିତ୍ରକୂଟ (ନବରଙ୍ଗପୁର) ଓ ଟର୍କଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚିତ୍ରକୁଟ ଟର୍କଲାକୁ ୩ ଗୋଲ ଦେଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌ରେ ରେଫରି ଭାବେ ନବୀନ ନାଏକ ଦାୟିତ୍ୱ ତୁଲାଇଥିବା ବେଳେ ଚଞ୍ଚଳ ମାଝି, ରମେଶ ପ୍ରଧାନ, ନବୀନ ଚଳାନ ସହଯୋଗ କରିଥିଲେ। ନବୀନ ପ୍ରଧାନୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯାଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୂର୍ବତନ ପୌରାଧ୍ୟକ୍ଷ ଆଦିତ୍ୟ ନନ୍ଦ, ଜୁନାଗଡ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମି ରଞ୍ଜନ ନାଏକ, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଅବସରପ୍ରାପ୍ତ ସେନା କର୍ମଚାରୀ ଦିପ୍ତି ଲୋଚନ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଆରମ୍ଭରୁ ଶେଷ ଯାଏ ରୋହିତ ସରାଫ, ହରଦିଶ ସରାଫ, ନବୀନ ପ୍ରଧାନୀ, ଯୁଧିଷ୍ଠିର ପ୍ରଧାନୀ, ମୁନିଅର ମାଝି, ହୀରାଲାଲ ବିଶ୍ୱାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।


ଉଦ୍‌ଯାପନୀ ସମାରୋହରେ ଚାମ୍ପିୟନ ଟିମ୍‌ର ଖେଳାଳିଙ୍କ ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ଅନ୍ୟ ଅତିଥିବୃନ୍ଦ ।

## ଥାନାରେ ଏତଲା ଦେଲା ଆଦିବାସୀ କଲ୍ୟାଣ ସଂଘ

ଲୋଇସିଂହା,୨୧।୧୧(ଡି.ଏନ.ଏ)

ଆଦିବସୀ ମହିଳାଙ୍କ ବିରୋଧରେ ମନ୍ତବ୍ୟ ଦେବା ଅଭିଯୋଗ କରି ଆଦିବସୀ କଲ୍ୟାଣ ସଂଘ ଲୋଇସିଂହା ଶାଖା ତରଫରୁ ଝାରସୁଗୁଡା ଏସ୍‌ପି ବିକାଶ ଚନ୍ଦ୍ର ଦାସଙ୍କ ବିରୋଧରେ ସ୍ଥାନୀୟ ଥାନାରେ ରବିବାର ଏତାଲା ଦିଆଯାଇଛି। ନଭେମ୍ବର ୩ରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ସଭ୍ୟ ଅନନ୍ତ ଚରଣ ନାୟକ ଝାରସୁଗୁଡା ଗସ୍ତ କରି ସର୍କିଟ ହାଉସଠାରେ ଝାରସୁଗୁଡା ପ୍ରଶାସନ ଦ୍ୱାରା ଆଦିବାସୀଙ୍କ ଜୀବନଯାପନ ବିରୋଧରେ କରାଯାଇଥିବା ବେଆଇନ କାମ ଏବଂ ଆଟ୍ରୋସିଟି ମାମଲାଗୁଡିକର ସମୀକ୍ଷା କରିଥିଲେ। ଶତାଧିକ ଆଟ୍ରୋସିଟି ମାମଲା ଫାଇସଲା ନ ହୋଇ ପଡି ରହିଥିବା କାରଣ ଜାଣିବାକୁ ଚାହିଁଥିଲେ ଆୟୋଗ ସଭ୍ୟ ନାୟକ । ଉତ୍ତରରେ ଏସ୍‌ପି ଦାସ କହିଥିଲେ ଯେ, ଆଦିବାସୀ ମହିଳାମାନେ ଅର୍ଥ ପାଇଁ ଆଟ୍ରୋସିଟି କେସ କରୁଥିବାରୁ ଏହାର ସଂଖ୍ୟା ବଢି ଚାଲିଛି। ଏହି ମନ୍ତବ୍ୟ ଆଦିବାସୀଙ୍କୁ ଆଘାତ ଦେଇଥିବା ଏତାଲାରେ ସଂଘ ଦର୍ଶାଇଛି। ତୁରନ୍ତ ମାମଲା ରୁଜୁ କରିବାକୁ ସଂଘ ଜିଲା ଉପସଭାପତି ଶ୍ୟାମସୁନ୍ଦର ଭୋଇ, ଲୋଇସିଂହା ବ୍ଲକ ସଭାପତି ଦଶରଥ ଛତ୍ରିଆ, ସହସମ୍ପାଦକ ଗୋପାଳ ପଧାନ, ଲଳିତ ମୋହନ ପୁଟା, ରକ୍ଷଣ ଧରୁଆ, ଭୁବନେଶ୍ୱର ଧରୁଆ, ପୂର୍ଣ୍ଣଚନ୍ଦ୍ର ଭୋଇ, ଚନ୍ଦ୍ରଶେଖର କୁଅଁର, ଦେବାଶିଷ ବିଶୋଇ ପ୍ରମୁଖ ଦାବି କରିଛନ୍ତି।

## ରେଳ ଫାଟକ ରାସ୍ତାରେ ବ୍ରିଜ ନିର୍ମାଣ ଦାବି

ଲାଠୋର, ୨୧।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋରରେ ଥିବା ରେଳ ଫାଟକ ଏବେ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଲାଠୋର ଗାଁ ମଝିରେ ଥିବା ଏହି ଫାଟକ ଟ୍ରେନ ଚଳାଚଳ ଯୋଗୁ ଅଧିକାଂଶ ସମୟ ବନ୍ଦ ରହିଥାଏ। ଫାଟକର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥାଏ। ଅପରପକ୍ଷେ ରବିବାର ଏବଂ ବୁଧବାର ଲାଠୋରରେ ସାପ୍ତାହିକି ହାଟ ବସୁଥିବାରୁ ଫାଟକ ନିକଟରେ ଅଧିକ ଭିଡ ପରିଲକ୍ଷିତ ହୋଇଥାଏ। ଏହି ପରିସ୍ଥିତିରେ ଏଠାରେ ଓଭର ବ୍ରିଜ କିମ୍ବା ଭୂତଳ ରାସ୍ତା ନିର୍ମାଣ କଲେ ସମସ୍ୟାର ସମାଦାନ ହୋଇ ପାରନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ରେଳ ବିଭାଗ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ଭାଜପାର ଦସ୍ତଖତ ଅଭିଯାନ

ଲୋଇସିଂହା,୨୧।୧୧(ଡି.ଏନ.ଏ.)

ମମିତା ମେହେର ଅପହରଣ, ହତ୍ୟା ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବଷ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି କରିଛି ଭାଜପା। ଏହି ପରିପ୍ରେକ୍ଷୀରେ ମଣ୍ଡଳ ସଭାପତି ସରୋଜ ସାହୁଙ୍କ ନେତୃତ୍ୱରେ ଲୋଇସିଂହାଠାରେ ଦଳ ପକ୍ଷରୁ ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ରବିବାର କରାଯାଇଥିଲା। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସାମିଲ ହୋଇଥିଲେ । ମମିତା ହତ୍ୟା ଘଟଣାରେ ୨ ଜଣକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଘଟଣାରେ ମନ୍ତ୍ରୀ ମିଶ୍ରଙ୍କ ସମ୍ପୃକ୍ତ ରହିଥିବା ଭାଜପା ଅଭିଯୋଗ କରି ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଦବି କରି ଆସୁଛି।

## ପୋଲିସ ପକ୍ଷରୁ ଦାଦନ ଶ୍ରମିକ ଉଦ୍ଧାର

ନୂଆପଡ଼ା ଅଫିସ,୨୧।୧୧

ହାଇଦ୍ରାବାଦକୁ ଚାଲାଣ ବେଳେ ୧୧ଜଣ ଦାଦନ ଶ୍ରମିକଙ୍କୁ ନୂଆପଡା ଜିଲା କୋମନା ପୋଲିସ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୬ଜଣ ମହିଳାପୁରୁଷ ଥିବା ବେଳେ ୫ଜଣ ଶିଶୁ ଅଛନ୍ତି। ଜିଲା ଶ୍ରମ ଅଧିକାରୀଙ୍କ ତଦନ୍ତ ପରେ ଉଦ୍ଧାର ଶ୍ରମିକମାନଙ୍କୁ ନିଜ ନିଜ ଗାଁକୁ ପଠାଯାଇଥିବା ଜଣାପଡ଼ିଛି। କୋମନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ପଡୋଶୀ ବଲାଙ୍ଗୀର ଜିଲା ହରିଶଙ୍କର ରୋଡ୍ ରେଳଷ୍ଟେଶନରେ ଚଢ଼ାଉ କରିଥିଲା। ସେଠାରୁ ହାଇଦ୍ରାବାଦ ଏକ ଇଟାଭାଟିକୁ ଯିବା ପାଇଁ ପ୍ରସ୍ତୁତ ଥିବା ୧୧ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଶ୍ରମିକମାନେ ହେଲେ ଟିମନ ଶବର (୪୧), ଶାନ୍ତି ଶବର (୩୯), ହିରା (୨୨), ଚୈତନ୍ୟ (୨୧), ଗୌରାଙ୍ଗ (୪୧), ଦ୍ରୌପତୀ (୩୯)। ଏମାନେ ସମସ୍ତେ ପେଣ୍ଡରାବନ ପଞ୍ଚାୟତ ପଲସିପାଣି ଗାଁର ବୋଲି ଜଣାପଡିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୨ ନଭେମ୍ବର, ୨୦୨୧



**୭୨କେଜି ଗଞ୍ଜେଇ ସହ ବୋଲେରୋ ଜବତ**

ବିନିକା,(ଡି.ଏନ୍.ଏ): ସୁବର୍ଣ୍ଣପୁର-ବିନିକା ମୁଖ୍ୟରାସ୍ତାର କର୍ଡଙ୍ଗ ଗାଁ ଛକଦେଇ ଚୋରାଚାଲାଣ ବେଳେ ୭୨କେଜି ଗଞ୍ଜେଇ ସହ ଏକ ବୋଲେରୋକୁ ଅବକାରୀ ବିଭାଗ ଜବତ କରିଛି। ଏଥି ସହ ଗାଡି ଚାଳକ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବହିରା ଗ୍ରାମର ସୀତ ବାଦୀଙ୍କୁ ଗିରଫ କରାଯାଇଛି। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜିଲା ଅବକାରୀ ଅଧୀକ୍ଷକ ସାମୁଏଲ ଏକ୍କାଙ୍କ ନିର୍ଦ୍ଦେଶରେ ବିନିକା ଓ ସୋନପୁର ଅବକାରୀ ବିଭାଗ ମିଳିତଭାବେ ଏହି ଚଢ଼ାଉ କରିଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଶନିବାର ଅବକାରୀ ବିଭାଗ ଆଖିଦାଦର ଗାଁର ନାରାୟଣ ସାହୁଙ୍କ ଘରେ ଚଢ଼ାଉ କରି ୫୦ଲିଟର ଦେଶୀ ଚୋରାମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଗାଡି ସହ ଶାଗୁଆନ ପଟା ଜବତ: ଚାଳକ ଫେରାର

ତଳଗାଁ,୨୧।୧୧(ଡି.ଏନ.ଏ.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମାଧପୁର ରେଞ୍ଜର ଗଣ୍ଡାପଜୁ ନିକଟରୁ ରବିବାର ଶାଗୁଆନ ପଟ୍ଟା ଜବତ ହୋଇଛି। ପ୍ରକାଶ ଯେ, ଶନିବାର ରାତି ୧୨ଟାରେ ତଳଗାଁ ସେକସନ୍ ଅଞ୍ଚଳରୁ ଏକ ଅଟୋରେ ଶାଗୁଆନ ପଟ୍ଟା ବାହରକୁ ଚାଲାଣ (ନଂ ଓଡି-୨୫ ଏଫ ୯୭୭୧) ହେଉଥିବା ଗଣ୍ଡାପାଜୁର ନେତାଜୀ ଯୁବକ ସଂଘ କର୍ମକର୍ତ୍ତା ଖବର ପାଇ ରାସ୍ତାରେ ଛକି ରହିଥିଲେ। ଏହି ସମୟରେ ଅଟୋଟି ଦ୍ରୁତଗତିରେ ଆସୁଥିବା ବେଳେ ଯୁବକମାନେ ଅଟକାଇଥିଲେ। କିନ୍ତୁ ଚାଳକ କୌଶଳକ୍ରମେ ପଳାଇଥିଲେ। ଏହି ସମୟରେ ବାରିଙ୍ଗ ସେକସନ ଓ ବାଣିଗୋଛା ପଶ୍ଚିମ ବନ୍ୟପ୍ରାଣୀର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ଜାଣିପାରି ଯୁବକମାନେ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଟୋରୁ ୧୧ ଫାଳ ଶାଗୁଆନ ପଟ୍ଟା ସହ ଅଟୋକୁ ଜବତ କରିଥିଲେ। ପ୍ରକାଶଥାଉ କି ତଳଗାଁ ଅଞ୍ଚଳରୁ ବାରମ୍ବାର କାଠ ଚୋରି ହେଉଥିଲେ ମଧ କର୍ମଚାରୀମାନେ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଛି।

### ଧାନ କାଟିବାକୁ ଆସିଥିବା ହାର୍ଭେଷ୍ଟର ଜଳିଗଲା

ବିନିକା,୨୧।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଲାଟି ଗ୍ରାମକୁ ଧାନ କାଟିବା ପାଇଁ ଆସିଥିବା ଏକ ହାର୍ଭେଷ୍ଟର ରବିବାର ସକାଳେ ଜଳି ଯାଇଛି। ବୀରମହାରାଜପୁର କର୍ଣ୍ଣପାଲିର ରଞ୍ଜନ ବଘାରଙ୍କ ହାର୍ଭେଷ୍ଟର ଶନିବାର ଏଠାକୁ ଧାନ କାଟିବା ଆସି ଥିଲା। ଡ୍ରାଇଭର ମେଶିନକୁ ଗାଁମୁଣ୍ଡରେ ରଖିଥିଲେ। ସୂଚନା ପାଇ ବିନିକା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ମେଶିନ ସମ୍ପୂର୍ଣ୍ଣ ଜଳି ଯାଇଥିଲା।

### ୭୪ ଶିଶୁଙ୍କ ହୃଦ୍‌ରୋଗ ପରୀକ୍ଷା

ବରଗଡ଼ ଅଫିସ୍,୨୧।୧୧: ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଶନିବାର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ପକ୍ଷରୁ ଶିଶୁଙ୍କ ହୃଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ହୃଦ୍‌ରୋଗ ଚିକିତ୍ସକ ଡା. ସୁମନ୍ତ ଶେଖର ପାଢ଼ୀ, ଡା. ପି. କେ ହରିକୁମାରଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ଶିଶୁମାନଙ୍କ ହୃଦରୋଗ ଚିକିତ୍ସା କରିଥିଲେ। ପରବର୍ତ୍ତୀ ସମୟରେ ରାୟପୁରସ୍ଥିତ ନାରାୟଣ ହୃଦାଳୟ ହସ୍ପିଟାଲକୁ ଅସ୍ତ୍ରୋପଚାର ପାଇଁ ଆବଶ୍ୟକସ୍ଥଳେ ହୃଦରୋଗ ଆକ୍ରାନ୍ତ ଶିଶୁଙ୍କୁ ପଠାଯିବ ବୋଲି ସୂଚନା ଦିଆଯାଇଛି। ଆରବିଏସ୍‌କେ ହେଲ୍‌ଥ ଟିମ୍ ଦ୍ୱାରା ୭୪ଜଣ ଶିଶୁ ଶିବିରକୁ ଆସିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୈତ୍ୟ ନାରାୟଣ ପାଢ଼ୀ, ଶିଶୁରୋଗ ବିଶେଷଜ୍ଞ ଡା. ମନୋଜ କୁମାର ଅଦାବର, ଏନ୍‌ଏଚ୍‌ଏମ୍‌ର ଡିପିଏମ୍ ଶଙ୍କର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆରବିଏସ୍‌କେ ମ୍ୟାନେଜର ରାକେଶ କୁମାର ମହାପାତ୍ର ଏବଂ ଅନ୍ୟ କର୍ମଚାରୀବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୃଷି ଶ୍ରମିକଙ୍କୁ ମିଳୁନି କାମ

ବରଗଡ଼ ଅଫିସ୍,୨୧।୧୧

କରୋନା ପାଇଁ ଲକ୍‌ଡାଉନ, ଶଟ୍ ଡାଉନ କଟକଣା ଯୋଗୁ ଶ୍ରମିକଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ବର୍ତ୍ତମାନ ଏହି କଟକଣା ଉଠିଯାଇଥିଲେ ମଧ ଶ୍ରମିକଙ୍କୁ କାମ ମିଳିପାରିନାହିଁ। କର୍ମ ଅନ୍ୱେଷଣରେ ସେମାନଙ୍କୁ ହଟହଟା ହେବାକୁ ପଡୁଛି। ବରଗଡ଼ ଜିଲାରେ ଧାନ ଅମଳ ଚାଲିଥିବାରୁ ଏଠାକୁ ପଡ଼ୋଶୀ ରାଜ୍ୟ, ଜିଲାରୁ କୃଷି ଶ୍ରମିକଙ୍କ ସୁଅ ଛୁଟୁଛି। ତେବେ ଗତବର୍ଷ କଟକଣା ଯୋଗୁ ଶ୍ରମିକଙ୍କ ଅଭାବ ପରିଲକ୍ଷିତ ହୋଇଥିଲା। ଫଳରେ ଚାଷୀମାନେ ହାର୍ଭେଷ୍ଟର ଯୋଗେ ଧାନ ଅମଳ କରିଥିଲେ। ତେଣୁ ଏଥର ମଧ୍ୟ ଜିଲାରେ ହାର୍ଭେଷ୍ଟର ସାହାଯ୍ୟରେ ଧାନ ଅମଳ କରାଯାଉଛି। ଅପରପକ୍ଷେ କର୍ମ ଅନ୍ୱେଷଣରେ ଆସିଥିବା କୃଷି ଶ୍ରମିକଙ୍କୁ ପୂର୍ବଭଳି କାମ ମିଳୁ ନ ଥିବା ଯୋଗୁ ସେମାନେ ନିରାଶ ହୋଇଛନ୍ତି। ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଜିଲା ଦେଭୋଗ ଗ୍ରାମର ୨୦ଜଣ କୃଷି ଶ୍ରମିକ ଯାତ୍ରୀବାହୀ ବସ୍ ଯୋଗେ ଆସି ରବିବାର ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। କେହି ଚାଷୀ ସେମାନଙ୍କୁ ଧାନ ଅମଳରେ ନିୟୋଜିତ କରିବ ଆଶା ରଖି ବସଷ୍ଟାଣ୍ଡ କଡ଼ରେ ବସିଥିଲେ। ହେଲେ ସନ୍ଧ୍ୟା ୫ଟା ସୁଦ୍ଧା କେହି ସେମାନଙ୍କ ପାଖକୁ ପହଞ୍ଚି ନ ଥିଲେ। ସଭିଁଙ୍କ ମନରେ ନିରାଶ ଭାବ ଦେଖିବାକୁ ମିଳିଥିଲା।



ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡରେ କୃଷି ଶ୍ରମିକମାନେ।

### କାମ ନ ପାଇ ଗୁଲୁଗୁଲା



“ଜମିବାଡ଼ି ଅଳ୍ପ ଅଛି। ବର୍ଷା ହେଲେ ୮/୧୦ ପ୍ୟାକେଟ୍ ଧାନ ହୁଏ। କିନ୍ତୁ ଏଥର ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସବୁ ଉଜୁଡ଼ିଗଲା। ଯାହା ବିହନ ବୁଣିଥିଲୁ ସେତିକି ବି ବାହାରିଲା ନାହିଁ। କରୋନା ଯୋଗୁ ୨ବର୍ଷ ହେଲା କାମଧନ୍ଦା ଠିକ୍ ଭାବେ ମିଳୁନାହିଁ। ବହୁକଷ୍ଟରେ ପରିବାର ଚଳାଇବାକୁ ପଡୁଛି। ଆଗରୁ ବରଗଡ଼ ଆସୁଥିଲୁ। କାମଧନ୍ଦା ମିଳୁଥିଲା। କିନ୍ତୁ ଏଥର ସେଭଳି ହେଉନାହିଁ।

—ବିଜୟ ଯାଦବ

### ରୋଜଗାର ଆଶାରେ ଆସିଛି



“ଗରିବ ଲୋକ। ପାଠ ପଢ଼ିନାହିଁ। ଘରେ ସ୍ତ୍ରୀ, ୨ସନ୍ତାନ ଅଛନ୍ତି। ଉଭୟ ସ୍ୱାମୀ, ସ୍ତ୍ରୀ ମଜୁରୀ କରି ପରିବାର ପୋଷଣ କରିଥାଉ। ଧାନ ଅମଳ ସମୟରେ ଆଗରୁ ୨/୩ଥର ବରଗଡ଼ ଜିଲାକୁ ଆସିଛି। ଥରକୁ ୭/୮ହଜାର ରୋଜଗାର ହୋଇଥିଲା। ଏଥର ମଧ୍ୟ ଆଶା ନେଇ ଆସିଛି। ହେଲେ ଏପର୍ଯ୍ୟନ୍ତ କାମ ମିଳିନାହିଁ। କାମ ମିଳିଲେ କରିବୁ। ନଚେତ୍ ସେମିତି ଗାଁକୁ ଫେରିଯିବୁ।

—ଖେମରାଜ ଯାଦବ

### ମନେ ପଡୁଛି ମା’ କଥା



“ଘରଡ଼ିହକୁ ଛାଡ଼ି ଦେଲେ ଜମିବାଡ଼ି କିଛି ନାହିଁ। ଯୁକ୍ତଦୁଇ ପର୍ଯ୍ୟନ୍ତ ପାଠ ପଢ଼ିଛି। ଦେହ ଅସୁସ୍ଥ ହେବାରୁ ପରୀକ୍ଷା ଦେଇ ପାରି ନ ଥିଲି। ଆଗକୁ ପଢ଼ି ଚାକିରିଟିଏ କରିବାକୁ ଆଗ୍ରହ ଅଛି। କିନ୍ତୁ ଅର୍ଥାଭାବ ଯୋଗୁ ଆଉ ପରୀକ୍ଷା ଦେଇନାହିଁ। ମୁଁ ଯାହା ରୋଜଗାର କରେ ସେଥିରେ ମା’ ପୁଅ ଚଳିଥାଉ। ଏଠାକୁ ପ୍ରଥମଥର ଆସିଛି। ହେଲେ ମା’ କଥା ମନେ ପଡୁଛି।

—ଈଶ୍ୱର ଯାଦବ

## ହମ୍ପ ବଢ଼ାଉଛି ଦୁର୍ଘଟଣା

ବିନିକା,୨୧।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା-ବିଶାଳପାଲି ୩୧ନମ୍ବର ମୁଖ୍ୟରାସ୍ତା ବିଶାଳପାଲି ଛକରେ ଲୋକଙ୍କ ସୁରକ୍ଷିତ ଯାତାୟତ ପାଇଁ କରାଯାଇଛି ଏକ ପାଞ୍ଚଥାକିଆ ହମ୍ପ। ମାତ୍ର ସେହି ହମ୍ପରେ ସାଙ୍କେତିକ ତୀର ଚିହ୍ନ ଲିଭି ଯାଇଛି। ହମ୍ପଥିବା ନେଇ ଜଣା ପଡୁନ ଥିବାରୁ ବହୁ ସମୟରେ ସେଠାରେ ଦୁର୍ଘଟଣା ଘଟୁଛି। ବିଶେଷ କରି ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗତ ତିନିମାସ ମଧରେ ସେଠାରେ ୩୦ରୁ ଅଧିକ ଛୋଟବଡ ଘଟଣା ଘଟିଛି। ଗତ ଶୁକ୍ରବାର ମଧ୍ୟାହ୍ନରେ ବିନିକା ପଟୁ ବରପାଲି ଅଭିମୁଖେ ଯାଉଥିବା ଏକ ବାଇକ(ଓଡି୧୭ଏଫ୍-୬୬୭୩)ରେ ଯାଉଥିବା ଆରୋହୀ ସେହି ହମ୍ପରେ ପଡି ଆହତ ହୋଇଛନ୍ତି। ସେମାନେ ହେଲେ ବରପାଲିର ଭାଗିରଥୀ ବାରିକ ଓ ତାଙ୍କ ସ୍ତ୍ରୀ ସୌଦାମିନୀ। ଖବର ପାଇ ବିନିକା ଅଗ୍ନିଶମ ବିଭାଗ ଆହତ ଦମ୍ପତିଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆଗକୁ ଅଧିକ ଦୁର୍ଘଟଣା ଯେପରି ନ ଘଟେ ସେଥିପାଇଁ ଅବିଳମ୍ବେ ବିଶାଳପାଲି ନିକଟ ହମ୍ପରେ ସାଙ୍କେତିକ ତୀର ଚିହ୍ନ ଉଲ୍ଲେଖ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## କୋଶଲିଆ ମାଳୀ ସମାଜ ବୈଠକ

ଅମରପାଲି/ଉଲୁଣ୍ଡା, ୨୧।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଚଢେଇପଙ୍କ ଗାଁରେ ଜିଲା କମିଟି ଓ ବ୍ଲକ କମିଟି ତରଫରୁ କୋଶଲିଆ ମାଳି ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୌଦ୍ଧ ଜିଲଶ ସଭାପତି ହେମନ୍ତ ପଟେଲ, ଘଣ୍ଟାପାଲି ସଭାପତି ହରିଶ୍ଚନ୍ଦ୍ର ପଟେଲ, ସମ୍ମାନିତ ଅତିଥି ବିଜେପୁର ମାଳି ସାମାଜିକ ବ୍ୟକ୍ତିତ୍ୱ ଯଦୁମଣି ପଟେଲ ଓ ପ୍ରେମରାଜ ପଟେଲ ଯୋଗଦେଇଥିଲେ। ଜିଲା ସଭାପତି ଅନିରୁଦ୍ଧ କୁରୁକୁରିଆ, ସମ୍ପାଦକ ନିରଞ୍ଜନ ପଟେଲ, ଯୁବ ସଭାପତି ବିଦ୍ୟାଧର ଖୁର୍ଡିଆ ପ୍ରମୁଖ ଯୋଗଦେଇ କୋଶଲିଆ ମାଳି ସମାଜର ସାଧାରଣ ବୈଠକରେ ଇତିହାସ, ବିକାଶ, ଉଦ୍ଦେଶ୍ୟ, ଉନ୍ନତି, ସମାଜର ନୀତି ନିୟମ ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ବ୍ଲକସ୍ତରରେ ନୂତନ କମିଟି ଗଠନ କରାଯାଇଛି। ନୂତନ କମିଟିରେ ବ୍ଲକ ସଭାପତି ଯୋଗିନ୍ଦ୍ର ବେଲ, ସମ୍ପାଦକ ବାବୁଲାଲ ମନ୍ତ୍ରୀ, ଉପସଭାପତି ନରେନ୍ଦ୍ର ବାଘଙ୍କୁ ଚୟନ କରାଯାଇଛି।

## ଡାକ୍ତର ଦମ୍ପତିଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଡାକ୍ତର ଦମ୍ପତି।

ବରଗଡ଼ ଅଫିସ୍,୨୧।୧୧

ବରଗଡ଼ର ଡାକ୍ତର ଦମ୍ପତି ଡା. ସୁସ୍ମିତା ଦାଶ ଓ ଡା. ରାଜେଶ ତ୍ରିପାଠୀଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଆୟୋଜିତ ଏକ ସମାରୋହରେ ଉଭୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସାହିତ୍ୟିକ ଦିବ୍ୟକିଶୋର ଦେବତା ମୁଖ୍ୟଅତିଥି, ଡା. ଜୟଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଡାକ୍ତର ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କରୋନା କାଳରେ ଅସହାୟଙ୍କୁ ସହାୟତା, ଅର୍ଥାଭାବ ଯୋଗୁ ଚିକିତ୍ସାରୁ ବଞ୍ଚିତ ରୋଗୀଙ୍କୁ ସାହାଯ୍ୟ ଯୋଗାଇ ଏହି ଡାକ୍ତର ଦମ୍ପତି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

## ଏକଦିବସୀୟ ଫୁଟବଲ: ଆଇମାଲ ଚାମ୍ପିୟନ

ବିନିକା,୨୧।୧୧(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଲ ଗ୍ରାମ ଖେଳ ପଡିଆରେ ଆୟୋଜିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍ ଦିଗସିରା ଏବଂ କାଏଁସିର ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ପେନାଲଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଦିଗସିରା ଦଳ କାଏଁସିକୁ ୫-୩ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ ଆଇମାଲ ବନାମ ତେନ୍ତୁଲିଖୁଣ୍ଟି ମଧରେ ହୋଇଥିଲା। ପେନାଲଟି ସୁଟ୍‌ଆଉଟ ଆଉଟ୍‌ରେ ଆଇମାଲ ୫-୪ ଗୋଲରେ ବିଜୟୀ ହୋଇଥିଲା। ଫାଇନାଲ ଖେଳ ଆଇମାଲ ଓ ଦିଗଶିରା ମଧରେ ହୋଇଥିଲା। ଏଥିରେ ଆଇମାଲ ଦଳ ଦିଗସିରାକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ର, ସାମାଜିକ କର୍ମୀ ଆନନ୍ଦ ବାଘ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ।



ବିଜେତା ଦଳ ଅଧିନାୟକଙ୍କୁ ଅର୍ଥରାଶି ପ୍ରଦାନ କରାଯାଉଛି।

## ସ୍ମାର୍ଟକାର୍ଡ ବଣ୍ଟନ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୨୧।୧୧(ସ୍ୱ.ପ୍ର.)

ଆସନ୍ତା ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ଜରିଆରେ ବୌଦ୍ଧ ଜିଲାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂଆ ସ୍ମାର୍ଟକାର୍ଡ ବଣ୍ଟନ କରାଯିବ। ଏଥିପାଇଁ ଶନିବାର ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ସ୍ମାଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ୨୬ ତାରିଖରେ ଜିଲାର ୬୯ଟି ପଞ୍ଚାୟତ ଓ ବୌଦ୍ଧ ଏନଏସିରେ ସ୍ମାର୍ଟକାର୍ଡ ବଣ୍ଟନ କରାଯିବ। କେଉଁ ପଞ୍ଚାୟତର କେଉଁ ସ୍ଥାନରେ ଏହି ସ୍ମାର୍ଟ କାର୍ଡ ବଣ୍ଟନ କରାଯିବ ସ୍ଥିର କରି ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ତୁରନ୍ତ ତାଲିକା ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ସ୍ମାର୍ଟକାର୍ଡ ଯୋଜନା ସଂପର୍କରେ ଜିଲାପାଳ ସମସ୍ତଙ୍କୁ ସୂଚନା ପ୍ରଦାନ କରିଥିଲେ। ସ୍ମାର୍ଟକାର୍ଡ ବଣ୍ଟନକୁ ଶୃଙ୍ଖଳିତ ଭାବରେ କରାଯିବାକୁ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ମିନି ଷ୍ଟାଡିୟମକୁ ପଲିଥିନମୁକ୍ତ କଲେ ସ୍ୱେଚ୍ଛାସେବୀ



ବୀରମହାରାଜପୁର ମିନି ଷ୍ଟାଡିୟମରୁ ପଲିଥିନ ସଫା କରୁଛନ୍ତି।

ଅମରପାଲି, ୨୧।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଫୁଟବଲ ଗ୍ରାଉଣ୍ଡରେ ରବିବାର ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ଗ୍ରାଉଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଫେଇ କାର୍ଯ୍ୟ ସକାଳ ୫ଟା ୩୦ରୁ ଆରମ୍ଭ ହୋଇ ୮ଟା ପର୍ଯ୍ୟନ୍ତ ହୋଇଛି। ଏଥିରେ ବୀରମହାରାଜପୁର ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଫୁଟବଲ ପଡିଆରେ ପଡିଥିବା ପଲିଥିନ ଓ ପ୍ଲାଷ୍ଟିକ ସଫେଇ କରିଛନ୍ତି। ଉକ୍ତ ଗ୍ରାଉଣ୍ଡରେ ଦୀର୍ଘଦିନ ହେଲା ଦୈନିକ ବଜାର ବସୁଛି। ଫଳରେ ପଡିଆରେ ଅଳିଆ ଆବର୍ଜନା ପଡିରହିବା ସହିତ ବ୍ୟାପକଭାବରେ ପଲିଥିନ ପଡୁଛି। ଯୁବ ସ୍ୱେଚ୍ଛାସେବୀ ବିଜୟ କୁମାର କର୍ଣ୍ଣ, ଚନ୍ଦ୍ରଶେଖର ନାଏକ, ବିଶ୍ୱଜିତ ସାହୁ, ସାରସ୍ୱତ ହୋତା, ସଦାଶିବ ଚାନ୍ଦ ପ୍ରମୁଖ ସଫେଇରେ ସାମିଲ ହୋଇଛନ୍ତି।

## ମହିଳା କମିଶନ ଅଧକ୍ଷାଙ୍କ ବୌଦ୍ଧ ଗସ୍ତ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

ବୌଦ୍ଧ,୨୧।୧୧(ସ୍ୱ.ପ୍ର.)

ଆସନ୍ତା ୨୩ ତାରିଖ ଦିନ ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତୀ ବେହେରା ବୌଦ୍ଧ ଗସ୍ତରେ ଆସୁଛନ୍ତି। ସେ ଯୋଗ ଦେବାକୁ ଥିବା ମହିଳା ସଚେତନତା ଶିବିର ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୌଦ୍ଧ ଟାଉନ ହଲ ପରିସରରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୫ ଜଣ ଆଶାକର୍ମୀ, ମହାବିଦ୍ୟାଳୟର ୨୦ ଜଣ ଛାତ୍ରୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସହରାଞ୍ଚଳର ୩୦ ଜଣ ଓ ଗ୍ରାମାଞ୍ଚଳର ୩୦ ଜଣ, ଅଙ୍ଗନବାଡି କର୍ମୀ ୩୦ ଜଣ, ମହିଳା ସୁପରଭାଇଜର ୧୫ ଜଣ, ପଞ୍ଚାୟତିରାଜ ସଦସ୍ୟା ୧୫ ଜଣ, ସ୍ୱେଚ୍ଛାସେବୀ ସଂଗଠନର ୧୦ ଜଣ ସଦସ୍ୟା, ପାରାଲିଗାଲ ସ୍ୱେଚ୍ଛାସେବୀ ୧୦ ଜଣ, ସ୍ୱାସ୍ଥ୍ୟ କର୍ମୀ ୧୦ , ପୋଲିସ ୫ ଜଣ ଓ ଅନ୍ୟାନ୍ୟ ୧୦ ଜଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। କୋଭିଡ ମହାମାରୀ ସମୟରେ ଭଲ କାମ କରିଥିବା ଶ୍ରେଷ୍ଠ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ମହିଳା ପୋଲିସ, ମହିଳା ଡାକ୍ତର ଓ ନର୍ସ, ସ୍ୱୟଂସହାୟିକା ଗୋଷ୍ଠୀ, ମହିଳା ସରପଞ୍ଚ, ସାମାଜିକ କର୍ମୀ, ମହିଳା ଆଇନଜୀବୀଙ୍କୁ ଚୟନ କରାଯାଇ ମହିଳା କମିଶନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କମିଶନଙ୍କ ଗସ୍ତ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱନୀ କୁମାର ମେହେର, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ, ଦେବଦୂତ ମିଶ୍ର, ଅତିରିକ୍ତ ଏସପି ରବୀନ୍ଦ୍ର କୁମାର ରାଉତ, ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଏବଂ ସମସ୍ତ ବ୍ଲକର ସିଡିପିଓମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୋଡ଼ଭଗାରେ ଚାଷୀ ସଚେତନତା ଶିବିର

ସରଣ୍ଡା,୨୧।୧୧(ଡି.ଏନ.ଏ)

ଅତାବିରା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ରବିବାର ଗୋଡ଼ଭଗା ମଣ୍ଡି ପରିସରରେ ଏକ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆରଏମ୍‌ସି ସମ୍ପାଦକ ପ୍ରଦୀପ କୁମାର ବେସନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବରଗଡ଼ ଉପ ଜିଲାପାଳ ତଥା ଆରଏମ୍‌ସି ଅଧ୍ୟକ୍ଷ ଶୁଭେନ୍ଦ୍ର କୁମାର ସାମଲ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ଶବର, ଅତିରକ୍ତ ଜିଲା ଯୋଗାଣ ଅଧିକାରୀ ସଞ୍ଜୁ ପ୍ରଧାନ, ଏଆରସିଏସ୍ ଗଜେନ୍ଦ୍ର ପଣ୍ଡା, ଅତାବିରା ଯୋଗାଣ ନିରୀକ୍ଷକ ରଞ୍ଜନ କୁମାର ନାୟକ, ପ୍ୟାକ୍ସ ପ୍ରଶାସକ ସରୋଜ ମେହେର, ଆରଏମ୍‌ସି କୋଷାଧ୍ୟକ୍ଷ ଭୋଳାନାଥ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ଖରିଫ ଧାନ କିଣା ସମ୍ପର୍କରେ ଏସିଏସ୍‌ଓ ପ୍ରଧାନ କହିଥିଲେ, ଗତ ରବିଋତୁରେ ଧାନକିଣାରେ ସମସ୍ୟା ହୋଇଥିଲା। ମଣ୍ଡିଗୁଡ଼ିକରେ ଭିତ୍ତିଭୂମିର ଅଭାବ ରହିଛି। ମଣ୍ଡିରୁ ମିଲର୍ସଙ୍କ ପାଖକୁ ଯେଉଁ ଧାନ ଯାଉଛି ସେହି ଧାନର ଗୁଣବତ୍ତା ମଣ୍ଡିରେ ନିର୍ଦ୍ଧାରଣ ହୋଇଥିଲେ ମିଲର୍ସ ଆଉ କଟନିଛଟନି କରିପାରିବେ ନାହିଁ। ଚାଷୀ ସଙ୍ଗଠନର ପ୍ରସ୍ତାବକୁ ଉପ ଜିଲାପାଳ ସାମଲ ସହମତି ଜଣାଇଥିବା ଏସିଏସ୍‌ଓ ପ୍ରଧାନ କହିଥିଲେ। ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବିରେନ୍ଦ୍ର କରଙ୍କ ସମେତ ବହୁ ଚାଷୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

## ଟଙ୍କା ଆତ୍ମସାତ୍ ପାଇଁ ମିଥ୍ୟା ଷଡ଼ଯନ୍ତ୍ର ରଚିଥିଲେ

ସୋନପୁର,୨୧।୧୧(ନି.ପ୍ର.)

- ବିଶାଳପାଲି ଡକାୟତି ଘଟଣାର ପର୍ଦ୍ଦାଫାଶ
- ୨ ଗିରଫ, ୩.୨୨ ଲକ୍ଷ ଉଦ୍ଧାର

ସୁବର୍ଣ୍ଣପୁର ଜିଲା ବିନିକା ଥାନା ବିଶାଳପାଲି ଛକ ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି। ବିନିକା ପୋଲିସ ଏହି ଘଟଣାରେ ବରଗଡ ଟାଉନ ହରିଜନପଡାର ଜୟପାଲ ମହାନନ୍ଦ(୩୨) ଓ ବରଗଡ ବଦ୍ରି ପ୍ରସାଦ ଆପାର୍ଟମେଣ୍ଟର ସୁରେଶ ଠାକୁର(୩୬)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ମୋଟ ୩ ଲକ୍ଷ ୨୨ ହଜାର ଟଙ୍କା ଉଦ୍ଧାର ହୋଇଛି। ମାଲିକଙ୍କ ଟଙ୍କା ହଡ଼ପ କରିବା ପାଇଁ ଜୟପାଲ ଓ ସୁରେଶ ଷଡଯନ୍ତ୍ର କରିଥିଲେ। ଏପରିକି ଉଭୟଙ୍କୁ ମାଡ ମାରି ଡକାୟତମାନେ ଟଙ୍କା ଲୁଟି ନେଇଥିବା ଭଳି ମିଥ୍ୟା ଅଭିଯୋଗ ବିନିକା ଥାନାରେ କରିଥିଲେ ବୋଲି ଏସ୍‌ପି ସୀତାରାମ ଶତପଥୀ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବରଗଡ ଭଟଲି ଛକର ବ୍ୟବସାୟୀ ବିକାଶ ଲାଠଙ୍କ ନିକଟରେ ସୁରେଶ ଓ ଜୟପାଲ ଡ୍ରାଇଭର ଓ କର୍ମଚାରୀଭାବେ କାମ କରୁଥିଲେ। ଦୁହେଁ ଗଞ୍ଜାମ ଜିଲା ଆସ୍କାରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି କରି ବିନିକା-ରାମପୁର ରାସ୍ତାରେ ଅଶୋକ ଲିଲାନଡ୍ ଭ୍ୟାନ୍ ଯୋଗେ ଫେରୁଥିଲେ। ଗତ ୧୭ ତାରିଖ ମଧ୍ୟାହ୍ନରେ ୩ଟି ବାଇକ୍‌ରେ ୬ ଜଣ ଡକାୟତ ସେମାନଙ୍କ ପିଛା କରି ବିଶାଳପାଲି ଛକରେ ଭ୍ୟାନ୍‌କୁ ଅଟକାଇ ସୁରେଶ ଓ ଜୟପାଲଙ୍କୁ ମାଡ ମାରିବା ସହ ୩ ଲକ୍ଷ ୪୫ ହଜାର ଟଙ୍କା ଲୁଟି ନେଇଥିବା ସୁରେଶ ବିନିକା ଥାନାରେ ଅଭିଯୋଗ କରିଥିଲେ। ଏପରିକି ଆହତ ସୁରେଶ ଓ ଜୟପାଲଙ୍କୁ ଆମ୍ବୁଲାନ୍ସ ଯୋଗେ ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷେ ବ୍ୟବସାୟୀ ବିକାଶ ଲାଠ ମଧ ସେହି ଦିନ ବିନିକା ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କର ଦୁଇ କର୍ମଚାରୀ ଆଦାୟ ହୋଇଥିବା ଟଙ୍କାକୁ ହଡପ କରିବା ପାଇଁ ମିଥ୍ୟା ଷଡଯନ୍ତ୍ର ରଚନା କରିଛନ୍ତି। ପୋଲିସ ଏ ସମ୍ପର୍କରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରିଥିଲେ।



ସୁବର୍ଣ୍ଣପୁର ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ତଦନ୍ତରୁ ଜଣା ପଡିଥିଲା ଯେ, ଟଙ୍କା ହଡପ ପାଇଁ ଉଭୟ ଭ୍ୟାନ୍‌ର କାଚ ଭାଙ୍ଗିବା ସହ ମାଡ ଖାଇଥିବା ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ। ମାଲିକଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ବ୍ଲେଡରେ ନିଜ ଶରୀରର ବିଭିନ୍ନ ଅଂଶକୁ କାଟି କ୍ଷତାକ୍ତ ମଧ କରିଥିଲେ। ତା ପୂର୍ବରୁ ମାଲିକଙ୍କ ଟଙ୍କାକୁ ଜୟପାଲଙ୍କ ଭାଇ ଆକାଶ ମହାନନ୍ଦଙ୍କ ହାତରେ ଘରକୁ ପଠାଇ ଦେଇଥିଲେ। ଅଭିଯୁକ୍ତଦ୍ୱୟ ଦୋଷ ସ୍ୱୀକାର କରିବା ପରେ ବିନିକା ପୋଲିସ ବରଗଡ ଯାଇ ଟଙ୍କା ଉଦ୍ଧାର କରିଥିବା ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗି ଓ ବିନିକା ଆଇଆଇସି ପବିତ୍ର କୁମାର ସାହୁ ଉପସ୍ଥିତ ଥିଲେ।

**ସ୍ମାର୍ଟ ସ୍କୁଲ ପରିଦର୍ଶନ କଲେ ବିଧାୟକ**

ବରଗଡ଼ ଅଫିସ୍: ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସ୍ମାର୍ଟସ୍କୁଲ କାର୍ଯ୍ୟର ଅଗ୍ରଗତି ନେଇ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ସେ ଉକ୍ତ ସ୍କୁଲ ପରିଦର୍ଶନ କରି ପ୍ରଧାନଶିକ୍ଷକ ନବୀନ କୁମାର ସାବତଙ୍କ ସ୍ମାର୍ଟସ୍କୁଲ ନିର୍ମାଣ କାର୍ଯ୍ୟ ଉପରେ ପଚାରି ବୁଝିଥିଲେ। ଏହି ସମୟରେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ଉମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବରଗଡ଼ରେ ମହତାବ ଜୟନ୍ତୀ

ବରଗଡ଼ ଅଫିସ୍,୨୧।୧୧

ବରଗଡ଼ରେ ମହତାବ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ମହତାବ ଜୟନ୍ତୀ ଏବଂ କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ ସମାରୋହ ପାଳିତ ହୋଇଛି। ସଂସଦର ସଭାପତି ଗୋପବନ୍ଧୁ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ସମ୍ମାନିତ ବକ୍ତା, ସାହିତ୍ୟିକ ମନୋରଞ୍ଜନ ସାହୁ ମୁଖ୍ୟବକ୍ତା, ରୋଟାରୀ ପବ୍ଲିକ ସ୍କୁଲର ଚେୟାରମ୍ୟାନ ସମର ଭଟ୍ଟାଚାର୍ଯ୍ୟ, ପୂର୍ବତନ ରୋଟାରୀ କ୍ଲବ ସଭାପତି ଗୋବିନ୍ଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାପୁରୁଷଙ୍କ ଜୀବନୀ ଅଧ୍ୟୟନ ପୂର୍ବକ ନିଜକୁ ଅନୁରୂପ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ତଥା ଅତିରିକ୍ତ ଶାସନ ସଚିବ ନରେନ୍ଦ୍ର ନାଥ ପଟ୍ଟନାୟକଙ୍କୁ କାକା ମହତାବ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରୋଟାରୀ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର, ଦିବ୍ୟକିଶୋର ଦେବତା, ମନୋରଞ୍ଜନ ମେହେର, ଆଲୋକ ସାହୁ, ଅଧ୍ୟାପକ ତିଳକରାମ ପ୍ରଧାନ, ସୁପ୍ରଭା ସାମଲ, ସନ୍ତୋଷିନୀ ଦାଶ, ଦୟାନିଧି ମେହେର ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟଶିଳ୍ପୀ ବୈଷ୍ଣବୀ ବିର୍ତ୍ତିଆ, ଆକାଂକ୍ଷା ପଟ୍ଟନାୟକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଂସଦର ପ୍ରତିଷ୍ଠାତା ସମ୍ପାଦକ ଶିଶୁ ସାହିତ୍ୟିକ ଡଃ ରବି ନାରାୟଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଏବଂ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମାରୋହରେ କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

# ଜିଲା କଂଗ୍ରେସ କମିଟି ପକ୍ଷରୁ ଜନ ଜାଗରଣ ଅଭିଯାନ

ଘଣ୍ଟାପଡା,୨୧।୧୧(ଡି.ଏନ.ଏ.)

ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ନଭେମ୍ବର ୨୧ ତାରିଖଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଜନଜାଗରଣ ଅଭିଯାନ ଆରମ୍ଭ ହୋଇଛି। ପ୍ରତ୍ୟେକ ଜିଲା ପରିଷଦ ଜୋନରେ ହେବାକୁ ଥିବା ଏହି ଜନଜାଗରଣ ଅଭିଯାନ ରବିବାର କଣ୍ଟାମାଳ ନିର୍ବାଚନମଣ୍ଡଳୀର ୧ ନମ୍ବର ଜୋନର ଘଣ୍ଟାପଡା ଉଚ୍ଚ ବିଦ୍ୟାଳୟ ପଡିଆରେ ପୂଜାର୍ଚ୍ଚନା ପରେ ଆରମ୍ଭ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଜନ ଜାଗରଣ ଅଭିଯାନ ଆରମ୍ଭ ହୋଇଛି। ମମିତା ମେହେର ପରିବାରକୁ ନ୍ୟାୟ ପ୍ରଦାନ, ଜିଲାର ଭୂମିହୀନମାନଙ୍କୁ ଭୂମି ଓ ଘର ପ୍ରଦାନ, ପ୍ରତ୍ୟେକ ଚାଷୀଙ୍କ ଧାନ ଉଚିତ୍ ମୂଲ୍ୟରେ କିଣାଯିବା, ମଦମୁକ୍ତ ଓଡ଼ିଶା ଗଠନ, ପ୍ରତ୍ୟେକ ଚାଷୀଙ୍କୁ କାଳିଆ ଟଙ୍କା ଦେବା ଓ ପ୍ରତି ପଞ୍ଚାୟତରୁ ଦୁର୍ନୀତି ହଟାଇବା, ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ, ସାମ୍ପ୍ରଦାୟିକ ବିଭାଜନ ବନ୍ଦ କରିବା ଓ ଦେଶରେ ଶାନ୍ତି ବଜାୟ ରଖିବା ଏହି ଜନଜାଗରଣ ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ସଭାପତି ମିଶ୍ର ପ୍ରକାଶ କରିଥିଲେ। ଏହାଛଡା କଣ୍ଟାମାଳକୁ ଉପଖଣ୍ଡ ମାନ୍ୟତା, ମନମୁଣ୍ଡା, ବାଉଁଶୁଣୀ, ଘଣ୍ଟାପଡା ଓ ବଘିଆପଡାକୁ ବ୍ଲକ ମାନ୍ୟତା, ଘଣ୍ଟାପଡା, ଶଗଡା, ବଘିଆପଡା, ଆଡେଣୀଗଡ ଫାଣ୍ଡିକୁ ଥାନା ଘୋଷଣା , କଣ୍ଟାମାଳ, ମନମୁଣ୍ଡା, ବାଉଁଶୁଣୀ ଓ ପୁରୁଣାକଟକକୁ ଏନଏସି ଓ ବୌଦ୍ଧକୁ ପୌର ପରିଷଦ ମାନ୍ୟତା ପ୍ରଦାନ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଏହି ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଜନଜାଗରଣ ଜରୁରୀ ବୋଲି କୁହାଯାଇଛି। ଜନଜାଗରଣ ଅଭିଯାନରେ କଣ୍ଟାମାଳର ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପ୍ରଧାନ, ଜିଲା କଂଗ୍ରେସ ପଛୁଆବର୍ଗ ସେଲ୍ ସଭାପତି ଉଛେଇ ବାରିକ୍, ପ୍ରବକ୍ତା ଉଦୟନାଥ ଶର୍ମା, ଜିଲା କୋଷାଧ୍ୟକ୍ଷ ପ୍ରଦୀପ ଦାସ, କେଶବ କ୍ଷେତି, ରାଧାରମଣ ପାଣିଗ୍ରାହୀ, ଗରିବ ପ୍ରଧାନ, ପ୍ରଭାତ ମଟାଲି,ଉଗ୍ରସେନ ପଟ୍ଟନାୟକ, କାଳିନ୍ଦୀ ବିଭାର, କନୁଲ ନାଏକଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଧର୍ମଗୁରୁ ସାଧୁ ସିଂଙ୍କ ବୃତ୍ତଚିତ୍ର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୨୧।୧୧

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବେଥେସଦା ପ୍ରେୟାର ମିନିଷ୍ଟ୍ରି ଫାଉଣ୍ଡେଶନ ଏବଂ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦୁଇଦିନିଆ ପ୍ରାର୍ଥନା ସଭା, ଧର୍ମଗୁରୁ ସାଧୁ କିଶନ ସିଂଙ୍କ ଜୀବନୀ ଉପରେ ନିର୍ମିତ ବୃତ୍ତଚିତ୍ର ଉଦ୍‌ଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ସେଥ୍ କୁମାର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବରିଷ୍ଠ ଖବରଦାତା ସତ୍ୟ ନାରାୟଣ ପ୍ରଧାନ, ଆଚାର୍ଯ୍ୟ ବେଞ୍ଜାମିନ ନନ୍ଦ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ, ଉପାଧ୍ୟକ୍ଷ ଭୁବନେଶ୍ୱର ପ୍ରଧାନ, କମଳ ତାଣ୍ଡି, ଜନ ନିଉଟନ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଫାଉଣ୍ଡେଶନର ନିର୍ଦ୍ଦେଶକ ସୁକାନ୍ତ କୁମାର ବାଗ କାର୍ଯ୍ୟକ୍ରମ ପରିଚାଳନା ଏବଂ ସାମୁଏଲ ନାଗ ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସାଧୁ କିଶନ ସିଂଙ୍କ ଜୀବନୀ ଉପରେ ଆଧାରିତ ସିନେମା ପ୍ରଦର୍ଶିତ ହୋଇଥିଲା।

# ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର




ବୌଦ୍ଧ,୨୧।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲାର ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ସ୍ଥାନୀୟ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ପ୍ରେମ ସଞ୍ଜୀବନୀ ଶୀର୍ଷକ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ସଭାପତି ଡା. ପ୍ରିୟବ୍ରତ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ଯୁବ ରେଡକ୍ରସର ସମ୍ପାଦକ ଅଧ୍ୟାପକ ପ୍ରବୀର କୁମାର ଦାସ, ଅଧିକାରୀ ପ୍ରଦୀପ କୁମାର ବେହେରା ଓ ପରମେଶ୍ୱର ନାୟକ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ, ବ୍ୟବସାୟୀ , ବୌଦ୍ଧ, ତେତେଲେଙ୍ଗା ଓ ବଢିଗାଁର ସତ୍ୟସାଇ ସେବା ସଂଗଠନର ଯୁବ ସ୍ୱେଚ୍ଛାସେବୀମାନେ ଯୋଗଦେଇ ରକ୍ତଦାନ କରିଥିଲେ। ବୌଦ୍ଧ ରକ୍ତଭଣ୍ଡାର ଅଧିକାରୀ ଡା. ମଳୟ କୁମାର ସାହୁ, ଟେକ୍ନିସିଆନ ଦେବଦତ୍ତ କିଷାନ, ଫାର୍ମାସିଷ୍ଟ ରଘୁନାଥ ସାହୁ ଓ କର୍ମଚାରୀ ରତ୍ନମ୍ବରା ସାହୁ ରକ୍ତସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ। ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ସଂଯୋଜକ ଏ.କେ. ମହାରଣା ଓ ଆବାହକ ନାରାୟଣ ମହାରଣା ଶିବିର ପରିଚାଳନା କରିଥିଲେ।

**ODISHA NURSES & MIDWIVES REGISTRATION COUNCIL (ONMRC)**
**O/o Directorate of Medical Education & Training, Odisha**
**Bhubaneswar**
**Notice**

No.E-650:- It has come to the notice of the undersigned that in many instances, the name of nursing faculties are shown by multiple nursing institutions and their certificates/documents are also shown to inspectors during inspection. Further, the nursing students are also shown as faculties along with their documents.

It is hereby informed to all concerned that in such cases action as deemed fit shall be initiated against the authority of the institution as well as the faculties/students.

**Sd./- Registrar I/c (ONMRC)**
OIPR-10016/11/0018/2122

# ଖାରବେଳ ମାର୍ଗ ହେବ ସମ୍ମାନ, ସ୍ୱାଭିମାନର ପ୍ରତୀକ

**ରାଉରକେଲା ଅଫିସ,୨୧।୧୧:** ପ୍ରଜାବତ୍ସଳ ଶାସକ, ସାଂସ୍କୃତିକ ବିଚାରଧାରାର ପୃଷ୍ଠପୋଷକ, ଶ୍ରେଷ୍ଠ କଳା ବିଶାରଦ ମହାମେଘବାହନ ଐର ଖାରବେଳଙ୍କ ନାମରେ ରାଉରକେଲା ଇସ୍ପାତ ନଗରୀର ରିଂରୋଡ଼ ନାମିତ ହେଲେ ତାହା କଳିଙ୍ଗର ବୀରତ୍ୱ ପ୍ରତି ସମ୍ମାନ ଏବଂ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପ୍ରତୀକ ହେବ। ରବିବାର ସ୍ଥାନୀୟ କଳିଙ୍ଗ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଖାରବେଳ ଜୟନ୍ତୀ ଅବସରରେ ଏହି ମତ ପ୍ରକାଶ ପାଇଛି।ଆମ୍ବାଗାନ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ରାଉରକେଲା ଉତ୍କଳ ସମ୍ମିଳନୀର ସଭାପତି ସୁଦାମ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆମର କ୍ଷୟିଷ୍ଣୁ ସ୍ୱାଭିମାନର ଧାରାକୁ ବର୍ଦ୍ଧିଷ୍ଣୁ ରୂପ ଦେବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଭାରତ ଇତିହାସ ସଂକଳନ ସମିତିର ପଶ୍ଚିମ ଓଡ଼ିଶା ସଂଭାଗ ମୁଖ୍ୟ ଡକ୍ଟର ଉମାକାନ୍ତ ପଣ୍ଡା ମୁଖ୍ୟବକ୍ତା, ବରିଷ୍ଠ କବି ରଘୁବର ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରିଂରୋଡ୍‌କୁ ଖାରବେଳ ମାର୍ଗ ନାମକରଣ ସପକ୍ଷରେ ମତ ରଖିଥିଲେ। ବରିଷ୍ଠ ସାହିତ୍ୟ ସ୍ରଷ୍ଟା ତଥା ପାଠାଗାର ଆନ୍ଦୋଳନର ଅନ୍ୟତମ ପ୍ରଣେତା ବଳରାମ ଦାଶ ଓଡ଼ିଆ, ଇଂଲିଶ ଏବଂ ହିନ୍ଦୀ ମାଧ୍ୟମରେ ପ୍ରାଚୀନ ଓଡ଼ିଶା ଏବଂ କଳିଙ୍ଗର ଇତିହାସ ପଢ଼ାଯିବାକୁ ଦାବି କରିଥିଲେ। ସାହିତ୍ୟିକ ସୁବାସ ଚନ୍ଦ୍ର ଲେଙ୍କା ସଭାପତିଙ୍କ ବାର୍ତ୍ତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର ଉତ୍ସବରେ ଅଧକ୍ଷତା କରିଥିଲେ ।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 18508/IND-II-PH-946 ତାରିଖ 20.11.2021
No. CAD-1932

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଟାଟା ଷ୍ଟିଲ ବିଏସ୍ଏଲ୍ ଲିମିଟେଡ୍ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ କଳମଙ୍ଗ ଏବଂ ଘୋଡ଼ାବୁଡାଣି ଗ୍ରାମ ଏବଂ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମରେ ୯୨.୮୭୫ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ପଶ୍ଚିମ କଳମଙ୍ଗ (ଉତ୍ତର ଭାଗ) ଲୌହ ପଥର ଖଣିରୁ ବାର୍ଷିକ ୨.୯୫ ନିୟୁତ ଟନ୍ (ଆର୍.ଓ.ଏମ୍.) (କେନ୍ଦୁଝର ଜିଲ୍ଲା ପାଇଁ) ଉତ୍ପାଦନ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୩।୧୨।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ **କେନ୍ଦୁଝର ଜିଲ୍ଲା, ଗୁଆଳି ଗ୍ରାମପଞ୍ଚାୟତ, ରୁଗୁଡ଼ିହି ଥାନା ଅନ୍ତର୍ଗତ ଗଣ୍ଡଲପଡ଼ା ଗ୍ରାମ ସ୍ଥିତ ଖାତା ନଂ. ୪୮ ଅନ୍ତର୍ଗତ ପ୍ଲଟ୍ ନଂ.୧୯୪୦ରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA. III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କେନ୍ଦୁଝର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0189/2122

# ୨୧ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୨୧।୧୧:** ବରଗଡ଼ ଗଙ୍ଗାଧର ନଗରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ସତ୍ୟଜିତ ଦାଶ, ନରସିଂହ କର, ବ୍ଲଡ଼ବ୍ୟାଙ୍କ ଅଫିସର ଡା. ସୁଶାନ୍ତ କର, ବିକାଶ ସେନ ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ୨୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପ୍ରୀତମ ବେହେରା, ଦୈତାରୀ ସେଠ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସମ୍ବଲପୁରୀ କ୍ୟାଲେଣ୍ଡର ଉନ୍ମୋଚିତ

**ବରଗଡ଼ ଅଫିସ୍,୨୧।୧୧:** ବରଗଡ଼ରେ ସମ୍ବଲପୁରୀ କ୍ୟାଲେଣ୍ଡର ରବିବାର ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ଡା. ସୁସ୍ମିତା ଦାଶ, ଡା. ରାଜେଶ ତ୍ରିପାଠୀ, ସାହିତ୍ୟିକ ଦିବ୍ୟକିଶୋର ଦେବତା, ମନୋରଞ୍ଜନ ମେହେର, ଡା. ଜୟଦେବ ସାହୁ, ଶିଶୁ ସାହିତ୍ୟିକ ପ୍ରଦୀପ୍ତଭାନୁ ମହାନ୍ତି, ନବକୃଷ୍ଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଚନ୍ଦ୍ର ସାହୁ, କେଦାରନାଥ ସାହୁ, ଅସିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହକି ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣୀପଡ଼ା,୨୧।୧୧(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ସାନ ରକ୍ସି ସ୍ଥିତ କୁଶଳ ତିର୍କୀ ମିନି ଷ୍ଟାଡିୟମରେ ୮ ଦିନ ଧରି ଚାଲିବାକୁ ଥିବା ଶହୀଦ ଅମିୟ ଦାସ ସ୍ମାରକୀ ହକି ପ୍ରତିଯୋଗିତା ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବଣେଇ ବନଖଣ୍ଡ ଅଧିକାରୀ ସନତ କୁମାର ଏନ ମୁଖ୍ୟଅତିଥି, ଆଇଟିଡିଏ ପିଏ ଲଲାଟ କୁମାର ଲୁହା, କୋଇଡ଼ା ତହସିଲଦାର ଡି. ଏସ୍ ଯୋଶୀ, ବାରସୁଆଁ ସେଲର ସିଜିଏମ୍ ପ୍ରସନ୍ନ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କମିଟି ସଭାପତି ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଜିଲ ସମ୍ପାଦକ ପ୍ରମୋଦ ସାମଲ ଅତିଥି ପରିଚୟ ଓ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଏହାପୂର୍ବରୁ ଅତିଥିମାନେ ଖେଳାଳି ମାନଙ୍କ ସହିତ କରମର୍ଦ୍ଦନ କରି ଖେଳକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୬୪ଟି ଦଳ ପଞ୍ଜୀକରଣ କରିଛନ୍ତି। ଉଦଘାଟନୀ ମ୍ୟାଚରେ କୁଞ୍ଜପାଣି ଦଳ ୧-୦ ଗୋଲରେ କୁନ୍ଦୁର ଗୁଟୁ ଦଳକୁ ପରାସ୍ତ କରିଛି। ସେଜାନ ପୂର୍ତ୍ତି, ଜୋହାନ ହରୋ, ନିରନ୍ତର ପୂର୍ତ୍ତି, ଜେମସ କାଣ୍ଡୁଲାନା, ସିପ୍ରିୟନ ମୁଣ୍ଡା, ହେରମାନ ମୁଣ୍ଡା, ଜୋହାନ ମୁଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆନନ୍ଦ ମାସୀ ହରୋ, ଲହୁଣୀପଡ଼ା ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ପୂର୍ବତନ କୋଇଡ଼ା ବ୍ଲକ ଅଧ୍ୟକ୍ଷ ଶୁରେଶ ଚନ୍ଦ୍ର ନାଏକ, ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା, ସନ୍ତୋଷ କୁମାର ସାହୁ, ନୁଏଲ ଗୁଡ଼ିଆ ପ୍ରମୁଖ ଯୋଗ ଦେଇଥିଲେ।

**ଓଡ଼ିଶା ସରକାର**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ**
**ଓଡ଼ିଶା, ଭୁବନେଶ୍ୱର**

**ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ବିଜ୍ଞପ୍ତି**

No. PP-71:- ଚଳିତ ଆର୍ଥିକବର୍ଷ (୨୦୨୧-୨୨) ପାଇଁ ନିମ୍ନଲିଖିତ ପ୍ରଦର୍ଶନୀରେ ଭାଗ ନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର / ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀମାନେ **ତା୩୦।୧୧।୨୦୨୧ରିଖ** ସୁଦ୍ଧା ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | **ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା** | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର, ୨୦୨୧ |
| ୨ | **ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ** | ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର | ଫେବୃୟାରୀ, ୨୦୨୨ |

ଆବେଦନକାରୀ ପ୍ରଦର୍ଶନୀର ନାମ, ଠିକଣା, ମୋବାଇଲ ନମ୍ବର, ପିତା/ସ୍ୱାମୀଙ୍କ ନାମ, ହସ୍ତଶିଳ୍ପର ନାମ, ଆନୁମାନିକ ସାମଗ୍ରୀର ପରିମାଣ, କାରିଗର ପରିଚୟପତ୍ର, ଆଧାର ନମ୍ବର, ଜାତୀୟ / ରାଜ୍ୟସ୍ତରୀୟ ପୁରସ୍କାର ବିବରଣୀ ଇତ୍ୟାଦି ସାଦା କାଗଜରେ ବା **Website - http://crafts.odisha.gov.in**ରୁ ଡାଉନଲୋଡ୍ କରି ଦାଖଲ କରିପାରିବେ । ଉପରୋକ୍ତ ପ୍ରଦର୍ଶନୀ ପାଇଁ ଅଲଗା ଫର୍ମରେ ଆବେଦନ କରିବେ । ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଦରଖାସ୍ତଗୁଡ଼ିକୁ ଯାଞ୍ଚ କରି ଯୋଗ୍ୟ ବିବେଚିତ କାରିଗରଙ୍କ ତାଲିକା ହସ୍ତଶିଳ୍ପ ନିର୍ଦ୍ଦେଶାଳୟକୁ ପଠାଇବେ ।

ବି.ଦ୍ର.:- ପ୍ରଦର୍ଶନୀର ଆୟୋଜନ **COVID-19**କୁ ଦୃଷ୍ଟିରେ ରଖି ସରକାରଙ୍କ ଅନୁମତିପ୍ରାପ୍ତି ପରେ ହିଁ ଦୃଢ଼ୀକରଣ ହେବ ।

**ନିର୍ଦ୍ଦେଶକ**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
OIPR-14008/11/0002/2122